ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୮/୨୦୧୮ (୨୦ ପୃଷ୍ଠା) | Balasore, Friday, September 28/ 2018 | ★★★★
୪୪ଶ ଭାଗ ୩୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



## ଜାତୀୟ ରେକର୍ଡ ଭାଙ୍ଗିଲେ ଶ୍ରୀଶଙ୍କର

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି କେରଳର ଏମ.ଶ୍ରୀଶଙ୍କର । ୧୯

## ନିରାମିଷାଶୀ ହେଲେ ତମନ୍ନା

୧୪ ନିଜ ପୋଷାକୁକୁର ପେବଲ୍ ରୋଗଗ୍ରସ୍ତ ହେବାରୁ ଆମିଷ ଭୋଜନପ୍ରିୟ ତମନ୍ନା ଭାଟିଆ ଏବେ ନିରାମିଷାଶୀ ପାଲଟି ଯାଇଛନ୍ତି ।



## ବୃହତ୍ ପୀଠକୁ ଯିବନି ଅଯୋଧ୍ୟା ମାମଲା

ନୂଆଦିଲ୍ଲୀ, ୨୭।୯(ଆଇଏଏନ୍ଏସ୍)

ଅଯୋଧ୍ୟା ବିବାଦ ପ୍ରସଙ୍ଗରେ ୧୯୯୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ସମୀକ୍ଷା ଲାଗି ବୃହତ୍ ସାମ୍ବିଧାନିକ ପୀଠକୁ ମାମଲା ହସ୍ତାନ୍ତର କରାଯିବ ନାହିଁ। ଗୁରୁବାର ରାୟ ପ୍ରକାଶ କରି ଏହା ସ୍ପଷ୍ଟ କରିଛନ୍ତି ସୁପ୍ରିମକୋର୍ଟ। ଏବେ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦକୁ ନେଇ ଚାଲିଥିବା ମାମଲାର ବିଚାର ଅକ୍ଟୋବର ୨୯ରୁ ଆରମ୍ଭ ହେବ। ନୂଆକରି ଗଠନ ହେବାକୁ ଥିବା ତିନିଜଣିଆ ଖଣ୍ଡପୀଠ ମାମଲାର ବିଚାର କରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରଧାନ ବିଚାରପତି ଦୀପକ ମିଶ୍ର ଏବଂ ଜଷ୍ଟିସ୍ ଅଶୋକ ଭୂଷଣ ଏହି ରାୟ ଦେଇଛନ୍ତି। ତେବେ ରାୟ ପ୍ରକାଶବେଳେ ଜଷ୍ଟିସ୍ ଅବ୍‌ଦୁଲ ନଜିର ଭିନ୍ନ ମତ ଦେଇଛନ୍ତି। ଜଷ୍ଟିସ୍ ଦୀପକ ମିଶ୍ର ଅକ୍ଟୋବର ୨ରେ ଅବସର ଗ୍ରହଣ କରିବା ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ପୂରିବାକୁ ଆଉ କିଛିଦିନ ବାକି ରହିଥିବାରୁ ଅନ୍ୟ କେତୋଟି ଚର୍ଚ୍ଚିତ ମାମଲାର ରାୟ ମଧ୍ୟ ସେ ପ୍ରକାଶ କରିବେ ବୋଲି କୁହାଯାଉଛି।

(ଅଧିକ ରିପୋର୍ଟ: ପୃଷ୍ଠା-୧୪)

■ ଦଫା ୪୯୭: ସୁପ୍ରିମକୋର୍ଟଙ୍କ ରାୟ କେନ୍ଦ୍ରକୁ ଝଟକା

# ଅପରାଧ ନୁହେଁ ପରକୀୟା ପ୍ରୀତି



**୧୫୮ ବର୍ଷର ଆଇନ ଉଚ୍ଛେଦ**

- ■ ଦଫା ୪୯୭ ମହିଳାଙ୍କୁ ଯୌନ ପସନ୍ଦ ଅଧିକାରରୁ ବଞ୍ଚିତ କରୁଛି
- ■ ଏହି ଆଇନ ଏକତରଫା ଓ ଅସାମ୍ବିଧାନିକ
- ■ ଅପରାଧମୁକ୍ତ ଘୋଷଣା ହେଲା ବ୍ୟଭିଚାର
- ■ ସ୍ୱାମୀଙ୍କ ସମ୍ପତ୍ତି ନୁହନ୍ତି ମହିଳା: ସିଜେଆଇ

ନୂଆଦିଲ୍ଲୀ,୨୭।୯(ପି.ଟି.)

ପରକୀୟା ପ୍ରୀତି ବା ଭ୍ୟବିଚାର ଅପରାଧ ନୁହେଁ। ବିବାହିତ ପୁରୁଷ ଅନ୍ୟ ସ୍ତ୍ରୀ ଅଥବା ବିବାହିତା ସ୍ତ୍ରୀ ଅନ୍ୟ ପୁରୁଷ ସହିତ ଯୌନ ସମ୍ପର୍କ ରଖିବା ଏଣିକି ଆଇନତଃ ଦଣ୍ଡନୀୟ ନୁହେଁ । ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି)ର ଦଫା ୪୯୭କୁ ସୁପ୍ରିମକୋର୍ଟ ଗୁରୁବାର ଅସାମ୍ବିଧାନିକ ବୋଲି ଅବିହିତ କରିବା ସହ ଏହାକୁ ଅପରାଧମୁକ୍ତ ଘୋଷଣା କରିଛନ୍ତି। ଏଥିସହ ୧୫୮ ବର୍ଷ ପୁରୁଣା ଏ ସଂକ୍ରାନ୍ତ ଆଇନ ସ୍ୱତଃ ଅକାମୀ ହୋଇଯାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ୫ ବିଚାରପତି ବିଶିଷ୍ଟ ସାମ୍ବିଧାନିକ ପୀଠଙ୍କ ଏହି ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ଜଷ୍ଟିସ୍ ଆର୍.ଏଫ୍. ନରିମାନ୍, ଏ.ଏମ୍. ଖାନ୍‌ୱିଲକର, ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଇନ୍ଦୁ ମାଲହୋତ୍ରାଙ୍କୁ ନେଇ ଗଠିତ ପୀଠ କହିଛନ୍ତି, ମହିଳାଙ୍କ ସହ ଭେଦଭାବପୂର୍ଣ୍ଣ ବ୍ୟବହାର ସମ୍ବିଧାନକୁ କ୍ରୋଧାନ୍ୱିତ କରେ। ପରକୀୟା ପ୍ରୀତି ଅତୀତର ଏକ ସ୍ମାରକ। ମର୍ଯ୍ୟାଦାସମ୍ପନ୍ନ ମାନବିକ ଅସ୍ତିତ୍ୱରେ ବ୍ୟକ୍ତିଗତ ସ୍ୱାଧୀନତା ଅନ୍ତର୍ନିହିତ। ଦଫା ୪୯୭ ମହିଳାମାନଙ୍କଠାରୁ ଯୌନ ପସନ୍ଦ ଅଧିକାରକୁ ଛଡ଼ାଇନିଏ। ତେଣୁ ଯୌନ ସ୍ୱାଧୀନତାର ବିରୁଦ୍ଧାଚରଣ କରୁଥିବା ଏହି ଏକତରଫା ଓ ଅସାମ୍ବିଧାନିକ ଦଣ୍ଡବ୍ୟବସ୍ଥାକୁ ଉଚ୍ଛେଦ କରାଯିବା ଜରୁରୀ।

ବ୍ୟଭିଚାର ଏବଂ ବିବାହ ସମ୍ପର୍କିତ ଅପରାଧ ନେଇ ଉଲ୍ଲେଖ ଥିବା ଭାରତୀୟ ଦଣ୍ଡ ସଂହିତା (ସିଆର୍‌ପିସି) ଧାରା ୧୯୮ର ଦଣ୍ଡ ବ୍ୟବସ୍ଥାକୁ ଅସାମ୍ବିଧାନିକ ଘୋଷଣା କରିବା ପାଇଁ ସର୍ବୋଚ୍ଚ ଅଦାଲତ ସମାନ ଧରଣର ୪ଟି ରାୟ ଶୁଣାଇଛନ୍ତି। ନିଜ ଓ ଜଷ୍ଟିସ୍ ଖାନ୍‌ୱିଲକରଙ୍କ ପାଇଁ ରାୟ ଲେଖିଥିବା ସିଜେଆଇ ମିଶ୍ର କହିଥିଲେ, ଚାଇନା, ଜାପାନ ଓ ଅଷ୍ଟ୍ରେଲିଆ ଭଳି ଦେଶଗୁଡ଼ିକରେ ମଧ୍ୟ ମହିଳାମାନଙ୍କ ସ୍ୱାତନ୍ତ୍ର୍ୟ ରହିଛି। ଏହି ଦେଶଗୁଡ଼ିକରେ ପରକୀୟା ପ୍ରୀତି ଅପରାଧ ଭାବେ ପରିଗଣିତ ହୁଏନାହିଁ। ☞ପୃଷ୍ଠା-୪

**ବ୍ୟଭିଚାର**



**କେଉଁ ଦେଶରେ ଅପରାଧ**

ଆଫଗାନିସ୍ତାନ, ବାଂଲାଦେଶ, ଇଣ୍ଡୋନେସିଆ, ଇରାନ, ମାଳଦ୍ୱୀପ, ନେପାଳ, ପାକିସ୍ତାନ, ଫିଲିପାଇନ୍ସ, ୟୁଏଇ, ଇଜିପ୍ଟ, ମରକ୍କୋ, ଆଲଜେରିଆ, କଙ୍ଗୋ ଏବଂ ଆମେରିକାର କେତେକ ରାଜ୍ୟରେ ।

**କେଉଁଠି ଅପରାଧମୁକ୍ତ**

ଚାଇନା, ବ୍ରାଜିଲ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ନେଦରଲାଣ୍ଡ, ଡେନ୍‌ମାର୍କ, ଫ୍ରାନ୍ସ, ଜର୍ମାନୀ, ଅଷ୍ଟ୍ରିଆ, ଆୟର୍ଲାଣ୍ଡ, ଜାମାଇକା, ତ୍ରିନିଦାଦ, ଦକ୍ଷିଣ କୋରିଆ ଓ ଗୁଏଟ୍‌ମାଲା ।

ଅଗରତାଲାରେ ଓଡିଆ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଘଟଣା

## ସୁରକ୍ଷା ପ୍ରତିଶ୍ରୁତି ଦେଲେ ତ୍ରିପୁରା ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ବ୍ୟୁରୋ)/ପୁରୀ ଅଫିସ/ବାଲେଶ୍ୱର ଅଫିସ,୨୭।୯

ତ୍ରିପୁରାର ଅଗରତାଲାସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରେ ପଢୁଥିବା ଓଡିଶାର ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦିଆଯାଉଛି। ସ୍ଥାନୀୟ ଛାତ୍ର ଏବଂ ଅଣଛାତ୍ର ମିଶି ସେମାନଙ୍କୁ ଆକ୍ରମଣ କରିଛନ୍ତି। ଏ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ଘଟଣାଟି ପଦାକୁ ଆସିଛି। ଏହି ପ୍ରସଙ୍ଗରେ ଓଡ଼ିଶା ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ତ୍ରିପୁରା ପୋଲିସ ଡିଜିଙ୍କ ସହ ଆଲୋଚନା କରିଛନ୍ତି। ଓଡିଆ ପିଲାଙ୍କୁ ସୁରକ୍ଷା ଦେବା ସହିତ ଯେଉଁମାନେ ନିର୍ଯାତନା ଦେଇଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶର୍ମା ତ୍ରିପୁରା ଡିଜିପିଙ୍କୁ ଅନୁରୋଧ କରିଛନ୍ତି। ଏହାକୁ ତ୍ରିପୁରା ଡିଜିପି ଗୁରୁତର ସହ ନେଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଶର୍ମା କହିଛନ୍ତି। ସେହିପରି ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ ଟୁଇଟ୍ କରି କହିଛନ୍ତି,

**ତ୍ରିପୁରା ଡିଜିଙ୍କ ସହ କଥା ହେଲେ ଓଡ଼ିଶା ଡିଜି**

ଓଡିଶାର ଛାତ୍ରୀଛାତ୍ର ହେଉଛନ୍ତି ତ୍ରିପୁରାର ଛାତ୍ରୀଛାତ୍ର। ତ୍ରିପୁରାରେ ଅସାମାଜିକମାନଙ୍କୁ ବରଦାସ୍ତ କରାଯିବ ନାହିଁ। ତ୍ରିପୁରାରେ ଭାରତର ଯେକୌଣସି ରାଜ୍ୟର ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗର ଜଣେ ପ୍ରତିନିଧି ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଧାମାଧବ ଦାଶ ତ୍ରିପୁରା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗୀୟ କର୍ତ୍ତୃପକ୍ଷ ଏବଂ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ଘଟଣାକୁ ନେଇ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନକୁ କର୍ତ୍ତୃପକ୍ଷ ୩ଦିନ ପାଇଁ ବନ୍ଦ ଘୋଷାଣା କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତ୍ରିପୁରା ☞ପୃଷ୍ଠା-୪

## ଆଜି ଔଷଧ ଦୋକାନ ବନ୍ଦ

■ ଅନ୍‌ଲାଇନ ବିକ୍ରିକୁ ବିରୋଧ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ଇ- ଫାର୍ମାସୀ ଓ ଅନ୍‌ଲାଇନ ଔଷଧ ବିକ୍ରିକୁ ବିରୋଧ କରି ସମଗ୍ର ଦେଶରେ ଶୁକ୍ରବାର ଔଷଧ ଦୋକାନ ବନ୍ଦ ରହିବ। ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ପକ୍ଷରୁ ଏହି ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି । ଏହାକୁ ଉତ୍କଳ ଡ୍ରଗିଷ୍ଟ ଓ କେମିଷ୍ଟ ଆସୋସିଏଶନ ସମର୍ଥନ କରିଛି। ରାଜ୍ୟରେ ଥିବା ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଔଷଧ ଦୋକାନ ଏହି ଧର୍ମଘଟରେ ସାମିଲ ହେବେ। ସରକାରୀ ଓ ବେସରକାରୀ ଡାକ୍ତରଖାନା ପରିସରରେ ଥିବା ଔଷଧ ଦୋକାନଗୁଡିକ ମଧ୍ୟ ଧର୍ମଘଟକୁ ସମର୍ଥନ ଜଣାଇ ନିଜର ଦୋକାନ ଢ଼ଶଟରକୁ ଅଧା ବନ୍ଦ କରିବେ। ଏହି କ୍ରମରେ ରାଜ୍ୟରେ ଔଷଧ ଦୋକାନ ବନ୍ଦ ରହିବ। କେନ୍ଦ୍ର ସରକାର ଇ-ଫାର୍ମାସୀ ନୀତି କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ନୂଆ ନୀତି ଆଣିବା ପୂର୍ବରୁ କେନ୍ଦ୍ର ସରକାର ଔଷଧ ବିକ୍ରେତା ସଂଗଠନଗୁଡିକ ସହ ଆଲୋଚନା କରି ନ ଥିବା ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ଅଭିଯୋଗ କରିଛି। ଅନ୍‌ଲାଇନ ଔଷଧ ବିକ୍ରି ବ୍ୟବସ୍ଥା ଆରମ୍ଭ ହେଲେ କ୍ଷୁଦ୍ର ଔଷଧ ଦୋକାନୀ ☞ପୃଷ୍ଠା-୪

## ତାଲିକାରେ ୧୦ରୁ ୧୫ ଜଣଙ୍କ ନାଁ

ପୁରୀ ଅଫିସ, ୨୭।୯



- ■ ସାର୍ବଜନୀନ ହେବନାହିଁ ବ୍ରହ୍ମ ବିଭ୍ରାଟ ରିପୋର୍ଟ
- ■ ୩ ମାସ ମଧ୍ୟରେ ହେବ କାର୍ଯ୍ୟାନୁଷ୍ଠାନ
- ■ ସୂଚନା ଅଧିକାରରେ ବି ଦିଆଯିବନି ତଥ୍ୟ

ବ୍ରହ୍ମ ବିଭ୍ରାଟ ତଦନ୍ତ ପ୍ରକ୍ରିୟା ଶେଷ ହୋଇ ଦୋଷୀ ଚିହ୍ନଟ ହୋଇଛନ୍ତି। ଦଇତାପତି, ମହାରଣା ଆଦି ସେବାୟତ ବର୍ଗର ୧୦ରୁ ୧୫ ଜଣଙ୍କ ନାମ ତାଲିକାରେ ରହିଛି। ତଦନ୍ତ ପ୍ରକ୍ରିୟା ସମୟରେ ୨ ଜଣ ସେବାୟତଙ୍କୁ ନିଲମ୍ବିତ କରାଯାଇଥିଲା। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହେବ। ୩ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଶେଷ କରିବା ଲାଗି ପରିଚାଳନା କମିଟି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କୁ ଅଧିକୃତ କରିଛି। ଶ୍ରୀମନ୍ଦିର ଆଇନ ୧୯୫୪ର ଧାରା ୨୧ (ଖ) ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଭ୍ରାଟ ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ପ୍ରଥମେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଏହାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ବ୍ରହ୍ମ ବିଭ୍ରାଟ ରିପୋର୍ଟରେ ମହାପ୍ରଭୁଙ୍କ ଗୁପ୍ତ ରୀତିନୀତି ରହିଛି। ଏହା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ଉକ୍ତ ରିପୋର୍ଟକୁ ସାର୍ବଜନୀନ କରାଯିବ ନାହିଁ। ଏପରିକି ସୂଚନା ଅଧିକାର (ଆର୍‌ଟିଆଇ) ବଳରେ ବି ଉକ୍ତ ରିପୋର୍ଟକୁ ନ ଦେବା ଲାଗି ଗୁରୁବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମହାପାତ୍ର ସୂଚନା ଦେଇଛନ୍ତି।

ମହାପାତ୍ର କହିଛନ୍ତି ଯେ, ୨୦୧୭ ଅଗଷ୍ଟ ୫ରେ ଶ୍ରୀମନ୍ଦିରର ପ୍ରାକ୍ତନ୍ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ମହାପ୍ରଭୁଙ୍କ ବ୍ରହ୍ମ ପରିବର୍ତ୍ତନର ତଦନ୍ତ ରିପୋର୍ଟ ଦେଇଥିଲେ। ଉକ୍ତ ରିପୋର୍ଟକୁ ତର୍ଜମା ଲାଗି ପରିଚାଳନା କମିଟି ସଦସ୍ୟ ବାବା ସଚ୍ଚିଦାନନ୍ଦ ଦାସ ମହାରାଜଙ୍କ ନେତୃତ୍ୱରେ ତିନିଜଣିଆ ସବ୍ କମିଟି ଗଠନ କରାଯାଇଥିଲା। ଗୁରୁବାର ପୂର୍ବାହ୍ନ ସାଢେ ୧୦ଟାରେ କମିଟି ରିପୋର୍ଟ ଦେଲେ। ଉକ୍ତ ରିପୋର୍ଟକୁ ପରିଚାଳନା କମିଟିରେ ଉପସ୍ଥାପନ କରାଯାଇଥିଲା। ☞ପୃଷ୍ଠା-୪

ଅଭିଜିତ ଆୟରଙ୍କ ଅନ୍ତରୀଣ ଜାମିନ ଅବଧି ବୃଦ୍ଧି କଲେ ସୁପ୍ରିମକୋର୍ଟ

## ଆଇନଜୀବୀଙ୍କୁ ଆନ୍ଦୋଳନ ମନା

କଟକ ଅଫିସ, ୨୭।୯

- ■ କାର୍ଯ୍ୟରେ ଯୋଗଦେବାକୁ ବାର୍ ଆସୋସିଏଶନକୁ ନିର୍ଦ୍ଦେଶ
- ■ ମାମଲାର ତଦନ୍ତ କରିବେ କ୍ରାଇମବ୍ରାଞ୍ଚ ଆଇଜି

ପୋଲିସ-ଆଇନଜୀବୀ ବିବାଦରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି। ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନରେ ରୋକ୍ ଲଗାଇବା ସହ ଆନ୍ଦୋଳନରୁ ବିରତ ରହି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ହାଇକୋର୍ଟ ବାର୍ ଆସୋସିଏଶନକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଯେପରି ଲୋକଙ୍କ ଆଇନଗତ ଅଧିକାର କ୍ଷୁଣ୍ଣ ନ ହେବ ସେଥିପାଇଁ ଗୁରୁତ୍ୱ ଦେଇ ପ୍ରଧାନ ବିଚାରପତି ଦୀପକ ମିଶ୍ର, ବିଚାରପତି ଜଷ୍ଟିସ ଏ.ଏମ୍. ଖାନୱିଲ୍‌କର ଓ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ଏହି ଆଦେଶ ଦେଇଛନ୍ତି। ଏଥିସହିତ ଏହାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ ଡିଆଇଜିଙ୍କ ପରିବର୍ତ୍ତେ ଆଇଜିଙ୍କ ଦ୍ୱାରା କରାଇବାକୁ ଉକ୍ତ ଖଣ୍ଡପୀଠ ଓଡ଼ିଶା ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାମ୍ବାଦିକ ଅଭିଜିତ ଆୟର ମିତ୍ରଙ୍କ ଆବେଦନର ଶୁଣାଣି କରି ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିକୋର୍ଟଙ୍କ ରାୟ ପରେ ଆଇନଜୀବୀଙ୍କ ଆନ୍ଦୋଳନ ଭିନ୍ନ ମୋଡ ନେବାକୁ ଯାଉଛି।

ନିକଟରେ କୋଣାର୍କ ମନ୍ଦିର ଓ ଓଡ଼ିଶା ସଂସ୍କୃତି ଇତିହାସ ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଓଡ଼ିଶା ପୋଲିସ ସାମ୍ବାଦିକ ଅଭିଜିତଙ୍କ ନାମରେ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରିଥିଲା। ମାତ୍ର ଗିରଫ ପରେ ସେ ଦିଲ୍ଲୀର ସାକେତ କୋର୍ଟରୁ ଅନ୍ତରୀଣ ଜାମିନ ପାଇଥିଲେ। ସେପ୍ଟେମ୍ବର ୨୭ ତାରିଖ ସୁଦ୍ଧା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜବରଦସ୍ତ ମିଶ୍ରଣ**

**ଆଜିର ମନ୍ତବ୍ୟ**

"ମୋଦି ସରକାରଙ୍କୁ ଖୁସି କରୁଥିବା ଲୋକେ ଦୁର୍ନୀତି ଅଭିଯୋଗରୁ ମୁକୁଳି ଯାଉଛନ୍ତି।

**-ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର**

**କିଛି ତଥ୍ୟ**

୨୦୧୫-୧୬ ଆର୍ଥିକ ବର୍ଷରେ ଦେଶର ସମସ୍ତ ସକ୍ରିୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସମୁଦାୟ ନେଟ୍ ଲାଭ ପରିମାଣ ୧,୧୪,୨୩୯ କୋଟି ଟଙ୍କା ଥିଲା। ୨୦୧୬-୧୭ରେ ଏଥିରେ ୧୧.୭% ବୃଦ୍ଧି ପାଇ ୧,୨୭,୬୦୨ କୋଟିକୁ ପହଞ୍ଚିଛି।

**-ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିଭାଗ**




ଧରିତ୍ରୀ
DHARITRI
ଶୁକ୍ରବାର, ୨୮ ସେପ୍ଟେମ୍ବର, ୨୦୧୮



# ଅକ୍ଟୋବରରୁ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ

ଭୁବନେଶ୍ୱର,୨୭।୯ (ବ୍ୟୁରୋ)

କୋର୍ଟ କଚେରି ମାମଲାରେ ପେଷି ହେଉଥିବା ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ କାର୍ଯ୍ୟ ଅକ୍ଟୋବରରେ ଆରମ୍ଭ ହେବ। ବାଲେଶ୍ୱର ଜିଲାର ସୁବର୍ଣ୍ଣରେଖା ମୁହାଣ ନିକଟରେ ହେବାକୁ ଥିବା ଏହି ବନ୍ଦର ନିର୍ମାଣ ପାଇଁ ୪ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ ଏହି ସୂଚନା ଦେଇଛନ୍ତି। ଗୁରୁବାର ସଚିବାଳୟଠାରେ ବାଣିଜ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ୩୬ ମାସ ମଧ୍ୟରେ ଏହି ବନ୍ଦର ନିର୍ମାଣ କାର୍ଯ୍ୟ ଶେଷ ହେବ। ଜମି ଅଧିଗ୍ରହଣ ପାଇଁ କୌଣସି ସମସ୍ୟା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଗତ ଜୁନ ମାସରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ବନ୍ଦର ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିଥିଲା। ଚେନ୍ନାଇସ୍ଥିତ କ୍ରିଏଟିଭ ପୋର୍ଟ ପ୍ରାଇଭେଟ ଲିମିଟେଡ(ସିପିପିଏଲ) ଏହି ସବୁଦିନିଆ ବନ୍ଦର ନିର୍ମାଣ କରିବ। ଏହି ବନ୍ଦରର ବାର୍ଷିକ କାରବାର କ୍ଷମତା ୪୦ ନିୟୁତ ଟନ ୧୦ ବର୍ଷ ପର୍ଯ୍ୟନ୍ତ ରହିବ।

ସୂଚନାଯୋଗ୍ୟ ଯେ, ସିପିପିଏଲ ଏହି ବନ୍ଦର ନିର୍ମାଣ ପାଇଁ ୨୦୦୬ ଡିସେମ୍ବର ୧୮ ତାରିଖରେ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ପରେ ୨୦୦୮ ଜାନୁୟାରୀ ୧୧ରେ ରାଜସ୍ୱ ଭାଗବଣ୍ଟା ନେଇ ପୁଣି ଏକ ଚୁକ୍ତି ହୋଇଥିଲା। ଇତିମଧ୍ୟରେ ଟାଟା ଷ୍ଟିଲ ସିପିପିଏଲ ସହ ୫୧ ପ୍ରତିଶତ ସେୟାର ନେଇ ଚୁକ୍ତିନାମା ସ୍ୱାକ୍ଷର କରିଛି। କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ୨୦୧୨ରେ ପରିବେଶ ମଞ୍ଜୁରୀ ଦେଇଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟ ଆପତ୍ତି ଉଠାଇବାରୁ ବନ୍ଦର ନିର୍ମାଣରେ ଅନ୍ତରାୟ ସୃଷ୍ଟି ହୋଇଥିଲା। ଜୁନ ୫ ତାରିଖରେ ମନ୍ତ୍ରଣାଳୟ ସର୍ତ୍ତ ଭିତ୍ତିକ ଅନୁମତି ଦେଇଥିଲା।

# କାଦବରାଙ୍ଗରେ ଗୋଷ୍ଠୀ ସଂଘର୍ଷ

ବନ୍ତ,୨୭।୯(ସ୍ୱ.ପ୍ର.)

- ୨ସେକ୍ସନ ଫୋର୍ସ ମୁତୟନ
- ୩ ମାମଲା ରୁଜୁ, ଜଣେ ଗିରଫ

ଅପେରା ଦେଖିବା ବେଳେ ଘଟିଥିବା ଗଣ୍ଡଗୋଳକୁ ନେଇ ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡା ଥାନା ଅଧୀନ କାଦବରାଙ୍ଗରେ ଗୋଷ୍ଠୀସଂଘର୍ଷ ଘଟି ଉତ୍ତେଜନା ପ୍ରକାଶ ପାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆଗରପଡା ପୋଲିସ ପକ୍ଷରୁ କାଦବରାଙ୍ଗ ବଜାରରେ ବୁଧବାର ରାତିରୁ ୨ ସେକ୍ସନ ଫୋର୍ସ ମୁତୟନ କରାଯାଇଛି। ଗଣ୍ଡଗୋଳ ଘଟଣା ନେଇ ଗତ ୩ ଦିନରେ ୩ ମାମଲା ରୁଜୁ ହୋଇଛି। ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୨୫ ତାରିଖ ରାତିରେ ଅପେରା ଚାଲୁଥିବା ବେଳେ ସରପଞ୍ଚଙ୍କ ସମର୍ଥକ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କୁ ପ୍ରତିପକ୍ଷର କେତେକ ବ୍ୟକ୍ତି ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ କରାଯାଇଥିଲା। ଏହି ଘଟଣାକୁ ନେଇ ବୁଧବାର ପୁନର୍ବାର ସଂଘବଦ୍ଧ ଆକ୍ରମଣ ଘଟିଥିଲା। ସେହିପରି କାଦବରାଙ୍ଗ ବଜାରରେ ଫଳ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବାପପୁଅଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ପ୍ରଥମ ଆକ୍ରମଣର ଶିକାର ହୋଇଥିବା ଜୟଦେବ ଜେନାଙ୍କ ଏତଲା କ୍ରମେ ପୋଲିସ ୧୦ ଜଣଙ୍କ ନାଁରେ ଏକ ମାମଲା(ନଂ. ୧୧୫/୧୮) ରୁଜୁ କରିଛି। ସେହିପରି କାବେରୀ ମଲିକଙ୍କ ଏତଲା କ୍ରମେ ପୋଲିସ ଅନ୍ୟ ୫ ଜଣଙ୍କ ନାଁରେ ମାମଲା (ନଂ.୧୧୬/୧୮) ରୁଜୁ କରିଥିବା ବେଳେ ଫଳ ଦୋକାନୀ ପ୍ରଶାନ୍ତ ଗିରିଙ୍କ ଏତଲା କ୍ରମେ ପୋଲିସ ୭ ଜଣଙ୍କ ନାଁରେ ମାମଲା (ନଂ. ୧୧୭/୧୮) ରୁଜୁ କରିଛି। ପ୍ରଶାନ୍ତଙ୍କ ଏତଲା କ୍ରମେ ପୋଲିସ ସୁରେନ୍ଦ୍ର ଜେନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଧିକ ଗଣ୍ଡଗୋଳ ଆଶଙ୍କା ଥିବାରୁ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖାଯାଇଥିବା ଥାନାଧିକାରୀ ମାନସ କୁମାର ଦେଓ କହିଛନ୍ତି।

# ବ୍ୟଭିଚାର: ରାୟକୁ ନେଇ ମିଶ୍ର ପ୍ରତିକ୍ରିୟା

**କଟକ ଅଫିସ, ୨୭।୯- ପରକୀୟା ପ୍ରୀତି ଅପରାଧ ନୁହେଁ। ଆଇପିସି ଦଫା ସଂହିତାର ୪୯୭ ଧାରାକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ କହିବା ସହିତ ରଦ୍ଦ କରି ଏପରି ରାୟ ଶୁଣାଇଛନ୍ତି। ଦେଶରେ ୧୫୪ ବର୍ଷ ଧରି ପ୍ରଚଳିତ ଏହି ଆଇନକୁ ଉଚ୍ଛେଦ ସମୟରେ ସୁପ୍ରିମକୋର୍ଟ ଚାଇନା, ଜାପାନ ଓ ବ୍ରାଜିଲ ଭଳି ରାଷ୍ଟ୍ରରେ ପରକୀୟା ପ୍ରୀତି ଅପରାଧ ନୁହେଁ ବୋଲି କହିଛନ୍ତି। ମହିଳାଙ୍କ ଗରିମା ସବୁଠୁ ଊର୍ଦ୍ଧ୍ୱରେ। ତେଣୁ ତାଙ୍କ ସ୍ୱାଧୀନତାକୁ ସମ୍ମାନ ଦେବା ଉଚିତ ବୋଲି ଦେଶର ସର୍ବୋଚ୍ଚ କୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି। ଏହି ରାୟକୁ ନେଇ ବିଭିନ୍ନ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।**

## ସାମାଜିକ ଦ୍ୱନ୍ଦ୍ୱ ସୃଷ୍ଟି କରିବ



୧୫୮ ବର୍ଷ ଧରି ପ୍ରଚଳିତ ଏହି ଆଇନର ଉଚ୍ଛେଦ ପରେ ଦେଶରେ ସାମାଜିକ ଦ୍ୱନ୍ଦ୍ୱ ସୃଷ୍ଟି ହେବ ବୋଲି ମୁଁ ଆଶଙ୍କା କରୁଛି। ଆମ ଦେଶର ସ୍ଥିତି ଯାହା ଏବେ ବି ଅଧିକାଂଶ ଲୋକ ସଭ୍ୟତାର ସ୍ୱାଦ ଚାଖିନାହାନ୍ତି। ତେଣୁ ଭାରତ ଭଳି ଦେଶକୁ ଅନ୍ୟ ଦେଶ ସହିତ ତୁଳନା କରିବା ମୋ ମତରେ ସମ୍ପୂର୍ଣ୍ଣ ଠିକ୍ ନୁହେଁ। ଏହି ଆଇନ ଉଚ୍ଛେଦ ଦ୍ୱାରା ପାରିବାରିକ ବିଶୃଙ୍ଖଳା ବଢ଼ିବା ସହ ପରିବାର ଅଦାଲତ ଉପରେ ବୋଝ ବଢ଼ିବ। ଭାରତୀୟ ପରମ୍ପରା ଅନୁସାରେ ବିବାହ ଏକ ପବିତ୍ର ବନ୍ଧନ। ଏହି ଆଇନ ପୂର୍ବରୁ କେବଳ ମହିଳାଙ୍କୁ ଇଙ୍ଗିତ କରୁଥିଲା, ଯାହା ଆଇନଗତ ହିସାବରେ ଠିକ୍ ନ ଥିଲା। ଯେଉଁଥିପାଇଁ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ବାଧ ହୋଇଥିଲେ। ତେବେ ଭଲ ହୋଇଥାନ୍ତା ଯଦି ମହିଳାଙ୍କ ସହିତ ପୁରୁଷମାନଙ୍କୁ ମଧ୍ୟ ଉତ୍ତରଦାୟୀ କରାଯାଇଥାନ୍ତା।

– ଆଡ୍‌ଭୋକେଟ ପ୍ରସନ୍ନ ନନ୍ଦ, ସୁପ୍ରିମକୋର୍ଟ

## ଉନ୍ନତ ସମାଜ ଗଠନ କରିବ



ଏକ ବିକାଶଶୀଳ ଏବଂ ଉନ୍ନତ ଚିନ୍ତାଧାରାର ସମାଜ ଗଠନରେ ଏହି ରାୟ ସହାୟକ ହେବ। ସ୍ତ୍ରୀଙ୍କୁ ସ୍ୱାମୀମାନେ ଯେଭଳି ସମ୍ପତ୍ତି ଭାବେ ବ୍ୟବହାର କରୁଥିଲେ ସେଥିରେ ରୋକ୍ ଲାଗିଛି। ପୂର୍ବରୁ ଏହି ଆଇନ ଦ୍ୱାରା ନିଶ୍ଚିତ ଭାବେ ମହିଳାମାନଙ୍କର ଗରିମା କ୍ଷୁଣ୍ଣ ହେଉଥିଲା। ତେବେ ଏହି ଆଇନରେ ପୂର୍ବରୁ ଯେପରି ବିବାହ ବିଚ୍ଛେଦ କ୍ଷେତ୍ରରେ କାରଣ ଭାବେ ଧରାଯାଉଥିଲା ତାହାକୁ ବଳବତ୍ତର ରଖାଯାଇଛି, ଯାହା ସ୍ୱାଗତଯୋଗ୍ୟ। କାରଣ ଏହା ଦ୍ୱାରା ବିବାହର ପବିତ୍ରତା ମଧ୍ୟ ରକ୍ଷା କରାଯାଇ ପାରିଲା।

-ଆଡ୍‌ଭୋକେଟ ଶଙ୍କର ପ୍ରସାଦ ପାଣି, ଭୁବନେଶ୍ୱର

## ବ୍ୟକ୍ତି ସ୍ୱାଧୀନତା ପରିସ୍ଫୁଟ ହେଲା



ଏହି ଆଇନ ଉଚ୍ଛେଦ ଦ୍ୱାରା କୌଣସି ମହିଳାଙ୍କୁ ବ୍ୟଭିଚାରିଣୀ କୁହାଯାଇପାରିବ ନାହିଁ। ଏ କ୍ଷେତ୍ରରେ ପୁରୁଷମାନେ ଯଦି ପରକୀୟା ପ୍ରୀତିରେ ଲିପ୍ତ ରହୁଥିଲେ ତେବେ ସେମାନଙ୍କୁ ଚାରିଖୁଣ ମାଫ୍ ଥିଲା। ମାତ୍ର ଏହି ଆଇନ ଯୋଗୁ ମହିଳାମାନଙ୍କ ସମ୍ମାନ, ଅଧିକାର, ମର୍ଯ୍ୟାଦା ହାନି ଘଟୁଥିଲା। କାରଣ ମହିଳାମାନଙ୍କୁ ନିଜସ୍ୱ ସମ୍ପତ୍ତି ବୋଲି ପୁରୁଷମାନେ ଭାବୁଥିଲେ। ତେଣୁ ସୁପ୍ରିମକୋର୍ଟଙ୍କ ରାୟକୁ ମୁଁ ସ୍ୱାଗତ କରୁଛି।

-ବଦ୍ରିନାରାୟଣ ଦାସ, ସମ୍ପାଦକ, ସିପିଆଇଏମ୍ କଟକ

## ଅପରାଧକୁ ପ୍ରୋତ୍ସାହନ



ପରକୀୟା ପ୍ରୀତି ଅପରାଧ ସମ୍ପର୍କିତ ସର୍ବୋଚ୍ଚ ନ୍ୟାୟିକ ନିଷ୍ପତ୍ତି ସମାଜରେ କ୍ଷତି ପହଞ୍ଚାଇବ। ଏହି ଆଇନ ଉଚ୍ଛେଦ ହେବା ଦ୍ୱାରା ଅପରାଧପ୍ରବଣତା ବୃଦ୍ଧି ପାଇବ। ସାମାଜିକ ଶୃଙ୍ଖଳା ବ୍ୟାଘାତ ହେବ। ‘ଏକ ଯୁବତୀ ଶତପତି, ଜୀବର ଅଳପ ଶକତି’ ଭାଗବତ ଦର୍ଶନର ଏହି ଆତ୍ମିକ ଓ ଅଧ୍ୟାତ୍ମିକ ଉକ୍ତିକୁ ସୁପ୍ରିମକୋର୍ଟଙ୍କ ରାୟରେ ଦୈହିକ ଦର୍ଶନରେ ରୂପାନ୍ତରିତ କରାଯାଇଛି। ତେଣୁ ଏହି ନିଷ୍ପତ୍ତିକୁ ମୁଁ ପ୍ରତ୍ୟାଖ୍ୟାନ କରୁଛି।

– ଶଙ୍କର୍ଷଣ ପରିଡ଼ା, କବି ଓ ରାଜନେତା, ଭୁବନେଶ୍ୱର

## ପୁରୁଷଙ୍କ ଅପେକ୍ଷା ମହିଳା ଘରୋଇ ହିଂସାର ସମ୍ମୁଖୀନ ହେବେ



ସୁପ୍ରିମକୋର୍ଟଙ୍କ ରାୟ ଆଦୌ ଗ୍ରହଣୀୟ ନୁହେଁ। ହିନ୍ଦୁ ପରମ୍ପରାର ୧୬ ସଂସ୍କାର ଭିତରୁ ବିବାହ ଏକ ସଂସ୍କାର। ଏହି ସଂସ୍କାର ଅନୁଯାୟୀ ଜଣେ ନାରୀ ଓ ପୁରୁଷ ପବିତ୍ର ବନ୍ଧନରେ ବାନ୍ଧି ହୋଇଥାଆନ୍ତି। ଯଦି ପୁରୁଷ ବା ସ୍ତ୍ରୀ ପରକୀୟା ପ୍ରୀତି ରଖିବେ, ତେବେ ସ୍ୱାମୀ-ସ୍ତ୍ରୀ ସମ୍ପର୍କର କୌଣସି ଆବଶ୍ୟକତା ନାହିଁ। ବିବାହ ପରେ ଏଭଳି ସମ୍ପର୍କ ସମ୍ପୂର୍ଣ୍ଣ ରୂପେ ଅପରାଧ। ଯଦି ସୁପ୍ରିମକୋର୍ଟ ଏହାକୁ ଅପରାଧମୁକ୍ତ କରୁଛନ୍ତି, ତା’ ହେଲେ ଲୋକେ ଆଉ ବିବାହ କରିବା ଦରକାର ନାହିଁ। ଯିଏ ଯେତେବେଳେ ଯାହା ସହ ଚାହିଁବେ, ସମ୍ପର୍କ ରଖିବେ। ଏଭଳି ନିଷ୍ପତ୍ତି ଦ୍ୱାରା ପୁରୁଷଙ୍କ ଅପେକ୍ଷା ମହିଳାମାନେ ଘରୋଇ ହିଂସାଠାରୁ ଆରମ୍ଭ କରି ଅନ୍ୟାନ୍ୟ ବିପଦର ସମ୍ମୁଖୀନ ହେବେ। କାରଣ ପୁରୁଷମାନେ ବାହାରକୁ ଯାଉଛନ୍ତି, ସେଠାରେ ସେମାନେ ଏଭଳି ସମ୍ପର୍କ ରଖିବା ଦ୍ୱାରା ପରିବାରରେ ଅଶାନ୍ତି ହେବ। ପିଲାଙ୍କ ଉପରେ ଏହାର କୁପ୍ରଭାବ ମଧ୍ୟ ପଡ଼ିବ। ତେଣୁ ସମ୍ପୂର୍ଣ୍ଣ ଭାବେ ଏହାକୁ ମୁଁ ବିରୋଧ କରୁଛି।

– ଶୁଭଶ୍ରୀ ଦାସ, ସାମାଜିକ କର୍ମୀ

## ଅଧିକାରର ଅପବ୍ୟବହାର ହେବା ଉଚିତ ନୁହେଁ



ପରକୀୟା ପ୍ରୀତି ରଖିବା ଅପରାଧ ନୁହେଁ ବୋଲି ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି, ତାହା ସ୍ୱାଗତଯୋଗ୍ୟ। ମାତ୍ର ଏହାର ଅର୍ଥ ନୁହେଁ ଯେ, ପରକୀୟା ପ୍ରୀତି ରଖିବାକୁ କାହାକୁ ଲାଇସେନ୍ସ ମିଳିଗଲା। ଭାରତୀୟ ସଂସ୍କୃତିରେ କେହି ବି ଆପୋସ ସହମତିରେ ଅନ୍ୟ ସହ ସମ୍ପର୍କ ରଖିବାକୁ ଅନୁମତି ଦେବେନାହିଁ। ନାରୀକୁ ଭୋଗ୍ୟ ବସ୍ତୁ ଭାବେ ଯେଉଁଭଳି ବ୍ୟବହାର କରାଯାଉଥିଲା, ତାହା ଆଉ ହୋଇପାରିବ ନାହିଁ। ସ୍ତ୍ରୀକୁ ସ୍ୱାମୀମାନେ ନିଜର ସମ୍ପତ୍ତି ବୋଲି ଦାବି କରି ପାରିବେନାହିଁ। ତେବେ ପ୍ରତ୍ୟେକ ଜିନିଷର ଭଲ ଓ ଖରାପ ଦୁଇଟି ପାର୍ଶ୍ୱ ରହିଛି, ତେଣୁ ଅଧିକାରର ଅପବ୍ୟବହାର ହେବା ଉଚିତ ନୁହେଁ। ଯେତେବେଳେ ଯୁଗ ଆଗକୁ ବଢ଼ୁଛି, ଆମକୁ ବି ସେଥିରେ ତାଳଦେଇ ସାମାଜିକ ସମସ୍ୟାକୁ ସାମ୍ନାକୁ ଆଣିବା ଦରକାର।

– ଲିଙ୍କନ୍ ସୁବୁଦ୍ଧି, ସାମାଜିକ କର୍ମୀ

## କେହି ନିଜ ଖୁସିର ଜୀବନ ଭିତରୁ ବାହାରିଯିବେ ନାହିଁ



ଅନେକଙ୍କ ମତରେ ଏହାଦ୍ୱାରା ସମାଜରେ ବିଶୃଙ୍ଖଳା ସୃଷ୍ଟି ହେବ। ସମସ୍ତେ ଖୁଲମ୍‌ଖୁଲା ପରକୀୟା ପ୍ରୀତି ରଖିପାରିବେ। ମାତ୍ର ଏହା ବାସ୍ତବରେ ହେବ ନାହିଁ। କାରଣ ଆମ ଭାରତୀୟ ସଂସ୍କୃତି ପାରିବାରିକ ବନ୍ଧନରେ ଆବଦ୍ଧ। କେହି ନିଜ ଖୁସିର ଜୀବନ ଭିତରୁ ବାହାରିଯାଇ ଏଭଳି ସମ୍ପର୍କ ପାଇଁ ଆଗ୍ରହୀ ହେବ ବୋଲି ମତେ ଲାଗୁନାହିଁ। ପୂର୍ବରୁ ଯେତେବେଳେ ଲିଭ୍ ଇନ୍ ରିଲେଶନ୍‌କୁ ସ୍ୱୀକୃତି ଦିଆଯାଇଥିଲା, ସେତେବେଳେ ବି ଆପତ୍ତି ଉଠିଥିଲା। ଏହାଦ୍ୱାରା ବିବାହ ଭାଙ୍ଗିଯିବ ବୋଲି ଆଶଙ୍କା କରାଯାଉଥିଲା। ମାତ୍ର ତାହା ହୋଇନାହିଁ। ଏହାଦ୍ୱାରା ବି କୌଣସି ସମସ୍ୟା ଦେଖାଦେବନାହିଁ।

– ସ୍ନିଗ୍ଧା ପାଣିଗ୍ରାହୀ, ପୂର୍ବତନ ମହିଳା କମିଶନ ସଦସ୍ୟା





ଆଧାର କେଉଁ କେଉଁ ସ୍ଥାନରେ ବାଧ୍ୟତାମୂଳକ ତାହା ସୁପ୍ରିମ୍‌କୋର୍ଟ ଘୋଷଣା କରିଛନ୍ତି। ଏହାସତ୍ତ୍ୱେ ମଧ୍ୟ ମୁମ୍ବାଇରେ ଘଟିଛି ଏକ ଅଭାବନୀୟ ଘଟଣା। ଏଠାରେ ଜଣେ ୭୮ ବର୍ଷ ବୟସ୍କା ବୃଦ୍ଧାଙ୍କ ପାଖରେ ଆଧାର ନ ଥିବାରୁ ତାଙ୍କୁ ମହାରାଷ୍ଟ୍ର ପରିବହନ ନିଗମର ଏକ ଯାତ୍ରୀବାହୀ ବସ୍‌ରୁ ବାହାର କରି ଦିଆଯାଇଛି। ବୃଦ୍ଧା କେଶର ବେନ୍‌ଙ୍କ ପୁଅ କେତନ ଏବଂ ବୋହୂ ଶଙ୍କ୍ରା ଏନେଇ ରାଜ୍ୟ ପରିବହନ ନିଗମ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ପଚରା ଉଚରା କରାଯାଇଛି।




## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ସାମାନ୍ୟ ଅସୁସ୍ଥ

**ଭୁବନେଶ୍ୱର,୨୭।୯(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସାମାନ୍ୟ ଅସୁସ୍ଥ ହୋଇଛନ୍ତି। ସଂକ୍ରାମକ ଜ୍ୱର ଏବଂ ଥଣ୍ଡା କାରଣରୁ ମୁଖ୍ୟମନ୍ତ୍ରୀ ଅସୁସ୍ଥ ହୋଇଥିବା କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ଦୁଇ ଦିନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ହେଲେ ସେ ସବୁଦିନ ଭଳି ସଚିବାଳୟରେ ଥିବା ନିଜ କାର୍ଯ୍ୟାଳୟକୁ ଆସିବେ। ରାଜଧାନୀରେ ଥିବା କାର୍ଯ୍ୟକ୍ରମଗୁଡ଼ିକରେ ମୁଖ୍ୟମନ୍ତ୍ରୀ ଯୋଗଦେବେ ବୋଲି ସୂତ୍ରରୁ ପ୍ରକାଶ।

### ଶ୍ରେଣୀଗୃହରେ ଦିବ୍ୟାଙ୍ଗ ଛାତ୍ରଙ୍କ ମୃତ୍ୟୁ

**ଆସିକା,୨୭।୯(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଆସିକା ବ୍ଲକ ଅନ୍ତର୍ଗତ ଧୋବାପଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଜଣେ ବିଦ୍ୟାଙ୍ଗ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧୋବାପଲ୍ଲୀ ଗ୍ରାମର କାଳୀଚରଣ ପ୍ରଧାନଙ୍କ ପୁଅ ରାହୁଲ (୧୪)। ବାକ୍, ଶ୍ରବଣଶକ୍ତି ବାଧିତ ତଥା ପୋଲିଓରେ ଆକ୍ରାନ୍ତ ରାହୁଲ ସପ୍ତମ ଶ୍ରେଣୀରେ ପଢ଼ୁଥିଲେ। ସବୁଦିନ ଭଳି ଗୁରୁବାର ପୂର୍ବାହ୍ନ ୧୦ଟାରେ ରାହୁଲଙ୍କୁ ତାଙ୍କ ମା' ହ୍ୱିଲ ଚେୟାରରେ ଆଣି ବିଦ୍ୟାଳୟରେ ଛାଡିଥିଲେ। ପ୍ରାର୍ଥନା ସଭାପରେ ସମସ୍ତ ଛାତ୍ରୀଛାତ୍ର ଶ୍ରେଣୀ ଗୃହକୁ ଯାଇଥିଲେ। ଉପସ୍ଥାନ ଡକାଯିବା ପରେ ପରେ ରାହୁଲ ହଠାତ୍ ସଂଜ୍ଞାହୀନ ହୋଇପଡିଥିଲେ। ପ୍ରଧାନ ଶିକ୍ଷକ ସୁନୀଲ କୁମାର ମହାନ୍ତି ଏ ନେଇ ରାହୁଲଙ୍କ ମା'ଙ୍କୁ ଜଣାଇବା ସହ ତାଙ୍କୁ ସାଙ୍ଗରେ ନେଇ ତୁରନ୍ତ ଆସିକା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ରାହୁଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କୃତ୍ତିବାସ ନାୟକ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗୀରଥି ପାତ୍ର ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷରେ ଡାକ୍ତରଖାନା ସୂତ୍ରରୁ ଖବରପାଇ ଆସିକା ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ସେହିଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଆସିକା ଥାନାରେ ନଂ.୧୮/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

### ଭାଜପାର କନ୍ଧମାଳ ବନ୍ଦ ଆଜି
#### ଜିଲାପାଳ, ଏସ୍‌ପିଙ୍କ ବଦଳି ଦାବି

**ଫୁଲବାଣୀ ଅଫିସ, ୨୭।୯:** କନ୍ଧମାଳ ଜିଲା ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ବନ୍ଦ ରହିବ ବୋଲି ଗୁରୁବାର ଜିଲା ଭାଜପା ଏବଂ ମହିଳା ମୋର୍ଚ୍ଚା ପକ୍ଷରୁ ଆଗତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କୋଟଗଡ ବ୍ଲକରେ ଅମାନୁଷିକ ଭାବେ ଯେଭଳି ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଗଲା ଏବଂ ଏହାର ଦୁଇ ଦିନ ପରେ ପୁଣି ସେହି ଅଞ୍ଚଳରେ ଆଉ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯିବା ପ୍ରଶାସନର ପାରିବାପଣିଆକୁ ପଦାରେ ପକାଇଛି। ଜିଲାପାଳ ଜଣେ ମହିଳା ହୋଇ ମଧ୍ୟ ଘଟଣା ସ୍ଥଳ କିମ୍ବା ମୃତକଙ୍କ ପରିବାରକୁ ଭେଟିବାକୁ ଗଲେ ନାହିଁ। ଏସ୍‌ପି ସେଠାକୁ ଯାଇ ନାହାନ୍ତି। ତେଣୁ ଏଭଳି ପ୍ରଶାସକଙ୍କୁ ତୁରନ୍ତ ବଦଳି ଆବଶ୍ୟକ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି। ଜିଲାରେ ନାବାଳିକା ବଳାତ୍କାର ଘଟଣା ବୃଦ୍ଧି ପାଉଛି। ସରକାର, ପୋଲିସ ଏବଂ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। କୋଟଗଡ ଘଟଣାରେ ଫାଷ୍ଟଟ୍ରାକ କୋର୍ଟରେ ତୁରନ୍ତ ବିଚାର କରାଯାଇ ବଳାତ୍କାରୀଙ୍କୁ ଫାଶୀ ଦେବା, ମୃତ ନାବାଳିକାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରାଯାଇଛି। ମହିଳା ମୋର୍ଚ୍ଚା ନେତୃତ୍ୱରେ ବନ୍ଦ ପାଳନ ହେବ। ଏଥିରେ ଭାଜପାର ସମସ୍ତ କର୍ମକର୍ତ୍ତା ଏବଂ କର୍ମୀ ସାମିଲ ହେବେ ବୋଲି ମହିଳା ମୋର୍ଚ୍ଚା ଜିଲା ସଭାପତି ଅର୍ଚ୍ଚନା ପ୍ରଧାନ ସୂଚନା ଦେଇଛନ୍ତି। ଜିଲା ସଭାପତି ଲିଙ୍ଗରାଜ ଦଳବେହେରା, ସାଧାରଣ ସମ୍ପାଦକ ଭଗବାନ ମହାନ୍ତି, ନେତ୍ରୀ ସ୍ମିତାରାଣୀ ମହାନ୍ତି, ନମିତା ସାହୁ ଓ ରାଜ କୁମାରୀ ନାୟକ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।




# ମୋଦିଙ୍କୁ 'ଚାମ୍ପିୟନ୍ସ ଅଫ୍ ଆର୍ଥ' ଆୱାର୍ଡ

**ମିଳିତ ଜାତିସଂଘ/ନୂଆଦିଲ୍ଲୀ,୨୭।୯(ପି.ଟି.)**

ମିଳିତ ଜାତିସଂଘର ସର୍ବଶ୍ରେଷ୍ଠ ପରିବେଶ ସମ୍ମାନ ପାଇବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଅନ୍ତର୍ଜାତୀୟ ସୌର ମେଣ୍ଟ ଗଠନ ଏବଂ ୨୦୨୨ ସୁଦ୍ଧା ଭାରତରେ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବାକୁ ନେଇ ଆରମ୍ଭ କରିଥିବା ଅଭିଯାନ ପାଇଁ ମୋଦିଙ୍କୁ ଚଳିତ ବର୍ଷର 'ଚାମ୍ପିୟନ୍ସ ଅଫ୍ ଦି ଆର୍ଥ' ଆୱାର୍ଡ ପାଇଁ ଚୟନ କରାଯାଇଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ୍ ମାକ୍ରଁଙ୍କୁ ମଧ୍ୟ ମିଳିତ ଭାବେ ଏହି ଆୱାର୍ଡ ବିଜୟୀ ଘୋଷଣା କରାଯାଇଛି। ପ୍ରକାଶ ଯେ, ଅନ୍ତର୍ଜାତୀୟ ସୌର ମେଣ୍ଟ ଗଠନ ଏବଂ ଅକ୍ଷୟ ଶକ୍ତିର ପ୍ରଚାର ପ୍ରସାର ଦିଗରେ ମୋଦି ଏବଂ ମାକ୍ରଁ ମିଳିତ ଭାବେ ଉଦ୍ୟମ କରିଛନ୍ତି। ଏହି ଦୁଇନେତାଙ୍କ ସମେତ ୬ ଜଣଙ୍କୁ 'ଚାମ୍ପିୟନ୍ସ ଅଫ୍ ଦି ଆର୍ଥ' ଆୱାର୍ଡ ପ୍ରଦାନ କରାଯିବ। ବର୍ତ୍ତମାନ ସମୟରେ ପୃଥିବୀ ସମ୍ମୁଖୀନ ହେଉଥିବା କେତେକ ଜଟିଳ ପରିବେଶ ଚ୍ୟାଲେଞ୍ଜ୍‌ର ମୁକାବିଲା କରିବା ଦିଗରେ ଅକ୍ଳାନ୍ତ ପରିଶ୍ରମ ଯୋଗୁ ସେମାନଙ୍କୁ ସମ୍ମାନିତ କରାଯିବ ବୋଲି ଜାତିସଂଘ ପରିବେଶ ଅଭିଯାନ ପକ୍ଷରୁ କୁହାଯାଇଛି। ଅକ୍ଷୟଶକ୍ତି ବ୍ୟବହାର କ୍ଷେତ୍ରରେ ନେତୃତ୍ୱ ପାଇଁ କୋଚିନ୍ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଏବର୍ଷର 'ଏଣ୍ଟ୍ରିପ୍ରିନ୍ୟୁରାଲ୍ ଭିଜନ୍' ଆୱାର୍ଡ ପ୍ରଦାନ କରାଯିବ। ସେହିପରି ପରିବେଶ ସୁରକ୍ଷା କର୍ମୀ ଜୋନ୍ ଚାର୍ଲିଙ୍କୁ ମଧ୍ୟ 'ଚାମ୍ପିୟନ୍ସ ଅଫ୍ ଦି ଆର୍ଥ ସମ୍ମାନ' ପାଇଁ ଚୟନ କରାଯାଇଛି। ବିୟଣ୍ଡ ମିଟ୍ ଏବଂ ଇମ୍ପସିବୁଲ୍ ଫୁଡ୍‌ସକୁ ମିଳିତ ଭାବେ ବିଜ୍ଞାନ ଓ ସୃଜନ ବର୍ଗରେ ପରିବେଶ ପୁରସ୍କାର ମିଳିବ। ମିଳିତ ଜାତିସଂଘର ୭୩ତମ ଜେନେରାଲ୍ ଆସେମ୍ବ୍ଲି ଉପରାନ୍ତେ ଚଳିତ ସପ୍ତାହରେ 'ଚାମ୍ପିୟନ୍ସ ଅଫ୍ ଦି ଆର୍ଥ' ଗାଲାରେ ପୁରସ୍କାର ପ୍ରଦାନ କରାଯିବ। ଏହି ସମ୍ମାନ ପାଇଁ ଜାତିସଂଘକୁ ଧନ୍ୟବାଦ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି।

**ସମଗ୍ର ଦେଶକୁ ସମ୍ମାନ: ପ୍ରଧାନମନ୍ତ୍ରୀ**



# ସବୁ ଜିଲାରେ ବସିବ ପେନ୍‌ସନ ଅଦାଲତ

**ଭୁବନେଶ୍ୱର, ୨୭।୯(ବ୍ୟୁରୋ)**

ଅବସର ଗ୍ରହଣ ପରେ ଶିକ୍ଷକମାନଙ୍କୁ ସେମାନଙ୍କ ପେନ୍‌ସନ, ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ସୁଯୋଗ ତୁରନ୍ତ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ବିଭିନ୍ନ ଜିଲାରେ ପେନ୍‌ସନ ଅଦାଲତ ଅନୁଷ୍ଠିତ ହେବ। ଅକ୍ଟୋବର ୨୮, ନଭେମ୍ବର ୪ ଓ ୧୧ ମଧ୍ୟରୁ ଯେକୌଣସି ଗୋଟିଏ ଦିନ ଜିଲା ଶିକ୍ଷାଅଧିକାରୀ ପେନ୍‌ସନ ଅଦାଲତ ମାଧ୍ୟମରେ ଶିକ୍ଷକମାନଙ୍କର ପେନ୍‌ସନ ଓ ଗ୍ରାଚ୍ୟୁଇଟି ସମ୍ପର୍କିତ ମାମଲା ଫଇସଲା କରିବେ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ଅଦାଲତକୁ ଆସିଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କର ନଥିପତ୍ର ଉପସ୍ଥାପନର ତ୍ରୁଟି ପରିଲକ୍ଷିତ ହେଲେ ଅଧିକାରୀଙ୍କ ପରାମର୍ଶକ୍ରମେ ପୁନର୍ବାର ପେନ୍‌ସନଧାରୀମାନେ ପରବର୍ତ୍ତୀ ଅଦାଲତରେ ଉପସ୍ଥିତ ରହି ସେମାନଙ୍କ ମାମଲାକୁ ଫଇସଲା କରିବାର ସୁଯୋଗ ପାଇବେ।

ଅନେକ କ୍ଷେତ୍ରରେ ସର୍ଭିସ୍ ବୁକ୍ ନ ମିଳିବା, କୋର୍ଟ କେସ୍, ଚାକିରିରେ ଅନିୟମିତତା, ଉତ୍ତରାଧିକାରୀ ପ୍ରମାଣପତ୍ରର ଅଭାବ, ଦାଖଲ କରାଯାଇଥିବା ପେନ୍‌ସନ କାଗଜପତ୍ରରେ ତ୍ରୁଟି ଇତ୍ୟାଦି ରହିଥିବା ଲକ୍ଷ୍ୟ କରାଗଲା। ଫଳରେ ଶହ ଶହ ଶିକ୍ଷକ ଦୀର୍ଘବର୍ଷ ଧରି ପେନ୍‌ସନ ସମେତ ସେମାନଙ୍କ ଅବସରକାଳୀନ ସୁବିଧା ପାଇ ନ ଥିବା ବିଭାଗ ଦୃଷ୍ଟିକୁ ଆସିଥିଲା। ଏଥିଲାଗି ପେନ୍‌ସନ ଅଦାଲତ ମାଧ୍ୟମରେ ଏହି ମାମଲାଗୁଡିକ ତୁରନ୍ତ ଫଇସଲା କରିବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ଗ୍ରହଣ କରିଥିବା କୁହାଯାଇଛି। ପେନ୍‌ସନ ଅଦାଲତ ଅନୁଷ୍ଠିତ ହେବା ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀମାନେ ପ୍ରଭାବିତ ପେନ୍‌ସନଧାରୀଙ୍କୁ ଯଥେଷ୍ଟ ପୂର୍ବରୁ ଠିକ୍ ଭାବରେ ଯୋଗାଯୋଗ କରିବେ। ସେମାନଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। କୌଣସି ପେନ୍‌ସନ ଭୋଗୀ ଏହି ଅଦାଲତ ସମ୍ପର୍କରେ ସୂଚନା ପାଇ ନ ଥିବେ ସେମାନେ ତୁରନ୍ତ ଜିଲା ଶିକ୍ଷାଧିକାରୀ କିମ୍ବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ପେନ୍‌ସନ ଅଦାଲତର ନିର୍ଦ୍ଦିଷ୍ଟ ତାରିଖ ଏବଂ ସମୟ ସମ୍ପର୍କରେ ଅବଗତ ହେବାକୁ ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

**ପୁରୀ ଅଫିସ, ୨୭।୯**

ଶ୍ରୀମନ୍ଦିରରେ ସଂସ୍କାର ଆଣିବାକୁ ହେଲେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଅଗ୍ରାଧିକାର ଦେବାକୁ ପଡ଼ିବ। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ସୁପ୍ରିମ୍‌କୋର୍ଟ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶକୁ ପାଳନ କରିବାକୁ ଯାଉଛି ଶ୍ରୀମନ୍ଦିର ପ୍ରଶାସନ। ଆସନ୍ତା ଅକ୍ଟୋବର ୧ରୁ ପରୀକ୍ଷାମୂଳକଭାବେଶ୍ରୀମନ୍ଦିରରେଆରମ୍ଭହେବଧାଡ଼ିଦର୍ଶନବ୍ୟବସ୍ଥା। ପରବର୍ତ୍ତୀ ସମୟରେ ଏହି ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ ଲାଗି ପରିବର୍ତ୍ତନ କରାଯାଇପାରିବ। ଗୁରୁବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏହି ବ୍ୟବସ୍ଥା ଆରମ୍ଭ ହେଲେ ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିପାରିବେ। ଏହାପରେ ବାଇଶିପାହାଚ, ଭିତର ଗୁମୁଟ, ସାତପାହାଚ ଦେଇ ନାଟମଣ୍ଡପକୁ ଯିବେ। ନାଟମଣ୍ଡପରୁ ଜଗମୋହନ ମଧ୍ୟରେ ଅସ୍ଥାୟୀ ବ୍ୟାରିକେଡ୍ ବ୍ୟବସ୍ଥା ରହିବ। ନୀତି ସମୟରେ ବ୍ୟାରିକେଡ୍‌କୁ ହଟାଇ ଦିଆଯିବ। ଦର୍ଶନାର୍ଥୀ ପ୍ରଥମେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିସାରି ବେଢ଼ା ପରିକ୍ରମା କରି ଅନ୍ୟ ତିନିଦ୍ୱାର ଦେଇ ବାହାରିବେ। ଭିତରକାଠ ଦର୍ଶନ ବେଳେ ୩ଟି ଏବଂ ବାହାରକାଠ ଦର୍ଶନ ବେଳେ ୫ଟି ଧାଡ଼ି ହେବାର ସମ୍ଭାବନା ରହିଛି। ଭିତରକାଠ ଦର୍ଶନ ପାଇଁ ଜୟବିଜୟ ଦ୍ୱାର ଦେଇ ପ୍ରବେଶ କରି ବେହେରଣ ଦ୍ୱାରରେ ବାହାରିବେ। ବାହାରକାଠ ଦର୍ଶନ ସମୟରେ ଘଣ୍ଟି ଦ୍ୱାର ଏବଂ ଗାରଦ ଦ୍ୱାର ଦେଇ ବାହାରିବେ।

**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,400/- 10gm.
Gold 22 CT - ₹ 30,300/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges




NECC NATIONAL EGG CO-ORDINATION COMMITTEE
27.09.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 60 | 106 | 116 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers

# ୨୮ରେ ୩୦ତମ ଜିଏସ୍‌ଟି କାଉନ୍‌ସିଲ ବୈଠକ

**ଭୁବନେଶ୍ୱର, ୨୭।୯(ବ୍ୟୁରୋ)**

ଜିଏସ୍‌ଟିକାଉନ୍‌ସିଲର୩୦ତମବୈଠକଆସନ୍ତା ୨୮ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଅନୁଷ୍ଠିତ ହେବ। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହେବ। ଏନ୍‌ଆଇସି, ଭୁବନେଶ୍ୱରଠାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଜ୍ୟ ଅର୍ଥମନ୍ତ୍ରୀ ତଥା ଜିଏସ୍‌ଟି କାଉନ୍‌ସିଲ ସଦସ୍ୟ ଶଶିଭୂଷଣ ବେହେରା ଓଡିଶାରୁ ପ୍ରତିନିଧିତ୍ୱ କରିବେ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତୁହୀନକାନ୍ତ ପାଣ୍ଡେ, କମିଶନର ଅଫ୍ କମର୍ସିଆଲ ଟ୍ୟାକ୍ସ ଏବଂ ଜିଏସ୍‌ଟି ଶାଶ୍ୱତ ମିଶ୍ରଙ୍କ ସମେତ ବିଭାଗର ଅନ୍ୟ ପଦାଧିକାରୀ ଯୋଗଦେବେ ବୋଲି ଜଣାପଡିଛି।

# ପୋସ୍କୋ ଜାଗାରେ ମେଗା ଷ୍ଟିଲ୍ ପ୍ଲାଣ୍ଟ କରିବ ଜେଏସ୍‌ଡବ୍ଲ୍ୟୁ

**ଭୁବନେଶ୍ୱର,୨୭।୯(ବ୍ୟୁରୋ)**

ଜଗତସିଂହପୁର ମେଗା ଷ୍ଟିଲ୍ ପ୍ଲାଣ୍ଟରୁ ପୋସ୍କୋ ଓହରିଯିବା ପରେ ଜେଏସଡବ୍ଲ୍ୟୁ ସେହି ଅଧୁରା କାର୍ଯ୍ୟକୁ ପୂରଣ କରିବାକୁ ଆଗେଇ ଆସିଛି। ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ ଗୁରୁବାର ସଚିବାଳୟଠାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମେଗା ଷ୍ଟିଲ୍ ପ୍ଲାଣ୍ଟ କରିବା ପାଇଁ ପୋସ୍କୋ ୨,୯୦୦ ଏକର ଜମି ଅଧିଗ୍ରହଣ କରିଥିଲା। ପରେ ପ୍ରକଳ୍ପରୁ ଓହରି ଯିବାରୁ ସେହି ଜମିକୁ ଫେରାଇ ଦେଇଥିଲା। ସେହି ଜମିକୁ ଜେଏସଡବ୍ଲ୍ୟୁକୁ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। କମ୍ପାନୀ ଏ ପର୍ଯ୍ୟନ୍ତ ପ୍ରକଳ୍ପ କେବେ କାର୍ଯ୍ୟକାରୀ କରିବ ସେ ନେଇ କୌଣସି ସୂଚନା ଦେଇ ନାହିଁ। ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନେଇ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କୁ ଜଣାଇବ ବୋଲି ସେ କହିଛନ୍ତି। ଆବଶ୍ୟକ ଅର୍ଥ ଜମା କରିବାକୁ କମ୍ପାନୀକୁ ଜଣାଇ ଦିଆଯାଇଛି। ଟଙ୍କା ପଇଠ କରିବା ପରେ ପ୍ରକଳ୍ପ ପାଇଁ ଜମି ଯୋଗାଇ ଦିଆଯିବ। ଏ ପର୍ଯ୍ୟନ୍ତ ଜେଏସଡବ୍ଲ୍ୟୁ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରି ନାହିଁ। ଖୁବ୍‌ଶୀଘ୍ର ପ୍ରକଳ୍ପ ରିପୋର୍ଟ ଦାଖଲ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ପୋସ୍କୋ ପାରାଦୀପଠାରେ ୧୨ ନିୟୁତ ଟନ୍‌ର ଏକ ବୃହତ୍ ଇସ୍ପାତ କାରଖାନା ସ୍ଥାପନ କରିବା ପାଇଁ ରାଜ୍ୟ ସରକାରଙ୍କ ସହ ୨୦୦୫ ଜୁନ ୨୨ ତାରିଖରେ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ପ୍ରକଳ୍ପ ପାଇଁ ପୋସ୍କୋ ୬୦୦ ନିୟୁତ ଟନ ଲୁହାପଥର ଆବଶ୍ୟକ କରୁଥିବା ବେଳେ ୫ ହଜାର ଏକର ଜମି ମାଗିଥିଲା। ପରେ ଏହାକୁ ୪୦୦୪କୁ ହ୍ରାସ କରାଯାଇଥିଲା। ଏହି ପ୍ରକଳ୍ପକୁ ସ୍ଥାନୀୟ ଲୋକ ଓ ବିଭିନ୍ନ ସଂଗଠନ ବିରୋଧ କରିବା ସହ ଖଣି ଏବଂ ପରିବେଶ ମଞ୍ଜୁରୀ ମିଳିବାରେ ବିଳମ୍ବ ହୋଇଥିଲା। ପୋସ୍କୋ ଏହି ପ୍ରକଳ୍ପ ପାଇଁ ଏମ୍‌ଓୟୁକୁ ନବୀକରଣ ନ କରି ଓହରିଯିବାକୁ ରାଜ୍ୟ ସରକାରଙ୍କୁ ଜଣାଇବା ସହ ଅଧିକୃତ ଜମିକୁ ମଧ୍ୟ ଫେରାଇ ଦେଇଥିଲା। ସେହି ଜମି ଇଡ୍‌କୋ ଲ୍ୟାଣ୍ଡ ବ୍ୟାଙ୍କରେ ରଖିଛି। ସେହି ଜମିକୁ ଜେଏସଡବ୍ଲ୍ୟୁକୁ ପ୍ରଦାନ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଶୁଭମ୍
ପରିବାରବର୍ଗ


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା


(Mamuni)

**Sanghamitra Patra**
**42 Mouza, Cuttack**

ଆଜି ତୋର ଦ୍ୱିତୀୟ ଜନ୍ମଦିନରେ ଏତିକି ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ କରନ୍ତୁ। **ଶୁଭେଚ୍ଛା ସହ: ବାପା, ବୋଉ, ପାପା, ମାମା, ଭାଇ, ଛୁଆପାପା, ଅଜା ଓ ଆଈ।**

ଧ-୮୫୯୧

# classified




### SALE

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64331

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64176

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

ଜଟଣୀଗେଟ୍ NH-5 ୪୦୦ ମିଟର ଦୂରତାରେ ସ୍ଥିତିବାନ ପ୍ଲଟ ପୋଜେସନ ସହ ୪୬୯/- ଏବଂ ରେତଙ୍ଗ ଷ୍ଟେସନ ପାଖରେ ୩୩୯/- 7008202635, 9938066403. D-64321

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8550

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Book 3BHK duplex house Jagamara, Bhubaneswar having land area 1260 sqft. and 1900 sqft. construction area. Price- 77 lakh. Bank finance available. 9078151122. D-64181

Flat for sale in Arya Vihar near DAV School, Chandrasekharpur, Bhubaneswar. Contact: 9337154298. D-59520

2400 sqft. gharabari yellow zone plot Jagannath Nagar Road-8, Rasulgarh, Bhubaneswar. 9437421096, 9337288910. D-63378

7040 sqft. land with 2775 sqft. constructed building at Shankarpur, Barik sahi water works road, Cuttack one hundred metres from Link Road. Contact: 7008355170. D-64184




2BHK flat rent for family Chandrasekharpur, Lumbini Vihar. Contact: 09493546909, 09493547021. D-8581

3009 sqft. four BHK, two garages apartment at Royal Heritage, Patrapada, Bhubaneswar 150 metres from NH-16 AIIMS road, suitable for residence/ Guest house/ Company Executive. Contact: 7008355170. D-64183




All type of massage and good therapy full body massage Sai herbal spa. 7609005923. D-64205

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8565

### LOST

ମୁଁ କାହ୍ନୁ ଚରଣ ବେହେରା, ପିତା- ସ୍ୱର୍ଗତ ପଦ୍ମନାଭ ବେହେରା, ସା/ପୋ- ଜଗତପୁର, ଥାନା- ଜଗତପୁର, ଜି.-କଟକ, ଘୋଷଣା କରୁଅଛି କି, ମୋର ଏକ କବଲା, ଯାହାର ଖାତା ନମ୍ବର ୭୭୨/ ୩୩୧୨, ପ୍ଲଟ ନମ୍ବର ୧୪୦/୭୭୭୮ ଓ ପ୍ଲଟ ନମ୍ବର ୭୩/୭୭୭୭ ଦୁଇ ଗୋଟି ପ୍ଲଟ ମୋଟ ଏ୦.୦୯ ଡିସିମିଲ, କବଲା ନମ୍ବର ୪୩୧୬୦୩୦୯୦, ବହି ନଂ୧, ଭଲ୍ୟୁମ ନଂ ୬୩, ଯାହାକି ତା ୧୬।୦୯।୨୦୧୬ରେ କ୍ରୟ କରାଯାଇଥିଲା। ଉକ୍ତ କବଲାଟି କେଉଁଠାରେ ହଜିଯାଇଛି। ଧ-୮୫୮୯

### AFFIDAVIT

I Smt. Mamata Sahoo sworn affidavit to prove my identity to know in all purposes that prior to my marriage. I was known as Satyabhama and opened LIC bearing No- 585988554. D-8588

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କୋଦଳା ସବ୍‌ଜେଲରୁ ବିଚାରାଧୀନ ବନ୍ଦୀ ଚମ୍ପଟ

ବେଗୁନିଆପଡ଼ା,୨୭।୯(ଡି.ଏନ.ଏ.)

ଗଞ୍ଜାମ ଜିଲା କୋଦଳା ସବ୍ -ଜେଲରୁ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଜଣେ ବିଚାରାଧୀନ ବନ୍ଦୀ ଗାର୍ଡଙ୍କୁ ଧକ୍କା ଦେଇ ଚମ୍ପଟ ମାରିଛନ୍ତି। ସେ ହେଲେ କବିସୂର୍ଯ୍ୟନଗର ଥାନା ହଣ୍ଡଳା ଗ୍ରାମର ସନ୍ତୋଷ କୁମାର ବେହେରା (୨୭)। ଚଳିତ ମାସ ୧ ତାରିଖରେ ସନ୍ତୋଷ ଏକ ଡ଼କାୟତି ମାମଲାରେ ଗିରଫ ହୋଇ ବିଚାରାଧୀନ ବନ୍ଦୀ ଭାବେ କୋଦଳା ସବ-ଜେଲରେ ବନ୍ଦୀ ଥିଲେ। ପ୍ରାପ୍ତ ସୂଚନା ମୁତାବକ ଗୁରୁବାର ୧୧ଟା ସମୟରେ ସନ୍ତୋଷଙ୍କ ଓକିଲ ଆସି ଅଦାଲତନାମାରେ ଦସ୍ତଖତ କରିବା ପାଇଁ ଡ଼ାକିଥିଲେ। ଏହି ସମୟରେ ୩ଜଣ ଯୁବକ କିଛି ଖାଦ୍ୟ ପଦାର୍ଥ ଆଣି ସନ୍ତୋଷଙ୍କୁ ଦେବା ପାଇଁ ଗାର୍ଡ ରାଧାମୋହନ ସେଠୀଙ୍କୁ ଦେଇଥିଲେ। ଉକ୍ତ ଖାଦ୍ୟ ପଦାର୍ଥକୁ ଗାର୍ଡ ଯାଞ୍ଚ କରୁଥିବା ସମୟରେ ସନ୍ତୋଷ ଗାର୍ଡଙ୍କୁ ଧକ୍କା ଦେଇଥିଲା। ଫଳରେ ଗାର୍ଡ ତଳେ ପଡ଼ି ଯାଇଥିଲେ। ଏହି ସମୟରେ ସନ୍ତୋଷ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ଜେଲର ରାଜ କୁମାର ସାହୁ କହଛନ୍ତି ଯେ, ସେ ଆଜି ସାଢେ ୧୦ଟାରେ କୋଦଳା ସବଜଜ୍‌ଙ୍କ ମିଟିଙ୍ଗକୁ ଯାଇଥିଲେ। ବାଟରେ ହଠାତ୍ ବିଚାରାଧୀନ ବନ୍ଦୀ ଚମ୍ପଟ ମାରିଥିବା ଖବର ପାଇଥିଲେ। ସେଠାରୁ ଫେରି ଆସି ଗାର୍ଡଙ୍କଠାରୁ ସମସ୍ତ ଘଟଣା ଶୁଣିବା ପରେ କୋଦଳା ଥାନାରେ ଏତଲା ଦେଇଥିବା କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆଜି ଔଷଧ ...

ପ୍ରଭାବିତ ହେବା ସହ ସେମାନଙ୍କ ବ୍ୟବସାୟ ବୁଡ଼ିଯିବା ଆଶଙ୍କା ରହିଛି। ବହୁରାଷ୍ଟ୍ରୀୟ କମ୍ପାନୀ ଦେଶର ସମସ୍ତ ଔଷଧ ବିକ୍ରି ବ୍ୟବସ୍ଥାକୁ ନିଜ କବ୍‌ଜାକୁ ନେଇଯିବାକୁ ମସୁଧା କରୁଥିବା ଅଭିଯୋଗ ହୋଇଛି। ଏହାଛଡା ଅନ୍‌ଲାଇନ ଔଷଧ ବିକ୍ରି କେବଳ ବାଣିଜ୍ୟିକ ଦୃଷ୍ଟିକୋଣରୁ ନୁହେଁ, ବରଂ ରୋଗୀମାନଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପକାଇବ। ଏହାଦ୍ୱାରା ଭବିଷ୍ୟତ ପିଢି ଅଧିକ କ୍ଷତିଗ୍ରସ୍ତ ହେବେ। ଇ-ଫାର୍ମାସୀ ବ୍ୟବସ୍ଥାକୁ ବନ୍ଦ କରିବାକୁ ମହାସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଅବଗତ କରାଯିବା ପରେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଲେ ନାହିଁ। ବାଧ ହୋଇ ବ୍ୟବସାୟୀମାନେ ଦୋକାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ରାଜ୍ୟ ସଂଘ କହିଛି। ସରକାରଙ୍କ ନିଷ୍କ୍ରିୟତା ଦେଶର ୧୦ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛି। ଏହା ସତ୍ତ୍ୱେ ଯଦି ସରକାର ନିଜ ଜିଦ୍‌ରେ ଅଟଳ ରହିବେ ତେବେ ଔଷଧ ବ୍ୟବସାୟୀମାନେ ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଅପରାଧ ନୁହେଁ ...

ଏବେ ମହିଳାଙ୍କୁ ଆଉ ସ୍ୱାମୀଙ୍କ ସମ୍ପତ୍ତି ବୋଲି କୁହାଯାଇ ପାରିବ ନାହିଁ। ସ୍ୱାମୀ ମଧ୍ୟ ସ୍ତ୍ରୀଙ୍କ ମାଲିକ ନୁହନ୍ତି। ତେଣୁ ପରକୀୟା ପ୍ରୀତିକୁ ଅପରାଧ ବିବେଚନା କରାଯିବନାହିଁ। କିନ୍ତୁ ସ୍ୱାମୀ କିମ୍ବା ସ୍ତ୍ରୀ ନିଜ ଜୀବନସାଥୀଙ୍କ ବ୍ୟଭିଚାରପୂର୍ଣ୍ଣ ଜୀବନକୁ ନେଇ ଅତିଷ୍ଠ ହୋଇ ଜୀବନ ହାରିଥିବା ପ୍ରମାଣିତ ହେଲେ, ସେହି କ୍ଷେତ୍ରରେ ତାକୁ ଆତ୍ମହତ୍ୟା ପାଇଁ ପ୍ରରୋଚନା ଭାବେ ଧରାଯିବ। ଏହାସହ ବ୍ୟଭିଚାରକୁ ଛାଡ଼ପତ୍ରର ଆଧାର ଭାବେ ଗ୍ରହଣ କରାଯିବ। ପୀଠର ଜଣେ ମାତ୍ର ମହିଳା ବିଚାରପତି ଜଷ୍ଟିସ୍ ମାଲହୋତ୍ରା କହିଥିଲେ, ଆଇପିସି ଦଫା ୪୯୭ ଏବଂ ସିଆର୍‌ପିସି ଧାରା ୧୯୮ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବାରୁ ଏହି ଦୁଇ ନିୟମକୁ ବଜାୟ ରଖିବା ଅସାମ୍ବିଧାନିକ ଓ ଅଯଥାର୍ଥ। ଜଷ୍ଟିସ୍ ନରିମାନ୍ ଦଫା ୪୯୭କୁ ଏକ ପୁରୁଣାକଳିଆ ଆଇନ ଭାବେ ଅବିହିତ କରି ସିଜେଆଇ ଏବଂ ଜଷ୍ଟିସ୍ ଖାନ୍‌ୱିଲକରଙ୍କ ରାୟ ସହ ସହମତି ପ୍ରକାଶ କରିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଥିଲେ, ଦଫା ୪୯୭ ମହିଳାମାନଙ୍କ ମର୍ଯ୍ୟାଦା ଓ ଆତ୍ମସମ୍ମାନକୁ ନଷ୍ଟ କରୁଛି। ଏହା ମହିଳାଙ୍କୁ ସ୍ୱାମୀଙ୍କ ସମ୍ପତ୍ତି ଭାବେ ପରିଗଣିତ କରେ।

ପ୍ରକାଶ ଯେ, ପୂର୍ବରୁ ବ୍ୟଭିଚାର ଅପରାଧ ଥିଲା। ଏଭଳି ଅଭିଯୋଗ ପ୍ରମାଣିତ ହେଲେ ଦୋଷୀଙ୍କୁ ସର୍ବାଧିକ ୫ ବର୍ଷ ଜେଲଦଣ୍ଡ କିମ୍ବା ଜରିମାନା ଅଥବା ଉଭୟ ଜେଲ ଓ ଜରିମାନା ଆଦେଶ ଦିଆଯାଉଥିଲା। ଏହି ଆଇନରେ କେବଳ ପୁରୁଷଙ୍କୁ ଅଭିଯୁକ୍ତ ଭାବେ ଧରାଯାଉଛି, ମହିଳାଙ୍କ କ୍ଷେତ୍ରରେ ଏହା ଲାଗୁ ହେଉନାହିଁ ଦର୍ଶାଇ ଏହାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏନେଇ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) ପିଙ୍କି ଆନନ୍ଦ କହିଥିଲେ, ପରକୀୟା ପ୍ରୀତି ଯୋଗୁ ପରିବାର ଓ ବିବାହ ଭାଙ୍ଗିଯାଏ। ତେଣୁ ଏହାକୁ ଅପରାଧମୁକ୍ତ କରା ନ ଯାଉ ବୋଲି ସେ ଯୁକ୍ତି ବାଢ଼ିଥିଲେ। ଅଗଷ୍ଟ ୫ରେ ସାମ୍ବିଧାନିକ ପୀଠ ଏହାର ରାୟ ସଂରକ୍ଷିତ ରଖିଥିଲେ। ପୀଠ ଏଏସ୍‌ଜିଙ୍କ ଯୁକ୍ତିକୁ ଅଗ୍ରାହ୍ୟ କରିଦେଇଥିବାରୁ କେନ୍ଦ୍ର ସରକାରଙ୍କୁ ଶକ୍ତ ଝଟକା ଲାଗିଛି। ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ରେଖା ଶର୍ମା ରାୟକୁ ସ୍ୱାଗତ କରି ବହୁ ପୂର୍ବରୁ ଏହା ଆସିବାର ଥିଲା ବୋଲି କହିଛନ୍ତି। ଆଇନଜୀବୀ ଓ ମହିଳା ଅଧିକାର କର୍ମୀମାନେ ମଧ୍ୟ ଏହାକୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ଆଉ କେତେକେ ଅଦାଲତଙ୍କ ରାୟକୁ ମହିଳା ବିରୋଧୀ କହିବା ସହ ଏଥିଯୋଗୁ ଲୋକଙ୍କୁ ଅବୈଧ ସମ୍ପର୍କ ପାଇଁ ଲାଇସେନ୍ସ ମିଳିଯିବ ବୋଲି ଚିନ୍ତାବ୍ୟକ୍ତ କରିଛନ୍ତି।

### ତାଲିକାରେ ୧୦ରୁ ...

ମୂଳ ରିପୋର୍ଟ ଏବଂ ସବ୍ କମିଟି ରିପୋର୍ଟ ଉପରେ ବିସ୍ତୃତ ତର୍ଜମା ହୋଇଛି। ଏହା ଏକ ଭାବାବେଗର ପ୍ରଶ୍ନ ହୋଇଥିବାରୁ ଏହାକୁ ସାର୍ବଜନୀନ ନ କରିବା ପାଇଁ ପରିଚାଳନା କମିଟି ମତ ରଖିଛି।

ସୂଚନାଯୋଗ୍ୟ, ୨୦୧୫ ଜୁନ୍ ୧୫ରେ ମହାପ୍ରଭୁଙ୍କ ବ୍ରହ୍ମ ସଂସ୍ଥାପନ ପାଇଁ ନିର୍ଘଣ୍ଟ ହୋଇଥିଲା। ନିଶାର୍ଦ୍ଧରେ ବ୍ରହ୍ମ ସଂସ୍ଥାପନ କାର୍ଯ୍ୟ ସମ୍ପନ୍ନ ହେବାର ଥିଲେ ହେଁ ଜୁନ୍ ୧୬ ସ୍ପଷ୍ଟ ଦିବାଲୋକରେ ହୋଇଥିଲା। ବ୍ରହ୍ମ ବିଭ୍ରାଟକୁ ନେଇ ସରକାର ତତ୍କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଦୀର୍ଘ ଦୁଇବର୍ଷ ବିତିଯାଇଥିଲେ ଏହି ରିପୋର୍ଟ ପ୍ରକାଶ ପାଇ ନ ଥିଲା। ଗୁରୁବାର ପରିଚାଳନା ବୈଠକରେ ଉପସ୍ଥାପନ ହୋଇ ରିପୋର୍ଟ ସାର୍ବଜନୀନ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ତାହାକୁ ପୁଣି ଝୁଲାଇ ଦିଆଯାଉଛି। କାର୍ଯ୍ୟାନୁଷ୍ଠାନ ପାଇଁ ପୁଣି ୩ ମାସ ସମୟ ଗଡ଼ାଇବାକୁ ନେଇ ଭକ୍ତଙ୍କ ମହଲରେ ନାନା ଚର୍ଚ୍ଚା ହେଉଛି। ଏହା କେବଳ ଏକ ବାହାନା ବୋଲି କୁହାଯାଉଛି। ପ୍ରକୃତ ରିପୋର୍ଟ ସାର୍ବଜନୀନ ହେଲେ ଏହାକୁ ନେଇ ନୂଆ ବିବାଦ ମୁଣ୍ଡ ଟେକିବ ଏବଂ ସରକାର ଅଡୁଆରେ ପଡିବାର ଆଶଙ୍କା ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

### ଆଇନଜୀବୀଙ୍କୁ ...

ଓଡ଼ିଶାର ନିମ୍ନ ଅଦାଲତରେ ହାଜର ହେବା ପାଇଁ ସାକେତ କୋର୍ଟ ଅଭିଜିତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ସମୟରେ ଓଡ଼ିଶାରେ ଆଇନଜୀବୀଙ୍କ ଆନ୍ଦୋଳନ ଚାଲିଥିବାରୁ ସେ ହାଜର ହୋଇପାରି ନ ଥିଲେ। ତେଣୁ ଏଥିପାଇଁ ଅଭିଜିତ ଆଉ ଅଧିକ ସମୟ ମାଗିବା ସହିତ ସୁରକ୍ଷା ଆବେଦନ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେବା ସହିତ ଦିଲ୍ଲୀର ସାକେତ କୋର୍ଟ ପକ୍ଷରୁ ଅଭିଜିତଙ୍କୁ ଦିଆଯାଇଥିବା ଅନ୍ତରୀଣ ଜାମିନର ଅବଧିକୁ ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ମାମଲାର ତଦନ୍ତକୁ ଠିକ୍ ଢଙ୍ଗରେ କରିବା ପାଇଁ ମଧ୍ୟ ସୁପ୍ରିମକୋର୍ଟଙ୍କ ୩ ଜଣିଆ ଖଣ୍ଡପୀଠ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସ୍ଥିତିରେ ହାଇକୋର୍ଟରେ ଏ ନେଇ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ମଧ୍ୟ ଗୁରୁବାର ହୋଇଥିଲା। କ୍ରାଇମବ୍ରାଞ୍ଚ ଡିଆଇଜି ହିମାଂଶୁ ଲାଲ ବ୍ୟକ୍ତିଗତ ଭାବେ ହାଜର ହୋଇ ସିଲ୍ କଭରରେ ତାଙ୍କର ତଦନ୍ତ ରିପୋର୍ଟ ହାଇକୋର୍ଟରେ ଦାଖଲ କରିଥିଲେ।

ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ନେଇ ଶୁକ୍ରବାର ସକାଳ ସାଢେ ୯ଟାରେ ହାଇକୋର୍ଟ ବାର୍‌ର ସାଧାରଣ ପରିଷଦ ବୈଠକ ଡକାଯାଇଛି। ବୈଠକରେ ଆଇନଜୀବୀମାନେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ସୂଚନାଥାଉକି, ଆଡ୍‌ଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଅଗଷ୍ଟ ୨୮ରେ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅଗଷ୍ଟ ୨୯ରୁ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି।

### ସୁରକ୍ଷା ପ୍ରତିଶ୍ରୁତି ଦେଲେ ...

ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ତୁରନ୍ତ ଏହାର ସମାଧାନ କରିବା ସହ ଓଡ଼ିଆ ପିଲାଙ୍କ ସୁରକ୍ଷା ପାଇଁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ତ୍ରିପୁରା ମୁଖ୍ୟମନ୍ତ୍ରୀ ଏଥିପ୍ରତି ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଗୁରୁବାର ସନ୍ଧ୍ୟାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ଏକ ପ୍ରତିନିଧି ଦଳ ତ୍ରିପୁରା ସଚିବାଳୟରେ ପହଞ୍ଚିଥିଲେ। ଛାତ୍ର ଦୁର୍ଯ୍ୟୋଧନ ବେହେରା, ଅଶୋକ ନାୟକ, ନରସିଂହ ପଟେଲ, ଛାତ୍ରୀ ଅଶାନ୍ତି ସ୍ୱାଇଁ, ସୁଭଦ୍ରା କର, ଶ୍ରଦ୍ଧାଞ୍ଜଳି ନାୟକ ଓ ତପସ୍ୱିନୀ ମହାପାତ୍ର ପ୍ରମୁଖଙ୍କ ସହିତ ତ୍ରିପୁରା ଉଚ୍ଚଶିକ୍ଷା ମନ୍ତ୍ରୀ ଆଲୋଚନା କରିଥିଲେ। ତ୍ରିପୁରାରେ ଥିବା ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମଧ୍ୟରୁ ବାଲେଶ୍ୱରର ୧୨ ଜଣ ଅଛନ୍ତି। ତେଣୁ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ ଘଟଣା ସମ୍ପର୍କରେ ଜାଣିବା ପରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନିମନ୍ତେ ସେଠାକାର ପ୍ରଶାସନ ଓ ଏସ୍‌ପିଙ୍କ ସହ ଯୋଗାଯୋଗ କରିବାକୁ ବାଲେଶ୍ୱର ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କୁ ଫୋନ୍ ଯୋଗେ ଜଣାଇଛନ୍ତି।

ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ଶିକ୍ଷା ଶାସ୍ତ୍ରୀ ଅଧ୍ୟାପକ ରମାକାନ୍ତ ମିଶ୍ର କୁହନ୍ତି, ସର୍ବ ଭାରତୀୟ ସ୍ତରରେ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ଏଠାରେ ଓଡ଼ିଆ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଛନ୍ତି। ଶିକ୍ଷାଶାସ୍ତ୍ରୀରେ ଉଭୟ ୮୦ ଛାତ୍ରୀଛାତ୍ର ଏବଂ ଶାସ୍ତ୍ରୀ ଓ ପିଜିରେ ୧୦ଜଣଙ୍କୁ ମିଶାଇ ମୋଟ ୯୦ଜଣ ଅଧ୍ୟୟନ କରୁଛନ୍ତି। ସ୍ଥାନୀୟ ଛାତ୍ରମାନେ ବିଭିନ୍ନ କାରଣକୁ ନେଇ ଗତ କିଛିଦିନ ହେବ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦେଇ ଆସୁଛନ୍ତି ବୋଲି ମିଶ୍ର କହିଛନ୍ତି। ଛାତ୍ର ଦୁର୍ଯ୍ୟୋଧନଙ୍କ କହିବାନୁଯାୟୀ, ଗତ ସେପ୍ଟେମ୍ବର ୧୮ରେ କୌଣସି କାରଣକୁ ନେଇ ସ୍ଥାନୀୟ ଛାତ୍ରମାନେ କ୍ୟାମ୍ପସରେ ଆନ୍ଦୋଳନ କରିଥିଲେ। ଆମର ଦୁଇ ଅଧ୍ୟାପକଙ୍କୁ ନଜର ବନ୍ଦୀ ରଖିଥିଲେ। ଓଡ଼ିଆ ଛାତ୍ରମାନେ ଏହାକୁ ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ଥାନୀୟ ଛାତ୍ରମାନେ କେତେଜଣ ଅଣଛାତ୍ରଙ୍କ ସହାୟତାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ବୁଧବାର ରାତିରେ କ୍ୟାମ୍ପସ ଆଗରେ ପୁଣି ସେମାନେ ଆକ୍ରମଣ କରିଥିଲେ। ଏଥିରେ ଅତିଷ୍ଠ ହୋଇ ଆମେମାନେ ସୋସିଆଲ ମିଡିଆର ସାହାରା ନେଇଥିଲୁ।

### କ୍ୟାମ୍ପସରେ ଓଡ଼ିଶାରୁ ଅଛନ୍ତି ୭ ଅଧ୍ୟାପକ

ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ଅଧ୍ୟକ୍ଷ ରଞ୍ଜିତ କୁମାର ବର୍ମନଙ୍କ କହିବାନୁଯାୟୀ, ଏହି କ୍ୟାମ୍ପସରେ ଓଡ଼ିଶାରୁ ୭ଜଣ ଅଧ୍ୟାପକ ଏବଂ ଜଣେ କିରାଣୀ କାର୍ଯ୍ୟରତ ଅଛନ୍ତି। ଶିକ୍ଷାଶାସ୍ତ୍ରୀରେ ରମାକାନ୍ତ ମିଶ୍ର, ଜିତେନ୍ଦ୍ର ରାୟଗୁରୁ, ମହେଶ ପାଣିଗ୍ରାହୀ ରହିଛନ୍ତି। ଧର୍ମଶାସ୍ତ୍ରରେ ଇତିଶ୍ରୀ ମହାପାତ୍ର, ପ୍ରିୟଦର୍ଶିନୀ ମେକାପ, ବେଦାନ୍ତରେ ଅଜୟ ଗନ୍ଧା, ସମ୍ବିତ ମହାପାତ୍ର ଏବଂ କିରାଣୀ ଭାବେ ସୁରେନ୍ଦ୍ର ମହାପାତ୍ର ଅଛନ୍ତି।

### ଆମ କଥା କେହି ଶୁଣି ନାହାନ୍ତି

ଆମେ ଗତ କିଛିମାସ ଧରି ଏଠାରେ ଭୟଭୀତ ଅବସ୍ଥାରେ ରହୁଛୁ। ସ୍ଥାନୀୟ ଛାତ୍ରମାନେ ବିଭିନ୍ନ କାରଣକୁ ନେଇ ହଇରାଣ କରୁଛନ୍ତି। ଝିଅମାନଙ୍କୁ କମେଣ୍ଟ କରୁଛନ୍ତି। ଏ ନେଇ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ସେମାନଙ୍କ ଭୟରେ କେହି ଛାତ୍ରୀଛାତ୍ର ରୁମରୁ ବାହାରକୁ ବାହାରି ପାରୁନାହାନ୍ତି। ଦୁଇ ଦିନ ଧରି ଭୋକ ଉପାସରେ ରହିଛନ୍ତି ବୋଲି କେତେଜଣ ଛାତ୍ର ଧରିତ୍ରୀକୁ ଫୋନ ଯୋଗେ କହିଛନ୍ତି। ଏଠାରେ ଆମ ଜୀବନ ପ୍ରତି ବିପଦ ରହିଛି। କେହି ବି ଏଠାରେ ଅଧ୍ୟୟନ କରିବାକୁ ଚାହୁଁ ନାହାନ୍ତି ବୋଲି ସେମାନେ ଜଣାଇଛନ୍ତି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଶୈଳବାଳା ଶତପଥି**
ତାଳଚେର, ବିରାଦରପଡା
୦୨।୦୬।୧୯୩୯ -୧୦।୦୯।୨୦୧୭
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁଅ, ବୋହୂ ଓ ଶତପଥି ପରିବାର ଏବଂ ହୋଟେଲ ବୃନ୍ଦାବନର ସଦସ୍ୟଗଣ।
ଧ-୮୫୮୬

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ବ୍ରହ୍ମାନନ୍ଦ ଦାସ**
ବ୍ରହ୍ମପୁର, ଖଜୁରିଆ, ପୁରୀ
ଆବିର୍ଭାବ: ୦୨।୦୮।୧୯୩୬
ତିରୋଧାନ: ତା ୧୮।୦୯।୨୦୧୮
ଆପଣଙ୍କର କର୍ମନିଷ୍ଠା, ଧର୍ମଭାବନା ଏବଂ କାର୍ଯ୍ୟଶୈଳୀ ଆମ ଜୀବନକୁ ଅନୁପ୍ରାଣିତ କରିଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଗନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ପୁତ୍ର-ମନମୋହନ, ଜଗମୋହନ, ମଦନମୋହନ, ହରମୋହନ, ଶ୍ରୀକାନ୍ତମୋହନ, ପୁତ୍ରବଧୂ-ନିନୀ, ନାନୁ, ରିନା, ଦୀପା, ଝିଅ- ଶୁଭଲକ୍ଷ୍ମୀ, ଜ୍ୱାଇଁ-ବିଜୟ, ନାତି-ଓମ୍, ସୋମ୍, ସିକନ୍, ନାତୁଣୀ-ପାୟଲ, ଖୁସି ଏବଂ ସମସ୍ତ ପରିବାର ଓ ବନ୍ଧୁବର୍ଗ।
ଧ-୮୫୮୦

### ସତେଇଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସୁଧାଂଶୁ ମୋହନ ରାଉତରାୟ**
କବି ତଥା ପ୍ରଶାସକ
ପ୍ଲଟ୍ ନଂ-୧୫୭, ସହିଦନଗର
ଆବିର୍ଭାବ : ୦୭.୧୨.୧୯୩୨
ତିରୋଧାନ : ୨୯.୦୯.୧୯୯୧
ବାପା,
ତମର ସ୍ନେହ, ଶ୍ରଦ୍ଧା, ନୀତି, ସରଳତା, ତ୍ୟାଗ ଓ ପରୋପକାରିତା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି, ରହିଥିବ ମଧ୍ୟ। ଏହି ପୁଣ୍ୟତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଇତି
ଆପଣଙ୍କର ଶୋକସନ୍ତପ୍ତ ପରିବାରବର୍ଗ
ଧ-୬୪୫୦୭

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଶତ୍ରୁଘ୍ନ ବାରିକ**
ପାରିକୁଦ, କୃଷ୍ଣପ୍ରସାଦଗଡ଼ (ଇପିଙ୍ଗି)
ଜିଲ୍ଲା- ପୁରୀ
ତିରୋଧାନ: ୧୭।୦୯।୨୦୧୮
ପୁରୁଷୋତ୍ତମପୁର, ଗଞ୍ଜାମ
ପବିତ୍ର ବିଶ୍ୱକର୍ମା ପୂଜାରେ ଆମକୁ ଛାଡି ଆରପାରିକୁ ଚାଲିଗଲ। ତୁମେ ଯେଉଁଠାରେ ଥାଅବି ଶାନ୍ତିରେ ଥାଅ। ସର୍ବଦା ଆମ ପ୍ରତି ଆଶୀର୍ବାଦ ରଖିଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଗନ୍ନାଥଙ୍କଠାରେ ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- କନକଲତା, ପୁଅ- ଅଜୟ କୁମାର ବାରିକ (IIC ପୁରୁଷୋତ୍ତମପୁର ଥାନା), ବୋହୂ- ସସ୍ମିତାରାଣୀ, ଝିଅ- ଲକ୍ଷ୍ମୀପ୍ରିୟା, ବିଷ୍ଣୁପ୍ରିୟା, ହରପ୍ରିୟା, ଜ୍ୱାଇଁ- ରବୀନ୍ଦ୍ର, କାଳିନ୍ଦୀ, ପ୍ରଶାନ୍ତ, ନାତୁଣୀ- ସୋନା, ନାତି- ସୋମ ଓ ପରିବାରବର୍ଗ।
ଧ-୮୫୮୭


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ଦ୍ୱିଜା ନକ୍ଷତ୍ରରେ ଅବସ୍ଥାନ କରୁଥିବାରୁ ଆର୍ଥିକ ଉନ୍ନତି ଘଟିବ। ବହୁତ ଦିନରୁ ଅଟକି ରହିଯାଇଥିବା ସବୁ କାମ ସୁବିଧାରେ ହେବା ସହ ପ୍ରଶଂସିତ ହେବେ। ମାତ୍ର ପରିସ୍ଥିତି ପ୍ରତି ଦୃଷ୍ଟିରଖି କାମ କରନ୍ତୁ ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେଇପାରେ।

**ବୃଷ** ରାଶ୍ୟାଧିପ ରାହୁଙ୍କ ନକ୍ଷତ୍ରସ୍ଥ ହେତୁ ଶାରୀରିକ ସୁସ୍ଥତାର ଅଭାବ ଦେଖାଦେବ। କର୍ମକ୍ଷେତ୍ରରେ ବାରମ୍ବାର ଚେଷ୍ଟା କରି ମଧ୍ୟ ଅସଫଳତା ହେତୁ ଚିନ୍ତା ପ୍ରକଟ କରିପାରନ୍ତି। ଦୀର୍ଘଦିନର ଅପୂରଣୀୟ ଆଶା ଓ ଅଭିଳାଷ ମନରେ ଲଘୁ କ୍ରୋଧ ସୃଷ୍ଟି କରିପାରେ। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମିଥୁନ** ଶ୍ରବଣା ନକ୍ଷତ୍ରରେ ବୁଧ ଆର୍ଥିକ ଉନ୍ନତି କଲେ ମଧ୍ୟ ସ୍ୱାସ୍ଥ୍ୟହାନି କରାଇପାରେ। ସାଧାରଣ ଘଟଣାରେ ଝଗଡ଼ା ଲାଗିଥିବା ଗତକାଲିର ଘଟଣାବଳୀ ମନକୁ ବିବ୍ରତ କରିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳପ୍ରାପ୍ତି ହୋଇପାରେ। ଅଫିସିଆଲି କୌଣସି ନିଷ୍ପତ୍ତି ପାଇଁ ତର୍କ ଓ ବିବାଦ ବଢ଼ିବାର ସମ୍ଭାବନା ରହିଛି।

**କର୍କଟ** ଭାଗ୍ୟାଧିପ ବୃହସ୍ପତି ବିଶାଖା ନକ୍ଷତ୍ରସ୍ଥ ହେତୁ ସାମାଜିକ ସମ୍ମାନ ପ୍ରଦାନ କରିବେ। ଆଜି ଦିନଟିରେ ଯାହା କରିବେ କରନ୍ତୁ ଅବଶ୍ୟ ସଫଳତା ନିଶ୍ଚୟ ପାଇବେ କିନ୍ତୁ ଶନିଙ୍କ ପ୍ରଭାବରୁ ବିଳମ୍ବରେ ହିଁ ହେବ। ଆକସ୍ମିକ ଭାବରେ ଦୂରଯାତ୍ରା ଓ ବନ୍ଧୁ ମିଳନ ଘଟିବ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** ରବି ମିତ୍ର ନକ୍ଷତ୍ରସ୍ଥ ହେତୁ ବହୁତ ଦିନର ସୁଚିନ୍ତିତ ଯୋଜନାକୁ ବାସ୍ତବରୂପ ଦେବା ଦିଗରେ ଚେଷ୍ଟାକରି ସଫଳ ହେବେ। ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଓ କାମରେ ଆଗୁଆ ରହିବେ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଲେ ମଧ୍ୟ ଚେଷ୍ଟାରୁ ବିରତ ହେବେ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ।

**କନ୍ୟା** ଶୁକ୍ର ନକ୍ଷତ୍ରସ୍ଥ ମଙ୍ଗଳ ବିବାଦ ମଧ୍ୟରେ ପ୍ରାପ୍ୟ ପାଇବାର ମାର୍ଗ ଉନ୍ମୁକ୍ତ କରିବ। କଳା, ସଙ୍ଗୀତ, କ୍ରୀଡା, ଚଳଚ୍ଚିତ୍ର ଓ ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ସ୍ୱଗୃହୀ ରାଶ୍ୟାଧିପତି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ସାମାଜିକ ସ୍ତରରେ ଆନୁଷ୍ଠାନିକ କାର୍ଯ୍ୟ ତଥା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ମିଳିବ। ସରକାରୀ କ୍ଷେତ୍ରରୁ କୌଣସି ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**ବିଛା** ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତିଜନିତ ଶାରୀରିକ ସୁସ୍ଥତା ସହ ମାନସିକ ସୁସ୍ଥତା ବଳବତ୍ତର ରହିବ। କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ନିଜ ସକାଶେ ସମସ୍ୟାକୁ ବଢ଼ାଇ ଦେବ। ଯିବା, ଆସିବା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ** ଅଷ୍ଟମସ୍ଥ ରାଶ୍ୟାଧିପତି ହେତୁ ପ୍ରତ୍ୟେକ କ୍ଷେତ୍ରର ପରିସ୍ଥିତି ଆପଣଙ୍କ ପାଇଁ ଅନୁକୂଳ ନ ହୋଇପାରେ। ଶୁକ୍ରଙ୍କ ପ୍ରଭାବରେ ମନୋରନ କାର୍ଯ୍ୟରେ ସାମିଲ ହୋଇପାରନ୍ତି, ପୂର୍ଣ୍ଣ ଉପଭୋଗ୍ୟ ହୋଇପାରିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ।

**ମକର** ପାପଗ୍ରହ ଯୁକ୍ତ ଚତୁର୍ଥାଧିପ ରାଶିରେ ଥିବାରୁ ଘରେ ବସି ରହିଥିଲେ ମଧ୍ୟ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଆତ୍ମୀୟମାନେ ସ୍ୱାର୍ଥସାଧନ ମାନସରେ କିଛି ଅଘଟଣ ଘଟାଇ ପାରନ୍ତି। ଯାତ୍ରାରେ ଅଭିଳଷିତ ଜିନିଷ ପାଇପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସହ ଅଭାବ ସୁଧାରିବାକୁ ଯାଇ ଧାର ଉଧାର କରିପାରନ୍ତି। ନିକଟ ସମ୍ପର୍କୀୟଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବାର ସୂଚନା ରହିଛି। ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** ସମସ୍ୟା ରହିଥିଲେ ମଧ୍ୟ ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ସମସ୍ୟା ସମାଧାନ ହେବା ଦିଗରେ ଚେଷ୍ଟା କରିପାରନ୍ତି। ନିଜ ଲୋକମାନଙ୍କ ଈର୍ଷାପରାୟଣତା କାରଣରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯାନ୍ତ୍ରିକଦ୍ରବ୍ୟ କିମ୍ବା ବିଦ୍ୟୁତ୍ ଲୌହ, ତୈଳାଦି ବ୍ୟବସାୟରୁ ଲାଭବାନ ହେବେ।

ଆଜି ଆଶ୍ୱିନ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ଶୁକ୍ରବାର, ସେପ୍ଟେମ୍ବର ୨୮ ତାରିଖ, ବିଶ୍ୱ ଜଳାତଙ୍କ ଦିବସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଶ୍ରାଦ୍ଧ, ଦିବା ଘ୭।୧୧ମି. ମଧ୍ୟେ ଘ୪।୦୩ମି. ଗତେ, ଘ୫।୩୩ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୧୧ମି. ଗତେ ଘ୮।୪୧ମି. ମଧ୍ୟେ, ଘ୧୧।୪୧ମି. ଗତେ ଘ୧।୧୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୩୭ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### ଶହୀଦଙ୍କ ଭୂମିହୀନ ପରିବାରକୁ ମିଳିବ ଘରଡିହ

ଭୁବନେଶ୍ୱର, ୨୭।୯(ବ୍ୟୁରୋ): ପୂର୍ବତନ ସ୍ୱାଧୀନତା ସଂଗ୍ରାମୀ ଏବଂ ଶହୀଦମାନଙ୍କ ମଧ୍ୟରୁ ଭୂମିହୀନ ଓ ଘରଡିହ ନ ଥିବ ଯୋଗ୍ୟ ପରିବାରକୁ ରାଜ୍ୟ ସରକାର ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ କରିବେ। ଏହି ଯୋଜନା ମାଧମରେ ଯୋଗ୍ୟ ପରିବାରଗୁଡ଼ିକୁ ସରକାର ଘରଡିହ ଯୋଗାଇବା ପାଇଁ ସର୍ଭେ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସର୍ଭେ କରି ରିପୋର୍ଟ ଦେବାକୁ ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କ ନିକଟକୁ ପତ୍ର ଦିଆଯାଇଛି। ବସୁନ୍ଧରା ଯୋଜନା ମାଧମରେ ଗ୍ରାମାଞ୍ଚଳରେ ଘରଡିହ ନ ଥିବା ପରିବାରକୁ ସରକାରଙ୍କ ପକ୍ଷରୁ ଘରଡିହ ଯୋଗାଇ ଦିଆଯାଉଛି। ଅନୁସୂଚିତ ଜାତି, ଜନଜାତି ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ନବରଙ୍ଗପୁର ଜିଲାର ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦମାନଙ୍କ ପରିବାର ଲୋକଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ସର୍ଭେ କରି ଯୋଗ୍ୟ ବିବେଚିତ ପରିବାରଙ୍କୁ ଘରଡିହ ଯୋଗାଇବା ଲାଗି ମହେଶ୍ୱର ମହାନ୍ତିଙ୍କୁ ପ୍ରସ୍ତାବ ଦେଇଥିଲେ।

### ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ
### ୨୦୨ ପଞ୍ଚାୟତ ପାଇଁ ୧୯୫୭ ପ୍ରକଳ୍ପ ମଞ୍ଜୁର

ଭୁବନେଶ୍ୱର, ୨୭।୯(ବ୍ୟୁରୋ): ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୯ଟି ଜିଲାର ୧୦ବ୍ଲକ ପାଇଁ ୪୬.୭୮କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। ସୁନ୍ଦରଗଡ ଜିଲାର ବାଲିଶଙ୍କରା, ଜଗତ୍‌ସିଂହପୁର ଜିଲାର ବାଲିକୁଦା, ନୟାଗଡ ଜିଲାର ଓଡଗାଁ, ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା, ସମ୍ବଲପୁର ଜିଲାର ଜୁଜୁମୁରା, କେନ୍ଦୁଝର ଜିଲାର ବାଂଶପାଳ ଓ ଆନନ୍ଦପୁର, ଗଞ୍ଜାମ ଜିଲାର ବେଲଗୁଣ୍ଠା(ସୋରଡା-କୁଲାଡ଼ି), ନବରଙ୍ଗପୁର ଜିଲାର ଡାବୁଗାଁ ଓ କନ୍ଧମାଳ ଜିଲାର ତୁମୁଡିବନ୍ଧ ବ୍ଲକର ବିଭିନ୍ନ ପଞ୍ଚାୟତ ପାଇଁ ୧୯୫୭ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ବାଲିଶଙ୍କରା ବ୍ଲକର ୧୯ପଞ୍ଚାୟତ ପାଇଁ ୩.୮୦କୋଟି ଟଙ୍କାରେ ୧୨୬ପ୍ରକଳ୍ପ, ବାଲିକୁଦା ବ୍ଲକର ୩୦ପଞ୍ଚାୟତ ପାଇଁ ୬.୫୦କୋଟି ଟଙ୍କାରେ ୪୧୬ ପ୍ରକଳ୍ପ, ଓଡଗାଁ ବ୍ଲକର ୩୬ପଞ୍ଚାୟତ ପାଇଁ ୮.୨୫କୋଟି ଟଙ୍କାରେ ୩୭୫ପ୍ରକଳ୍ପ, ଠାକୁରମୁଣ୍ଡା ବ୍ଲକର ୧୮ ପଞ୍ଚାୟତ ପାଇଁ ୪.୫୦କୋଟି ଟଙ୍କାରେ ୨୦୧ ପ୍ରକଳ୍ପ, ଜୁଜୁମୁରା ବ୍ଲକର ୧୮ପଞ୍ଚାୟତ ପାଇଁ ୪.୧୪କୋଟି ଟଙ୍କାରେ ୨୧୭ପ୍ରକଳ୍ପ, ବାଂଶପାଳ ବ୍ଲକର ୨୧ପଞ୍ଚାୟତ ପାଇଁ ୪.୬୨କୋଟି ଟଙ୍କାରେ ୧୪୭ ପ୍ରକଳ୍ପ, ଆନନ୍ଦପୁର ବ୍ଲକର ୧୮ ପଞ୍ଚାୟତ ପାଇଁ ୪.୭୨କୋଟି ଟଙ୍କାରେ ୧୩୦ ପ୍ରକଳ୍ପ, ବେଲଗୁଣ୍ଠା ବ୍ଲକର ୧୯ ପଞ୍ଚାୟତ ପାଇଁ ୪.୭୫କୋଟି ଟଙ୍କାରେ ୧୪୭ପ୍ରକଳ୍ପ, ଡାବୁଗାଁ ବ୍ଲକର ୧୨ ପଞ୍ଚାୟତ ପାଇଁ ୩କୋଟି ଟଙ୍କାରେ ୧୩୦ପ୍ରକଳ୍ପ ଓ ତୁମୁଡିବନ୍ଧ ବ୍ଲକର ୧୧ ପଞ୍ଚାୟତ ପାଇଁ ୨.୫୦କୋଟି ଟଙ୍କାରେ ୬୪ପ୍ରକଳ୍ପକୁ ମଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ମିଶାଇ ମୁଖ୍ୟମନ୍ତ୍ରୀ ରାଜ୍ୟର ୨୧୦ବ୍ଲକର ୪୫୭୫ ପଞ୍ଚାୟତର ଜନସାଧାରଣଙ୍କ ସହ ଆଲୋଚନା ମାଧମରେ ୪୧୯୩୨ ପ୍ରକଳ୍ପ ମଞ୍ଜୁର କରିଛନ୍ତି।

# ଧର୍ମଗଡ଼ରେ ରାଜ୍ୟର ପ୍ରଥମ କୌଶଳ ବିକାଶ କେନ୍ଦ୍ର ଉଦ୍‌ଘାଟିତ

■ରାଜ୍ୟର ସବୁ ଜିଲାରେ ଏହି କେନ୍ଦ୍ର ଖୋଲିବ: ଧର୍ମେନ୍ଦ୍ର
■ଶିକ୍ଷିତ ବେକାର ଯୁବକମାନଙ୍କ ପାଇଁ ସହାୟକ ହେବ: ଶ୍ରୀଶ୍ରୀ ରବିଶଙ୍କର

ଧର୍ମଗଡ଼,୨୭।୯(ଡି.ଏନ.ଏ.)



କୌଶଳ ବିକାଶ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କଳାହାଣ୍ଡି ଜିଲା ଧର୍ମଗଡଠାରେ ଆର୍ଟ ଅଫ୍ ଲିଭିଂ ଏବଂ ଭାରତ ସରକାରଙ୍କ କୌଶଳ ବିକାଶ ମନ୍ତ୍ରାଣାଳୟର ମିଳିତ ସହଯୋଗରେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସହ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଏକ ମହାସତ୍‌ସଙ୍ଗର ମଧ୍ୟ ଆୟୋଜନ ହୋଇଥିଲା ।

ପଶ୍ଚିମ ଓଡ଼ିଶାର ଯୁବ ଶକ୍ତିର ସମାଜ ଉପଯୋଗୀ, ରୋଜଗାରକ୍ଷମ ଦକ୍ଷତାର ସମ୍ପୂର୍ଣ୍ଣ ବିକାଶରେ ଏହି କେନ୍ଦ୍ର ସହାୟକ ହେବ । ଏହି କେନ୍ଦ୍ରରେ ବିଭିନ୍ନ ବିଭାଗର କୌଶଳ ବିକାଶର ତାଲିମ ପ୍ରଦାନ କରାଯିବ ଏବଂ ଏହି କେନ୍ଦ୍ର କଳାହାଣ୍ଡି ଜିଲାର ବିକାଶଧାରାରେ ଆଉ ଏକ ନୂତନ ଅଧ୍ୟାୟ ଯୋଡିହେଲା । ରାଜ୍ୟର ପ୍ରତି ଜିଲାରେ ଏପରି କେନ୍ଦ୍ର ଖୋଲିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଅବସରରେ କହିଛନ୍ତି । ସେ ପୁଣି କହିଲେ, ତୈଳ ଦର ନିୟନ୍ତ୍ରଣ ପାଇଁ ଓଡିଶା ସମେତ ବିଭିନ୍ନ ରାଜ୍ୟକୁ ଟ୍ୟାକ୍ସ କମାଇବା ପାଇଁ ଅନୁରୋଧ କରାଯାଇଛି। ଟ୍ୟାକ୍ସ କମିଲେ ଦର ନିୟନ୍ତ୍ରଣ ହେବ। କଳାହାଣ୍ଡି ଜିଲାର ଧର୍ମଗଡ ସମେତ ଯେଉଁ ସ୍ଥାନରେ ଗ୍ୟାସ୍ ଏଜେନ୍ସି ବନ୍ଦ ଅଛି ତାହା ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ଓଡିଶାର ଯୁବକମାନଙ୍କ ପାଖରେ ବହୁ ପ୍ରତିଭା ରହିଛି । ସେମାନେ ଖୁବ ପରିଶ୍ରମୀ । ଏହି ଯୁବକମାନଙ୍କୁ ନିଯୁକ୍ତି ସୁଯୋଗ ମିଳିଲେ ଆଗକୁ ଯାଇପାରିବେ ବୋଲି ଶ୍ରୀଶ୍ରୀ ରବିଶଙ୍କର କହିଛନ୍ତି । ଏହି କୌଶଳ କେନ୍ଦ୍ର ଏଠାକାର ଶିକ୍ଷିତ ବେକାର ଯୁବକମାନଙ୍କ ପାଇଁ ବହୁ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ ।

ଏହି ଉଦ୍‌ଘାଟନୀ ଉତ୍ସବ ପାଇଁ ବଣ୍ଟାଯାଇଥିବା ନିମନ୍ତ୍ରଣପତ୍ରରେ ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, କଳାହାଣ୍ଡି ଏମ୍‌ପି ଅର୍କ କେଶରୀ ଦେଓ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସଙ୍କ ନାମ ଛପାଯାଇଥିଲା । ଭକ୍ତ ଦାସ ଏହି କାର୍ଯ୍ୟକ୍ରମ ଭାଜପାର ବୋଲି କହି ଆସିବାକୁ ମନା କରି ଦେଇଥିଲେ। ୨ ବିଧାୟକ ଓ ଏମ୍‌ପି ବି ଆସି ନ ଥିଲେ । ଏ ସମ୍ପର୍କରେ ଉଭୟ ବିଧାୟକଙ୍କୁ ପଚାରିବାରୁ ଏହା ଏକ ଆଧ୍ୟାତ୍ମିକ ମହାସତ୍‌ସଙ୍ଗ କାର୍ଯ୍ୟକ୍ରମ ଏବଂ ଗୁରୁଜୀଙ୍କ ପ୍ରତି ଆମର ସମ୍ମାନ ଅଛି। ତାଙ୍କ ଆଦର୍ଶରେ ଆମେ ସମସ୍ତେ ଅନୁପ୍ରାଣିତ ହେବା ଉଚିତ୍। ସେଥିପାଇଁ ଆମେ ଆଗରୁ ସେଠାକୁ ଯିବା ପାଇଁ ନିଷ୍ପତ୍ତି ନେଇଥିଲୁ, କିନ୍ତୁ ଏଠାରେ ଭାଜପା ଦଳୀୟ କାର୍ଯ୍ୟକ୍ରମ ଭଳି ମନେହେଲା। ଚାରିଆଡେ ଭାଜପା ପତାକା ଛାଇ ହୋଇଯାଇଥିଲା ଏବଂ ଏହି କାର୍ଯ୍ୟକ୍ରମକୁ ରାଜନୀତିକରଣ କରାଗଲା । ସେଥିପାଇଁ ଆମେ ସେଠାକୁ ଯିବା ଉଚିତ ମନେ କଲୁ ନାହିଁ ବୋଲି ବିଧାୟକଦ୍ୱୟ କହିଛନ୍ତି। ଆର୍ଟ ଅଫ୍ ଲିଭିଂର ବରିଷ୍ଠ କର୍ମକର୍ତ୍ତା ଭୋଳାନାଥ ଜେନାଙ୍କୁ ପଚାରିବାରୁ ସେ କହିଲେ, ଏହା ଏକ ଆଧ୍ୟାତ୍ମିକ ମହା ସତ୍‌ସଙ୍ଗ କାର୍ଯ୍ୟକ୍ରମ । ଭାରତ ସରକାରଙ୍କ କୌଶଳ ବିକାଶ ମନ୍ତ୍ରାଣାଳୟର ପକ୍ଷରୁ ଏହା କରାଯାଇଛି। ଆମେ ଜିଲାର ସମସ୍ତ ପୂର୍ବତନ ଏବଂ ବର୍ତ୍ତମାନର ଏମ୍‌ପି, ବିଧାୟକଙ୍କୁ ସମ୍ମାନ ଜଣାଇ ଡାକିଥିଲୁ। କିନ୍ତୁ ସେମାନେ ତାଙ୍କ ବ୍ୟକ୍ତିଗତ କାରଣ ଯୋଗୁ ଆସି ପାରି ନାହାନ୍ତି।

ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସମେତ ପଡୋଶୀ ନବରଙ୍ଗପୁର, କୋରାପୁଟ, ନୂଆପଡା, ବଲାଙ୍ଗୀର ଜିଲା ତଥା ପଡୋଶୀ ଛତିଶଗଡରୁ ଗୁରୁଙ୍କ ବହୁ ଶିଷ୍ୟ ତଥା ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଗିରଫ ଓପେପା ଅଧିକାରୀଙ୍କ ମା'ଙ୍କ ଆତ୍ମହତ୍ୟା

■୪ର୍ଥ ମହଲାରୁ ଡେଇଁପଡ଼ିଲେ
■ଅର୍ଥାଭାବରୁ ମାନସିକ ଚିନ୍ତାରେ ଥିଲେ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

କିଛିଦିନ ତଳେ ଲାଞ୍ଚ ନେଇ ଗିରଫ ହୋଇଥିବା ନିଲମ୍ବିତ ଓପେପା ଆକାଉଣ୍ଟସ ଅଧିକାରୀ ନଳିନୀ ପୃଷ୍ଟିଙ୍କ ମା' ଦେବକୀ ପୃଷ୍ଟି ଗୁରୁବାର ଆତ୍ମହତ୍ୟା କରିଛନ୍ତି। ଶହୀଦନଗର ଥାନା ଅନ୍ତର୍ଗତ ଜୟଦେବବିହାରରେ ଥିବା ଉତ୍କଳ ଭିଲ୍ଲା ଆପାର୍ଟମେଣ୍ଟରେ ଦେବକୀ ସ୍ୱାମୀଙ୍କ ସହିତ ରହୁଥିଲେ। ଗୁରୁବାର ଅପରାହ୍ନରେ ସେ ଆପାର୍ଟମେଣ୍ଟର ଚତୁର୍ଥ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ମାମଲା(୬୪/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି। ତାଙ୍କ ଘରୁ ପୋଲିସ ଏକ ଚିଠି ଜବତ କରିଛି। ଅର୍ଥାଭାବ ସାଙ୍ଗକୁ ସ୍ୱାମୀଙ୍କ ପାଇଁ ଔଷଧ କିଣିବା ଏବଂ ପରିବାର ଚଳାଇବା ଲାଗି ଟଙ୍କା ନ ଥିବାରୁ ସେ ମାନସିକ ଚିନ୍ତାରେ ଥିଲେ। ଏଥିପାଇଁ ସେ ଆତ୍ମହତ୍ୟା କରିଥିବା ଚିଠିରେ ଉଲ୍ଲେଖ ରହିଛି ବୋଲି ଡିସିପି ଅନୁପ ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ଦେବକୀଙ୍କ ସ୍ୱାମୀ କିଛିଦିନ ହେବ ରୋଗାକ୍ରାନ୍ତ ଥିଲେ। ଉଭୟେ ଉକ୍ତ ଆପାର୍ଟମେଣ୍ଟରେ ୭ବର୍ଷ ହେବ ରହୁଥିଲେ। ଦେବକୀଙ୍କ ଝିଅ ନଳିନୀ ଓପେପା ଆକାଉଣ୍ଟସ ଅଫିସର ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ଜ୍ୱାଇଁ ତଥା ନଳିନୀଙ୍କ ସ୍ୱାମୀ ବିଜୟ କେତନ ସାହୁ ଛତ୍ରପୁର ତହସିଲଦାର ଥିଲେ। କିନ୍ତୁ ଗତ କିଛିଦିନ ତଳେ ଲାଞ୍ଚନେବା ଅଭିଯୋଗରେ ଭିଜିଲାନ୍ସ ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଗିରଫ କରିବା ପରେ ଦେବକୀ ଚିନ୍ତାଗ୍ରସ୍ତ ହୋଇପଡ଼ିଥିଲେ। ସେପଟେ ସ୍ୱାମୀ ରୋଗାଗ୍ରସ୍ତ ଥିବାରୁ ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇପଡିଥିଲା। ସ୍ୱାମୀଙ୍କ ଚିକିତ୍ସା ପାଇଁ ମଧ୍ୟରେ ପାଖରେ ଟଙ୍କାଟିଏ ନ ଥିଲା। ଏହାକୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା, ଯେଉଁଥିପାଇଁ ଦେବକୀ ମାନସିକ ଅଶାନ୍ତିରେ ରହୁଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ସେ ରୋଷେଇ କରିବା ପରେ କିଛି ସମୟ ପାଇଁ ସ୍ୱାମୀଙ୍କ ସହ କଥା ହୋଇଥିଲେ। ଏହା ପରେ ସେ ହଠାତ୍ ଆପାର୍ଟମେଣ୍ଟର ଚତୁର୍ଥ ମହଲାରୁ ଡେଇଁ ପଡିଥିଲେ। ଦେବକୀ ତଳେ ପଡିବା ପରେ ତାଙ୍କ ମୁଣ୍ଡ ଓ ଛାତି ମାଡ ହେବାଦ୍ୱାରା ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

# ସଚେତନତା ରଥର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

■ପ୍ରଥମ ପର୍ଯ୍ୟାୟରେ ୧୦ ଜିଲାରେ ବୁଲିବ
■ମାସକ ମଧ୍ୟରେ ୪୫ ଲକ୍ଷ ହିତାଧିକାରୀ ମାଗଣା ସ୍ୱାସ୍ଥ୍ୟସେବା ପାଇଛନ୍ତି

ଭୁବନେଶ୍ୱର,୨୭।୯(ବ୍ୟୁରୋ)



ଗରିବ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିବା ସକାଶେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଚାର ରଥ ସମଗ୍ର ରାଜ୍ୟରେ ବୁଲିବ। ଏହି ପ୍ରଚାର ରଥକୁ ଗୁରୁବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି। ଏହିରଥ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରେ ବିଜୁ ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବ। ପ୍ରଥମ ପର୍ଯ୍ୟାୟରେ ଏହି ରଥ ଗଞ୍ଜାମ, ଖୋର୍ଦ୍ଧା, ସମ୍ବଲପୁର, ସୁନ୍ଦରଗଡ଼, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, କଟକ, ବଲାଙ୍ଗୀର ଆଦି ୧୦ ଜିଲାରେ ପ୍ରଚାର କରିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ରଥ ଅନ୍ୟ ଜିଲାଗୁଡିକରେ ବୁଲି ଲୋକଙ୍କୁ ସଚେତନ କରାଇବ। ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ଏହି ରଥ ମାଧ୍ୟମରେ ଯୋଜନା ବିଷୟରେ ସମସ୍ତ ତଥ୍ୟ ଲୋକମାନଙ୍କ ନିକଟରେ ପହଞ୍ଚାଯିବ। ଗାଁ ଲୋକକଳା ସଂଘ ଓ ସହରାଞ୍ଚଳ ଲୋକକଳା ସଂଘ ସଦସ୍ୟମାନେ ସ୍ଥାନୀୟ ଭାଷାରେ ଅଭିନୟ ମାଧ୍ୟମରେ ଏହି ଯୋଜନାର ମଧ୍ୟ ପ୍ରଚାର କରିବେ। ବିଭିନ୍ନ ବର୍ଗର ଲୋକମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ଜିଲା ଚିକିତ୍ସାଳୟ ପର୍ଯ୍ୟନ୍ତ ବିନା ମୂଲ୍ୟରେ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ । ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିବା ଓଡ଼ିଶାର ୭୦ ଲକ୍ଷ ପରିବାରକୁ ଜଣ ପିଛା ୫ ଲକ୍ଷ ଓ ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯିବ। ବିଜୁ କୃଷକ କଲ୍ୟାଣ ଯୋଜନା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା ଏବଂ ଓଡ଼ିଶା ରାଜ୍ୟ ଚିକିତ୍ସା ବୀମା ପାଇଁ ଯୋଗ୍ୟ ବିବେଚିତ ସମସ୍ତ ପରିବାର ଏହି ଯୋଜନାରେ ସାମିଲ ହୋଇଛନ୍ତି। ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ଏହି ଯୋଜନା ମାସକ ମଧ୍ୟରେ ୪୫ ଲକ୍ଷ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିବା ମନ୍ତ୍ରୀ କହିଛନ୍ତି।

# ଆନ୍ଦୋଳନରୁ ଓହରିଲେ ଅଗ୍ନିଶମ କର୍ମଚାରୀ

## ଗୃହ ବିଭାଗ ଅତିରିକ୍ତ ସଚିବଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

୬ ଦଫା ଦାବିରେ ହାବିଲଦାର ଓ ଅଗ୍ନିଶମ କର୍ମଚାରୀ ସଂଘ ପକ୍ଷରୁ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଗୁରୁବାର ପ୍ରତ୍ୟାହୃତ ହୋଇଛି। ଗୁରୁବାର ସଂଘର ୫ଜଣିଆ ସଦସ୍ୟ ଗୃହ ବିଭାଗର ଅତିରିକ୍ତ ସଚିବ ଅସିତ ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ । ସଚିବ ସେମାନଙ୍କ ଦାବି ପୂରଣ ଲାଗି ପ୍ରତିଶ୍ରୁତି ଦେବା ପରେ ସଂଘ ଆନ୍ଦୋଳନରୁ ଓହରିଯାଇଥିବା ସଂଘର ଆବାହକ ଅକ୍ଷୟ ପ୍ରଧାନ କହିଛନ୍ତି। ଏହାସହ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛି।

ଓଡ଼ିଶା ପୋଲିସ କର୍ମଚାରୀଙ୍କ ସହିତ ସମାନ ଦରମା ଓ ଭତ୍ତା, ଜବ୍ ଚାର୍ଟ ନିର୍ଘଣ୍ଟ, ଖାଲି ପଦବୀ ପୂରଣ, ଠିକା ବ୍ୟବସ୍ଥା ଉଚ୍ଛେଦ ତଥା ସଂଘକୁ ସରକାରୀ ପଞ୍ଜୀକରଣ କରିବା, ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ଏବଂ କ୍ୟାଡର ପୁନର୍ଗଠନ କରିବା ଦାବି ନେଇ ସଂଘ ପକ୍ଷରୁ ଅନେକ ଥର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କିନ୍ତୁ ସରକାର ଏ ଦିଗରେ ପଦକ୍ଷେପ ନ ନେବାରୁ ସଂଘ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏଥିରେ ରାଜ୍ୟର ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ସାମିଲ ହୋଇଥିଲେ। ଅନ୍ୟପଟେ ଏହି ଆନ୍ଦୋଳନ ଯୋଗୁ ଅନେକ ଧନଜୀବନ କ୍ଷତି ହୋଇଛି। ମୟୂରଭଞ୍ଜ ଜିଲା ମୋରଡା ବ୍ଲକ୍ ଡାକୋଇ ଗାଁରେ ଜଣେ ୨ ବର୍ଷର ଶିଶୁପୁତ୍ର ପ୍ରତ୍ୟୁଷ ଘର ନିକଟରେ ଖେଳୁଥିବା ବେଳେ କୂଅରେ ପଡିଯାଇଥିଲେ। ଏ ନେଇ ପରିବାର ଲୋକେ ଅଗ୍ନିଶମ କର୍ମଚାରୀଙ୍କୁ ସହାୟତା ପାଇଁ ଫୋନ କରିଥିଲେ ମଧ୍ୟ ଆନ୍ଦୋଳନ ଚାଲିଥିବାରୁ ସେମାନେ ଯାଇପାରିବେ ନାହିଁ ବୋଲି କହିଥିଲେ। ଫଳରେ ଶିଶୁଟିର ମୃତ୍ୟୁ ଘଟିଥିଲା। ସେହିଭଳି ଦଶପଲ୍ଲା ଥାନା ଅଧୀନ ଶ୍ରୀରାମପୁର ଗାଁରେ ଅଗ୍ନିକାଣ୍ଡ ଘଟିବା ବେଳେ ଗ୍ରାମବାସୀ ଦଶପଲ୍ଲା ଅଗ୍ନିଶମ କର୍ମଚାରୀଙ୍କୁ ଫୋନ୍ କରିଥିଲେ ମଧ୍ୟ କୌଣସି ସହାୟତା ମିଳି ନ ଥିଲା। ଏହି ଘଟଣା ପାରେ କାର୍ଯ୍ୟରେ ଅବହେଳା ତଥା ଚାକିରିରେ ବିଶୃଙ୍ଖଳିତ ଆଚରଣ ପାଇଁ ୬ଜଣ ଅଗ୍ନିଶମ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ମୟୂରଭଞ୍ଜ ଜିଲା ଚିତ୍ରଡା ଅଗ୍ନିଶମ କେନ୍ଦ୍ରର ୨ଜଣ, ଦଶପଲ୍ଲାର ୨ଜଣ ଓ ବାଲିଆପାଳର ୨ଜଣ ନିଲମ୍ବିତ ହୋଇଥିଲେ। ତେବେ ସେମାନଙ୍କ ଉପରୁ ନିଲମ୍ବନ ଆଦେଶ ଉଠାଇବା ପାଇଁ ସଂଘ ପକ୍ଷରୁ ଅତିରିକ୍ତ ସଚିବ ଅସୀତ ତ୍ରିପାଠୀଙ୍କୁ କୁହାଯାଇଛି। ସେ ଏହା ଉପରେ ବିଚାର କରି ନିଷ୍ପତ୍ତି ନେବେ ବୋଲି କହିଥିବା ଆବାହକ ଅକ୍ଷୟ କହିଛନ୍ତି। ଅନ୍ୟପଟେ ସରକାର ନିଜର ପ୍ରତିଶ୍ରୁତି ପାଳନ ନ କଲେ ସଂଘ ପୁଣି ଥରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।







■ ଉଜ୍ଜ୍ୱଳା ସଂଯୋଗରେ ଅନିୟମିତତା

# ସ୍ପଷ୍ଟୀକରଣ ଦେଲେ ତୈଳ ବିପଣନ କମ୍ପାନୀ

ଭୁବନେଶ୍ୱର,୨୭।୯

ନିକଟରେ କେନ୍ଦ୍ରାପଡାର ରାଜନଗର ଅଞ୍ଚଳରେ ଉଜ୍ଜଳା ସଂଯୋଗରେ ଜାଲିଆତି ହୋଇଥିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ଆସିବା ପରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ପକ୍ଷରୁ ଏହାକୁ ନେଇ ତଦନ୍ତ ହୋଇଛି। ବ୍ୟକ୍ତିଙ୍କ ନାମ ଜାଲିଆତି କରି ଅନ୍ୟ ନାମରେ ସଂଯୋଗ ପ୍ରଦାନ କରାଯାଇଥିବା ଘଟଣା ନଜରକୁ ଆସିଛି। ଏଭଳି ପ୍ରାୟ ୧୨୦୬ ସଂଯୋଗ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ କେନ୍ଦ୍ରାପଡାରେ ୨୬ ଏଜେନ୍ସି କାର୍ଯ୍ୟ କରୁଥିବା ବେଳେ ବେଆଇନ୍ କାର୍ଯ୍ୟରେ ଲିପ୍ତ ଥିବା ଗୋଟିଏ ଏଜେନ୍ସିର ଲାଇସେନ୍ସ ରଦ୍ଦ କରାଯାଇଥିବା ଇଣ୍ଡିଆନ ଅଏଲ କର୍ପୋରେଶନର ଚିଫ୍ ଜେନେରାଲ ମ୍ୟାନେଜର ପ୍ରତିଶ ଭରତ ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏଭଳି ଜାଲିଆତି ସାମ୍ନାକୁ ଆସିବା ପରେ କେନ୍ଦ୍ରାପଡାରେ ୨୬ଟି ଟିମ୍ ତଦନ୍ତ କରିଥିବା ସେ ସୂଚନା ଦେଇଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ଉଜ୍ଜ୍ୱଳାର ନୂଆ ସଂଯୋଗ ପ୍ରଦାନ ପ୍ରାୟ ୪ ଦିନ ବନ୍ଦ ରହିଥିଲା। ମାତ୍ର ଲାଇସେନ୍ସ ବାତିଲ ହୋଇଥିବା ଏଜେନ୍ସି ସ୍ଥାନରେ ବିକଳ୍ପ ଭାବେ ଅନ୍ୟ ୪ ଏଜେନ୍ସିକୁ କାର୍ଯ୍ୟଭାର ପ୍ରଦାନ କରାଯାଇଛି। ଅନ୍ୟ କନେକ୍ସନ ଧାରା ଏବଂ ଡେଲିଭରି ବର୍ତ୍ତମାନ ସ୍ୱାଭାବିକ ରହିଥିବା ସେ ସୂଚନା ଦେଇଛନ୍ତି। ଅଭିଯୋଗ ପରେ ମାର୍କେଟିଂ ଡିସିପ୍ଲିନ ଗାଇଡଲାଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ତଦନ୍ତ ପ୍ରକ୍ରିୟା ଜାରି ରହିଛି। କେନ୍ଦ୍ରାପଡାରେ ବର୍ତ୍ତମାନ ଉକ୍ତ ଯୋଜନାରେ ୧.୧୫ ଲକ୍ଷ ହିତାଧିକାରୀ ରହିଥିବା ବେଳେ ସାରା ରାଜ୍ୟରେ ୩୪ ଲକ୍ଷ ହିତାଧିକାରୀ ରହିଛନ୍ତି। ସାରା ରାଜ୍ୟରେ ବର୍ତ୍ତମାନ ୮୦୬ ଏଜେନ୍ସି ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜଣାଯାଇଛି। କାର୍ଯ୍ୟକ୍ରମରେ ଆଇଓସିଏଲ୍ ଏଲପିଜି ଜିଏମ୍ ସଞ୍ଜୟ ଝା, ଏଚପିସିଏଲ୍ ଏଲପିଜି ଷ୍ଟେଟ ହେଡ୍ ଧର୍ମେନ୍ଦ୍ର ବେହୁରା, ବିପିସିଏଲ୍ ଏଲପିଜି ଷ୍ଟେଟ ହେଡ୍ ସଞ୍ଜୟ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଆମ ହୃଦୟରେ କୃତଜ୍ଞତାର ଶୁଦ୍ଧ ଅଗ୍ନିଶିଖା ସର୍ବଦା ପ୍ରଜ୍ଜ୍ୱଳିତ ରହିବା ଉଚିତ। ତା'ହେଲେ ସେହି ଶିଖାର ଉଷ୍ମ, ଉଜ୍ଜ୍ୱଳ ଓ ମଧୁର ଆଲୋକରେ ଆମର ସମସ୍ତ ଅହଂକାର ଓ ଅଜ୍ଞାନ ମିଳେଇ ଯିବ। - ଶ୍ରୀମା



# ଜବରଦସ୍ତ ମିଶ୍ରଣ

କେନ୍ଦ୍ର ସରକାର ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକର ସଂଖ୍ୟା ୫୬ରୁ ୩୬କୁ ହ୍ରାସ କରିବାକୁ ଯାଉଛନ୍ତି। ତିନୋଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯଥା ବ୍ୟାଙ୍କ ଅଫ୍ ବରୋଦା, ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କର ମିଶ୍ରଣ ପାଇଁ ସରକାର ନେଇଥିବା ନିଷ୍ପତ୍ତି ପରିପ୍ରେକ୍ଷୀରେ ଏହି ନିଷ୍ପତ୍ତିର ଗୁରୁତ୍ୱ ରହିଛି। ଦେଶର ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ସୁଦୃଢ଼ୀକରଣ ପାଇଁ ବହୁମୁଖୀ ସରକାରୀ କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ସେବାରୁ ପ୍ରାୟତଃ ବଞ୍ଚିତ ରହୁଥିବା ଗ୍ରାମାଞ୍ଚଳର ଗରିବ, କୃଷି ଶ୍ରମିକ, କୃଷକ, କାରିଗର ପ୍ରଭୃତିଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ଲକ୍ଷ୍ୟରେ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ପ୍ରତିଷ୍ଠା କରାଯାଇଥିଲା। ଏହି ବ୍ୟାଙ୍କଗୁଡ଼ିକ ଛୋଟ ଛୋଟ ସହରରେ ପ୍ରତିଷ୍ଠିତ ହୋଇଥିଲା, ଯାହାଫଳରେ ବିଶେଷତଃ ଗ୍ରାମାଞ୍ଚଳର ଲୋକମାନେ ବ୍ୟାଙ୍କ ସେବା ପାଇପାରିବେ। ଏହି ବ୍ୟାଙ୍କଗୁଡ଼ିକ ବାହାରକୁ ସମବାୟ ସଂସ୍ଥା ଭଳି ଦେଖାଯାଉଥିଲେ ମଧ୍ୟ ଆର୍ଥିକ ସେବା ପ୍ରଦାନରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକଠାରୁ କମ୍ ନୁହନ୍ତି। ପ୍ରଶାସନିକ ବିକେନ୍ଦ୍ରୀକରଣ ଭଳି ଏହାକୁ ବ୍ୟାଙ୍କିଙ୍ଗ୍ ସେବାର ବିକେନ୍ଦ୍ରୀକରଣ କହିଲେ ଭୁଲ୍ ହେବ ନାହିଁ। ଦେଶର କେନ୍ଦ୍ରୀୟ ଓ ପୂର୍ବାଞ୍ଚଳରେ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ଉପଯୋଗିତା ସର୍ବାଧିକ ଅନୁଭୂତ ହେଉଥିଲା, କାରଣ ପଶ୍ଚିମ ଓ ଦକ୍ଷିଣ ଭାଗରେ ଅଧିକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଥିଲା।

ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ପୁନର୍ଗଠନର ଏହା ପ୍ରଥମ ପ୍ରୟାସ ନୁହେଁ। ଅତୀତରେ ମଧ୍ୟ ସରକାର ଏପରି ପଦକ୍ଷେପ ଗ୍ରହଣ କରିଥିଲେ। ୧୯୭୦ ଦଶକର ମଧ୍ୟଭାଗରେ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ପ୍ରତିଷ୍ଠା ହେବା ଦିନଠାରୁ ଅନେକ ପର୍ଯ୍ୟାୟରେ ଏଗୁଡ଼ିକର ପୁନର୍ଗଠନ କରାଯାଇଛି। ୨୦୦୬ ମସିହାରେ ସେଗୁଡ଼ିକର ସଂଖ୍ୟା ୧୯୬ରୁ ୧୩୩କୁ କମାଇ ଦିଆଯାଇଥିଲା। ତା'ପରେ ୨୦୧୨ରେ ୮୨କୁ କମାଗଲା ଏବଂ ସବା ଶେଷରେ ୫୬ରେ ସ୍ଥିର ରଖାଗଲା। ବର୍ତ୍ତମାନ ଏଗୁଡ଼ିକର ସଂଖ୍ୟା ଆହୁରି କମାଇ ୩୬ କରାଯିବାକୁ ମସୁଧା କରାଯାଉଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ କେନ୍ଦ୍ର ସରକାରଙ୍କ ଅଧୀନ ହୋଇଥିବା ବେଳେ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ପ୍ରତିଭୂ ବ୍ୟାଙ୍କର ଯୁଗ୍ମ ମାଲିକାନା ଅଧୀନ ହୋଇଥାନ୍ତି। ବର୍ତ୍ତମାନ ଏହି ବ୍ୟାଙ୍କଗୁଡ଼ିକର ସାରା ଦେଶରେ ପ୍ରାୟ ୨୧୦୦୦ ଶାଖା ରହିଛି ଏବଂ ୨୦୧୭ ମାର୍ଚ୍ଚ ସୁଦ୍ଧା ସେମାନଙ୍କର ମୋଟ ପୁଞ୍ଜିର ପରିମାଣ ପ୍ରାୟ ୩.୫ ଲକ୍ଷ କୋଟି ଟଙ୍କା ଥିଲା।

ଓଡ଼ିଶାରେ ଦୁଇ ପ୍ରକାର ଗ୍ରାମ୍ୟ ବ୍ୟାଙ୍କ ଅଛି, ଯଥା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ। ୨୦୧୩ ମସିହାରେ ରାଜ୍ୟ ସରକାର ତିନିଟି ଗ୍ରାମ୍ୟ ବ୍ୟାଙ୍କ, ଯଥା ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କ, ବୈତରଣୀ ଗ୍ରାମ୍ୟ ବ୍ୟାଙ୍କ ଓ କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କର ମିଶ୍ରଣ କରି ତାହାର ନାମ ଦେଇଥିଲେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି)। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ୧୩ଟି ଜିଲାରେ ୪୪୫ଟି ଶାଖା ରହିଛି ଏବଂ ଏହି ଜିଲାଗୁଡ଼ିକ ହେଉଛି ମୁଖ୍ୟତଃ ଉପକୂଳ ଓ ଉତ୍ତରାଞ୍ଚଳର ଜିଲା। ସେହିପରି ଋଷିକୁଲ୍ୟା ଗ୍ରାମ୍ୟ ବ୍ୟାଙ୍କ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ମିଶ୍ରଣ କରି ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ (ୟୁଜିବି) ପ୍ରତିଷ୍ଠା କରାଯାଇଥିଲା। ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ଜିଲାଗୁଡ଼ିକରେ ଏହାର ୪୪୨ଟି ଶାଖା ରହିଛି। ମାର୍ଚ୍ଚ ୨୦୧୭ ସୁଦ୍ଧା ରାଜ୍ୟର ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ମୋଟ ଶାଖା ସଂଖ୍ୟା ହେଉଛି ୯୮୦, ଯାହା ସେମାନଙ୍କ ୱେବ୍‌ସାଇଟରେ ଉପଲବ୍ଧ।

## ଆଜିର ଅର୍ଥନୀତି

ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକରେ କେନ୍ଦ୍ର ସରକାରଙ୍କ ଅଂଶଧନ ସବୁଠାରୁ ଅଧିକ ଥିବାରୁ ଏଗୁଡ଼ିକର ମିଶ୍ରଣ ଲାଗି ସର୍ବଶେଷ ନିଷ୍ପତ୍ତି ନେବାର ଅଧିକାର ଏହାର ରହିଛି। ଦକ୍ଷତା ଓ ଉତ୍ପାଦକତା ବୃଦ୍ଧି ଲାଗି ଏଗୁଡ଼ିକର ନେଟ୍‌ୱାର୍କ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ଚାହୁଁଛନ୍ତି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକର ମୋଟ ପରିବ୍ୟୟ ହ୍ରାସ ପାଇବା ସହ ପୁଞ୍ଜି ଭିତ୍ତି ମଧ୍ୟ ବୃଦ୍ଧି ପାଇବ। ସରକାରଙ୍କର ଏ ଯୁକ୍ତି ବିରୋଧରେ ଆମର କିଛି କହିବାର ନାହିଁ। କିନ୍ତୁ ସମସ୍ୟା ହେଉଛି, ସମସ୍ତ କର୍ପୋରେଟ୍ ପ୍ରଶାସନିକ ମାନଦଣ୍ଡକୁ ଉପେକ୍ଷା କରି କେନ୍ଦ୍ର ସରକାର ଏକତାଟିଆ ଭାବେ ଏଭଳି ମିଶ୍ରଣ ପର୍ବ ଆରମ୍ଭ କରିବାକୁ ଯାଉଛନ୍ତି। ଏହା କେନ୍ଦ୍ର ସରକାରଙ୍କର ସମ୍ପୂର୍ଣ୍ଣ ଏକପାଖିଆ ନିଷ୍ପତ୍ତି। ଏହା ମଧ୍ୟ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ। ଅନ୍ୟ ଅଂଶୀଦାର, ଯଥା ରାଜ୍ୟ ସରକାରଗୁଡ଼ିକ ସହ କେନ୍ଦ୍ର ସରକାର ଏ ବିଷୟରେ ଆଦୌ ଆଲୋଚନା କରିନାହାନ୍ତି। କେନ୍ଦ୍ର ସରକାର ନିଜର ଉକ୍ତ ନିଷ୍ପତ୍ତି ସମ୍ବନ୍ଧରେ ସମସ୍ତ ଅଧ୍ୟକ୍ଷ/ପରିଚାଳନା ନିର୍ଦ୍ଦେଶକଙ୍କ ପାଖକୁ ଚିଠି ଲେଖି ଅବଗତ କରାଇଛନ୍ତି। ଯଦି ଏ ନିଷ୍ପତ୍ତି କାର୍ଯ୍ୟକାରୀ ହୁଏ, ତେବେ ସମସ୍ତ ଛୋଟ ଛୋଟ ରାଜ୍ୟର ମାତ୍ର ଗୋଟିଏ ଗ୍ରାମ୍ୟ ବ୍ୟାଙ୍କ ରହିବ ଏବଂ ବଡ଼ ବଡ଼ ରାଜ୍ୟର ଦୁଇଟି। ଓଡ଼ିଶାର ଦୁଇଟି ଗ୍ରାମ୍ୟ ବ୍ୟାଙ୍କ ମଧ୍ୟରୁ ଗୋଟିଏ ରହିବ ବା ଦୁଇଟା ଯାକ ରହିବେ, ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

ଉକ୍ତ ମିଶ୍ରଣ ପର୍ବ ନିମନ୍ତେ ବିଧିବଦ୍ଧ ଭାବେ ଯୋଜନା ନ କରି ନିଷ୍ପତ୍ତି ନିଆଯାଇଛି। ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ମୁଖ୍ୟତଃ ଗରିବ ଗ୍ରାମୀଣ ଗ୍ରାହକଙ୍କୁ ସେବା ଯୋଗାଇଥାନ୍ତି। ତେବେ ଉକ୍ତ ସଂଖ୍ୟା ହ୍ରାସ ଦ୍ୱାରା ଗ୍ରାହକମାନେ ଉପକୃତ ହେବେ କି ନା ସେ ବାବଦରେ ଏକ ପ୍ୟାନେଲ ଗଠନ କରି ଆକଳନ କରାଯାଇ ନାହିଁ। ଆଶଙ୍କା ଉପୁଜୁଛି ଯେ, ଉକ୍ତ କେନ୍ଦ୍ରୀକରଣ ଦ୍ୱାରା ଗ୍ରାମୀଣ ବ୍ୟାଙ୍କଗୁଡ଼ିକର ସ୍ଥାନୀୟ ଚରିତ୍ର ଲୋପ ପାଇବ, ଯାହାଫଳରେ ଗ୍ରାହକମାନେ କ୍ଷତିଗ୍ରସ୍ତ ହେବେ। କେନ୍ଦ୍ର ସରକାର ନିଜର ନିଷ୍ପତ୍ତିକୁ ଲଦି ଦେବା ପୂର୍ବରୁ ଏ ବାବଦରେ ସମସ୍ତ ଅଂଶୀଦାରଙ୍କ ସହ ପରାମର୍ଶ କରିବା ଉଚିତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ଗ୍ରାହକଙ୍କ ସ୍ୱାର୍ଥରକ୍ଷା କରିପାରିବ ତ? ତା' ନ ହେଲେ ଏ ଜବରଦସ୍ତ ମିଶ୍ରଣ ଓ ସଂଖ୍ୟାହ୍ରାସ ଦ୍ୱାରା ସେମାନଙ୍କ ପ୍ରତି ଅନ୍ୟାୟ ହେବ। ବୃହତ୍ତର ସଂସ୍କାର ଲାଗି ଅପେକ୍ଷାରତ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଲାଗି ଏଭଳି ନିଷ୍ପତ୍ତି ଶୁଭ ସୂଚକ ହୋଇ ନ ପାରେ।

# ଅତୀତର ଆଚାର୍ଯ୍ୟ ଓ ଆଜିର ଶିକ୍ଷକ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

କିଛିଦିନ ତଳେ ଧରିତ୍ରୀରେ ମୋର ଏକ ପ୍ରବନ୍ଧ 'ଗଧରୁ ମଣିଷ' ପ୍ରକାଶ ପାଇଥିଲା। ପ୍ରତ୍ୟେକ ମଣିଷ ବିଦ୍ୟାଳୟକୁ ଯିବା ପୂର୍ବରୁ ଜଣେ ଗଧ (ଅଜ୍ଞାନ ବା ମୂର୍ଖ ଅର୍ଥରେ) ଥାଏ। ଶିକ୍ଷକ ସେହି ଗଧମାନଙ୍କୁ ଶିକ୍ଷାଦାନ କରି ମଣିଷ କରନ୍ତି। ମାତ୍ର ସେହି ଗଧମାନେ ଉଚ୍ଚଶିକ୍ଷିତ ହେଲା ପରେ ମଣିଷ କରିଥିବା ସେହି ଶିକ୍ଷକମାନଙ୍କୁ ଭୁଲିଯାନ୍ତି। ପ୍ରବନ୍ଧଟିର ଏହି ବିଷୟବସ୍ତୁ ପାଠକରି ଜଣେ ପାଠକ ପ୍ରଶ୍ନ କରିଥିଲେ, ଏଭଳି ଘଟିବା ପଛରେ କ'ଣ ଶିକ୍ଷକମାନେ ଦାୟୀ ନୁହନ୍ତି। ଏହି ପ୍ରତିକ୍ରିୟାର ଉତ୍ତର ଦେବା ହେଉଛି ଏହି ନିବନ୍ଧର ଲକ୍ଷ୍ୟ। ପୂର୍ବକାଳରେ ଗୁରୁ-ଶିଷ୍ୟ ସମ୍ପର୍କ ଥିଲା ପିତା-ପୁତ୍ରର ସମ୍ପର୍କ ଭଳି। ଗୁରୁମାନେ ବିଦ୍ୟା ଦାନ କରୁଥିଲେ। ତା' ବଦଳରେ କୌଣସି ଅର୍ଥ ଶିଷ୍ୟମାନଙ୍କ ପାଖରୁ ଗ୍ରହଣ କରୁ ନ ଥିଲେ। ରାଜା ଅମର ଶକ୍ତିଙ୍କ ତିନି ଜଣ ଗଣ୍ଡମୂର୍ଖ ପୁଅଙ୍କୁ ଶିକ୍ଷା ଦାନ କରିବା ପାଇଁ ପଣ୍ଡିତ ବିଷ୍ଣୁଶର୍ମା ରାଜି ହୁଅନ୍ତେ ରାଜା ତାଙ୍କୁ ତାଙ୍କ ପାରିଶ୍ରମିକ ସମ୍ପର୍କରେ ପଚାରିଲେ। ପଣ୍ଡିତ ବିଷ୍ଣୁଶର୍ମାଙ୍କ ଉତ୍ତର ଥିଲା- 'ନାହଂ ବିଦ୍ୟା ବିକ୍ରୟଂ କରୋମି' ଅର୍ଥାତ୍ ମୁଁ ବିଦ୍ୟା ବିକ୍ରୟ କରେ ନାହିଁ। ଉପନିଷଦ୍ ଯୁଗରୁ ପ୍ରବାହିତ ଏହି ଶିକ୍ଷାଧାରାର ପ୍ରତିନିଧି ଥିଲେ ବିଷ୍ଣୁଶର୍ମା। ଆଜି ସମୟ ବଦଳିଯାଇଛି। ବିଦ୍ୟା ଆଉ ଦାନର ବିଷୟ ହୋଇ ନାହିଁ। ବିଦ୍ୟା ଆଜି ଏକ ପଣ୍ୟଦ୍ରବ୍ୟ। ଶିକ୍ଷକମାନେ ଶ୍ରେଣୀଗୃହରେ ସମର୍ପିତ ଭାବେ ଶିକ୍ଷାଦାନ କରୁନାହାନ୍ତି। ସେମାନେ ଖୋଲିଛନ୍ତି କୋଚିଂ ସେଣ୍ଟର, ଯାହାକୁ କୁହାଯାଇପାରେ ବିଦ୍ୟା ବିକ୍ରୟ କେନ୍ଦ୍ର। ଛାତ୍ରୀଛାତ୍ରମାନେ ପ୍ରଭୂତ ଅର୍ଥ ଦେଇ ଏହି କୋଚିଂ ସେଣ୍ଟରରେ ପାଠ ପଢ଼ନ୍ତି। ଏଣୁ ଆଜି ଛାତ୍ର-ଶିକ୍ଷକ ସମ୍ପର୍କ କ୍ରେତା-ବିକ୍ରେତାର ସମ୍ପର୍କରେ ପରିଣତ ହୋଇଛି। ପରବର୍ତ୍ତୀ ସମୟରେ ଛାତ୍ର ଉଚ୍ଚଶିକ୍ଷିତ ହୋଇ ଉଚ୍ଚ ପ୍ରତିଷ୍ଠିତ ହେଲେ ମଧ୍ୟ ଶିକ୍ଷକଙ୍କ ପ୍ରତି ତା'ର ଭକ୍ତି ରହୁନାହିଁ। କାରଣ ସେ ଜାଣେ ଅର୍ଥ ବିନିମୟରେ ସେ ଶିକ୍ଷକଙ୍କଠାରୁ ବିଦ୍ୟା ଲାଭ କରିଛି। ଏଣୁ ତା'ର କୃତଜ୍ଞ ଭାବ ରହୁନାହିଁ।

ଅତୀତରେ ଶିକ୍ଷକମାନଙ୍କୁ ଆଚାର୍ଯ୍ୟ କୁହାଯାଉଥିଲା। 'ଆଲୋଚ୍ୟ ସର୍ବଶାସ୍ତ୍ରାଣି ବିଚାର୍ଯ୍ୟ ଚ ପୁନଃ ପୁନଃ/ସ୍ୱୟଂ ଆଚରତେ ଯସ୍ମାତ୍ ସଃ ଆଚାର୍ଯ୍ୟଃ ଉଦୀରତଃ।' ଅର୍ଥାତ୍ ସମସ୍ତ ଶାସ୍ତ୍ରକୁ ବାରମ୍ବାର ଅଧ୍ୟୟନ କରି ଯିଏ ନିଜେ ତାକୁ ଆଚରଣ କରୁଥିଲେ ସେମାନଙ୍କୁ ଆଚାର୍ଯ୍ୟ କୁହାଯାଏ। ସେମାନେ ଥିଲେ ଉଚ୍ଚାରଣ ଓ ଆଚରଣର ଜୀବନ୍ତ ପ୍ରତୀକ। ପଣ୍ଡିତ ଗୋପବନ୍ଧୁଙ୍କ ସତ୍ୟବାଦୀ ବନବିଦ୍ୟାଳୟରେ ଯେଉଁମାନେ ଶିକ୍ଷକତା କରୁଥିଲେ, ସେମାନଙ୍କୁ ପଣ୍ଡିତ କୁହାଯାଉଥିଲା। କିନ୍ତୁ ସେହି ପଣ୍ଡିତମାନେ ସତ୍ୟବାଦୀରେ ଶିକ୍ଷକତା କରୁଥିବା ହରିହର ଦାସଙ୍କୁ ଆଚାର୍ଯ୍ୟ ବୋଲି ସମ୍ବୋଧନ କରୁଥିଲେ। କାରଣ ସେ ଥିଲେ ଆଚରଣସିଦ୍ଧ। ଥରେ ରଥଯାତ୍ରା ସମୟରେ ପୁରୀରେ ମେହେନ୍ତରମାନେ ନ ଥାନ୍ତି। ସେମାନେ ସୈନ୍ୟ ବିଭାଗରୁ ବେଶି ଟଙ୍କା ପାଇବା ପାଇଁ ସୈନ୍ୟବାହିନୀକୁ ଚାଲିଯାଇଥିଲେ। ରାସ୍ତାଘାଟ ସଫାସୁତୁରା କରିବା ପାଇଁ ମେହେନ୍ତର ଅଭାବ ପଡିଲେ। ସମସ୍ତେ ଚିନ୍ତିତ ହେଲେ କିପରି ରାସ୍ତାଘାଟ ସଫା ହେବ। ହଇଜା ଆଦି ସଂକ୍ରାମକ ରୋଗ ରଥଯାତ୍ରା ସମୟରେ ହେବାର ସମ୍ଭାବନା ଥିବାରୁ ନାଳନର୍ଦ୍ଦମା ପରିଷ୍କାର କରିବା ଆବଶ୍ୟକତା ଥାଏ। ସେତେବେଳେ ଆଚାର୍ଯ୍ୟ ହରିହର ନିଜ ହାତରେ କୋଦାଳ ଓ ଝୁଡ଼ି ଧରି ନର୍ଦ୍ଦମା ସଫା କରିବା ପାଇଁ ବାହାରିପଡିଲେ। ମନରେ ଟିକେ ମାତ୍ର ଘୃଣାଭାବ ନ ଥାଏ। ସେତେବେଳେ ତାଙ୍କର ବୟସ ଥାଏ ଷାଠିଏ। ଜଣେ ଏହି ବୟସରେ ଯେତେବେଳେ ଉତ୍ସାହର ସହ କାମରେ ଲାଗିପଡନ୍ତି, ଅନ୍ୟ ଯୁବକମାନେ ଯିବେ କୁଆଡେ। ଅନ୍ୟ କର୍ମୀମାନଙ୍କୁ ହରିହର କହନ୍ତି, ଏଥିରେ ଲଜ୍ଜା କରିବାର କ'ଣ ଅଛି? ଏ କାମ କଲେ କ'ଣ ସମ୍ମାନ ଚାଲିଯିବ? କାହାରି ପାଇଁ କିଛି ଅଟକେ ନାହିଁ। ମେହେନ୍ତରମାନେ ଯେଉଁ କାମ କରନ୍ତି ସେମାନଙ୍କ ଅନୁପସ୍ଥିତିରେ ସେ କାମ ଆମେ କରିନେବାରେ କ୍ଷତି କ'ଣ? ସେମାନେ ଯଦି ଏ କାମ ସବୁ କରିପାରୁଛନ୍ତି ତେବେ ଆମେ କାହିଁକି ନ କରିବା? ଆଚାର୍ଯ୍ୟ ହରିହର ଯାହା କହୁଥିଲେ ତାହା କରୁଥିଲେ।

ଛାତ୍ରାବାସରେ ରହୁଥିବା ଛାତ୍ରମାନଙ୍କୁ ହରିହର ଏତେ ଆତ୍ମୀୟତା ଭିତରେ ବାନ୍ଧି ରଖିଥାନ୍ତି ଯେ ସେମାନେ ଛୁଟିଦିନରେ ମଧ୍ୟ ଘରକୁ ଯିବା ପାଇଁ ଆଗ୍ରହୀ ହୁଅନ୍ତି ନାହିଁ। ଛାତ୍ରାବାସରେ କାହାକୁ ଜ୍ୱର ହେଲେ ସେ ପିତା ଭଳି ତା'ର ସେବାଶୁଶ୍ରୂଷା କରନ୍ତି। ସେ ଏପରି ସ୍ନେହ ମମତା ଦେଇ ଛାତ୍ରମାନଙ୍କୁ ଭଲପାଆନ୍ତି ଯେ କୌଣସି ଛାତ୍ର ଛାତ୍ରାବାସ ଛାଡି ଘରେ ରହିବାକୁ ପସନ୍ଦ କରନ୍ତି ନାହିଁ। ଆଚାର୍ଯ୍ୟ ହରିହର ଥିଲେ ଜଣେ ଛାତ୍ରବତ୍ସଳ ସମର୍ପିତ ଶିକ୍ଷକ। ଶିକ୍ଷାଦାନ କରିବା ଥିଲା ତାଙ୍କର ବ୍ରତ, ବୃତ୍ତି ନୁହେଁ। ସେ କୌଣସି ପ୍ରତିଷ୍ଠା ପାଇବା ପାଇଁ ଲାଳାୟିତ ନ ଥିଲେ। ଥରେ କେତେଜଣ ଛାତ୍ର ଆଚାର୍ଯ୍ୟ ହରିହରଙ୍କର ଏକ ମାର୍ବଲ ମୂର୍ତ୍ତି ନିର୍ମାଣ କରିବା ପାଇଁ ସିଦ୍ଧାନ୍ତ ନେଲେ। ସେମାନେ ଭଲ ଭାବେ ଜାଣିଥିଲେ ଆଚାର୍ଯ୍ୟ ସେଥିପାଇଁ ଆଦୌ ଆଗ୍ରହୀ ନୁହନ୍ତି। ତଥାପି ଜଣେ ଶିଳ୍ପୀଙ୍କ ସହ ପରାମର୍ଶ କରି କଲିକତାରୁ ଜଣେ ଶିଳ୍ପୀଙ୍କୁ ଡକାଗଲା। ଆଚାର୍ଯ୍ୟଙ୍କୁ ବସାଇ ଶିଳ୍ପୀ ମଡେଲଟିଏ ନିର୍ମାଣ କରିବା ପାଇଁ ପ୍ରସ୍ତୁତ ହେଲେ। ଛାତ୍ରମାନେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠାର ଇତିହାସ ବିଷୟ ଶୁଣିବା ପାଇଁ ଜିଦ୍ ଧରିଲେ। ସେ ଗୋଟିଏ ଚୌକିରେ ବସି ଏହା କହି ଚାଲିଲେ। ଶିଳ୍ପୀ ତାଙ୍କୁ କିଛି ସମୟ ଦେଖିସାରିବା ପରେ ଶରୀରର କିଛି ଅଂଶ ସ୍ୱଚକ୍ଷୁରେ ଦେଖିବା ପାଇଁ ଅପେକ୍ଷା କଲେ। ଛାତ୍ରମାନେ ଆଚାର୍ଯ୍ୟ ବସିଥିବା ଚୌକିକୁ ସାମାନ୍ୟ ବୁଲାଇଦେବାରୁ ଶିଳ୍ପୀ ଜଣକ ତାଙ୍କ ମୁହଁର ସବୁ ଅଂଶ ଦେଖି ପାରିଲେ। ମାତ୍ର ସବୁ ଉଦ୍ୟମ ପଣ୍ଡ ହେଲା। ଆଚାର୍ଯ୍ୟ ହରିହର ଏହା ଜାଣିପାରି ଚୌକିରୁ ଉଠିପଡି ଚାଲିଗଲେ। ତାଙ୍କର ସେହି ମୂର୍ତ୍ତି ନିର୍ମାଣ ଅସମ୍ପୂର୍ଣ୍ଣ ରହିଗଲା।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ବନ ବିଦ୍ୟାଳୟ ଥିଲା ଆଦର୍ଶ ଶିକ୍ଷକମାନଙ୍କ ସାଧନା କେନ୍ଦ୍ର। କେବଳ ଆଚାର୍ଯ୍ୟ ହରିହର ନୁହନ୍ତି, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର ସମସ୍ତେ ଥିଲେ ଉଚ୍ଚଶିକ୍ଷିତ। ସେମାନେ ଚାହିଁଥିଲେ ସେତେବେଳେ ସରକାରୀ ଚାକିରି ପାଇପାରିଥାନ୍ତେ। ମାତ୍ର ସେଥିପ୍ରତି ସେମାନେ ଆଗ୍ରହୀ ନ ହୋଇ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତାକୁ ଗ୍ରହଣ କରି ନେଇଥିଲେ। ସେମାନଙ୍କ ପାଇଁ ଶିକ୍ଷକତା ଏକ ବ୍ରତ ଥିଲା, ବୃତ୍ତି ନୁହେଁ। ଜୀବନ ଥିଲା, ଜୀବିକା ନୁହେଁ। ପଣ୍ଡିତ ଗୋଦାବରୀଶ ମିଶ୍ର ଯେଉଁଦିନ ସତ୍ୟବାଦୀରେ ଶିକ୍ଷକ ଭାବରେ ଯୋଗଦେଲେ ସେଦିନ ଏକ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା। 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକରେ ସେ ତାଙ୍କର ଅନୁଭବ ବର୍ଣ୍ଣନା କରି କହିଛନ୍ତି, 'ମୋତେ ସେଦିନ ଆଉଥରେ ବ୍ରତ ହେଲାପରି ଲାଗିଲା। ମୋ ଆଖିରୁ ଅବିରତ ଲୁହ ବହିଯାଉଥାଏ। ମାତ୍ର ମୁଁ ପାଟି ଫିଟାଇ କିଛି କହି ପାରିଲି ନାହିଁ। କେବଳ ଯେଉଁ ଗୁରୁଦାୟିତ୍ୱ ମୁଣ୍ଡାଇବାକୁ ଯାଉଥିଲି, ତା' ଭାରରେ ମୋ ମୁଣ୍ଡ ଭାଜି ଯାଉଥାଏ। ଆଜି ୪୧ ବର୍ଷ ପରେ ସେ ଦୃଶ୍ୟ କଳ୍ପନାରେ ଦେଖିଲା ବେଳକୁ ଛାତି ଥରିଯାଉଛି।' ଏହି ବନ ବିଦ୍ୟାଳୟର ଶିକ୍ଷକମାନେ ନିଃସ୍ୱାର୍ଥ ଲୋକସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ଭାର୍ଗବୀ ନଦୀକୂଳରେ ବସି ନୀଳକଣ୍ଠ, ହରିହର, ଗୋପବନ୍ଧୁ ଓ ଅନନ୍ତ ମିଶ୍ର ଶପଥ ଗ୍ରହଣ କରିଥିଲେ- 'ପାଠପଢି କେବେ ସରକାରୀ ଚାକିରି କରିବା ନାହିଁ। ଯାହା ସମ୍ଭବ ତାହା ଦେଶ ପାଇଁ କରିବା। ଜନ୍ମ ସମୟରେ ଦେଶକୁ ଯେପରି ଦେଖିଛନ୍ତି, ମୃତ୍ୟୁ ବେଳକୁ ଉନ୍ନତ ଅବସ୍ଥାରେ ଦେଖିବା।' ଗୋପବନ୍ଧୁ କହୁଥିଲେ, 'ପ୍ରକୃତରେ ଟଙ୍କା ଦରକାର ନାହିଁ। ଟଙ୍କା ମନୁଷ୍ୟ ତିଆରି କରୁଛି। ମନୁଷ୍ୟ ଲୋଡିଲେ ପାଇବ। ପ୍ରଧାନ ଆବଶ୍ୟକତା ଶିକ୍ଷକ, ଯେଉଁମାନେ କି ନିଜର ସ୍ୱାର୍ଥ ବଳିଦେଇ ସତ୍ୟର ପ୍ରଚାର ନିମନ୍ତେ ଦେଶୋଦ୍ଧାରକୁ ନିଜର ବ୍ରତ କରି ଦେଶର ଲକ୍ଷ ଲକ୍ଷ, କୋଟି କୋଟି ମାନବ ଗଢ଼ିଯିବେ। କୁମ୍ଭାର ମାଟିପିଣ୍ଡୁଳା ଧରି ଦେବପ୍ରତିମା କରୁଛି। ମନୁଷ୍ୟ ପିଣ୍ଡରୁ ଶିକ୍ଷକମାନଙ୍କୁ ପ୍ରକୃତ ମନୁଷ୍ୟ ଗଢ଼ିବାକୁ ହେବ।' ବାସ୍ତବରେ ଗୋପବନ୍ଧୁ ଗଢ଼ିଥିଲେ ଏକ ଆଦର୍ଶ ଶିକ୍ଷକ ଦଳ। ୧୯୧୧ ମସିହା ଜୁଲାଇ ୪ ତାରିଖରେ ଗୋପବନ୍ଧୁ କହିଥିଲେ, ଭାରତର ପ୍ରାଚୀନ ଯୁଗରେ ଛାତ୍ରମାନେ ଶିକ୍ଷା କରୁଥିଲେ କେବଳ ଶିକ୍ଷା ଲାଭ ନିମନ୍ତେ। ପାଣ୍ଡିତ୍ୟ, ଜ୍ଞାନ ବ୍ୟତୀତ ଅଧ୍ୟୟନର ଆଉ କିଛି ସ୍ୱର୍ଣ୍ଣ ସୁଲଭ ଲକ୍ଷ୍ୟ ନ ଥିଲା। ବହୁ ଶ୍ରମରେ ଉପାର୍ଜିତ ବିଦ୍ୟାକୁ ଲୋକେ ଅର୍ଥ ସଙ୍ଗରେ ବିନିମୟ ବା ବିକ୍ରୟ କରୁ ନ ଥିଲେ। ସକଳ ଶ୍ରେଣୀର ଶିକ୍ଷାର ଆଦର୍ଶ ଥିଲା ସରଳ ଜୀବନ ସଙ୍ଗେ ଉଚ୍ଚ ଚିନ୍ତା। ଜୀବନ ନିମନ୍ତେ ବାଳକମାନେ ନିଜ ନିଜର କ୍ରିୟାପୁଞ୍ଜି କଠୋର ନିୟମ ଦ୍ୱାରା ପରିଚାଳିତ କରୁଥିଲେ। ଗୁରୁ ଯେ ଛାତ୍ରମାନଙ୍କର କେବଳ ଅଧ୍ୟୟନ ନିୟନ୍ତ୍ରଣ କରୁଥିଲେ ତାହା ନୁହେଁ। ଚରିତ୍ର ଗଠନରେ ମଧ୍ୟ ପ୍ରଧାନ ସହାୟକ ଥିଲେ। ଆଜି ନାହାନ୍ତି ସେଦିନର ଆଚାର୍ଯ୍ୟ। ଆଚାର୍ଯ୍ୟମାନଙ୍କ ସ୍ଥାନରେ ଅଛନ୍ତି ଶିକ୍ଷକ, ଯେଉଁମାନେ ବିଦ୍ୟା ଦାନ କରନ୍ତି ନାହିଁ, ବିକ୍ରୟ କରନ୍ତି। ଏଣୁ ଏହି ବିଦ୍ୟାବିକ୍ରେତାଙ୍କ ପ୍ରତି ବିଦ୍ୟାକ୍ରେତାମାନଙ୍କ ଭକ୍ତି ରହୁନାହିଁ। ଗଧରୁ ମଣିଷ ହେଲା ପରେ ସେମାନେ ସେହି ଶିକ୍ଷକମାନଙ୍କୁ ଭୁଲିଯାନ୍ତି। ଏବେ ସମୟ ଆସିଛି ଆଜିର ଶିକ୍ଷକମାନେ ସେମାନଙ୍କ ଭୂମିକା ସମ୍ପର୍କରେ ସଚେତନ ହେବେ।

ଟିଟିଲାଗଡ, ମୋ-୯୪୩୭୩୨୯୨୬୩

# ବୌଦ୍ଧ ଦେବୀ ତାରା



ଦେବଦତ୍ତ ପଟ୍ଟନାୟକ

ବୁଦ୍ଧଦେବଙ୍କ ନିର୍ବାଣଲାଭର ହଜାରେ ବର୍ଷ ପରେ ଶେଷରେ ବୌଦ୍ଧମାନେ ଏପରି ଜଣେ ଦେବୀଙ୍କୁ ପାଇଲେ ଯାହାଙ୍କୁ ବୁଦ୍ଧଙ୍କ ପରି ମର୍ଯ୍ୟାଦା ଦିଆଯାଏ। ଏହା ପୂର୍ବରୁ ବୌଦ୍ଧ ସାହିତ୍ୟରେ ଜଣେ ଦେବୀଙ୍କର ଖୁବ୍ ପ୍ରାଧାନ୍ୟ ଥିଲା। ସେ ହେଉଛନ୍ତି ଭାଗ୍ୟଦେବୀ ଶ୍ରୀ। ତାଙ୍କୁ ସାଧାରଣ ଲୋକମାନେ ବୌଦ୍ଧ ପ୍ରତୀକ ଭାବେ ଗ୍ରହଣ କରୁଥିଲେ। ତା'ର ହଜାରେ ବର୍ଷ ପରେ ବୌଦ୍ଧ ଧର୍ମଧାରାରେ ଜଣେ ଦେବୀଙ୍କର ଆବଶ୍ୟକତା ଅନୁଭୂତ ହେଲା ଏବଂ ଆବିର୍ଭୂତ ହେଲେ ତାରା।

ବୌଦ୍ଧଧର୍ମରେ ତାରାଙ୍କ ଆବିର୍ଭାବର ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର। ମହାଯାନ ସମ୍ପ୍ରଦାୟର ଅଭ୍ୟୁତ୍ଥାନ ପରେ ଏବଂ ବୁଦ୍ଧଦେବଙ୍କ ତିରୋଧାନର ପ୍ରାୟ ୫୦୦ ବର୍ଷ ପରେ ନାନା ଭାବରେ ତାଙ୍କର ଆବିର୍ଭାବ ଘଟିଲା। ନୂତନ ବୌଦ୍ଧ ସମ୍ପ୍ରଦାୟରେ ଲୋକମାନେ ବୁଦ୍ଧଙ୍କ ଜ୍ଞାନ ବାହାରେ ତାଙ୍କର କରୁଣା ବିଷୟରେ ପ୍ରଶ୍ନ ପଚାରିଲେ। ଏହି କରୁଣା ବିଷୟକ ପ୍ରଶ୍ନୋତ୍ତରରୁ ବୋଧିସତ୍ତ୍ୱ ଭାବେ ଜଣାଶୁଣା ଏକ ଚରିତ୍ରର ଉଦ୍ଭବ ହେଲା, ଯିଏ ନିର୍ବାଣ ପ୍ରାପ୍ତିରେ ବିଳମ୍ବ ଘଟୁଥିବା ଲୋକମାନଙ୍କ ଦୁଃଖଦୁର୍ଦ୍ଦଶା ଲାଘବ କରିବାରେ ସାହାଯ୍ୟ କରିବେ। ଏଭଳି ଚିନ୍ତାଧାରା ଆସିବା ପରେ କରୁଣା ଓ ଜ୍ଞାନ ବିଷୟକ ଧାରଣା ଆସିଲା। ବୁଦ୍ଧଙ୍କୁ କରୁଣାର ପ୍ରତୀକ ଏବଂ ଦେବୀ ତାରାଙ୍କୁ ଜ୍ଞାନର ପ୍ରତୀକ ଭାବେ କଳ୍ପନା କରାଗଲା। ନାନା ଭାବରେ ଦେବୀ ତାରାଙ୍କୁ ବୈଦିକ ଦେବୀ ବାକ୍ ବା ସରସ୍ୱତୀ ଏବଂ ଜୈନଧର୍ମର କଥୋପକଥନର ଦେବୀ ଶ୍ରୁତ-ଦେବୀଙ୍କ ସହ ଯୋଡ଼ାଗଲା। ପୂର୍ବ ଭାରତରେ ଆମେ ଦେଖୁ ବନ କାଳୀଙ୍କୁ ତାରା କୁହାଯାଏ ଏବଂ ଜ୍ଞାନ ଓ ଶକ୍ତି ନିମନ୍ତେ ତାନ୍ତ୍ରିକମାନେ ତାଙ୍କର ଆବାହନ କରିଥାନ୍ତି। ସୁତରାଂ ଦେବୀ ତାରା ହେଉଛନ୍ତି ଉଭୟ ଜ୍ଞାନର ଦେବୀ ଓ ଶକ୍ତିର ଦେବୀଙ୍କ ସମାହାର। ପ୍ରାଚୀନ ମୂର୍ତ୍ତିକଳାରେ ଜଣେ ସ୍ୱାଧୀନ ଦେବୀ ଭାବେ ପ୍ରତୀକୀକୃତା ତାରାଙ୍କୁ ଆମେ ପଶ୍ଚିମ ଭାରତର ଏଲୋରା ଗୁମ୍ଫାରେ ଦେଖିବାକୁ ପାଉ, ଯାହା ପ୍ରାୟ ୧୩୦୦ ବର୍ଷ ତଳେ ୭ମ ଶତାବ୍ଦୀରେ ନିର୍ମିତ ହୋଇଥିଲା। ଶ୍ରୀଦେବୀ (ଲକ୍ଷ୍ମୀ)ଙ୍କ ପରି ତାଙ୍କ ହାତରେ ପଦ୍ମ ଶୋଭାପାଏ, ଯାହା ସୌଭାଗ୍ୟର ସୂଚକ। କିନ୍ତୁ ପଦ୍ମପାଣି ବୁଦ୍ଧଙ୍କ ହାତରେ ଥିବା ପଦ୍ମ ପ୍ରଜ୍ଞାର ସୂଚକ। ତାରାଙ୍କୁ ବିଭିନ୍ନ ଲୋକ ଭିନ୍ନ ଭାବରେ ଗ୍ରହଣ କରନ୍ତି। ତାହା ନିର୍ଭର କରେ ସେମାନେ କେଉଁ ବୌଦ୍ଧଶାସ୍ତ୍ର ଅଧ୍ୟୟନ କରନ୍ତି, ତା' ଉପରେ। କେତେକେ କହନ୍ତି ଯେ ତାରା ହେଉଛନ୍ତି ବୁଦ୍ଧଙ୍କ ମାତା। କେତେକେ କହନ୍ତି ଯେ ସେ ବୋଧିସତ୍ତ୍ୱଙ୍କ ଝିଅ କାରଣ ବୋଧିସତ୍ତ୍ୱଙ୍କ ଆଖିର ଲୁହରୁ ତାଙ୍କର ଜନ୍ମ। ପୁଣି କେତେକଙ୍କ ମତ ହେଉଛି ଯେ ସେ ବୁଦ୍ଧଙ୍କର, ବିଶେଷତଃ ଧ୍ୟାନୀ ବୁଦ୍ଧ ବା ଶାଶ୍ୱତ ବୁଦ୍ଧଙ୍କ ସହଚରୀ। ଆଉ କେତେକଙ୍କ ମତରେ ଦେବୀ ତାରା ହେଉଛନ୍ତି ବୋଧିସତ୍ତ୍ୱ ଅବଲୋକିତେଶ୍ୱରଙ୍କ ମୂର୍ତ୍ତ ପ୍ରତୀକ। ବଜ୍ରଯାନ ସମ୍ପ୍ରଦାୟରେ ତାରାଙ୍କୁ ବୁଦ୍ଧଙ୍କ ନାରୀ ରୂପ ଭାବେ କଳ୍ପନା କରାଯାଏ। ଅନେକ ସମୟରେ ସେ ଏକ ରୂପକଳ୍ପ ମାତ୍ର, ଯିଏ କି ବୋଧି-ଚିତ୍ତ ବା ପ୍ରଜ୍ଞାର ମୂର୍ତ୍ତ ପ୍ରତୀକ ଏବଂ ଯାହା ମଣିଷକୁ ବୋଧିସତ୍ତ୍ୱରେ ରୂପାନ୍ତରିତ କରିବାରେ ସାହାଯ୍ୟ କରେ।

ଦେବୀ ତାରାଙ୍କୁ ଏକ, ଦୁଇ, ଚାରି ବା ବେଳେବେଳେ ୨୧ ଜଣ ଦେବତାଙ୍କ ସମାହାର ଭାବେ କଳ୍ପନା କରାଯାଏ। ତାଙ୍କର ସବୁଠାରୁ ଲୋକପ୍ରିୟ ରୂପ ହେଉଛି: ଶ୍ୱେତ ତାରା ଏବଂ ସବୁଜ ତାରା। ଏ ଦୁହେଁ ଚାଇନିଜ ଓ ତିବ୍ବତୀୟ ରାଜା, ଯେଉଁମାନେ ତିବ୍ବତରେ ବୌଦ୍ଧଧର୍ମର ପ୍ରଚଳନ କରିଥିଲେ, ତାଙ୍କ ପତ୍ନୀ ଭାବେ ଚିହ୍ନିତ। ସବୁଜ ତାରାଙ୍କର ସାତୋଟି ଆଖି, ତୃତୀୟ ଆଖି କପାଳରେ ଦୁଇ ଭ୍ରୂଲତା ମଧ୍ୟରେ ଅବସ୍ଥିତ ଏବଂ ଅତିରିକ୍ତ ଆଖିଗୁଡ଼ିକ ତାଙ୍କ ହାତ ପାପୁଲି ଓ ପାଦ ତଳିପାରେ ଅଛି, ଯାହା ତାଙ୍କୁ ଲୋକଙ୍କ ଦୁଃଖ ଶୁଣିବାରେ ସାହାଯ୍ୟ କରେ। ଏ ଦୁଇ ତାରାଙ୍କ ମଧ୍ୟରୁ ଜଣେ ବାମ ପଟକୁ ଓ ଅନ୍ୟ ଜଣେ ଦକ୍ଷିଣପଟକୁ ଢଳି ଠିଆ ହୋଇଥାନ୍ତି ଏବଂ ହାତରେ ଗୋଟିଏ ଦରଫୁଟା ଓ ଗୋଟିଏ ପ୍ରସ୍ଫୁଟିତ ପଦ୍ମଫୁଲ ଧରିଥାନ୍ତି। ତାଙ୍କର ଏପରି ଠାଣିର କାରଣ ହେଲା, ବୋଧିସତ୍ତ୍ୱ ଦୁଃଖୀରଙ୍କୀଙ୍କ ଡାକ ଦିନରାତି ଶୁଣିଥାନ୍ତି।

ତାରା ହେଉଛନ୍ତି ବୌଦ୍ଧଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ମାତ୍ର ଏହା ବୌଦ୍ଧଧର୍ମର ପ୍ରାଚୀନ ସମ୍ପ୍ରଦାୟ, ଶ୍ରୀଲଙ୍କା ଓ ମ୍ୟାନ୍‌ମାରରେ ଦେଖାଯାଉଥିବା ଦକ୍ଷିଣ-ପୂର୍ବ ଏସିଆର ଥେରାୱାଡ଼ା ବୌଦ୍ଧଧର୍ମରେ ଦେଖିବାକୁ ମିଳେନାହିଁ, ଯେଉଁଠି ଐତିହାସିକ ବୁଦ୍ଧଙ୍କୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଏ।

ଲେଖକଙ୍କ ଇମେଲ୍ ଠିକଣା: devdutt@devdutt.com

## ଏଇ ଭାରତରେ

ଆମେ ଜାଣୁ ଯାତ୍ରୀଙ୍କୁ ପରିବହନ କରିବା ପାଇଁ ମୋଟରଯାନର ବ୍ୟବସ୍ଥା ରହିଛି। କିନ୍ତୁ ପୋଷା ଜୀବଙ୍କୁ ପରିବହନ କରିବା (କାବ୍ ସର୍ଭିସ୍) ପାଇଁ ବି ଆଜିକାଲି ଭଡାଗାଡି ମିଳୁଛି। ଏପରି ଏକ ଅଭିନବ ବ୍ୟବସ୍ଥା କରାଯାଇଛି ବେଙ୍ଗାଲୁରୁଠାରେ। ପୋଷାଜୀବ ଓ ସେମାନଙ୍କ ମାଲିକଙ୍କୁ ଗୋଟିଏ ସ୍ଥାନରୁ ଆଉ ଅନ୍ୟ ସ୍ଥାନକୁ ବୋହିନେବା ପାଇଁ କାବ୍ ସର୍ଭିସ୍ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ମାଲିକମାନେ ପୋଷାଜୀବଙ୍କୁ ପରିବହନ କରିବା କ୍ଷେତ୍ରରେ ଆଉ ଅସୁବିଧାର ସମ୍ମୁଖୀନ ହେବେନାହିଁ। ଅମୃତ ଡୋଗ୍ଗୁ ସର୍ଭିସେସ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ଏହି ସେବାର ଫାଇଦା ଉଠାଇ ପାରିବେ କୁକୁର ଓ ବିଲେଇ ପାଳୁଥିବା ମାଲିକମାନେ। ସେମାନେ ନିଜ ପୋଷାଜୀବଙ୍କୁ ପଶୁ ଚିକିତ୍ସା କେନ୍ଦ୍ର ଓ ପାର୍କକୁ ନେଇପାରିବେ। ପରିବହନ ବିଭାଗ ଦ୍ୱାରା ଧାର୍ଯ୍ୟ ଦର ଅପେକ୍ଷା ଏ ବାବଦ ଭଡା ଅଧିକ ହୋଇଥିଲେ ହେଁ ମାଲିକଙ୍କୁ ଆକୃଷ୍ଟ କରିବା ପାଇଁ ଏଥିରେ କିଛି ପରିବର୍ତ୍ତନ କରାଯାଇଛି। ପୋଷାଜୀବ ପରିବହନରୁ ଅର୍ଜିତ ଆୟ ପଶୁଧନ ସୁରକ୍ଷା ପାଇଁ ବ୍ୟୟ ହେବ। ବିଶେଷକରି ଆହତ ଓ ଦୁର୍ବଳ ବୁଲା କୁକୁରଙ୍କୁ ଚିକିତ୍ସାକେନ୍ଦ୍ରକୁ ନେବା, ଦୁର୍ଘଟଣାରେ ମୃତ ପଶୁଙ୍କୁ ଦାହ କରିବା କିମ୍ବା ପୋତିବା ଲାଗି ଏହି ଅର୍ଥ ବ୍ୟୟ ହେବ। ସ୍ଥାନୀୟ ଲୋକମାନେ ପୋଷାଜୀବ ପରିବହନ ସେବା (କାବ୍ ସର୍ଭିସ) ପାଇବା ଲାଗି ଆପ୍, ପ'କାବ୍ କିମ୍ବା ୱେବ୍‌ସାଇଟ୍ ଜରିଆରେ ବୁକିଂ କରିପାରିବେ। ବାସ୍ତବରେ ପଶୁଧନ ବା ପୋଷାଜୀବଙ୍କ କଲ୍ୟାଣ ନିମନ୍ତେ ଏହି ପରିବହନ ସେବା ଜୀବେ ଦୟାର ଏକ ଜ୍ୱଳନ୍ତ ନମୁନା।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 8 | 1 | | D | 9 | 3 | | 4 | | B |
| | | | | D | | | | 0 | 4 | | | E | | |
| | 8 | 1 | 4 | | 3 | | | | | | | | 0 | |
| 9 | E | | | C | | | | | | | A | 2 | 8 | |
| | | | | | 0 | | | 4 | E | C | | 1 | 9 | |
| 0 | 2 | | 5 | | | E | A | | D | | C | | B | |
| 7 | A | | | E | | | | 5 | | | | C | 4 | |
| | | 5 | | | | | 3 | | | 7 | | A | | |
| | D | | A | | 9 | 0 | | | 8 | 4 | | | 1 | |
| B | | | | | | D | | 2 | | | 0 | | | |
| | | | 9 | | 2 | 6 | | 7 | | | | | E | |
| | | | | | | | D | C | 0 | B | 1 | | A | |
| | | | | | A | | | B | C | | | 3 | 6 | |
| A | | | | | | 8 | 1 | | | | E | | | |
| C | | | | 7 | 1 | | | | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | A | B | 7 | 6 | 3 | 8 | 0 | 1 | 2 | D | C | 5 | 9 | 4 |
| C | D | 5 | E | 8 | 9 | 4 | 7 | 3 | A | 6 | B | 1 | 0 | 2 |
| 1 | 4 | 8 | 2 | A | 5 | D | B | 6 | 9 | 7 | 0 | E | 3 | C |
| 7 | 3 | 9 | C | 0 | 4 | A | 5 | 2 | 1 | 8 | E | B | 6 | D |
| 2 | 6 | 0 | B | 1 | D | C | E | 9 | 4 | 3 | 5 | 8 | 7 | A |
| 0 | E | 6 | A | 3 | B | 1 | 9 | 8 | 5 | C | 4 | 2 | D | 7 |
| 8 | 1 | 4 | 0 | D | 2 | 5 | 6 | C | 7 | E | A | 9 | B | 3 |
| 5 | C | D | 9 | 7 | 6 | B | A | 4 | 3 | 1 | 2 | 0 | 8 | E |
| 9 | 2 | 7 | 1 | 4 | E | 3 | D | 0 | 6 | B | 8 | C | A | 5 |
| A | B | 3 | 8 | 5 | C | E | 2 | 7 | 0 | 9 | D | 6 | 4 | 1 |
| B | 9 | A | D | 2 | 1 | 7 | 3 | E | C | 0 | 6 | 4 | 5 | 8 |
| 6 | 5 | E | 4 | C | 8 | 9 | 1 | B | D | A | 3 | 7 | 2 | 0 |
| D | 8 | C | 3 | E | 0 | 6 | 4 | 5 | B | 2 | 7 | A | 1 | 9 |
| 3 | 0 | 1 | 5 | B | 7 | 2 | C | A | 8 | 4 | 9 | D | E | 6 |
| 4 | 7 | 2 | 6 | 9 | A | 0 | 8 | D | E | 5 | 1 | 3 | C | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମୁଲୁ ମାଇଲେ ଯିବ ସରି

ମହାଶୟ,

ବିଡିଏ ଏହାର ୩୬ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରରେ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନିଷେଧ କରିବାକୁ ଘୋଷଣା କରିବାର ଖବର ପ୍ରକାଶ ପାଇଛି। ଓଡ଼ିଶା ସରକାର ଆଗାମୀ ଗାନ୍ଧୀ ଜୟନ୍ତୀରୁ ଏହାର ବ୍ୟବହାର ବନ୍ଦ କରିବାକୁ ଘୋଷଣା କରିଥିବା ବେଳେ ସେପ୍ଟେମ୍ବର ପହିଲାରୁ ବିଡିଏ ଏପରି ଆଗୁଆ ପଦକ୍ଷେପ ନେବା ଏବଂ ନିଜ ଅଫିସ, ପାର୍କ, ମାର୍କେଟ କମ୍ପ୍ଲେକ୍ସ ଆଦିକୁ ପ୍ଲାଷ୍ଟିକମୁକ୍ତ କରି ସହରକୁ ସବୁଜସୁନ୍ଦର ଓ ପରିବେଶକୁ ନିର୍ମଳ କରି ରଖିବାକୁ ପ୍ରୟାସ କରିବା ସ୍ୱାଗତଯୋଗ୍ୟ। ତେବେ ପ୍ଲାଷ୍ଟିକ୍ ଓ ପଲିଥିନ୍ ଉତ୍ପାଦନ ଉପରେ କଟକଣା ଲଗାଇଲେ ପ୍ଲାଷ୍ଟିକ୍‌ଜନିତ ପ୍ରଦୂଷଣର ସମ୍ଭାବନା ରହନ୍ତା ନାହିଁ- ମୂଲୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ପା କଳି?

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଓଡ଼ିଶାରେ ଡାକ୍ତର ମରୁଡ଼ି

ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏଶନ ଦେଇଥିବା ତଥ୍ୟ ଅନୁସାରେ ଆମ ରାଜ୍ୟରେ ଏବେ ମୋଟ ୬,୭୧୯ଟି ଅନୁମୋଦିତ ଡାକ୍ତର ପଦବୀ ମଧ୍ୟରୁ ୩୩୯୦ ଡାକ୍ତର କାର୍ଯ୍ୟରତ ଅଛନ୍ତି ଓ ୩୩୨୯ ପଦବୀ ଖାଲି ପଡିଛି। ମୋଟ ମଞ୍ଜୁରୀପ୍ରାପ୍ତ ପଦବୀର ପାଖାପାଖି ୫୦ ପ୍ରତିଶତ ପଦବୀ ଖାଲିପଡିବା ଉଦ୍‌ବେଗଜନକ। ରାଜ୍ୟରେ ସ୍ୱାସ୍ଥ୍ୟସେବା କେତେ ବିପର୍ଯ୍ୟସ୍ତ, ତାହା ଏଥିରୁ ଅନୁମେୟ। ଏହି ସମସ୍ୟାର ସମାଧାନ ପାଇଁ ଘରୋଇ ଉଦ୍ୟମରେ ପ୍ରତିଷ୍ଠା କରାଯାଉଥିବା ମେଡିକାଲ କଲେଜଗୁଡିକୁ ପ୍ରୋତ୍ସାହନ ଦେବା ସହ ସବୁ ଜିଲା ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଉଚିତ। ସରକାରୀ ଡାକ୍ତରଙ୍କ ଦରମା, ଭତ୍ତା ଓ ଚାକିରି ସର୍ତ୍ତାବଳୀକୁ ଆକର୍ଷଣୀୟ କରାଯିବା ଆବଶ୍ୟକ। ଆମ ରାଜ୍ୟରେ ମାତ୍ର ୮/୯ଟି ମେଡିକାଲ କଲେଜ ଥିବାବେଳେ ଆନ୍ଧ୍ରରେ ୩୩, କର୍ଣ୍ଣାଟକରେ ୩୮, ତାମିଲନାଡୁରେ ୨୯, କେରଳରେ ୧୯ ଓ ମହାରାଷ୍ଟ୍ରରେ ୪୧ଟି ମେଡିକାଲ କଲେଜ ଅଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଉଷ ଶୀତର ନିବିଡ଼ ବେଦନା ପରେ
ବସନ୍ତ କ୍ଷଣେ ବହିଥିଲା କେବେ ଥରେ,
କେବେ ଜୋଛନାର ସଲାଜ ପରଶେ
ପ୍ରାଣ ଉଠିଥିଲା ପୁଲକି ହରଷେ,
କେବେ କେଉଁ ଦିନ ଗୋଧୂଳି ଆଲୋକ ପରେ
ହଳିଆର ଗୀତ ଭାସି ଆସିଥିଲା ଖରେ।
କେବେ ନଦୀକୋଳେ କହି ତା' ବ୍ୟଥିତ ବାଣୀ
ରକତ ଚୁମ୍ବ ରଖିଲା ସନ୍ଧ୍ୟା-ରାଣୀ
ଏକାକୀ ନାଉରୀ ସଙ୍ଗୀତ-ଶୋକେ
ନାବ ବାହୁଥିଲା ଲୋହିତ ଆଲୋକେ,
ଉପରେ ତାହାର ସନ୍ଧ୍ୟର-ସରମ ଠାଣି
ତଳେ ଜଳରାଶି-ପୀଡ଼ିତ-ମରମ ବାଣୀ।
(ଲୋହିତ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୮ ସେପ୍ଟେମ୍ବର ୧୯୯୩

- ଅର୍ଥନୈତିକ ସହଯୋଗକୁ ଅତି ବ୍ୟାପକ କରିବା ପାଇଁ ଭାରତ ଏବଂ ଭିଏତ୍‌ନାମ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଜୟପୁରର କୋଟାବୀଣା ସେକ୍ସନରେ ଏକ ଟ୍ରେନ ଦୁର୍ଘଟଣାରେ ୭୬ଜଣଙ୍କ ମୃତ୍ୟୁ।
- ପାଲାନୀ ଲୋକ ସଭା ଉପନିର୍ବାଚନରେ ଆନ୍ନା. ଡି.ଏମ୍.କେ. ପ୍ରାର୍ଥୀ ପି. କୁମାରସ୍ୱାମୀ ବିଜୟୀ ଘୋଷିତ।

## ଆଜି କ'ଣ କେଉଁଠି

ସିମୁଳିଆ
- ଚିଟ୍‌ଫଣ୍ଡ ସଚେତନତା ଶିବିର, ମାର୍କୋଣା, ସମୟ-ଅପରାହ୍ନ ୪ଟା।

## ପରିତ୍ୟକ୍ତ ଖଣିରେ ପଡି ଛାତ୍ର ମୃତ

**ଖଇରା, ୨୭।୯(ଡି.ଏନ.ଏ.):** ଖଇରା ଥାନା ଅଧୀନ କୁମ୍ଭକା ଗ୍ରାମର ରମେଶ ଦାସଙ୍କ ୧୧ବର୍ଷର ପୁଅ କ୍ରିଷ୍ଣାଙ୍କ ମୃତଦେହ କୁପାରୀ କଲେଜ ପଛପଟେ ଥିବା ଖଣିରୁ ଗୁରୁବାର ଅପରାହ୍ନରେ ଉଦ୍ଧାର କରାଯାଇଛି। ଗଡପୋଖରୀ ପଞ୍ଚାୟତର ପ୍ରକୃତି ବିଦ୍ୟାମନ୍ଦିର ନାମକ ଘରୋଇ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ର କ୍ରିଷ୍ଣା ହଷ୍ଟେଲରେ ରହି ପାଠ ପଢୁଥିଲେ। ବୁଧବାର ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ଗୁରୁବାର ଅପରାହ୍ନରେ ରାସ୍ତାରେ ଯାଉଥିବା ଲୋକମାନେ କ୍ରିଷ୍ଣାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖଇରା ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲେ। ଖଇରା ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଅଭିଭାବକମାନେ ସ୍କୁଲ ଆଗରେ ଧାରଣାରେ ବସିଛନ୍ତି। ଉଲ୍ଲେଖଥାଉକି, ରମେଶ ଦାସଙ୍କ ଝିଅ ଗତ ବର୍ଷ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲା।

## ୩ ମଦ ବେପାରୀ ଗିରଫ



**ରୂପ୍‌ସା, ୨୭।୯(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ହଳଦୀପଦା, ରୂପ୍‌ସା ଷ୍ଟେଶନ ଅଞ୍ଚଳରେ ଗୁରୁବାର କଟକ ଅବକାରୀ ଗୋଇନ୍ଦା ବିଭାଗ ୟୁନିଟ୍‌-୨ ଓ ବସ୍ତା ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଅଚାନକ ଚଢ଼ାଉ କରାଯାଇଛି। ଗୋଇନ୍ଦା ବିଭାଗର ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ, ସବ୍‌ଇନ୍ସପେକ୍ଟର ଶିବଚରଣ ଲେଙ୍କା ଓ ଗାଲୁରାମ ସୋରେନ, ବସ୍ତା ଉପନିରୀକ୍ଷକ ଅର୍ଜୁନ ମଲିକ ପ୍ରମୁଖ ରୂପ୍‌ସା ରେଲଷ୍ଟେଶନ ବଜାରରୁ ଅଭିଯୁକ୍ତ ମଦ ବ୍ୟବସାୟୀ ଶଶୀକାନ୍ତ କୁମାର, ବିଜୟ କୁମାର ଗିରିଙ୍କ ସମେତ ହଳଦୀପଦାର ବେଣୁଧର ରାଉତଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୧୫ଶହ ଲିଟର ଦେଶୀ ରନ୍ଧା ମଦ, ୧୫ ଲିଟର ବିଦେଶୀ ମଦ ଓ ବିଅର ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ୩ଟି ପୃଥକ ମାମଲା (ନଂ. ୧୦୪/୧୮, ୧୦୫/୧୮, ୧୦୬/୧୮) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ଦୀର୍ଘ ଦିନ ଧରି ଅଭିଯୁକ୍ତମାନେ ଚୋରାରେ ମଦ ବ୍ୟବସାୟ କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଆସୁଥିଲେ।

# ତୁଡ଼ିଗଡ଼ିଆ ସାଇତିଛି ଶହୀଦଙ୍କ ସ୍ମୃତି

- ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ସତ୍ତ୍ୱେ ବିକାଶ ନାହିଁ
- ଜବରଦଖଲ ସମସ୍ୟାରେ ଛନ୍ଦି ହୋଇପଡିଛି ରକ୍ତତୀର୍ଥ
- ଶହୀଦସ୍ମୃତି ଭବନ ନିର୍ମାଣ ଅଧୁରା



ତୁଡିଗଡିଆ ଶହୀଦ ସ୍ମୃତିସ୍ତମ୍ଭ।

**ଖଇରା, ୨୭।୯(ଡି.ଏନ.ଏ.)**

ସ୍ୱାଧୀନତା ସଂଗ୍ରାମ ସମୟର ସ୍ମୃତିକୁ ୭୫ବର୍ଷ ହେଲା ସାଇତି ରଖିଛି ବାଲେଶ୍ୱର ଜିଲା ଖଇରା ବ୍ଲକର ରକ୍ତତୀର୍ଥ ତୁଡିଗଡିଆ। ରାତି ପାହିଲେ ଏହି ପୀଠରେ ପାଳିତ ହେବ ୭୬ତମ ଶହୀଦ ସ୍ମୃତି ଦିବସ। ଶହୀଦଙ୍କ ସ୍ମୃତିରକ୍ଷା ପାଇଁ କାର୍ଯ୍ୟ କରି ଆସୁଥିବା 'ଶହୀଦ ଜନ କଲ୍ୟାଣ ପରିଷଦ' ବ୍ୟାପକ ପ୍ରସ୍ତୁତି ଚଳାଇଥିବାରୁ ପରିବେଶ ଉତ୍ସବମୁଖର ହୋଇଉଠିଛି। ୨୦୧୫ରେ ଏହି ପୀଠକୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ମିଳିବା ପରେ ଅଞ୍ଚଳବାସୀ ଉତ୍ସାହିତ ହୋଇଉଠିଥିଲେ। ତୁଡିଗଡିଆ ମାଟିର ଐତିହ୍ୟ ଓ ଗୌରବ ପୁନର୍ଜୀବିତ ହେବ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ। ହେଲେ ଏହି ପୀଠର ବିକାଶ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି। ଆବଶ୍ୟକ ଅନୁଦାନ ଅଭାବ ଏବଂ ବେଆଇନ ଜବରଦଖଲ ସମସ୍ୟା ଯୋଗୁ ଉନ୍ନୟନ କାର୍ଯ୍ୟ ହୋଇପାରୁ ନାହିଁ। ଫଳରେ ପର୍ଯ୍ୟଟନ କ୍ଷେତ୍ର ଘୋଷଣା ଏଯାଏ କାଗଜପତ୍ରରେ ସୀମିତ ହୋଇରହିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଉଲ୍ଲେଖନୀୟ ଯେ, ଖଇରାଠାରୁ ୧୫ କି.ମି. ଦୂରରେ ରହିଛି ତୁଡିଗଡିଆର ରକ୍ତତୀର୍ଥ । ୧୯୪୨ମସିହା ସେପ୍ଟେମ୍ବର ୨୮ତାରିଖରେ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନର ନେତୃତ୍ୱ ନେଉଥିବା ବୈଦ୍ୟନାଥ ରାଉତଙ୍କୁ ଧରିବା ପାଇଁ ବ୍ରିଟିଶ ଫୌଜ ଖଇରାଡିହି ଗ୍ରାମରେ ଚଢାଉ କରିବା ବେଳେ ସ୍ଥାନୀୟ ଅଞ୍ଚଳର ଯୁବବାହିନୀ ଏହାକୁ ବିରୋଧ କରିଥିଲେ। ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଦମନଲୀଳା ଆରମ୍ଭ କରି ପୋଲିସ ଫୌଜ ନିରସ୍ତ୍ର ସାଧାରଣ ଜନତାଙ୍କ ଉପରକୁ ଗୁଳି ବର୍ଷଣ କରିଥିଲେ। ବଧି ଗ୍ରାମର ରଘୁ ବେହେରା ଓ ବଡପୋଖରୀ ଗ୍ରାମର ମକର ଲେଙ୍କା ଗୁଳିମାଡରେ ଟଳି ପଡିଥିଲେ। ପରେ ଦୁଇ ଶହୀଦଙ୍କ ମୃତଦେହକୁ ବ୍ରିଟିଶ ଫୌଜ ତୁଡିଗଡିଆସ୍ଥିତ କ୍ୟାମ୍ପକୁ ନେଇ ଯାଇଥିଲେ। ପୋଲିସ ହାତରୁ ଶହୀଦଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିବା ବୈଦ୍ୟନାଥ ରାଉତ, ଚିନ୍ତାମଣି ପଣ୍ଡା, କୃଷ୍ଣଚନ୍ଦ୍ର ଜେନା ଓ ସୂର୍ଯ୍ୟମଣି ତ୍ରୀପାଠୀଙ୍କ ନେତୃତ୍ୱରେ ହଜାର ହଜାର ଗ୍ରାମବାସୀ ଯାଇ ପୋଲିସ କ୍ୟାମ୍ପକୁ ଘେରି ଯାଇଥିଲେ। ଏଥିରେ ବିଚଳିତ ହୋଇ ବ୍ରିଟିଶ ଫୌଜ ପୁଣିଥରେ ଗୁଳିବର୍ଷଣ କରିବାରୁ ଡାଲଙ୍ଗ ଗ୍ରାମର କେଲୁ ସାହୁ ଶହୀଦ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମ ଇତିହାସରେ ତୁଡିଗଡିଆ ଗୁଳିକାଣ୍ଡ ଗୁରୁତ୍ୱ ବହନ କରୁଥିଲେ ମଧ୍ୟ ଦେଶ ସ୍ୱାଧୀନ ହେବା ପରେ ଏହା ଅବହେଳିତ, ଉପେକ୍ଷିତ ହୋଇରହିଛି। କେବଳ ଶହୀଦ ଦିବସ ଭଳି କେତେକ ଉତ୍ସବରେ ସ୍ମୃତିଚାରଣ କରି ପ୍ରଶାସନ ନିଜ ଦାୟିତ୍ୱ ସାରି ଦେଉଛି। ଏହି ପବିତ୍ର ଶହୀଦପୀଠର ବିକାଶ ପ୍ରତି ଅବହେଳା ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି କରି ଆସୁଛି। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅଞ୍ଚଳବାସୀଙ୍କ ଉଦ୍ୟମକ୍ରମେ ଏହି ପୀଠକୁ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦେଇ ୫୦ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ଗତବର୍ଷ ସେପ୍ଟେମ୍ବର ୨୮ରେ ଏଠାକୁ ଅତିଥି ହୋଇ ଆସିଥିବା ମନ୍ତ୍ରୀମାନେ ବିଭିନ୍ନ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ। ପ୍ରଶାସନ ଓ ଠିକାଦାରଙ୍କ ଆନ୍ତରିକତା ଅଭାବରୁ ଉନ୍ନୟନ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ। ଏଠାରେ ବିକାଶ ଶହୀଦସ୍ମୃତି ଭବନର ନୂତନ ଗୃହ ଗ୍ରେଡବିମ୍‌ରେ ସୀମିତ ହୋଇରହିଛି ବୋଲି ତୁଡିଗଡିଆ ବଜାରବାସିନ୍ଦା ବିସ୍ମୟ ବେହେରା କହିଛନ୍ତି। ଶହୀଦଙ୍କ ବଳିଦାନ ସ୍ମୃତିର ସୁରକ୍ଷା ପାଇଁ ପ୍ରଶାସନ ତତ୍ପର ହେବା ଆବଶ୍ୟକ ବୋଲି ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ପାଣିଗ୍ରାହୀ କହିଛନ୍ତି। ଶହୀଦପୀଠରେ ଡ୍ରେନପାଣି ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଥିବାରୁ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବା ଦରକାର ବୋଲି ଜନକଲ୍ୟାଣ ପରିଷଦର କୋଷାଧ୍ୟକ୍ଷ ବିଷ୍ଣୁମୋହନ ଶତପଥୀ କହିଛନ୍ତି। ତୁଡିଗଡିଆ ବଜାର ଅଞ୍ଚଳରେ ଦୀର୍ଘଦିନ ଧରି ଷ୍ଟ୍ରିଟଲାଇଟ୍ ଜଳୁନାହିଁ। ଶହୀଦ ଦିବସ ପାଳନ ପରିପ୍ରେକ୍ଷୀରେ ଏହି ଅଞ୍ଚଳକୁ ଅନ୍ଧାରରେ ରଖାଯିବା ବିଡମ୍ବନା ବୋଲି କୈଳାସ ବେହେରା କହିଛନ୍ତି।



୨୦୧୭ ମସିହା ସେପ୍ଟେମ୍ବରରେ ଶହୀଦ ସ୍ତମ୍ଭ ନିକଟରେ ଲଗାଯାଇଥିବା ଫଳକ।

## ବକେୟା ଦରମା ମିଳୁନି, ପ୍ରତିବାଦରେ ଶ୍ରମିକଙ୍କ ଧାରଣା

**ବାଲେଶ୍ୱର ଅଫିସ, ୨୭।୯**

ବାଲେଶ୍ୱରସ୍ଥିତ ଜୟସ୍ୱାଲ ପ୍ଲାଷ୍ଟିକ୍ ଟ୍ୟୁବସ୍ କାରଖାନାରେ କାମ କରୁଥିବା ୩୦ଜଣ ଶ୍ରମିକଙ୍କୁ ୯ ମାସ ହେଲା ଦରମା ମିଳିନି। ଏହାର ପ୍ରତିବାଦରେ ଶ୍ରମିକମାନେ ଜିଲା ପ୍ରଶାସନ ଏବଂ ଶ୍ରମ ବିଭାଗ ଅଧିକାରୀଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏହାର ସୁଫଳ ନ ମିଳିବାରୁ କର୍ମଚାରୀମାନେ ଗୁରୁବାର କାରଖାନା ସମ୍ମୁଖରେ ଧାରଣା ଦେଇଥିବା ଜୟସ୍ୱାଲ ପ୍ଲାଷ୍ଟିକ ଟ୍ୟୁବସ ଏମ୍ପ୍ଲୋଇଜ୍ ୟୁନିୟନ ସଭାପତି ଅରୁଣ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

୩ ବର୍ଷ ଧରି କାରଖାନା କର୍ତ୍ତୃପକ୍ଷ ଶ୍ରମିକମାନଙ୍କର ଇପିଏଫ ଏବଂ ଇଏସ୍‌ଆଇ ସରକାରଙ୍କଠାରେ ଜମା ନ କରି ଶ୍ରମିକମାନଙ୍କର ମାସିକ ୪ ଦିନର ବେତନ କାଟୁଛନ୍ତି। ଅବସରପ୍ରାପ୍ତ ଓ ଶାରିରୀକ ଅକ୍ଷମ ଶ୍ରମିକମାନଙ୍କର ପ୍ରାପ୍ୟକୁ ଦୀର୍ଘ ଦିନ ଧରି ଦେଉ ନ ଥିବାର ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚଳିତବର୍ଷ ଜାନୁୟାରୀ ୧୩ ତାରିଖରେ କାରଖାନା କର୍ତ୍ତୃପକ୍ଷ ସଞ୍ଜୀବ ଜୟସ୍ୱାଲଙ୍କ ସହ ମତଭେଦ ହେବାରୁ ଅନ୍ୟାୟ ଭାବରେ ୬ଜଣ ଶ୍ରମିକଙ୍କୁ ମିଥ୍ୟା ଅଭିଯୋଗରେ ଜେଲ୍ ପଠାଇଥିଲେ। ଫେବୃୟାରୀ ୭ ତାରିଖରେ ଜିଲା ଶ୍ରମ ଅଧିକାରୀ କୁବେର ବେହେରାଙ୍କ କାର୍ଯ୍ୟାଳୟରେ ଏ ସମ୍ପର୍କରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା।



ଜୟସ୍ୱାଲ ପ୍ଲାଷ୍ଟିକ୍ ଟ୍ୟୁବସ୍ କାରଖାନା ଆଗରେ ଶ୍ରମିକମାନେ ବିକ୍ଷୋଭ କରୁଛନ୍ତି।

କିନ୍ତୁ କାରଖାନା କର୍ତ୍ତୃପକ୍ଷ ଏହାକୁ ଭୃକ୍ଷେପ ନ କରି ବିଭିନ୍ନ ଆଳ ଦେଖାଇ କାରଖାନାକୁ ବନ୍ଦ କରି ଦେଇଥିଲେ। ଗତ ଏପ୍ରିଲ ୧୬ ତାରିଖରେ କାରଖାନା ସମ୍ମୁଖରେ ଶ୍ରମିକଙ୍କ ପରିବାର ଧାରଣାରେ ବସିବାରୁ ୮ ଦିନ ପରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏପ୍ରିଲ ୨୬ ତାରିଖରେ ତାଙ୍କ ବାସଭବନକୁ ଡକାଇ କାରଖାନା ମାଲିକଙ୍କ ସହ ଆଲୋଚନା କରିଥିଲେ। ଶ୍ରମିକଙ୍କର ସମସ୍ତ ପ୍ରାପ୍ୟ ଶ୍ରମ ଅଧିକାରୀଙ୍କ ଜରିଆରେ ଫେରାଇ ଦେବାର ପ୍ରତିଶ୍ରୁତି ଦେଇ କାରଖାନା ଚାଲୁ କରିଥିଲେ। ଆଜି ପର୍ଯ୍ୟନ୍ତ ଶ୍ରମିକମାନଙ୍କର କୌଣସି ପ୍ରାପ୍ୟ ଫେରସ୍ତ ନ କରି ଠକି ଚାଲିଛନ୍ତି। ଶ୍ରମିକମାନଙ୍କର ଦାବି ପୂରଣ ନ ହେବା ଯାଏଁ କାରଖାନା ବନ୍ଦ କରାଯିବା ସହ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସଂଘ ସମ୍ପାଦକ ନୟନ କୁମାର ପାତ୍ର ପ୍ରକାଶ କରିଛନ୍ତି। ଶ୍ରମିକ ଜୟନ୍ତ ଦାସ, ଅକ୍ଷୟ ଭୂଇସ ଗୋପାଳ ମୁଖୀ, ରମାକାନ୍ତ ବେହେରା, ଟିଙ୍କିଲା ବିଶ୍ୱାଳ ଓ ଅର୍ଜୁନ ବେହେରା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି।

## ଫକୀରମୋହନ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

**ରେମୁଣା, ୨୭।୯(ଡି.ଏନ.ଏ.)**




କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା।

ରେମୁଣା ବ୍ଲକ ଅଧୀନରେ ଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନୂଆପାଢୀସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସଂଘ କର୍ମକର୍ତ୍ତାମାନଙ୍କ ଦ୍ୱାରା ସର୍ବସମ୍ମତି କ୍ରମେ ସଭାପତି ଭାବେ ଡକ୍ଟର ଅର୍ଜୁନ କର ଓ ସମ୍ପାଦକ ଭାବେ ଉପେନ୍ଦ୍ର ପ୍ରସାଦ ଜେନା ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ପ୍ରଦୀପ କୁମାର ଗାଣ, ଯୁଗ୍ମ ସମ୍ପାଦିକା ଭାବେ ସୁରଞ୍ଜିତା ଦାସ, ପ୍ରଦୀପ କୁମାର ମୁଦୁଲି, କୋଷାଧ୍ୟକ୍ଷ ଭାବେ ଅମରେଶ କୁମାର ବାରିକ ପ୍ରମୁଖ ନିର୍ବାଚତ ହୋଇଛନ୍ତି। ସେହିପରି ସାଂସ୍କୃତିକ ସମ୍ପାଦିକା ଭାବେ ସାଗରିକା ଚୌଧୁରୀ ମନୋନୀତ ହୋଇଛନ୍ତି। ବରିଷ୍ଠ କର୍ମଚାରୀ ସୁଶାନ୍ତ କୁମାର ଦାସଙ୍କୁ ସଂଘର ଉପଦେଷ୍ଟା ଭାବେ ନିର୍ବାଚିତ କରାଯାଇଛି। ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ଉପସ୍ଥିତ ଶତାଧିକ ସଭ୍ୟାସଭ୍ୟଙ୍କ ଦ୍ୱାରା ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ପରପର୍ତ୍ତୀ ପର୍ଯ୍ୟାୟରେ ନିର୍ବାଚିତ ସଭାପତି ଓ ସମ୍ପାଦକ ସଂଘୀୟ ଆଭିମୁଖ୍ୟ ସମ୍ପର୍କରେ ବିଷଦ ବକ୍ତୃତା ଦେଇଥିଲେ।

## ଦୁର୍ଦ୍ଦାନ୍ତ ଅପରାଧୀ ରୁଣ୍ଟୁ ଗିରଫ

**ବାହାନଗା, ୨୭।୯(ଡି.ଏନ.ଏ.)**

ଗୁରୁବାର ଅପରାହ୍ନରେ ଖନ୍ତାପଡା ଥାନା ପୋଲିସ ଓ ଗୋପାଳପୁର ଫାଣ୍ଡି ପୋଲିସର ମିଳିତ ଚଢାଉ କରି ଦୁର୍ଦ୍ଦାନ୍ତ ଫେରାର ଅପରାଧୀ ରୁଣ୍ଟୁ ଓରଫ ଲକ୍ଷ୍ମୀଧର ମଲିକ(୩୦)ଙ୍କୁ ଗିରଫ କରିଛନ୍ତି। ବାହାନଗା ବ୍ଲକ ବରିପଦା ଗ୍ରାମର କଙ୍କଡାଛକ ସାହିର ଲକ୍ଷ୍ମୀଧର ଦୀର୍ଘ ବର୍ଷ ଧରି ବିଭିନ୍ନ ମାମଲାରେ ଜଡିତ ରହି ଫେରାର ହୋଇ ଗ୍ରାମରେ ବୁଲୁଥିଲେ। ତାଙ୍କ ନାମରେ ଖନ୍ତାପଡା ଥାନାରେ ୫୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଚୋରି, ଡକାୟତି, ଲୁଟ୍, ବଳାତ୍କାର, ଘରପୋଡି, ହତ୍ୟା ଉଦ୍ୟମ ଆଦି ମାମଲା ରହିଛି। ତାଙ୍କର ଅନ୍ୟ ସାଥୀମାନେ ଗିରଫ ହୋଇ ଜେଲ୍‌ରେ ଥିବା ବେଳେ ରୁଣ୍ଟୁ ଦୀର୍ଘ ଦିନ ଧରି ଫେରାର ଥିଲେ। ତାଙ୍କୁ ଧରିବା ପାଇଁ କେତେକ ପୋଲିସ କର୍ମଚାରୀଙ୍କୁ ସାଧା ପୋଷାକରେ ମୁତୟନ କରାଯାଇଥିଲା। ଗୁରୁବାର ଅପରାହ୍ନରେ ରୁଣ୍ଟୁର ସାହିର କଙ୍କଡା ଛକରେ ବୁଲୁଥିବା ବେଳେ ପୋଲିସ ତାଙ୍କୁ କାବୁ କରି ଗୋପାଳପୁର ଫାଣ୍ଡିକୁ ଆଣି ଖନ୍ତାପଡା ଥାନାକୁ ଆଣିଛି।

CLASSIFIED DISPLAY















# ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ, ବିକ୍ଷୋଭ

**ଭଦ୍ରକ ଅଫିସ,୨୭।୯**

ଭଦ୍ରକ ଜିଲା ଭାଜପା ମହିଳା ମୋର୍ଚ୍ଚା କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିବାଦୀୟ ମନ୍ତବ୍ୟର ପ୍ରତିବାଦ କରିଛି। ଗୁରୁବାର ମହିଳାମୋର୍ଚ୍ଚା ପକ୍ଷରୁ ଏନେଇ ସହରରେ ପ୍ରତିବାଦ ଶୋଭାଯାତ୍ରା କରାଯିବା ସହ ମନ୍ତ୍ରୀ ମହାରଥୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମହିଳା ମୋର୍ଚ୍ଚାର ଶତାଧିକ କର୍ମୀ ଭାଜପା ଜିଲା କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଭଦ୍ରକ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ପ୍ରତିବାଦ କରିଥିଲେ। ଜିଲା ସଭାନେତ୍ରୀ ମନସ୍ୱିତା ଖୁଣ୍ଟିଆଙ୍କ ପୌରୋହିତ୍ୟରେ ପ୍ରତିବାଦ ସଭା ହୋଇଥିଲା। ଜିଲା ସଭାପତି ବଦ୍ରିନାରାୟଣ ଧଳ, ଡା. ପ୍ରଦୀପ ନାୟକ ଯୋଗଦେଇ ଜଣେ ବରିଷ୍ଠ ମନ୍ତ୍ରୀଙ୍କ


ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ଏଭଳି ମନ୍ତବ୍ୟ ସମଗ୍ର ନାରୀ ଜାତିର ସମ୍ମାନ ଓ ସ୍ୱାଭିମାନ ପ୍ରତି କୁଠାରଘାତ ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟା ଉମାମଣି ସାହୁ, ପୁଷ୍ପାଞ୍ଜଳି ବେହେରା, ସୁମିତ୍ରା ପାଣି, ଭାରତୀ ବିଶ୍ୱାଳ, ଉର୍ମିଳା ସାହୁ, କଳ୍ପନା ଜେନା, ନବନିତା ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବରିଷ୍ଠ ନେତା ଭାସ୍କର ସାହୁ, ଯୁବମୋର୍ଚ୍ଚାର ଜିଲା ସଭାପତି ସୁରେଶ ସାମଲ, କାଉନସିଲର ଶରତ ପଢିଆରୀ, ଆଦିକନ୍ଦ ଦାସ, ପ୍ରଭାକର ସାମଲ, ଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସରିଲା ଶ୍ରୀଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ

**ଭଦ୍ରକ ଅଫିସ,୨୭।୯**

ଭଦ୍ରକ ପୌରାଞ୍ଚଳ ଅଧୀନ ନରିପୁର ଅସ୍ଥଳ ଗ୍ରାମରେ ଠାକୁର ଅନନ୍ତ ନାରାୟଣ ମାର୍ଗରେ ପବିତ୍ର ଅନନ୍ତ ବ୍ରତ ଉପଲକ୍ଷେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଭଜନ ସମାରୋହ ଆୟୋଜିତ ହୋଇଥିଲା। ସାଳନ୍ଦୀ ନଦୀରେ କଳସ ବୁଡ଼ାଯାଇ ଜଳ ଅଣାଯିବା ପରେ ଘଟ, ପୂଜାପାଠ, ହୋମ ପୂଜାର୍ଚ୍ଚନା ଆଦି ପ୍ରଭୁଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ମହାପ୍ରଭୁଙ୍କ ଅନନ୍ତ ଶୟନ ଦୃଶ୍ୟ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମେଳାରେ ମନୋହରି ଦୋକାନ ସାଙ୍ଗକୁ ଆଲୋକସଜ୍ଜା, ସୁଉଚ୍ଚ ତୋରଣ ଆକର୍ଷଣ ସାଜିଥିଲା। କୁଳ ପୁରୋହିତ ଗୋବର୍ଦ୍ଧନ



ମିଶ୍ର, ପଣ୍ଡିତ ରଘୁନାଥ ମିଶ୍ର ପୂଜାପାଠ କରିଥିଲେ। ମନ୍ଦିରରେ ଶତାଧିକ ମହିଳା ଉପବାସ କରି ବ୍ରତ ପୂଜା କରିଥିଲେ। ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସହ ବହୁ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ମନ୍ଦିର ପ୍ରତିଷ୍ଠାତା ରାଜ୍ୟ ଗୋପବନ୍ଧୁ ପୁରସ୍କାରପ୍ରାପ୍ତ ସମାଜସେବୀ ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦ୍ର ନାୟକ ଓ ସହଧର୍ମିଣୀ ସ୍ୱର୍ଗତ ହରିପ୍ରିୟା ନାୟକ ମୁଖ୍ୟ ସେବିକା ଭାବେ ପୂଜା କରିଆସୁଥିଲେ। ପ୍ରଭୁ ଅନନ୍ତଙ୍କ ନିକଟରେ ଯିଏ ଯାହା ମାନସିକ କରେ ତାହା ପୂର୍ଣ୍ଣ ହୋଇଯାଏ ବୋଲି ବିଶ୍ୱାସ ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାତି ଗୁଡ଼ିଆ**
**ବାରମାସରେ ତେର କୁଡ଼ିଆ।**

ଗୁଡ଼ିଆ ଜାତି ବ୍ୟକ୍ତିମାନଙ୍କର କୌଳିକ ବୃତ୍ତି କାମ ବର୍ଷସାରା ଜମି ରହିଥାଏ। ବିଭିନ୍ନ ପର୍ବପର୍ବାଣିରେ ସେମାନେ ନିଜର ବେପାର କରି ଭଲ ଦି'ପଇସା ରୋଜଗାର କରିଥାନ୍ତି। ଏଥିସହ ବିଭିନ୍ନ ଅଞ୍ଚଳ ବା ସ୍ଥାନରେ ପଡୁଥିବା ଯାନିଯାତରାରେ ମଧ ଭାଗ ନେଇ ଆହୁରି ଭଲ ଦି'ପଇସା ରୋଜଗାର କରିବା ସେମାନଙ୍କ ପେସା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାଚିଲେ ଜୋଇଁ ପଣସ ନ ଖାଆନ୍ତି**
**ଅଇଁଠା କୁଢ଼ରୁ ବୋଡି ଗୋଟାଇ ଖାଆନ୍ତି।**

ଆମ ସମାଜରେ ଏଭଳି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜ ମାନ ସମ୍ମାନକୁ ଖାତିର ନ କରି ଇତର ପ୍ରାଣୀ ଭଳି ଜୀବନ ବିତାଇଥାନ୍ତି। ଅଥଚ ଆଉ କେହି ଭଲ ଭାବେ ଅଭ୍ୟର୍ଥନା କଲେ ମଧ ସେ ତାହାକୁ ଗ୍ରହଣ ନ କରି ନାକ ଟେକିଥାନ୍ତି। ପ୍ରକୃତିଛଡ଼ା ଲୋକଙ୍କ ଏପରି ରଙ୍ଗଢଙ୍ଗ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜି ବନ୍ଦ ରହିବ ଔଷଧ ଦୋକାନ

**ଭଦ୍ରକ ଅଫିସ/ବନ୍ତ,୨୭।୯(ସ୍ୱ.ପ୍ର.)**

ଭାରତରେ ଔଷଧର ଅନଲାଇନ ବ୍ୟବସାୟକୁ ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ବିରୋଧ କରିଛି। ଏହାର ପ୍ରତିବାଦରେ ସର୍ବଭାରତୀୟ ସଂଘର ଶୁକ୍ରବାର ୨୪ ଘଣ୍ଟିଆ ବନ୍ଦ ଡାକରାକୁ ସଂଘର ଭଦ୍ରକ ଶାଖା ସମର୍ଥନ ଜଣାଇଛି। ଭଦ୍ରକ ଶାଖାର ସମ୍ପାଦକ ଦୀପକ ଆଚାର୍ଯ୍ୟ ଏକ ପ୍ରେସ୍ ବିବୃତ୍ତି ଦେଇ କହିଛନ୍ତି ଯେ, କୌଣସି ବିକାଶଶୀଳ ରାଷ୍ଟ୍ରରେ ଔଷଧ ବ୍ୟବସାୟ କ୍ଷେତ୍ରରେ ଅନଲାଇନ ବ୍ୟବସ୍ଥା ନାହିଁ। ଉପଯୁକ୍ତ ଭିତ୍ତିଭୂମି ନ ଥାଇ ଅନଲାଇନ ଔଷଧ ସେବା ପ୍ରଚଳନ ଦ୍ୱାରା ଉଭୟ ବ୍ୟବସାୟୀ ଓ ରୋଗୀ କ୍ଷତିଗ୍ରସ୍ତ ହେବେ। ସଂଘ ପକ୍ଷରୁ ଶୁକ୍ରବାର ବନ୍ଦ ପାଳନ କରାଯିବ। ଆବଶ୍ୟକ ପଡ଼ିଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ବନ୍ତ ବ୍ଲକ ଆଗରପଡ଼ା ଜୋନ୍‌ର ୩୦ ଔଷଧ ଦୋକାନ ବନ୍ଦ ରହିବ ବୋଲି ଜୋନ ସଭାପତି ରାଜୀବ ଲୋଚନ ରାୟ କହିଛନ୍ତି।

# 'ଏସିଡ୍ ଆକ୍ରମଣ ଓ ଭ୍ରୁଣହତ୍ୟା ନିନ୍ଦନୀୟ'

**ଭଦ୍ରକ ଅଫିସ,୨୭।୯**

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଭଦ୍ରକ ମହିଳା ମହାବିଦ୍ୟାଳୟଠାରେ ଗୁରୁବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶୋଭନ କୁମାର ଦାଶ ସଭାପତିତ୍ୱ କରିଥିଲେ। ମହିଳା ଓ ଯୁବତୀଙ୍କ ଉପରେ ଏସିଡ୍ ଆକ୍ରମଣ ଏକ ଧର୍ତ୍ତବ୍ୟ ଅପରାଧ ନିନ୍ଦନୀୟ ବୋଲି କୁହାଯାଇଥିଲା। ଏଭଳି ପୀଡିତାଙ୍କ ପାଇଁ ସରକାରୀ ସ୍ତରରେ ଥିବା ଆଇନଗତ ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି କନ୍ୟାଭ୍ରୁଣ ହତ୍ୟା ନିରୋଧ ଆଇନ ଉପରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ଅନୁପ କୁମାର ଚନ୍ଦନ, ସଞ୍ଜୀବ କୁମାର ଦୁବେ, ମାଜିଷ୍ଟ୍ରେଟ ଅମିୟ ରଞ୍ଜନ ଜେନା, ଲୋପାମୁଦ୍ରା ମଲ୍ଲ, ସନ୍ତୋଷ ପାଣିଗ୍ରାହୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସରୋଜିନୀ ସାହୁ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୃଜନ ସାରସ୍ୱତ ଓ ସୁକନ୍ୟା ଶତପଥୀ ଏବଂ ପ୍ରୋବେସନାରୀ ସିଭିଲ ଜଜ୍ ଲିପ୍ସା ରାଉତ ଓ ଅମିତ୍ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ଅଶୋକ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧ୍ୟାପିକା ଅଧ୍ୟାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନାତ୍ମକ ନାଟକ ପରିବେଷଣ ହୋଇଥିଲା। ଜିଲାସ୍ତରୀୟ ପୋଲିସ ଅଧିକାରୀ ଓ ବିଭିନ୍ନ ଥାନାଧିକାରୀ ଉପସ୍ଥିତ ଥିଲେ। ଆଇନସେବା ପ୍ରାଧିକରଣ ସଚିବ ଅପର୍ଣ୍ଣା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟାମନ୍ଦିର ପ୍ରତିଷ୍ଠା ଦିବସ

**ଭଣ୍ଡାରିପୋଖରୀ,୨୭।୯(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ବୌଦ୍ଧବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ମ ବାର୍ଷିକ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଭାତରେ ଘଟ ସ୍ଥାପନ ଓ ହୋମଯଜ୍ଞ କରାଯାଇ ବିଦ୍ୟାମନ୍ଦିରର ଗୁରୁମାମାନେ ଭାଗବତ ପଠନ ଓ ପୂଜନ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାମନ୍ଦିର ସଭାପତି ବିଶ୍ୱେଶ୍ୱର ନାୟକ ଓ ବାସନ୍ତୀ ନାୟକ, ମୁଖ୍ୟବକ୍ତା ଭାବେ ପ୍ରତିଷ୍ଠାତା ସମ୍ପାଦକ ବିଶ୍ୱମ୍ଭର ରାଉତ, ରତ୍ନାକର ବରାଳ, ବାଳକୃଷ୍ଣ ନାୟକ, ଶରତ ଜେନା, ଗୀତାରାଣୀ ସାମଲ, ଉମାକାନ୍ତ ଜେନା, ସାରଥି ରାଉତ, ଅନସୂୟା ପୁହାଣ, ଗୋକୁଳାନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**RN B.ED COLLEGE**
ଏଠାରେ B.Ed(Gen) Hindi/Sans CT/D.Ed/B.PEd/MPEd/MA କୋର୍ସରେ Admn. ଚାଲିଛି।
ସରସ୍ୱତୀ/ଅରବିନ୍ଦ/ବିବେକାନନ୍ଦ/Public/ English Medium ସ୍କୁଲ ଶିକ୍ଷକ/Fresh Student ମାନେ ଘରେ ବସି B.Ed ପାଶ୍ କରନ୍ତୁ।
1st Class ଗ୍ୟାରେଣ୍ଟେଡ / Exam-BBSR
Any ଗ୍ରାଜୁଏଟ୍ 34%/Admn. Fee-10,000/-
9438743439/9438146430

**SPOT ADMISSION**
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**Get Instant Cash Against Gold**
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**FLY ASH BRICKS MACHINE**
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

**ଦୀପାବଳି ଧମାକା**
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

**BARSHA FINANCE**
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

**Dhanlaxmi Finance Services**
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

**ମୋବାଇଲ ଉପକରଣ**
ଆମ୍ବନୀ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407)। ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ନାମ-ଠିକଣା ଏସ୍ଏମ୍ଏସ୍/ଫୋନ୍ କରନ୍ତୁ)
9634734514
23/315, Block-23, Trilok Puri, Delhi

**ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍**
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765 8512004851

**!! ଋଣ ଋଣ ଋଣ !!**
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

**ସାକ୍ଷୀ ଫାଇନାନ୍ସ**
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

**ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ**
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

**Urbasi Oil & Capsules**
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

**ଯାନ୍ତ୍ରିକ ଉପକରଣ**
All India Govt. (ପଞ୍ଜୀକୃତ) ଗୋଲ୍ଡ ମେଡାଲିଷ୍ଟ କମ୍ପାନୀରୁ ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦୦,୦୦ ଭଡ଼ା 45,000, ବାଇକ୍ + ଅନ୍ୟାନ୍ୟ ସୁବିଧାସୁଯୋଗ। ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ।
7056060195
7065897645
G-72(A), Jahangir Puri, Galli No.-8, Delhi

**ଫାଇନାନ୍ସ**
ଓଡ଼ିଶା ଫାଇନାନ୍ସ ଭାରତୀୟ ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ସରକାରୀ ଜନକଲ୍ୟାଣ ଯୋଜନା ଦ୍ୱାରା ସବୁ ପ୍ରକାର ଋଣ ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, କୃଷି, ରାଶନକାର୍ଡ ସମସ୍ତ ଋଣ ୪୦% ସବ୍‌ସିଡି, ୨% ସୁଧ। (ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ)
9193648143
9193648156
Koharaulia, Liladewa, Sonbhadra Yogichaura, Uttar Pradesh, 231222

**ଠକମାନଙ୍କ ପ୍ରତି ସାବଧାନ**
ନଂ.1 Govt. Approved Vision Group ଦ୍ୱାରା ଆପଣଙ୍କ ଖାଲି ଜମି, ପ୍ଲଟ୍‌ରେ ଡିଜିଟାଲ ଉପକରଣ ଲଗାନ୍ତୁ ମାତ୍ର 7 ଦିନରେ ଏବଂ ପାଆନ୍ତୁ: ଭଡ଼ା- 60,000/-, ଅଗ୍ରିମ- 45 ଲକ୍ଷ। ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ।
ପୂଜା ବର୍ମା
7526990563
A-65 - Anoop Nagar, Block-A, Bindapur, Indore

**Ambujha Group**
Govt. Registered Gold Medalist କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ ସବୁ କମ୍ପାନୀର ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା - 45,000/- + ବାଇକ୍ ଓ ଅନ୍ୟାନ୍ୟ ସୁବିଧା ପାଆନ୍ତୁ।
9671892171
7060089488
WZ-94B, TF, Gali No.3, Guru Nanak Nagar, Delhi

**FINANCE**
କମ ସୁଧ ଆକର୍ଷଣୀୟ ଛାଡ
Maa mangalam Finance
ସମସ୍ତ ଋଣ ୩ରୁ ୬ ଦିନ ମଧ୍ୟରେ ଘରେ ବସି ପାଆନ୍ତୁ। ଉଦ୍ୟୋଗ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ ଋଣ ଉପଲବ୍ଧ। ୩୦ହଜାର ପର୍ଯ୍ୟନ୍ତ ମହିଳାଙ୍କ ଗ୍ରାହକଙ୍କ ପାଇଁ ବିଶେଷ ଛାଡ। (ସର୍ତ୍ତାବଳୀ ଲାଗୁ)
E-36, Ground Floor, Krishna Apartment Boring Rd, Patna-24
9546657102

**FINANCE**
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

**FINANCE**
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି। ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ। 30% ସବସିଡି।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

**LOAN**
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

**!! ବିନା ଗ୍ୟାରେଣ୍ଟର!!**
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349
8447083534
41/14, SECTOR-1, PUSHP VIHAR, DELHI-110017

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
**DHANLAXMI FINANCE**
Ram Nagar, Narnel, Haryana
7310612716
7310613702

**BHARATI FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

**M. GROUP FINANCE**
freedom Economic Services
• Personal Loan
• Business Loan
• Salary Slip Loan
1% interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
BALASORE
9776040555, 9668427353
GANJAM
8895847878, 9439636215
Email: freedomeconomicservices@gmail.com
Block Chack, Balasore-756027

**ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ**
ସରକାରୀ ପଞ୍ଜୀକୃତ। ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର, ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। କଲ୍ କିମ୍ବା ଏସ୍ଏମ୍ଏସ୍ କରନ୍ତୁ।
Address:- Head Office
181/182 Janta Complex Rajiv Chok, Delhi
Contact:- 08826963806, 09319359816

**SMS JOB**
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**ଭାରତର ନଂ.1 କମ୍ପାନୀ**
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଦେଉଛି ବେରୋଜଗାର ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ ମାତ୍ର 2 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି
1% ସୁଧ, 50% ରିହାତି
6388753739
6399376206
Add : - 41/14, Sec-1 Pushp Vihar, Delhi

**BUSINESS**
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

**FINANCE**
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ। 0% ସୁଧ 50% ଛାଡ। ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

**ଡିଜିଟାଲ ଉପକରଣ**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୨୦,୦୦୦ + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରିମେଣ୍ଟ। ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876
8445779128
Address: House No.2, New Town, St. No.6, Delhi 110053


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଋଣ ଭାର ସହି ନ ପାରି ଚାଷୀଙ୍କ ଆତ୍ମହତ୍ୟା

**ବାଲିଆପାଳ, ୨୭ା୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ଥାନା ବେଡଗଡିଆ ଗ୍ରାମର ପ୍ରଦୀପ ମହାନ୍ତି (୪୦)ଋଣଭାର ସହି ନ ପାରି ଗତ ବୁଧବାର ରାତିରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରଦୀପ ଚାଷ ପାଇଁ ବ୍ୟାଙ୍କରୁ ଋଣ କରିଥିଲେ। ପ୍ରାୟ ୨ ବର୍ଷ ତଳେ ସେ ଋଣ କରିଥିବା ବେଳେ ଏବେ ଋଣ ସୁଝି ନ ପାରି ଏପରି କରିଥିବା ତାଙ୍କ ପରିବାର ଲୋକ କହିଛନ୍ତି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ପଠାଇ ତଦନ୍ତ କରୁଛି।

### ବଜାର ନିକଟରୁ ଟ୍ରାକ୍ଟର ଚୋରି

**ଔପଦା, ୨୭ା୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ଥାନା ବଜାର ନିକଟସ୍ଥ ଔପଦା ମୟୂରଭଞ୍ଜ ମୁଖ୍ୟ ରାସ୍ତା ହରିହର ମହଲାଙ୍କ ଘର ଆଗରେ ଛିଡା ହୋଇଥିବା ଟ୍ରାକ୍ଟର ଗତ ବୁଧବାର ମଧ୍ୟରାତ୍ରିରେ ଚୋରି ହୋଇଯାଇଛି। ହରିହରଙ୍କ ସପରିବାର ଖାଇସାରି ଶୋଇବା ପରେ ଦୁର୍ବୃତ୍ତମାନେ ଯୋଜନାବଦ୍ଧ ଭାବେ ଟ୍ରାକ୍ଟରକୁ ଚୋରୀ କରି ନେଇଯାଇଥିଲେ। ହରିହର ନିଦରୁ ଉଠି ସକାଳେ ଟ୍ରାକ୍ଟର ନ ଥିବା ଦେଖି ଥାନାରେ ଖବର ଦେଇଥିଲେ।

### 'ଅପରେସନ୍ ପରୀ-୨' ୧୪ ନାବାଳକ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର

**ବାଲେଶ୍ୱର ଅଫିସ, ୨୭ା୯:** ବାଲେଶ୍ୱର ସହରରେ 'ଅପରେଶନ ପରୀ-୨' କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇଛି। ଗୁରୁବାର ପୋଲିସ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପର ମିଳିତ ଚଢ଼ାଉରେ ୧୪ ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ସହରର ଆଜିମାବାଦସ ସଦର ଥାନା ଛକ ଏବଂ ଆଇଟିଆଇ ଛକରେ ଥିବା ବିଭିନ୍ନ ହୋଟେଲ ଓ ଗ୍ୟାରେଜ ଉପରେ ଚଢାଉ କରି ଉକ୍ତ ନାବାଳରଙ୍କୁ ଉଦ୍ଧାର କରାଯାଇ ସେମାନଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି। ଏହି ଚଢାଉରେ ଇଣ୍ଟିଗ୍ରେଟ୍ ୟୁନିଟ୍ ଅଫ୍ କ୍ରାଇମ୍ ଏଗେନେଷ୍ଟ ଓମେନ୍ର ଡିଏସ୍‌ପି ଡି.ଆର୍. ଜେନା, ବିଦ୍ୟୁତ୍ ଥାନା ଇନ୍ସପେକ୍ଟର କୁମାରୀ ବେହେରା, ଡିଆଇବି ସବ୍ ଇନ୍ସପେକ୍ଟର ଆର.ଏନ. ମୁଦୁଲିସ, ଶ୍ରମ ନିରୀକ୍ଷକ ଦିଲୀପ ଦାସ, ଜାତୀୟ ଶିଶୁ ଶ୍ରମ ପ୍ରକଳ୍ପର ପ୍ରୋଗାମ ମ୍ୟାନେଜର ତନ୍ମୟ ବିଶ୍ୱାଳ ଏବଂ ରିଜର୍ଭ ପୋଲିସ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଯେଉଁମାନଙ୍କ ଦୋକାନରୁ ନାବାଳକଙ୍କୁ ଉଦ୍ଧାର କରାଯାଇଛି ସେମାନଙ୍କ ବିରୋଧରେ ବିଭାଗୀୟ ରିପୋର୍ଟ ପ୍ରସ୍ତୁତ କରାଯାଇ ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯିବ। ଶ୍ରମ ଅଧିକାରୀ ନିୟମ ଅନୁଯାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

### ୧ରେ ବରିଷ୍ଠ ନାଗରିକ ଦିବସ ପାଳନ



**ବାଲେଶ୍ୱର ଅଫିସ, ୨୭ା୯:** ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢୀ ଅଧକ୍ଷତା କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିବେକାନନ୍ଦ ଦାସ, ଡିଏସ୍‌ପି କ୍ରାଇମ ସୁଦର୍ଶନ ଦାଶ, ଉପଜିଲାପାଳ ନିଲୁ ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁବାସ ନିଆଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା, ରୂପାୟନର ସମ୍ପାଦିକା ଶ୍ରଦ୍ଧାଞ୍ଜଳି ରାୟ ପ୍ରମୁଖ ଯୋଗ ଦେଇଥିଲେ। ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନରେ ଆସନ୍ତା ଅକ୍ଟୋବର ୧ ତାରିଖରେ ଜିଲାସ୍ତରରେ ବରିଷ୍ଠ ନାଗରିକ ଦିବସ ପାଳିତ ହେବ। ଏଥିରେ ଜିଲାର ୫ଶହ ବରିଷ୍ଠ ନାଗରିକ ଏକାଠି ହେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ପ୍ରଶାସନ ତରଫରୁ ମାଗଣାରେ ଔଷଧ ପ୍ରଦାନ କରାଯିବ।

## କୀଟନାଶକ ପ୍ରଭାବରେ ପୋଡ଼ିଯାଉଛି ଧାନଗଛ

# ସହକାରୀ କୃଷି ଅଧିକାରୀ ୫ ଘଣ୍ଟା ଅଟକ

- ସଲ୍ଟରୋଡରେ ଧାରଣାରେ ବସିଲେ ଚାଷୀ
- ପ୍ରତିଶ୍ରୁତି ପରେ ଅବରୋଧ ହଟିଲା

**ବାହାନଗା,୨୭ା୯(ଡି.ଏନ.ଏ.)**

ସରକାରୀ ସ୍ତରରେ ଯୋଗାଇ ଦିଆଯାଇଥିବା କୀଟନାଶକ ପ୍ରଭାବରେ ଧାନଗଛଗୁଡିକ ହଳଦିଆ ପଡିଯାଉଛି। ଏନେଇ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେମାନେ କିଛି କରିପାରିବେ ନାହିଁ କହିଥିଲେ। ଏହାପରେ ଚାଷୀଙ୍କ ମହଲରେ ଉତ୍ତେଜନା ପ୍ରକାଶ ପାଇଛି। ଚାଷୀମାନେ ସହକାରୀ କୃଷି ଅଧିକାରୀଙ୍କୁ ୫ ଘଣ୍ଟା ଅଟକ ରଖିବା ସହିତ ବାଲେଶ୍ୱରରୁ ବାସୁଦେବପୁରକୁ ସଂଯୋଗ କରୁଥିବା ସଲ୍ଟ ରୋଡର ଶ୍ରୀଜଙ୍ଗଠାରେ ଅବରୋଧ କରି ଧାରଣାରେ ବସିଥିଲେ। ଶେଷରେ ଜିଲା କୃଷି ଅଧିକାରୀ ଲିଖିତ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟାରେ ରାସ୍ତା ଅବରୋଧ ହଟିଥିଲା।

କୀଟନାଶକ ପ୍ରଭାବରେ ଧାନ ଗଛଗୁଡ଼ିକ ପତ୍ରପୋଡା ରୋଗରେ ଆକ୍ରାନ୍ତ ହେବା ସହିତ ବିଲ ସାରା ଗଛ ଗୁଡ଼ିକ ହଳଦିଆ ପଡିଯାଇଥିଲା। ଚାଷୀମାନେ ସ୍ଥାନୀୟ ସରପଞ୍ଚ କାର୍ତ୍ତିକ



ଚାଷୀମାନଙ୍କ ସହିତ ଆଲୋଚନା।

ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ କୃଷି ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରେମୁଣା ସହକାରୀ କୃଷି ଅଧିକାରୀ ପ୍ରୀତିରେଖା ମହାଳିକ ଓ ଭିଏଲଡବ୍ଲ୍ୟୁ ଶଙ୍କର୍ଷଣ ବେହେରା ପ୍ରମୁଖ ପରିଦର୍ଶନ ପାଇଁ ଆସିଥିଲେ। ପୂର୍ବାହ୍ନ ୧୧ଟା ବେଳେ ଚାଷୀମାନେ ଏହାର କ୍ଷତିପୂରଣ ଦାବି କରିବାରୁ ସହକାରୀ କୃଷି ଅଧିକାରୀ ମହାଳିକ କିଛି କରିପାରିବେ ନାହିଁ, ଜିଲା କୃଷି ଅଧିକାରୀଙ୍କୁ ଜଣାଇବାକୁ କହିଥିଲେ। ତେବେ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ସହକାରୀ କୃଷି ଅଧିକାରୀଙ୍କୁ ସେଠାରେ ଅଟକ ରଖିବା ସହିତ ବସନ୍ତ କୁମାର ଦାସ, ଆଶିଷ କୁମାର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଚାଷୀ ସୁକାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଧିରେନ ଦାସ, ବଉଳ ଦାସ, ସୁକାନ୍ତ ରାଉତ ପ୍ରମୁଖ ବାଲେଶ୍ୱର -ବାସୁଦେବପୁରକୁ ସଂଯୋଗ କରୁଥିବା ସଲ୍ଟ ରୋଡକୁ ଦିନ ୫ଟା ପର୍ଯ୍ୟନ୍ତ ଅବରୋଧ କରି ରଖିଥିଲେ। ଖବରପାଇ ଜିଲା କୃଷି ନିର୍ଦ୍ଦେଶକ କୈଳାସ ପରିଡା, ରୋଗ ପୋକ ବିଶେଷଜ୍ଞ ସୁଦାମ ନାୟକ, ସୋରର ରୋଗ ପୋକ ବିଶେଷଜ୍ଞ ଆଶିଷ କୁମାର ସାହୁ, ରାଣୀତାଲର କୃଷି ବିଜ୍ଞାନ କେନ୍ଦ୍ରର ସହ ନିର୍ଦ୍ଦେଶକ ଅମରେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଚାଷୀମାନଙ୍କୁ ତଦନ୍ତ କରି ସରକାରଙ୍କ ତରଫରୁ ୫୦ ପ୍ରତିଶତର ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତଶ୍ରୁତି ପାଇବା ପରେ ସନ୍ଧ୍ୟାରେ ରାସ୍ତା ଅବରୋଧ ହଟିଥିଲା।




ବୃତ୍ତିପାଇଁ ଯୋଗ୍ୟତା ଅର୍ଜନ କରିଥିବା ମନୀଷା ଓଝାଙ୍କୁ ପୁରସ୍କୃତ କରାଯାଉଛି।

## ଖଇରା, ମହତୀପୁର ଓ ଭାଟପଡାରେ ସୁରଭି

# ସାମିଲ ହେଲେ ୨ଶହ ଛାତ୍ରୀଛାତ୍ର

**ଖଇରା, ୨୭ା୯(ଡି.ଏନ.ଏ.)**

ଖଇରା ବ୍ଲକ ଖଇରା କ୍ଲଷ୍ଟରରେ ଗୁରୁବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାରକୋଣା ନୋଡାଲ ସ୍କୁଲ ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସିଆରସିସି ନିତ୍ୟାନନ୍ଦ ସାହୁ, ଖେଳ ଶିକ୍ଷକ ଶକୁନ୍ତଳା ମାଝି, ଗଣନାଥ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପରିଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତୃତା, ସଙ୍ଗୀତ, କୁଇଜ, ସୃଜନୀଲିଖନ, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କ ସହ ୩ୟ ଶ୍ରେଣୀ ବୃତ୍ତି ପାଇବାକୁ ଯୋଗ୍ୟତା ଅର୍ଜନ କରିଥିବା ମନୀଷା ଓଝାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସେହିଭଳି ମହତୀପୁର କ୍ଲଷ୍ଟରରେ ନିବେଦିତା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମହେନ୍ଦ୍ର ପ୍ରସାଦ କବି, ସରପଞ୍ଚ ସଞ୍ଜୟ ସେଠୀ, ସିଆରସିସି ଗୟାଧର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁରେନ୍ଦ୍ର ସାମଲ ଅତିଥି ପରିଚୟ ରଘୁନାଥ ପତ୍ରୀ ବେଦପାଠ କରିଥିଲେ। ମାଖନପୁର ପଞ୍ଚାୟତ ଭାଟପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ରଥ ଅଧକ୍ଷତା କରିଥିଲେ। ପଞ୍ଚାୟତର ସରପଞ୍ଚ ସୁଦର୍ଶନ ସିଂ ଉଦଘାଟନ କରିଥିବା ବେଳେ ସିଆରସିସି ରବୀନ୍ଦ୍ର କୁମାର ଶିଅଳ ସୁରଭି କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ୧୭ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରୁ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବ୍ଲକର ୧୭ଟି କ୍ଲଷ୍ଟରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରୂପ୍‌ସାରେ ଶାନ୍ତି କମିଟି ବୈଠକ

**ରୂପ୍‌ସା, ୨୭ା୯(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସଦର ବ୍ଲକ ରୂପ୍‌ସା ଥାନା ପୋଲିସ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧୀନ କସିପଦା, ଆଙ୍କୋ, ରୂପ୍‌ସା, ଗଡ଼ପଦା, ରାଉପଡ଼ା ଆଦି ପଞ୍ଚାୟତରେ ଚଳିତ ଦୁର୍ଗାପୂଜା, ଦଶହରା ଓ ରାବଣପୋଡ଼ି ଉତ୍ସବର ସୁପରିଚାଳନା ଦିଗରେ ପଦକ୍ଷେପ ନିଆଯିବା ଲାଗି ନିଷ୍ପତ୍ତି ହୋଇଛି। ଥାନାଧିକାରୀ ସୁଚନ୍ଦ୍ର ମହାଳିକ ବୈଠକରେ ପୌରୋହିତ୍ୟ କରି ସମସ୍ତ ପୂଜାମଣ୍ଡପରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ସୂଚନା ଦେଇଛନ୍ତି। ଏହାବ୍ୟତୀତ ଶତାବ୍ଦୀ କ୍ଲବ ଆନୁକୂଲ୍ୟରେ ଆଙ୍କୋ ପଦ୍ମପୋଖରୀ ଆଡ଼ିରେ ଆୟୋଜିତ ବିଶାଳ ରାବଣପୋଡ଼ି ଉତ୍ସବରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ହେବାର ସିଦ୍ଧାନ୍ତ ହୋଇଛି। ଷ୍ଟେଶନ ବଜାର, ପାଟପୁର ବଜାର, କସିପଦା, ଦହତା ଓ ନୂଆଗାଁ ପୂଜା କମିଟିର କର୍ମକର୍ତ୍ତାଙ୍କ ସମେତ ପୂର୍ବତନ ଜିଲା ପରିଷଦ ସଦସ୍ୟ



ଶାନ୍ତି କମିଟି ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀ।

ବରଦା ପ୍ରସନ୍ନ ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ମହାଦେବ ଦାସ, ସରପଞ୍ଚ କାଳିଚରଣ ଜେନା, ମାୟାଧର ମଣି, ପ୍ରତାପ ଦଳେଇ, ଅନିତା ବେହେରା, ସୁକେଶ ନାୟକ, ଏବିଇଓ ଜୟନ୍ତ କୁମାର ପଣିଗ୍ରାହୀ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ପ୍ରଦୀପ ପଣ୍ଡା ଓ ମୟାଧର ଜେନା, ସନ୍ତୋଷ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ସମସ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ଦିଗରେ ପୋଲିସର ପୂର୍ଣ୍ଣ ସହଯୋଗ କାମନା କରିଥିଲେ। ଏଏସ୍‌ଆଇ ହେମନ୍ତ କୁମାର ପାତ୍ର ଓ ହେମନ୍ତ କୁମାର ଦେବ ଉପସ୍ଥିତ ଥିଲେ। ଏହି ଅବସରରେ ଥାନାଧିକାରୀ ମହାଳିକ ନିଶା ସେବନ କରି ଗାଡ଼ି ନ ଚଳାଇବା, ହେଲମେଟ ଓ ସେଫ୍ଟି ବେଲ୍ଟ ବ୍ୟବହାର, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ଓଭରଲୋଡିଂ ନ କରିବା ଦିଗରେ ସଚେତନ କରାଇଥିଲେ।

## କୃଷି ବିଭାଗ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଆତ୍ମାହୁତି ଚେତାବନୀ

**ସଜନାଗଡ଼, ୨୭ା୯(ଡି.ଏନ.ଏ.)**

ନୀଳଗିରି ବ୍ଲକ ଜଡ଼ିଦା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଗୌରୀଶଙ୍କର ପାତ୍ର (୨୮) ଗୁରୁବାର ପୋକା ଧାନଗଛ, ପେଟ୍ରୋଲ ଧରି ନୀଳଗିରି ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ। ନୀଳଗିରି ପୋଲିସ ପହଞ୍ଚି ଗୌରୀଶଙ୍କର ସହିତ ପୋକା ଧାନଗଛ ଓ ପେଟ୍ରୋଲକୁ ସାଙ୍ଗରେ ଥାନାକୁ ନେଇ ଆସିଥିଲେ। ନୀଳଗିରି ଉପଜିଲାପାଳ ଅବୋଲି ସୁନୀଲ ନରଅଣେ ଖବର ପାଇ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ତହସିଲଦାର ରାକେଶ ପଣ୍ଡା ସହକାରୀ କୃଷି ଅଧିକାରୀ ସନାତନ ପ୍ରଧାନ ଘଟଣାସ୍ଥଳକୁ ଯାଇ ଥାନାରୁ ଗୌରୀଶଙ୍କର ପାତ୍ରଙ୍କୁ ସାଥୀରେ ନେଇ ଚାଷ ଜମିକୁ ଦେଖିଥିଲେ। ପୋକ ଲାଗିଥିବା କଥା ସତ୍ୟ ଏବଂ ଅଫିସକୁ ଆସି ଚାଷୀକୁ ସବ୍‌ସିଡିରେ କୀଟନାଶକ ଔଷଧ ଯୋଗାଇ ଦେଇଥିବା ବେଳେ ପଟାସ ସାର ପକାଇବା ପାଇଁ କହିଥିଲେ।

# ଦୁର୍ଘଟଣାଗ୍ରସ୍ତ ଆଶାକର୍ମୀଙ୍କ ମୃତ୍ୟୁ

## ଚିକିତ୍ସାରେ ଅବହେଳା, ମୃତଦେହ ବ୍ୟବଚ୍ଛେଦରେ ବିଳମ୍ବ ନେଇ ଉତ୍ତେଜନା

**ସୋର, ୨୭ା୯(ଡି.ଏନ.ଏ.)**

ସୋର ଡାକ୍ତରଖାନାରେ ଚିକିତ୍ସାରେ ଅବହେଳା ଯୋଗୁ ଗୁରୁବାର ଜଣେ ଦୁର୍ଘଟଣାଗ୍ରସ୍ତ ଆଶାକର୍ମୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତଦେହ ବ୍ୟବଚ୍ଛେଦରେ ବିଳମ୍ବ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା।

ବାହାନଗା ବ୍ଲକ ଗୋପାଳପୁର ସିଏଚ୍‌ସି ଅଧୀନ ବିଷ୍ଣୁପୁର ସେକ୍ଟର ଅଭଣା ସବ୍ ସେଣ୍ଟରରେ କାର୍ଯ୍ୟରତ ଅଠିଳାବାଜ୍ ଗ୍ରାମର ଭରତ ଜେନାଙ୍କ ସ୍ତ୍ରୀ ପୂର୍ଣ୍ଣିମା ବୁଧବାର ମଧ୍ୟାହ୍ନରେ ବାଲେଶ୍ୱର ଯାଉଥିବା ବେଳେ ଶେରଗଡ ଟୋଲ ଗେଟ୍ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ସେଠାରୁ ତାଙ୍କୁ ଏନ୍‌ଏଚ୍ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାରେ ଅବହେଳା କରାଯାଇ ଦୀର୍ଘ ୪ ଘଣ୍ଟା ପରେ ବେସରକାରୀ ଆମ୍ବୁଲାନ୍ସରେ କଟକ ପଠାଯାଉଥିବା ବେଳେ ପାଣିକୋଇଲି ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରୁ ପୂର୍ଣ୍ଣିମାଙ୍କ ମୃତଦେହ ରାତି ୨ଟା ସମୟରେ ସୋର ଡାକ୍ତରଖାନାରେ ପହଞ୍ଚାଯାଇଥିଲା। ଦିନ ୧୨ଟା ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ କରା ନ ଯିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।

# କାର ଉଦ୍ଧାର, ୨ ଫାଇନାନ୍ସ କର୍ମଚାରୀ ଅଟକ

**ଜଳେଶ୍ୱର, ୨୭ା୯(ଡି.ଏନ୍.ଏ.)**

ଜଳେଶ୍ୱର ଥାନା ଗୋବରଘାଟା ଗ୍ରାମର ଦୀପକ କୁମାର ବେହେରା ବାଲେଶ୍ୱର ସ୍ଥିତ ଏକ ଫାଇନାନ୍ସ କମ୍ପାନୀରୁ କିସ୍ତି ଆକାରରେ ମାରୁତି ସ୍ୱିଫ୍ଟ ଡିଜାୟାର କାର କିଣିଥିଲେ। ତେବେ ଚଳିତ ମାସ ୮ ତାରିଖ ଶନିବାର ଦୀପକ ଘରେ ଅନୁପସ୍ଥିତ ଥିବା ବେଳେ ତାଙ୍କ ଘରୁ ଫାଇନାନ୍ସ କର୍ମଚାରୀମାନେ ଉକ୍ତ କାରକୁ ନେଇ ଯାଇଥିଲେ। ଏହି ସମ୍ବନ୍ଧରେ ଦୀପକ ଜଳେଶ୍ୱର ଥାନାରେ ଗତ ବୁଧବାର ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ କ୍ରମେ ଜଳେଶ୍ୱର ଥାନାରେ ଏକ ଠକେଇ ମାମଲା (ନଂ.୨୯୧/୨୦୧୮) ରୁଜୁ ହୋଇଥିଲା। ଉକ୍ତ କାର୍ ଭଦ୍ରକ ଟାଉନ୍ ଥାନା ଅଞ୍ଚଳରେ ଥିବା ଜାଣି ଜଳେଶ୍ୱର ପୋଲିସର ଏକ ଟିମ୍ ବିଳମ୍ବିତ ରାତିରେ ଚଢ଼ାଉ କରି ଉକ୍ତ କାରକୁ ଉଦ୍ଧାର କରିବା ସହିତ ସମ୍ପୃକ୍ତ ଅଞ୍ଚଳର ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କୁ ଜଳେଶ୍ୱର ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଉକ୍ତ କାର୍ଯ୍ୟରେ ଜଳେଶ୍ୱରର ଜଣେ ଯୁବକ ତଥା ଏହି ଫାଇନାନ୍ସ କମ୍ପାନୀର ଅନ୍ୟ ଜଣେ କର୍ମଚାରୀଙ୍କୁ ପୋଲିସ ଅଟକ ରଖିଛି।

# ବଜାରକୁ ଯାଇ ଛାତ୍ର ଆଣୁଛନ୍ତି ଅଣ୍ଡା

**ରୂପ୍‌ସା, ୨୭ା୯(ଡି.ଏନ୍.ଏ.)**

ବାଲେଶ୍ୱର ସଦର ବ୍ଲକ ହଳଦୀପଦାସ୍ଥିତ ଏକ ବିଦ୍ୟାଳୟର ୨ ଜଣ ୮ମ ଶ୍ରେଣୀର ଛାତ୍ର ବୁଧବାର ବଜାରକୁ ଯାଇ ମଧ୍ୟାହ୍ନଭୋଜନ ଅଣ୍ଡା ଆଣୁଥିବା ବେଳେ ଗ୍ରାମବାସୀଙ୍କ ନିଜରରେ ପଡ଼ିଥିଲା। ସେମାନେ ପଚରାଉଚୁରା କରିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ପାଠପଢ଼ା ସମୟରେ ଛାତ୍ରୀଛାତ୍ରଙ୍କୁ ବାହାରକୁ ଛାଡ଼ିବା ପାଇଁ ନିଷେଧ କରାଯାଇଥିବା ବେଳେ ଏଥିରେ ବ୍ୟତିକ୍ରମ ଯୋଗୁ ଅସନ୍ତୋଷ ବୃଦ୍ଧି ପାଇଛି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ, ଅଭିଭାବକ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ତଦନ୍ତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅପରପକ୍ଷେ ବାଲେଶ୍ୱର ଚାଇଲ୍ଡଲାଇନର ଏକ ସ୍ୱତନ୍ତ୍ର ଟିମ୍ ତରଫରୁ ଗୁରୁବାର ସ୍କୁଲରେ ପହଞ୍ଚି ସମ୍ପୃକ୍ତ ଛାତ୍ର ଓ ଶିକ୍ଷକଙ୍କୁ ପଚାରି ଘଟଣା ସମ୍ପର୍କରେ ବୁଝାଶୁଝା କରିଛନ୍ତି।



ଛାତ୍ରମାନେ ବଜାରରୁ ଅଣ୍ଡା କିଣି ଆଣୁଛନ୍ତି।

# ମାଛଖାଦ୍ୟ ପରିଚାଳନା ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ସିମୁଳିଆ, ୨୭ା୯(ଡି.ଏନ୍.ଏ.)**

ସ୍ୱାସ୍ଥ୍ୟ ଓ ସ୍ୱାବଲମ୍ବୀ ପାଇଁ ମାଛ ଚାଷ ସମ୍ପର୍କରେ ସିଫା ଭୁବନେଶ୍ୱର ଓ କୃଷି ବିଜ୍ଞାନ କେନ୍ଦ୍ର ଭଦ୍ରକ ମିଳିତ ସହଯୋଗରେ 'ମାଛଖାଦ୍ୟ ପରିଚାଳନା ଦକ୍ଷତା ବିକାଶ କାର୍ଯ୍ୟକ୍ରମ' ଗୁରୁବାର ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ଓ ବାଲେଶ୍ୱର ଜିଲାର ବିଭିନ୍ନ ୫୦ଜଣ ମାଛ ଚାଷୀ ଯୋଗଦେଇ ତାଲିମ ନେଇଥିଲେ। ସିଫାର ମୁଖ୍ୟ ବୈଜ୍ଞାନିକ ଡଃ ସୁରେଶ ଚନ୍ଦ୍ର ରଥ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରି କମ୍ ଖର୍ଚ୍ଚରେ ହାତ ପାଆନ୍ତାରେ ମିଳିପାରୁଥିବା ବିଭିନ୍ନ ସାମଗ୍ରୀକୁ ନେଇ କିପରି ଅଧିକ ଲାଭ କରାଯାଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡଃ ଅରବିନ୍ଦ ଦାସ ସମଗ୍ର ରାଜ୍ୟରେ ବାଲେଶ୍ୱର ଓ ଭଦ୍ରକ ଅଗ୍ରଣୀ ଜିଲା ହୋଇଥିବା ବେଳେ ମାଛ ଚାଷରେ ମଧ୍ୟ ଆଗୁଆ। ତେବେ ତାଲିମପ୍ରାପ୍ତ ଚାଷୀ ଏହାର ସୁଯୋଗ ନେଇ ଅନ୍ୟ ଚାଷୀମାନଙ୍କୁ ସହଯୋଗ କଲେ ମାନଦଣ୍ଡ ବୃଦ୍ଧି ହୋଇପାରିବ ବୋଲି କହିଥିଲେ। ସିଫାର ଅନ୍ୟତମ ବୈଜ୍ଞାନିକ ଡଃ କୃଷ୍ଣଚନ୍ଦ୍ର ଦାସ ମାଛ ଖାଦ୍ୟ ପ୍ରସ୍ତୁତି ଓ ଖାଦ୍ୟ ପରିଚାଳନାରେ ପ୍ରାକୃତିକ ଖାଦ୍ୟ ପ୍ଲାଙ୍କଟନର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟବିଜ୍ଞାନୀ ଡଃ ଅମ୍ବିକା ପ୍ରସାଦ ନାୟକ ଦକ୍ଷତା ବିକାଶ ସମ୍ପର୍କରେ ସୂଚନା ଦେବା ସହିତ ଏହି କାର୍ଯ୍ୟକ୍ରମ ଆସନ୍ତା ୩ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି କହିଥିଲେ। ୩ ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମାଛ ଚାଷ ପାଇଁ ମତ୍ସ୍ୟ ବିଜ୍ଞାନୀ ଡଃ ଅମ୍ବିକା ପ୍ରସାଦ ନାୟକ କୃଷକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବୈଜ୍ଞାନିକ ମାନଙ୍କ ଦ୍ୱାରା 'ଖାଦ୍ୟ ପାଇଁ ମାଛ ଓ ମାଛ ପାଇଁ ଖାଦ୍ୟ' ପୁସ୍ତିକା ଉନ୍ମୋଚିତ ହୋଇଥିଲା।




'ଖାଦ୍ୟ ପାଇଁ ମାଛ ଓ ମାଛ ପାଇଁ ଖାଦ୍ୟ' ପୁସ୍ତିକା ଉନ୍ମୋଚନ କରାଯାଉଛି।

## ଗୁରୁତର ଅବସ୍ଥାରେ ଉଦ୍ଧାର ଯୁବକ ମୃତ

**ସଜନାଗଡ଼, ୨୭ା୯(ଡି.ଏନ.ଏ.):** ନୀଳଗିରି ବରହମପୁର ଥାନା ଗରଡିହି ପଞ୍ଚାୟତ ବନ୍ଧସାହି ଗ୍ରାମର ଗୌରହରି ସିଂ (୨୬) ନାମକ ଯୁବକଙ୍କୁ ବିଲ କଡ଼ରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ବେକ କଟା ହୋଇଥିବାରୁ ପ୍ରବଳ ରକ୍ତସ୍ରାବ ହୋଇ ସେ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋର ସମୟରେ ଗୌରହରି ବ୍ଲେଡରେ ନିଜର ଗଳାକାଟି ବାଡ଼ିରେ ଥିବା ଏକ କୂଅକୁ ଡେଇଁପଡିଥିବା ଗାଁ ସାରା ପ୍ରଚାର ହୋଇଥିଲା। ଏନେଇ ପରିବାର ଲୋକ ଏବଂ ପଡ଼ୋଶୀ ସ୍ଥାନୀୟ ପୋଲିସ, ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ବରହମପୁର ଓଆଇସି ଗୋପାଳ ସିଂ ଏବଂ ଦମକଳ ବିଭାଗ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କୂଅରେ ଅଧିକ ପାଣି ଯୋଗୁ ସଫଳ ମିଳି ନ ଥିଲା। ବାଲେଶ୍ୱରରୁ ଓଡ୍ରାଫ ଟିମ୍ ପହଞ୍ଚି କୂଅରୁ ପାଣି ଶୁଖାଇଥିଲେ ମଧ୍ୟ କୌଣସି ପତ୍ତା ମିଳି ନ ଥିଲା। ଓଡ୍ରାଫ ଟିମ୍ ଓ ଦମକଳ ବିଭାଗ ଫେରିଯାଇଥିଲା। ପୋଲିସ ଅନୁସନ୍ଧାନ ଜାରି ରଖିଥିଲା ବେଳେ ଗ୍ରାମବାସୀଙ୍କ ତରଫରୁ ଖୋଜାଖୋଜି କରାଯାଇଥିଲା। ଅପରାହ୍ନରେ ତାଙ୍କୁ ଗୁରୁତର ଅବସ୍ଥାରେ ବିଲ କଡରୁ ଉଦ୍ଧାର କରାଯାଇଥିଲା।

## 'ସାଗର କବଚ' କାର୍ଯ୍ୟକ୍ରମ

# ସାମିଲ ହେଲେ ୩ ମେରାଇନ ଥାନା

**ଭୋଗରାଇ, ୨୭ା୯(ଡି.ଏନ.ଏ.)**

୨୦୧୧ ମସିହା ନଭେମ୍ବର ୧୧ ମୁମ୍ବାଇରେ ଘଟିଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ଆଖି ଆଗରେ ରଖି ଆରମ୍ଭ ହୋଇଥିବା ସାଗର କବଚ ସମରାଭ୍ୟାସ ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଯାଇଛି। ଦୀଘା ଠାରୁ ଗୋପାଳପୁର ପର୍ଯ୍ୟନ୍ତ 'ସାଗର କବଚ' ବଙ୍ଗୋପସାଗରରେ ଦୁଇଦିନ ଧରି କରାଯାଇଥିଲା। ଏହି ସମରାଭ୍ୟାସରେ ଓଡିଶା ପୋଲିସ, ପଶ୍ଚିମବଙ୍ଗର ହଳଦିଆ ଓ ପାରାଦ୍ୱୀପର କୋଷ୍ଟାଗାର୍ଡ କର୍ମଚାରୀ ସାମିଲ ହୋଇଥିଲେ। ଆତଙ୍କବାଦୀମାନେ କିପରି ଜଳପଥରେ ପ୍ରବେଶ କରି ନ ପାରିବେ ଏବଂ ସେମାନଙ୍କର ଗତିବିଧିକୁ ତୀକ୍ଷ୍ଣ ନଜର ରଖି ସେମାନଙ୍କୁ ପ୍ରତିହତ କରାଯାଇ ପାରିବ ସେଥିପ୍ରତି ଏହି ସମରାଭ୍ୟାସ କରାଯାଇଥିଲା। ବାଲେଶ୍ୱର ଜିଲାରେ ତାଳସାରୀ, ବାହାବଳପୁର ଓ ବଳରାମଗଡିରେ ୩ଟି



ସମରାଭ୍ୟାସରେ ସାମିଲ୍ ଥାନା କର୍ମଚାରୀ।

ମେରାଇନ ଥାନା ଥିବାବେଳେ ଆବଶ୍ୟକ ପୋଲିସ କର୍ମଚାରୀ ନ ଥିବାରୁ ସମୁଦ୍ରକୂଳ ମୁକୁଳା ପଡିଛି। ତାଳସାରୀ ମେରାଇନ ଥାନା ଆଇଆଇସି ସନ୍ତୋଷ କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ ବାହିନୀ ଉଦୟପୁର, ତାଳସାରୀ, କୀର୍ତ୍ତନୀୟା, ଚନ୍ଦନେଶ୍ୱର ମହାଦେବ ମନ୍ଦିର ଅଞ୍ଚଳରେ ଅନୁପ୍ରବେଶକାରୀଙ୍କ ଗତିବିଧି ଉପରେ ନଜର ରଖିଥିଲେ। ତାଳସାରୀ ମେରାଇନ ସହ ଭୋଗରାଇ ଥାନା, ଚନ୍ଦନେଶ୍ୱର ଫାଣ୍ଡି ଓ ବାଲେଶ୍ୱରରୁ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଉଦୟପୁର ଠାରୁ କୀର୍ତ୍ତନୀୟା ପର୍ଯ୍ୟନ୍ତ ୧୨ କି.ମି. ପର୍ଯ୍ୟନ୍ତ ସାଗର କବଚ ସମରାଭ୍ୟାସ କରାଯାଇ ଆତଙ୍କବାଦୀଙ୍କ ଗତିବିଧି ସମ୍ପର୍କରେ ପ୍ରଶିକ୍ଷଣ କରାଯାଇଥିଲା।

ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୨୮ ସେପ୍ଟେମ୍ବର, ୨୦୧୮



ସ୍ୱାସ୍ଥ୍ୟ ସବୁଠାରୁ ବଡ଼ ଉପହାର, ସନ୍ତୋଷ ସବୁଠାରୁ ବଡ଼ ସମ୍ପଦ ଏବଂ ବିଶ୍ୱସ୍ତତା ସବୁଠାରୁ ବଡ଼ ସମ୍ପର୍କ।
- ଗୌତମ ବୁଦ୍ଧ



# ବିଜେଡି-ଭାଜପା ମୁହାଁମୁହିଁ : ଟିକସଦାତା ଦୋଛକିରେ

**ଉଦଳା, ୨୭।୯ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ସଦରମହକୁମା ଉଦଳା ଏନଏସିରେ ୨୦୧୬ରେ ହୋଲଡିଂ ଟିକସ ବୃଦ୍ଧି ପରେ ଏହାକୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିଲା। ୧୭.୫ ପ୍ରତିଶତ ଆଧାରରେ ଟିକସ ଆଦାୟ କରାଯିବାରୁ ଏହାକୁ ବିଭିନ୍ନ ମହଲରୁ ବିରୋଧ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗତ ୨୬ ତାରିଖରେ ଟିକସ ପରିମାଣ କମାଯାଇ ଏହାକୁ ୧୦ ପ୍ରତିଶତରେ ସୀମିତ ରଖାଯାଇଛି। ଉଦଳା ଏନଏସି ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଉକ୍ତ ସୂଚନା ଦିଆଯିବା ବେଳେ ସରକାରଙ୍କ ବିରୋଧରେ ମନ୍ତବ୍ୟ ଦିଆଯିବା ଏବଂ ଉଦଳାବାସୀ ଗରିବ ବୋଲି ଟିକସ ହ୍ରାସ କରାଯାଇଥିବା କୁହାଯିବାରୁ ଭିନ୍ନ ବିବାଦ ମୁଣ୍ଡ ଟେକିଛି। ଏନଏସିରେ କ୍ଷମତାସୀନ ଥିବା ଭାଜପାକୁ ଏନେଇ ବିଜେଡି କଟୁ ସମାଲୋଚନା କରି ଉଦଳାବାସୀଙ୍କୁ ଗରୀବ କୁହାଯିବା ଘଟଣା ଗ୍ରହଣୀୟ ନୁହେଁ ବୋଲି ଆକ୍ଷେପ କରିଛି। ଅନ୍ୟପକ୍ଷେ ଭାଜପା ପାଲଟା ଅଭିଯୋଗ ଆଣି ବିଜେଡିକୁ ସମାଲୋଚନା କରିଥିବାରୁ ୨ ଦଳ ମୁହାଁମୁହିଁ ଅବସ୍ଥାରେ ପହଞ୍ଚିଛନ୍ତି। ଏଭଳି ସ୍ଥିତିରେ ଟିକସ ହ୍ରାସ ହେବ କି ନାହିଁ ତାହା ଟିକସଦାତାଙ୍କୁ ଦୋଛକିରେ ପକାଇଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମୀ।

- ବର୍ଦ୍ଧିତ ହୋଲ୍‌ଡିଂ ଟିକସ ବିବାଦକୁ ନେଇ ରାଜନୀତି
- ଉଦଳାବାସୀଙ୍କୁ ଗରିବ କୁହାଯିବାରୁ ସମାଲୋଚନା
- ନିର୍ବାଚନ ପାଇଁ ଖେଳା ଯାଉଛି ଚାଲ୍
- ଭାଜପା ପକ୍ଷରୁ ପାଲଟା ସମାଲୋଚନା

ଉଲ୍ଲେଖନୀୟ ଯେ, ଲଗାତର ଦୁଇ ଥର ନିର୍ବାଚନ ଜିତି ଭାଜପା ଉଦଳା ଏନଏସିକୁ ନିଜ ଅକ୍ତିଆରରେ ରଖିଛି। ୨୦୧୬ରେ ଟିକସ ବୃଦ୍ଧି ଘଟଣାକୁ ବିଭିନ୍ନ ସଙ୍ଗଠନ ବିରୋଧ କରିବା ପରେ ଏନଏସି କର୍ତ୍ତୃପକ୍ଷ ଏହାର ପୁନର୍ବିଚାର କରି ଟିକସ ହ୍ରାସ କରିଥିବା ଅଧକ୍ଷ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। କିନ୍ତୁ ଉକ୍ତ ଖବରଦାତା ସମ୍ମିଳନୀରେ ଦିଆଯାଇଥିବା ମନ୍ତବ୍ୟ ପ୍ରତିବାଦରେ ଗୁରୁବାର ବିଜୁ ଜନତା ଦଳ ଏକ ଖବରଦାତା ସମ୍ମିଳନୀ ଡାକି ଭାଜପା ଉପରେ ପାଲଟା ପ୍ରହାର କରିଛି। ଉଦଳା ଏନଏସିର ପୂର୍ବତନ ଅଧକ୍ଷ ତଥା ଜିଲା ବିଜେଡି ଉପସଭାପତି ମନୋଜ କୁମାର ମହାନ୍ତି, ନଗର ସଭାପତି ବନମାଳୀ ବେହେରା, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ । ସେମାନେ ବର୍ଦ୍ଧିତ ଟିକସ ହ୍ରାସ ଘଟଣାକୁ ସ୍ୱାଗତ କରି କହିଥିଲେ, ବର୍ତ୍ତମାନର ଏନଏସି ଅଧକ୍ଷ ବହୁ ବିଳମ୍ବରେ ଉଦାରତା ଦେଖାଇ ବିନା କାରଣରେ ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦିବା ଏକ ବିଡମ୍ବନା। ପୂର୍ବରୁ ରାଜ୍ୟ ସରକାର ହୋଲଡିଂ ଟିକସ ବୃଦ୍ଧି କରିବାକୁ ଚିଠି କରିଥିଲେ ମଧ୍ୟ କୌଣସି ମ୍ୟୁନିସିପାଲିଟି କିମ୍ବା ଏନଏସି ଏହାକୁ କାର୍ଯ୍ୟକାରୀ କରି ନ ଥିଲେ। ଉଦଳାରେ ବର୍ଦ୍ଧିତ ହୋଲଡିଂ ଟିକସ କଣ ପାଇଁ ଆଦାୟ କରାଯାଉଥିଲା ଏହା ପ୍ରଶ୍ନବାଚୀ। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଟିକସଦାତାଙ୍କୁ ଖୁସି କରି ଭୋଟ ଆପଣାଇବାକୁ ଭାଜପା ଚେଷ୍ଟା କରୁଛି ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୂର୍ବତନ ବିଧାୟକ ସୋରେନ୍ ଅଭିଯୋଗ କରିଥିଲେ। ଗତ ଜୁଲାଇ ୨୧ ତାରିଖରେ ଏନଏସି ବୈଠକରେ ଟିକସ ହ୍ରାସ ନିଷ୍ପତ୍ତି ନିଆଯାଇଥିବା ବେଳେ ତାହା କାହିଁକି କାର୍ଯ୍ୟକାରୀ ହୋଇ ନ ଥିଲା ବୋଲି ପ୍ରଶ୍ନ କରିଥିଲେ। ଏହି ବର୍ଦ୍ଧିତ ଟିକସ ପ୍ରତ୍ୟାହାର ଲାଗି ଗତ ୧୮ ତାରିଖରେ ବିଜେଡି ପକ୍ଷରୁ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା ବୋଲି ଦଳର କର୍ମକର୍ତ୍ତା ଦର୍ଶାଇଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ଦୁଲାଲ ସୋରେନ୍, ଠୁମ୍ପୁ ମୁର୍ମୁ, ଗାଙ୍ଗୁ ପାତ୍ରୀ, ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଉଦଳା ଏନଏସି ଚେୟାରମ୍ୟାନ ସୌଭାଗ୍ୟ କୁମାର ସାହୁଙ୍କୁ ପଚାରିବାରୁ ଶାସକ ଦଳ କେବଳ ଉଦଳା ଏନଏସି ପାଇଁ ମିଛ କାନ୍ଦଣା କାନ୍ଦୁଛି। ସେଥିପାଇଁ ରାଜ୍ୟ ସରକାର ଦାୟୀ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଚାକିରି କରାଇ ଦେବାକୁ କହି ଠକେଇ, ଯୁବକ ଗିରଫ



**ଖୁଣ୍ଟା, ୨୭।୯(ଡି.ଏନ.ଏ.):** ଏକ ଷ୍ଟିଲ ପ୍ଲାଣ୍ଟରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ପ୍ରାୟ ୬ ବର୍ଷ ପୂର୍ବେ ୫୦ ହଜାର ଟଙ୍କା ନେଇଥିବା ଜଣେ ଯୁବକଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ଗିରଫ ଯୁବକଜଣକ ହେଉଛନ୍ତି ଖୁଣ୍ଟା ଥାନା ଅଧୀନ ନବକିଶୋରପୁର ଗ୍ରାମର ଲକ୍ଷ୍ମଣ ହାଁସଦା (୩୦ ) । ସେ ଏକ ଷ୍ଟିଲ ପ୍ଲାଣ୍ଟରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ସେହି ଗ୍ରାମର ବୁଢାଣ ମୁର୍ମୁଙ୍କଠାରୁ ୫୦ ହଜାର ଟଙ୍କା ନେଇଯାଇଥିଲେ । ହେଲେ ପରେ ଧରାଛୁଆଁ ନ ଦେବାରୁ ବୁଢାଣ ନିରାଶ ହୋଇ ୨୦୧୪ ମସିହାରେ ଉଦଳା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ଉକ୍ତ ମାମଲା ବିଚାରାଧୀନ ଥିବା ବେଳେ ଲକ୍ଷ୍ମଣ ଫେରାର ହୋଇଯାଇଥିଲେ । ଏଥିନେଇ ଲକ୍ଷ୍ମଣଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ଖୁଣ୍ଟା ପୋଲିସ ତାଙ୍କୁ ବାଲେଶରରୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ବିଶୋଇ ଥାନା ଅଧୀନ କୁରୁକୁଟି ଗ୍ରାମର ହରେକୃଷ୍ଣ ମହାନ୍ତଙ୍କ ସହାୟତାରେ ଉକ୍ତ ଟଙ୍କା ନେଇଥିବା ଲକ୍ଷ୍ମଣ କହିଛନ୍ତି । ଏହିପରି ଚାକିରି ପ୍ରତିଶ୍ରୁତି ଦେଇ ସେ ରାଇରଙ୍ଗପୁର, ଖୁଣ୍ଟା ଥାନା ସମେତ ବିଭିନ୍ନ ଅଞ୍ଚଳର ବହୁ ଲୋକଙ୍କଠାରୁ ଟଙ୍କା ନେଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଖୁଣ୍ଟା ଥାନାରେ କୌଣସି ଅଭିଯୋଗ ହୋଇନାହିଁ । କୋର୍ଟଙ୍କ ଆଦେଶ ବଳରେ ଲକ୍ଷ୍ମଣଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି ରୀନା ବେହେରା କହିଛନ୍ତି ।

### ଲୋହାର ବିକାଶ ପରିଷଦ କମିଟି ଗଠିତ



**ଉଦଳା, ୨୭।୯ (ଡି.ଏନ.ଏ.):** ଓଡିଶା ପ୍ରଦେଶ ଆଦିବାସୀ ଲୋହାର/ଲାହୋର ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିକାଶ ପରିଷଦର ଜିଲା କମିଟି ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ସୁନାରାମ ବିନ୍ଧାଣୀ, ସମ୍ମାନୀୟ ଅତିଥି ଜିଲା ସାଧାରଣ ସମ୍ପାଦକ ରବିନାରାୟଣ ବିନ୍ଧାଣୀ, ସମାଜସେବୀ ଠୁମ୍ପୁ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଉଦଳା ବ୍ଲକ ନିମନ୍ତେ ଲୋହାର ବିକାଶ ପରିଷଦର ନୂତନ କମିଟି ଗଠିତ ହୋଇଥିଲା । ଉଦଳା ବ୍ଲକ ନିମନ୍ତେ ସଭାପତି ଭାବେ ଲାଲମୋହନ ବିନ୍ଧାଣୀ, ଉପସଭାପତି ବାପୀ ବିନ୍ଧାଣୀ, ସମ୍ପାଦକ ଆଶାରାମ ବିନ୍ଧାଣୀ, ସହ ସମ୍ପାଦକ ବୁଦ୍ଧିଆ ବିନ୍ଧାଣୀ ଏବଂ କୋଷାଧକ୍ଷ ଭାବେ ଯମୁନା ବିନ୍ଧାଣୀ ମନୋନୀତ ହୋଇଛନ୍ତି। ନୂତନ ଭାବେ ଗଠିତ ଏହି କମିଟି ସଙ୍ଗଠନକୁ ତୃଣମୂଳସ୍ତରରୁ କିପରି ମଜବୁତ୍ କରାଯିବ ତାହା ଉପରେ ଗୁରୁତ୍ୱ ଦେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ଭାଗବତ ପାଠ ମହୋତ୍ସବ

**କପ୍ତିପଦା, ୨୭।୯(ଡି.ଏନ୍.ଏ.):** ପବିତ୍ର ଭାଗବତ ଜନ୍ମ ଅବସରରେ କପ୍ତିପଦା ବ୍ଲକ୍ ଅଧିନ ଜାମବଣୀଠାରେ ୩୪ ତମ ଭାଗବତ ପାଠ ମହୋତ୍ସବ ଓ ଗୀତାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଘଟ ଉତ୍ତୋଳନ, କଳସ ଶୋଭାଯାତ୍ରା, ଅଧିବାସ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଆଞ୍ଚଳିକ ପ୍ରତିଭାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାମବଣୀ ସରପଞ୍ଚ ବୁଦ୍ଧେଶ ଚନ୍ଦ୍ର ପାତ୍ର ମୁଖ୍ୟବକ୍ତା ଭାବେ କପ୍ତିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ କିଶୋର ଚନ୍ଦ୍ର ଦାଶବାବୁ, ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ରବିକାନ୍ତ ମହାପାତ୍ର, ସନାତନ ରାଉତ, ଆଇନଜିବୀ ସତ୍ତ୍ୱବ୍ରତ ମିଶ୍ର ଓ ଖବରଦାନା ସର୍ବେଶ୍ୱର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷାବିତ ସୁରେନ୍ଦ୍ର କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଗୀତାଯଜ୍ଞ କମିଟିର ସମ୍ପାଦକ ବିଶ୍ୱନାଥ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

# କରାଟେ ଚାମ୍ପିୟନଶିପ ଆୟୋଜିତ



କୋଚଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ବାରିପଦା ଅଫିସ, ୨୭।୯**

ବାଲେଶ୍ୱର ଟାଉନହଲରେ ଅନୁଷ୍ଠିତ ୧୫ତମ ରାଜ୍ୟସ୍ତରୀୟ କରାଟେ ଚାମ୍ପିୟନଶିପ-୨୦୧୮ରେ କରଞ୍ଜିଆ ଅଞ୍ଚଳର ୧୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବିକାଶ କନଭେଣ୍ଟ ସ୍କୁଲର ଉମାବତୀ ପାତ୍ର ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ଜିତିଥିବା ବେଳେ ବିଶ୍ୱଜିତ ମହାନ୍ତ ଗୋଟିଏ ସ୍ୱର୍ଣ୍ଣ, ଦିଶା ଦୀପଶିଖା ମହାକୁଡ଼ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିଭଳି କରନ ମାଟିଆ ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଦୁଇଟି ରୌପ୍ୟ ପଦକ, ଶୁଭମ ଶତପଥୀ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ସେଣ୍ଟ ଜାଭିୟର ସ୍କୁଲର ଶ୍ରୁତିପ୍ରିୟା ମହାନ୍ତ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। ଏହାବ୍ୟତୀତ ସିନିୟର ବିଭାଗରେ ବିନୋଦ ନାଏକ ଏବଂ ପ୍ରମୋଦ ମହାନ୍ତ ସଫଳତାର ସହ ବ୍ଲାକ ବେଲଟ ଲାଭ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟଯେ, କୋଚ ଆଶିଷ ରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଏଭଳି କୃତିତ୍ୱ ହାସଲ କରିଛନ୍ତି।

# କପ୍ତିପଦା ଉପଖଣ୍ଡ ଅକ୍ଟୋବରରେ ହେବ ୨ ଥର ଜନଶୁଣାଣି

**କପ୍ତିପଦା/ଉଦଳା, ୨୭।୯(ଡି.ଏନ.ଏ.)**

ଆଗାମୀ ଅକ୍ଟୋବରରେ ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ପାଇଁ ୨ ଥର ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିବା ପରେ ଗୁରୁବାର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଏହି ଶିବିର ଅକ୍ଟୋବର ୧ ତାରିଖରେ ଏବଂ ୨୯ତାରିଖରେ କପ୍ତିପଦା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ଏହି ୨ ଶିବିରରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ହୋଇ ଲୋକଙ୍କ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ଶୁଣି ତାହାର ତୁରନ୍ତ ସମାଧାନ କରିବେ ବୋଲି ଜଣାଯାଇଛି। ଏତଦ୍ ବାଦ ଏହି ଶିବିରରେ ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ହୋଇ ସହଯୋଗ କରିବେ ବୋଲି ସିଦ୍ଧାନ୍ତ ହୋଇଛି । ମାସର ପ୍ରଥମ ଓ ଶେଷ ସୋମବାର ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ଜନସାଧାରଣ ସେମାନଙ୍କ ଅଭିଯୋଗ ଓ ଦାବି ଉପସ୍ଥାପନ ପାଇଁ ଯଥେଷ୍ଟ ସମୟ ପାଇବେ ବୋଲି ଜଣାଯାଇଛି । ଏ ସଂକ୍ରାନ୍ତରେ ଏକ ଚିଠି ସମସ୍ତ ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନଙ୍କ ପାଖକୁ ପଠାଯାଇଥିବା ଜଣାଯାଇଛି ।

# ଶିକ୍ଷାନୁଷ୍ଠାନରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ଉଦଳା, ୨୭।୯ (ଡି.ଏନ.ଏ.)**

ଟାଟା ଷ୍ଟିଲ୍ ଏବଂ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ମିଳିତ ଉଦ୍ୟମରେ ଉଦଳା ଉଚ୍ଚ ବିଦ୍ୟାଳୟରେ ଜ୍ୟୋତିର୍ବିଦ୍ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଗତ ବର୍ଷର ବିଦ୍ୟାଳୟର କୃତୀ ଛାତ୍ର ଅପୂର୍ବ ରଞ୍ଜନ ଧଳ ରାଜ୍ୟସ୍ତରରେ ଶ୍ରେଷ୍ଠ ୨୦ ଜଣଙ୍କ ମଧ୍ୟରେ ରହି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ଏଥିଯୋଗୁ ସେ ବିଜ୍ଞାନ ଶିକ୍ଷକ ସମରଜିତ୍ ମହାପାତ୍ରଙ୍କ ସହ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଅହମ୍ମଦାବାଦ୍ କେନ୍ଦ୍ର(ଇସ୍ରୋ) ପରିଭ୍ରମଣର ସୁଯୋଗ ପାଇଥିଲେ । ପ୍ରଧାନଶିକ୍ଷକ ବିଗତ ଦିନର ସଫଳତାକୁ ବଜାୟ ରଖିବା ପାଇଁ ଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଥମାର୍ଦ୍ଧରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩ଶହ ଛାତ୍ର ମହାକାଶ ସମ୍ବନ୍ଧୀୟ କୁଇଜରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୨୫ ଜଣ ଟାଟା ଷ୍ଟିଲ୍ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ସେହିପରି ଦ୍ୱିତୀୟାର୍ଦ୍ଧରେ 'ଆଜକୁ ୫୦ ବର୍ଷ ପରେ ମହାକାଶ ଅନ୍ୱେଷଣ କଳ୍ପନା' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ ନବମ ଓ ଦଶମ ଶ୍ରେଣୀର ୪୮ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ସମରଜିତ୍ ମହାପାତ୍ର, ମୃତ୍ୟୁଞ୍ଜୟ ମହାନ୍ତି, କ୍ରୀଡା ଶିକ୍ଷକ ସିଲହୁ ମାଝି, ନିବେଦିତା ଘୋଷ ଏବଂ ଟାଟା ଷ୍ଟିଲ୍‌ର ଭାଗ୍ୟଶ୍ରୀ ବେହେରା, ପ୍ରବୀଣ କୁମାର ସାହୁ ଏବଂ ଇନ୍ଦ୍ରମଣି ସାହୁ ପରିଚାଳନା କରିଥିଲେ । ବିଦ୍ୟାଳୟର ସଫଳତା ବଜାୟ ରଖିଥିବାରୁ ଟାଟା ଷ୍ଟିଲ ପକ୍ଷରୁ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଳା ଉଚ୍ଚ ବିଦ୍ୟାଳୟ ତରଫରୁ ଜିଲାର ଶ୍ରେଷ୍ଠ ଦୁଇ ଜଣ ଛାତ୍ର ଡିସେମ୍ବରରେ ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି ।



ଜ୍ୟୋତିର୍ବିଦ୍ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ସାମିଲ ଛାତ୍ରମାନେ।

# ନୂଆ ଭୋଟରଙ୍କ ପାଇଁ ପାଠଶାଳା

**ବାରିପଦା ଅଫିସ, ୨୭।୯**

ମୟୂରଭଞ୍ଜ ଜିଲା ରାଗଧା ସ୍ଥିତ ଶ୍ରୀରାମଚନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟରେ ଏନଏସଏସ ତରଫରୁ ମତଦାନ ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଅଧୀନ ମହାବିଦ୍ୟାଳୟ ସମୂହର ଜାତୀୟ ସେବା ଯୋଜନା(ଏନଏସଏସ) ସଂଯୋଜିକା ଉଷା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ମତଦାନ ପ୍ରକ୍ରିୟାରେ ସାମିଲ ହେଲେ ଏକ ସୁଦୃଢ଼ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାରିପଦା ସଦର ବ୍ଲକ ସହକାରୀ ଉନ୍ନୟନ ଅଧିକାରୀ କରୁଣାକର ବାରିକ ଯୋଗ ଦେଇ ନୂତନ ମତଦାତାଙ୍କ ନାମ ପଞ୍ଜୀକରଣ ନିୟମାବଳୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସାବାଳକ ଛାତ୍ରୀଛାତ୍ର ମତଦାନ ଅଧିକାର ପ୍ରତି ସଚେତନ ହେଲେ ଏକ ନିରପେକ୍ଷ, ଦୁର୍ନୀତିମୁକ୍ତ ଦେଶ ନିର୍ମାଣ ସହାୟକ ହେବ ବୋଲି ମିଲିୟନ ଡ୍ରିମ୍ସର ପ୍ରତିଷ୍ଠାତା ବିରଜା ପ୍ରସାଦ ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ କହିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ଅସୀମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାକୁ ଗୋପାଳକୃଷ୍ଣ ମହାନ୍ତ, ଲିପିରେଖା ପଣ୍ଡା, ଅଜୟ କୁମାର ମହାନ୍ତ, କବିତା ମଞ୍ଜରୀ ମହାନ୍ତ, ସରିତା ପୃଷ୍ଟି, କରୁଣାକର ମହାନ୍ତ, ଗିରିଜା ଶଙ୍କର ଲେଙ୍କା ଓ ଦୀପକ ଖଣ୍ଡେଲୱାଲ ପରିଚାଳନା କରିଥିଲେ। ଅଧାପିକା ସୁରିନା ବେହେରା ଧନ୍ୟବାଦ ଦେଇଥିଲେ। ୨୦୧୭-୧୮ ଶିକ୍ଷାବର୍ଷ ପାଇଁ ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ଦ୍ୱାରା ପ୍ରେରିତ ହୋଇଥିବା ରାଜ୍ୟର ଶ୍ରେଷ୍ଠ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ପୁରସ୍କାର ଏହି ମହାବିଦ୍ୟାଳୟର ଛାତ୍ରୀ ଭାନୁପ୍ରିୟା ମହାନ୍ତଙ୍କୁ ପ୍ରଦାନ କରାଯାଇଥିଲା। ସଭା କାର୍ଯ୍ୟ ପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଛାତ୍ରୀ ଭାନୁପ୍ରିୟା ମହାନ୍ତଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସମ୍ମାନିତ କରାଯାଉଛି।

# ଶ୍ରମିକ ପଞ୍ଜୀକରଣ ପ୍ରମାଣପତ୍ର ବଣ୍ଟନ

**କୋଷ୍ଟା, ୨୭।୯**

ଶୁଳିଆପଦା ବ୍ଲକ ଅନ୍ତର୍ଗତ ଅନ୍ଧାରିଶୋଳ ଗ୍ରାମରେ ଗୁରୁବାର ଶ୍ରମିକ ପଞ୍ଜୀକରଣ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଚନ୍ଦନେଶ୍ୱର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୋରଡା ବିଧାୟକ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ୮ ଶ୍ରମିକଙ୍କୁ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ବହୁ କଳାକାର ଓ ଶ୍ରମିକ ସଚେତନତା ଅଭାବରୁ ସରକାରୀ ସହାୟତା ପାଇବାରୁ କିପରି ବଞ୍ଚିତ ହେଉଛନ୍ତି ତା'ର କେତେକ ଉଦାହରଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷ୍ଟା ସମିତି ସଭ୍ୟ ହରିଶ ଚନ୍ଦ୍ର ଦତ୍ତ, ଫାନିଆ ସରପଞ୍ଚ ନଗେନ୍ଦ୍ର ନାଥ କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଓଡିଶୀ ଓ ଛଉନୃତ୍ୟ ପାଇଁ ଦେବସ୍ମିତା ଦାସ, ସଂକୀର୍ତ୍ତନ ତଥା ପାଲା ପାଇଁ ଚିନ୍ତାମଣି ଧୀର, ପାଲା ଓ ଦାସକାଠିଆ ପାଇଁ ଜଗବନ୍ଧୁ ସି, ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଓ ଛଉନୃତ୍ୟ ପାଇଁ ଇନ୍ଦ୍ରଜିତ ଧଳଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

**ଠାକୁରମୁଣ୍ଡା, ୨୭।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକରେ ଶୁକ୍ରବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ସରକାର ଉଚ୍ଚ ବିଦ୍ୟାଳୟ ଜରିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନସିଙ୍ଗ ମାଧ୍ୟମରେ ବ୍ଲକର ୧୮ ଗୋଟି ଗ୍ରାମ ପଞ୍ଚାୟତ ଅଧୀନ ଗାଁ ଗୁଡିକ ନିମନ୍ତେ ମୋଟ ୪କୋଟି ୫୦ ଲକ୍ଷ ଟଙ୍କା ବ୍ୟୟର ୨୦୧ଟି ପ୍ରକଳ୍ପକୁ ଅନୁମୋଦନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଭିନତ୍ ଭରଦ୍ୱାଜ, ଜିଲା ପ୍ରକଳ୍ପ ପ୍ରଶାସନ ବିଜୟ କୁମାର ନାୟକ, ଯଶିପୁର ବିଧାୟକ ମଙ୍ଗଲ ସିଂ ମୋଦି, ପର୍ଯ୍ୟବେକ୍ଷଣ ତଥା ବିଧାୟକ ବ୍ୟାମକେଶ ରାୟ, ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା, ବ୍ଲକ ଉପାଧକ୍ଷ ଜବାମଣି ଟୁଡୁ, ବିଡିଓ ବିଜୟ କୁମାର ନାୟକ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଛାତ୍ର ସଂସଦ ନିର୍ବାଚନ ଦାବି ନେଇ ଧାରଣା

**କପ୍ତିପଦା, ୨୭।୯(ଡି.ଏନ.ଏ.)**

ଛାତ୍ର ସଂସଦ ନିର୍ବାଚନ ଦାବିରେ କପ୍ତିପଦା କଲେଜ ଛାତ୍ରୀଛାତ୍ର ଗୁରୁବାର ଗେଟ୍ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏକ ଛାତ୍ର ପ୍ରତିନିଧି ଦଳ ଅଗଷ୍ଟ ୩୧ ତାରିଖରେ କଲେଜ ଅଧକ୍ଷ ଦିଲୀପ କୁମାର ସିଂହଙ୍କୁ ଭେଟି ମହାବିଦ୍ୟାଳୟରେ ନିର୍ବାଚନ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ । ମାତ୍ର ଛାତ୍ରୀଛାତ୍ରଙ୍କ ଦାବିକୁ ଦୃଷ୍ଟିରେ ରଖି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଫଳରେ ଗତ ୨୫ ସେପ୍ଟେମ୍ବରରେ ଛାତ୍ରୀଛାତ୍ରମାନେ ଏକ ଅଭିଯୋଗପତ୍ର କପ୍ତିପଦା ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଏହାର ନକଲ ମୟୂରଭଞ୍ଜ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ କପ୍ତିପଦା ଥାନାଧିକାରୀଙ୍କୁ ପ୍ରଦାନ କରିଛନ୍ତି । ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ସେମାନେ ୨୭ ସେପ୍ଟେମ୍ବର ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ତଥାପି ମହାବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦିଆ ନ ଯିବାରୁ ସେମାନେ ଏହି ଧାରଣା ଦେଇଥିବା କହିଛନ୍ତି। ଶୁଭମ ଦଳେଇ, ଅଭିଜିତ୍ ବେହେରା, କ୍ଷିତୀଶ କୁମାର ଦାସ, ବ୍ରହ୍ମାନନ୍ଦ ସାହୁ, ତୁଷାର ରଞ୍ଜନ ଦାସ, ବ୍ରହ୍ମାନନ୍ଦ ସାହୁ ଓ ରାଧାଗୋବିନ୍ଦ ପରିଡା ପ୍ରମୁଖ ଛାତ୍ର ଏହାର ନେତୃତ୍ୱ ନେଇଛନ୍ତି।

- ଅନିର୍ଦ୍ଦିଷ୍ଟକାଳ ଲାଗି ଛାତ୍ରଙ୍କ ଧାରଣା
- ଦାବିକୁ ଦିଆଯାଉନି ଗୁରୁତ୍ୱ



କପ୍ତିପଦା କଲେଜ ଗେଟରେ ତାଲା ପକାଇ ଧାରଣାରତ ଛାତ୍ରମାନେ।

## ଆଜି କ'ଣ କେଉଁଠି

**ବାସୁଦେବପୁର**

- ଶହୀଦ ସ୍ମୃତି କମିଟି ପକ୍ଷରୁ ୭୬ତମ ଶହୀଦ ସ୍ମାରକୀ ସମାରୋହ, ସ୍ଥାନ: ରକ୍ତତୀର୍ଥ ଇରମ ମେଳନ ପଡ଼ିଆ, ସମୟ: ସକାଳ ୬ଟାରୁ ରାତି ୯ ଟା।

## ସଂକ୍ଷେପରେ

### ରୋଷେଇ ବେଳେ ଅଗ୍ନିକାଣ୍ଡ: ଝିଅ ମୃତ, ବାପା ଗୁରୁତର

**ଭଦ୍ରକ ଅଫିସ,୨୭।୯:** ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ହରିପୁର ଜେନାସାହି ଗାଁରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ରୋଷେଇ ବେଳେ ଅଗ୍ନିକାଣ୍ଡ ଘଟି ଝିଅ ପୂଜା ଜେନା(୧୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ରଞ୍ଜନ ଗୁରୁତର ଆହତ ହୋଇଛନ୍ତି। ଗ୍ରାମାଞ୍ଚଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପୂଜା ଘରେ ଚୁଲିରେ ରୋଷେଇ କରୁଥିବା ବେଳେ ପିନ୍ଧିଥିବା ପଲିଷ୍ଟର ଡ୍ରେସରେ ଅସାବଧାନତା ବଶତଃ ନିଆଁ ଲାଗିଯାଇଥିଲା। ପୂଜାଙ୍କୁ ଜଳୁଥିବା ଦେଖି ରଞ୍ଜନ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ। ସେତେବେଳକୁ ଘର ଭିତରେ ଥିବା ଲୁଗାପଟା ସାଙ୍ଗକୁ ଘରର ଅଧିକାଂଶ ଅଂଶ ପୋଡ଼ିଯାଇଥିଲା। ଖବର ପାଇ ଭଦ୍ରକ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ପୂଜାଙ୍କ ମୃତ୍ୟୁ ହୋଇଥିବା ବେଳେ ରଞ୍ଜନ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ପୂଜାଙ୍କୁ ମୃତ ଘୋଷଣା କରିଥିଲେ।

### ପରୀ-୨ରେ ୪ ଶିଶୁ ଉଦ୍ଧାର

**ତିହିଡ଼ି,୨୭।୯(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରୁ ପରୀ-୨ ମାଧ୍ୟମରେ ୪ ଜଣ ଶିଶୁଙ୍କୁ ଗୁରୁବାର ଉଦ୍ଧାର କରାଯାଇଛି। ଅସହାୟ ଶିଶୁଙ୍କୁ ଚିହ୍ନଟ ଓ ଥଇଥାନ କରାଯିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପରୀ-୨ କାର୍ଯ୍ୟକ୍ରମ ଜରିଆରେ ଏହି ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜିଲା ପୋଲିସ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ତିହିଡ଼ି ପୁରୁଣାହାଟରେ ଥିବା ଏକ ଗ୍ୟାରେଜରୁ ୩ ଜଣ ଏବଂ ତିହିଡ଼ି ବଜାରର ଏକ ହୋଟେଲରୁ ଜଣେ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ଇନ୍ସପେକ୍ଟର ମିନାକ୍ଷୀ ବିଦ୍ଧାଣୀ ଏହାର ନେତୃତ୍ୱ ନେଇଥିଲେ।

### ଅଗ୍ନିବିପନ୍ନଙ୍କୁ ସହାୟତା

**ବନ୍ତ,୨୭।୯(ଡି.ଏନ.ଏ.):** ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ତରାଗୋ ଗ୍ରାମରେ ଗତ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ୨ଟି ପରିବାରର ୭ ବଖରା ଘର ଜଳି ଯାଇଥିବା ବେଳେ ୨ ଗୋରୁ ଜୀବନ୍ତ ଦଗ୍ଧ ହୋଇଥିଲେ। ବନ୍ତ ବ୍ଲକ ଅଧକ୍ଷ ଦେବେନ୍ଦ୍ର କୁମାର ଜେନା, ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ ଜେନା, ସ୍ଥାନୀୟ ସରପଞ୍ଚ ତିଲୋତ୍ତମା ବାରିକ, ସମିତିସଭ୍ୟ ରବୀନ୍ଦ୍ର ଧଳ, ସନ୍ତୋଷ ବାରିକ ପ୍ରମୁଖ ଗୁରବାର ଅଗ୍ନିବିପନ୍ନ ପରିବାରର ମୁଖ୍ୟ ଲକ୍ଷ୍ମୀଧର ବାରିକ ଓ ଜୟଶ୍ରୀ ବାରିକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ସେମାନେ ଏହି ଦୁଇ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି ଭଣ୍ଡାରିପୋଖରୀ କଂଗ୍ରେସ ନେତା ସୁବ୍ରତ ଦାସଙ୍କ ସମେତ ଜିଲା ଯୁବ ସଭାପତି ପ୍ରଦ୍ୟୁମ୍ନ ଦାସ, ୧୬ନମ୍ବର ଜୋନ କଂଗ୍ରେସ ସଭାପତି ନିରଞ୍ଜନ ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ରବି ଜେନା, ନରହରି ଧଳ, ନରେନ୍ଦ୍ର ଜେନା ପ୍ରମୁଖ ଅଗ୍ନି ବିପନ୍ନଙ୍କୁ ଭେଟି ସହାୟତା ଯୋଗାଇ ଦେଇଛନ୍ତି।

### 'ମୋ ବୁଥ୍ ମୋ ଗୌରବ' କାର୍ଯ୍ୟକ୍ରମ

**ଧାମନଗର,୨୭।୯(ଡି.ଏନ.ଏ.):** ଧାମନଗର ବ୍ଲକ କଂଗ୍ରେସ ପକ୍ଷରୁ ଗୋବିନ୍ଦପୁର ପଞ୍ଚାୟତର ୧୧ ନମ୍ବର ୱାର୍ଡ ଅଜମତପୁର କଷଟି ଗ୍ରାମରେ 'ମୋ ବୁଥ୍ ମୋ ଗୌରବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧାମନଗର ଜୋନ୍ ସଭାପତି ବିଦ୍ୟାଧର ଜେନା ଅଧକ୍ଷତା କରିଥିଲେ। ପିସିସି ସଭ୍ୟ ହୃଦାନନ୍ଦ ସେଠୀ, ବ୍ଲକ ସଭାପତି ପ୍ରସନ୍ନ ଧଳ, ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢୀ, ଅସୁରାଳୀ ଜୋନ୍ ସଭାପତି ଅରବିନ୍ଦ ନାୟକ, ଧୂଷୁରୀ ଜୋନ୍ ସଭାପତି ରମେଶ ବେହେରା, ଗୋବିନ୍ଦପୁର ପଞ୍ଚାୟତ ସଭାପତି ପରମାନନ୍ଦ ବାରିକ ପ୍ରମୁଖ ଯୋଗଦେଇଥିଲେ। ବୁଥ୍ ସଭାପତି ଭାବେ ରାଜେଶ ବିଶ୍ୱାଳ, ଏଜେଣ୍ଟ ଭାବେ ଅକ୍ଷୟ ପଲାଇ ଏବଂ କୁନା ପୁଣ୍ଟିଆଙ୍କୁ ମନୋନୀତ କରାଯାଇଥିଲା। ବୁଥ୍‌ରୁ ୨୦ଜଣ ସଭ୍ୟଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଯୁବନେତା ବିଜୟ ଦାସ, ନରହରି ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶହୀଦଙ୍କୁ ଝୁରୁଛି ମାଟିର ସ୍ମୃତି

**ବାସୁଦେବପୁର, ୨୭।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ରକ୍ତତୀର୍ଥ ଇରମ। ସ୍ୱାଧୀନତା ସଂଗ୍ରାମ ଇତିହାସରେ ଦେଶର ଦ୍ୱିତୀୟ ଜାଲିଆନାୱାଲାବାଗ ଭାବେ ପରିଚିତ। ବାସୁଦେବପୁରଠାରୁ ୮ କି.ମି. ଦୂରରେ ଥିବା ଏହି ପୀଠରେ ୨୯ ଜଣ ସଂଗ୍ରାମୀ ଶହୀଦ ହେବାର ଲୋମହର୍ଷଣକାରୀ ସ୍ମୃତି ଆଜି ବି ସବୁରି ମନରେ ତାଜା ହୋଇ ରହିଛି। ଦେଶ ସ୍ୱାଧୀନ ହେବା ପରେ ଏହି ଶହୀଦ ପୀଠ ବହୁଦିନ ଧରି ଅବହେଳିତ ହୋଇ ପଡିରହିଥିଲା। ସ୍ମୃତିସ୍ତମ୍ଭ ନିର୍ମାଣ ଛଡା ଆଉ ସେଭଳି କିଛି ଉନ୍ନୟନ କାର୍ଯ୍ୟ ହୋଇ ନ ଥିଲା। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ୩ ବର୍ଷ ତଳେ ରାଜ୍ୟ ସରକାର ଏହି ପୀଠକୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ଦେଇଛନ୍ତି। ବିକାଶ କାର୍ଯ୍ୟ ଲାଗି ସରକାର ୪୦ ଲକ୍ଷ ଟଙ୍କା ଅନୁଦାନ ରାଶି ଯୋଗାଇ ଦେଇଛନ୍ତି। ସରକାରୀ ପ୍ରୟାସ ପରେ ଏହି ଶହୀଦ ପୀଠର ସ୍ମୃତି ଓ ଗୌରବ ପୁଣି ଉଜ୍ଜୀବିତ ହୋଇ ଉଠିବ ବୋଲି ସମସ୍ତେ ଆଶାପୋଷଣ କରିଥିଲେ। ହେଲେ ଏହି ଆଶା ପୁଣି ମଉଳିବାରେ ଲାଗିଛି। ଶହୀଦ ପୀଠ ସଂଲଗ୍ନ ଅଞ୍ଚଳର ଜମିଜମା ବିବାଦକୁ ନେଇ କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ଉନ୍ନତୀକରଣ କାର୍ଯ୍ୟ ହୋଇପାରୁନାହିଁ । ସବୁ ସ୍ୱପ୍ନ ଅଧୁରା ହୋଇ ରହିଛି। ସରକାରୀ ଅନୁଦାନ ଖର୍ଚ୍ଚ ନ ହୋଇ ପଡି ରହିଛି।





ରକ୍ତତୀର୍ଥ ଇରମରେ ଥିବା ଶହୀଦ ସ୍ମୃତି ପୀଠ (ବାମ) ଓ ଶହୀଦ ସ୍ତମ୍ଭ।

- ବିବାଦରେ ଛନ୍ଦି ହୋଇଛି ଶହୀଦ ପୀଠ ଇରମ
- ଖର୍ଚ୍ଚ ହୋଇପାରୁନି ସରକାରୀ ଅନୁଦାନ
- ଅଧାରେ ଅଟକିଛି ଉନ୍ନୟନ କାର୍ଯ୍ୟ

ଇରମ ଶହୀଦ ପୀଠରେ ସଂଗ୍ରାମୀଙ୍କ ବଳିଦାନକୁ ନେଇ ଗର୍ବ ଅନୁଭବ କରୁଥିବା ଅଞ୍ଚଳବାସୀ ଏଭଳି ସମସ୍ୟା ନେଇ ଚିନ୍ତାପ୍ରକଟ କରି ଏହାର ପ୍ରତିକାର ଦାବି କରିଛନ୍ତି। ରାତି ପାହିଲେ ୭୬ ତମ ଶହୀଦ ଦିବସ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ସମସ୍ତ କାର୍ଯ୍ୟ ଜାରି ରହିଛି। ସମସ୍ତେ ଅତିଥି ଅଭ୍ୟାଗତଙ୍କ ଅପେକ୍ଷାରେ ରହିଛନ୍ତି। ସଂଗ୍ରାମୀଙ୍କ ସମେତ ବହୁ ବିଶିଷ୍ଟ ନାଗରିକ ବିଭିନ୍ନ ସମୟରେ ଇରମ ପୀଠକୁ ଆସି ଭାବାବେଗରେ ଏହାର ମାଟିକୁ ମଥାରେ ବୋଳିବା ଦେଖାଯାଏ। ଶୁକ୍ରବାର ଶହୀଦ ଦିବସ ପାଳନ ଉତ୍ସବ ଆୟୋଜନକୁ ନେଇ ପୀଠ ପରିସର ଚଳଚଞ୍ଚଳ ହୋଇ ଉଠିଛି। ଅତିଥି ଅଭ୍ୟାଗତମାନେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଫେରିଯିବେ। ଉତ୍ସବ ପରେ ପୁଣି ହୁଏତ ନୀରବ ନିଷ୍ପନ୍ଦ ହୋଇଯିବ ଏ ମାଟି ।

ସ୍ୱାଧୀନତା ସଂଗ୍ରାମର ବଳିଦାନକୁ ଉଜ୍ଜୀବିତ ରଖିବା ଲକ୍ଷ୍ୟ ନେଇ ପୀଠର ବିକାଶ ଆଣିବା ସକାଶେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦିଆଯାଇଥିବା ଅର୍ଥରେ ୨ ମାସ ତଳେ ନୂତନ ବାଉଣ୍ଡରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସ୍ଥାନକୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା, ସେମାନଙ୍କ ରହଣି ବ୍ୟବସ୍ଥା ଭଳି ବିଭିନ୍ନ ସୁବିଧା ଯୋଗାଇଦେବା ଏବଂ ଭିତ୍ତିଭୂମିର ବିକାଶ ଲାଗି ସରକାରୀ ସ୍ତରରେ ଯୋଜନା କରାଯାଇଥିବା କୁହାଯାଉଛି। କିନ୍ତୁ ଜମିଜମା ବିବାଦ ନେଇ ଏହି ପୀଠ ଅଡୁଆରେ ଛନ୍ଦି ହୋଇପଡିଥିବାରୁ ଉନ୍ନୟନ କାର୍ଯ୍ୟକୁ ଅଧାରୁ ବନ୍ଦ କରିଦିଆଯାଇଛି। ରାଜ୍ୟ ସରକାରଙ୍କ ଅନୁଦାନ ବ୍ୟତୀତ ପୂର୍ବବର୍ଷ ଶହୀଦ ଦିବସରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବିଭାଗରୁ ୧ କୋଟି ଟଙ୍କା ଅର୍ଥ ଏହି ପୀଠକୁ ପ୍ରଦାନ କରିଥିଲେ। ତାହା ମଧ ଏଭଳି କାରଣରୁ ଖର୍ଚ୍ଚ ହୋଇପାରୁନି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଆଦୌ ଚିନ୍ତିତ ନ ଥିବା ପରି ମନେ ହେଉଥିବା ସ୍ଥାନୀୟ ଅଞ୍ଚଳବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେହିପରି ଇରମ ଗୁଳିକାଣ୍ଡରେ ଆତ୍ମବଳି ଦେଇଥିବା ଶହୀଦ ଓ ସଂଗ୍ରାମୀଙ୍କ ପରିବାରର ଆର୍ଥିକ, ସାମାଜିକ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଗୁଳିକାଣ୍ଡ ପୂର୍ବରୁ ବ୍ରିଟିଶ ଫୌଜଙ୍କୁ ବିରୋଧ କରାଯିବା ବେଳେ ଏଠାରେ ସାହସିକତା ଦେଖାଇ ସଂଗ୍ରାମୀ ମଣିବେଜ ପୋଲିସ ଡ୍ରେସରେ ପରିସ୍ରା କରି ସେମାନଙ୍କ ଆକ୍ରୋଶର ଶିକାର ହୋଇଥିଲେ। ତାଙ୍କ ପରିବାର ଆଜି ଘୋର ଦୁର୍ଦ୍ଦିନରେ ରହିଛନ୍ତି। ରାଜ୍ୟ ସରକାର ତୁରନ୍ତ ଏହି ଶହୀଦ ପୀଠକୁ ବିବାଦମୁକ୍ତ କରି ଏହାକୁ ଜାତୀୟ ସମ୍ପତ୍ତିର ମାନ୍ୟତା ଦେବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ବିଡ଼ମ୍ବନା

### ଏ ଯାଏ ମିଳିନି ଜାତୀୟ ସ୍ମାରକୀ ମାନ୍ୟତା

**ବାସୁଦେବପୁର,୨୭।୯(ଡି.ଏନ.ଏ.)**

ଦ୍ୱିତୀୟ ଜାଲିଆନାୱାଲାବାଗ ଓ ରକ୍ତତୀର୍ଥର ମାନ୍ୟତା ପାଇଥିଲେ ମଧ ଐତିହାସିକମାନେ ଇରମର ଘଟଣାବଳୀକୁ ଠିକ୍ ଭାବରେ ଇତିହାସରେ ଉପସ୍ଥାପିତ କରିପାରି ନ ଥିବାରୁ ଏହି ପୀଠ ଆଜି ଯାଏ ଜାତୀୟ ସ୍ମାରକୀ ହେବାରୁ ବଞ୍ଚିତ ହୋଇଛି। ମହାତ୍ମା ଗାନ୍ଧୀଙ୍କ ଭାରତଛାଡ ଆନ୍ଦୋଳନ ଡାକରା ପରେ ବାସୁଦେବପୁର ଅଞ୍ଚଳରେ ଭିନ୍ନ ଜାଗରଣ ସୃଷ୍ଟି ହୋଇଥିଲା। ଶହଶହ ସଂଗ୍ରାମୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବ୍ରିଟିଶ୍ ଫୌଜ ଆତଙ୍କିତ ହୋଇପଡିଥିଲେ। ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ଆନ୍ଦୋଳନ କରୁଥିବା ସଂଗ୍ରାମୀଙ୍କ ଉପରକୁ ବ୍ରିଟିଶ ଫୌଜ ଆଖିବୁଜା ଗୁଳି ଚଳାଇବାରୁ ଏଠି ୨୯ ସଂଗ୍ରାମୀ ଶହୀଦ ହୋଇଥିଲେ। ଅନ୍ୟ ୫୬ ସଂଗ୍ରାମୀ ଆହତ ହୋଇଥିଲେ। ୨୯ ଶହୀଦଙ୍କ ମଧ୍ୟରୁ ୨୮ ଜଣ ଘଟଣାସ୍ଥଳରେ ପ୍ରାଣ ହରାଇଥିଲା ବେଳେ ଜଣେ ସଂଗ୍ରାମୀ ଆହତ ହୋଇ ବନ୍ଦୀ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ସେହିପରି ୨୯ ଶହୀଦଙ୍କ ମଧ୍ୟରୁ ପରିବେୱା ଥିଲେ ଏକମାତ୍ର ମହିଳା ଶହୀଦ। ବିଜୁଳି ଦାସ ଥିଲେ ସର୍ବକନିଷ୍ଠ ଶହୀଦ। ସ୍ୱାଧୀନତା ସଂଗ୍ରାମର ଏହି ସ୍ମୃତି ଇରମ ଓ ବାସୁଦେବପୁର ଅଞ୍ଚଳକୁ ଗୌରବାନ୍ୱିତ କରିଥିବା ଅଞ୍ଚଳବାସୀ ଦର୍ଶାଇ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଆସୁଛନ୍ତି।

# ଫସଲବୀମାରୁ ବଞ୍ଚିତ ଚାଷୀଙ୍କ ଧାରଣା



ଚାଷୀମାନେ ଧାରଣାରେ ବସି ରହିଛନ୍ତି।

**ତିହିଡ଼ି,୨୭।୯(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଚାରିତରଫ ସେବା ସମବାୟ ସମିତି ସାମ୍ନାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରୁ ବଞ୍ଚିତ ହୋଇଥିବା ଚାଷୀମାନେ ଗୁରୁବାର ଗଣଧାରଣା ଦେଇ ବସିରହିଥିଲେ। ରାଜନଗର ପଞ୍ଚାୟତ ଅଧୀନ ବାହାରପାଳ ମୌଜାର ଚାଷୀମାନେ ଗତ ଖରିଫ୍ ଋତୁରେ ଋଣ କରି ଚାଷ କରିଥିଲେ। ସେମାନେ ବୀମାଭୁକ୍ତ ହୋଇଥିଲେ ମଧ ୧୫୭ ଜଣ ଚାଷୀ ଫସଲବୀମା ଯୋଜନାରୁ ବାଦ୍ ପଡ଼ିଥିବା ଅଭିଯୋଗ କରିଛନ୍ତି। ସେମାନେ ବିଭିନ୍ନ ସମୟରେ ଏ ସମ୍ପର୍କରେ ଜିଲାପାଳ, ବିଡିଓ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଧାରଣା ଦେଇଥିଲେ ବୋଲି ପ୍ରକାଶ କରିଥିଲେ। ସୁବାସ ସେଠୀ, ଶ୍ରୀଧର ପାଢ଼ୀ, ବୃନ୍ଦାବନ ସେଠୀ, ରବିନାରାୟଣ ପାଢ଼ୀ, କୃଷ୍ଣଚନ୍ଦ୍ର ପାଢ଼ୀ, ଅରୁଣ ବାରିକ, ଭାସ୍କର ପଣ୍ଡା, ବସନ୍ତ ପଣ୍ଡା, ବିଜୟ ପଣ୍ଡା, ଅଭୟ ପଣ୍ଡା ପ୍ରମୁଖ ଚାଷୀ ଏଥିରେ ସାମିଲ ହୋଇଥିଲେ। ସମବାୟ ସମିତି ସଭାପତି ସୁବାସ ଚନ୍ଦ୍ର ସ୍ୱାଇଁ ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି କିପରି ବୀମା ମିଳିପାରିବ ସେ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ଧାରଣା ଜାରି ରହିବ ବୋଲି ଚାଷୀଙ୍କ ପକ୍ଷରୁ କୁହାଯାଇଛି।

## ଭାଜପାର ମଣ୍ଡଳସ୍ତରୀୟ ବୁଥ୍ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ବନ୍ତ,୨୭।୯(ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡାସ୍ଥିତ ମହତାବ ମେମୋରିଆଲ ହଲ୍‌ରେ ଭାଜପାର ୧୪ ନମ୍ବର ଜୋନ ଡ. ମହତାବ ମଣ୍ଡଳ ପକ୍ଷରୁ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଗୋପାଳକୃଷ୍ଣ ଦାଶ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ବଦ୍ରିନାରାୟଣ ଧଳ ଯୋଗଦେଇ ଆସନ୍ତା ଅକ୍ଟୋବର ୨ରୁ ନିର୍ବାଚନ ମଣ୍ଡଳୀର ପ୍ରତି ଘରକୁ ଯାଇ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। ଜିଲାବାସୀଙ୍କ ଦୀର୍ଘଦିନର ଦାବି କେନ୍ଦୁଆପଦା ରେଳ ଷ୍ଟେଶନରେ ଫାଷ୍ଟ ପାସେଞ୍ଜର ରହଣି, ଧାମରା ବନ୍ଦରରେ ଏଲ୍ଏନ୍‌ଜି ଟର୍ମିନାଲ କାର୍ଯ୍ୟ ଆରମ୍ଭ, ପାଇମହୁରାରେ ଟେକ୍ସଟାଇଲ ମିଲ୍ ପାଇଁ ଜମି ଅଧିଗ୍ରହଣ, ଚରମ୍ପା ରେଳ ଷ୍ଟେଶନର ଫୁଟଓଭରବ୍ରିଜ, ନୂତନ ଟିକେଟ କାଉଣ୍ଟର କାର୍ଯ୍ୟକ୍ଷମ ଆଦି ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ସମ୍ପର୍କରେ ବାର୍ତ୍ତା ନେଇ ଦଳୀୟ ଲୋକଙ୍କ ପାଖକୁ ଯିବାକୁ ଆହ୍ୱାନ ଦିଆଯାଇଥିଲା। ମହିଳାମୋର୍ଚ୍ଚା ସଭାନେତ୍ରୀ ମନସ୍ୱିତା ଖୁଣ୍ଟିଆ, ପ୍ରଦୀପ୍ତ ବିଶ୍ୱାଳ, ଗୌରହରି ନନ୍ଦ, ତପନ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଦେବେନ୍ଦ୍ର କୁମାର ପାଢୀଙ୍କ ନେତୃତ୍ୱରେ ପୁରୁଷଣ୍ଡ ଓ ମହାନ୍ତିପଡା ପଞ୍ଚାୟତର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଜୋନ ଅଧୀନ ସମସ୍ତ ପଞ୍ଚାୟତରୁ ଭାଜପା କର୍ମୀ ବୈଠକରେ ଯୋଗଦେଇଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଧାମନଗର,୨୭।୯(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ରାମେଶ୍ୱରପୁର ଗ୍ରାମର ଶ୍ରୀକାନ୍ତ ବେହେରା(୨୪)ଙ୍କ ମୃତଦେହ ତାଙ୍କ ଶୋଇବା ଘର ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ବୁଧବାର ରାତିରେ ନିଜ ଗାମୁଛାରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ତାଙ୍କ ଭାଇ ଖଗେଶ୍ୱର ବେହେରାଙ୍କ ଅଭିଯୋଗ କ୍ରମେ ଧାମନଗର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୬/୧୮) ରୁଜୁ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

- ଜାତୀୟ ପୁଷ୍ଟି ସପ୍ତାହ

## ୩ ଅଙ୍ଗନୱାଡି କର୍ମୀ ପୁରସ୍କୃତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଭଦ୍ରକ ଅଫିସ, ୨୭।୯**

ଭଦ୍ରକ ସିଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଜାତୀୟ ପୁଷ୍ଟି ସପ୍ତାହ ଦିବସ ପାଳିତ ହୋଇଯାଇଛି। ବ୍ଲକ ସିଡିପିଓ ଅନ୍ନପୂର୍ଣ୍ଣା ସିଙ୍କୁ ଅଧକ୍ଷତା କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଆଶାଲତା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପୁଷ୍ଟି ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଡିଓ ହରିଶ୍ଚନ୍ଦ୍ର ଜେନା, ପ୍ରୋଗ୍ରାମ ଅଫିସର ସଙ୍ଗୀତା ଦେଓ, ମହିଳା ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଶ୍ରୀ ପତି, ସୁପରଭାଇଜର ବନ୍ଦନା ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ଅର୍ଣ୍ଣପୂର୍ଣ୍ଣା ସାହୁ, ସୁଲୋଚନା ବେହେରା, ମଞ୍ଜୁଶ୍ରୀ ପତି, ମଲ୍ଲୀଲତା ଦାସ, ରଶ୍ମିତା ନାୟକ, ନିବେଦିତା ଜେନା ପ୍ରମୁଖ ଯୋଗଦେଇ ଗର୍ଭବତୀ ମହିଳା, ସାବାଳିକାଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ରନ୍ଧାଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। ଉତ୍କୃଷ୍ଟ ଖାଦ୍ୟ ପ୍ରସ୍ତୁତ କରିଥିବା ୩ ଜଣ ଅଙ୍ଗନୱାଡି କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସାବାଳିକାମାନଙ୍କୁ ନେଇ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଧର ମାଝୀ, ରାଜେଶ ପଣ୍ଡା, ସୁବ୍ରତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଲେଖିକାଲେଖକ ବୈଠକରେ ଉଠିଲା ମେଡ଼ିକାଲ କଲେଜ ଦାବି

**ଭଦ୍ରକ ଅଫିସ,୨୭।୯**

ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲାର ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଓ ତଥ୍ୟକୁ ପ୍ରଚାର ପ୍ରସାର କରିଆସୁଥିବା ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଲେଖକ, ଲେଖିକାଙ୍କ ବୈଠକ ଶ୍ରୀ ବାଲଗୋପାଲ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ମୁଖ୍ୟ ପରିଚାଳକ ଭାଗୀରଥି ନନ୍ଦଶର୍ମା ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଭଦ୍ରକରେ ମେଡ଼ିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ବୈଠକରେ ଦାବି କରାଯାଇଥିଲା। ଶରତ ଚନ୍ଦ୍ର ମହାନ୍ତି, ପଦ୍ମଲୋଚନ ମହାପାତ୍ର, ପୀତାମ୍ବର ପଣ୍ଡା, ତ୍ରିଲୋଚନ ପଣ୍ଡା, ହରିହର ଦାସ ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ନାରାୟଣ ଚନ୍ଦ୍ର ପ୍ରଧାନ, ସନାତନ ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ପଣ୍ଡା, ଜ୍ୟୋତ୍ସ୍ନାମୟୀ ପଣ୍ଡା, ଗୀତାରାଣୀ ମହାନ୍ତି, ବାବୁଲାଲ ଦାସ ପ୍ରମୁଖ ଯୋଗଦେଇଥିଲେ।

## ଆନ୍ଦୋଳନ ଯୋଗୁ ଅଚଳାବସ୍ଥା

**ତିହିଡ଼ି/ ଚାନ୍ଦବାଲି, ୨୭।୯(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଓକିଲ ସଂଘ ପକ୍ଷରୁ ଜଣେ ଆଇନଜୀବୀଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ଗୁରୁବାର ଆନ୍ଦୋଳନ କରାଯାଇଥିଲା। ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ଆଇନଜୀବୀମାନେ ତହସିଲ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। କଟକ ହାଇକୋର୍ଟ ଆଇନଜୀବୀଙ୍କୁ ମାଡ଼ ମାରିଥିବା ପୋଲିସଙ୍କୁ ଗିରଫ କରାଯିବାକୁ ଦାବି ହୋଇଛି। ଆଇନଜୀବୀ ବିଷ୍ଣୁ ଦାଶ, ତପନ ମିଶ୍ର, ସୂର୍ଯ୍ୟ ମିଶ୍ର, ପ୍ରଫୁଲ୍ଲ ପାଢ଼ୀ, ଅକ୍ଷୟ ମଲିକ, ସୁବାସ ବେହେରା, ଅପୂର୍ବ ରଞ୍ଜନ ଦାସ, ହରେକୃଷ୍ଣ ପତି ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲୁ ରହିବ ବୋଲି ଚେତାବନୀ ଦିଆଯାଇଛି।

ସେହିପରି ଓକିଲଙ୍କ ଆନ୍ଦୋଳନ ଯୋଗୁ ଗୁରୁବାର ଚାନ୍ଦବାଲି ତହସିଲ, ବ୍ଲକ ଓ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରେ ତାଲା ପକାଇ ଦିଆଯାଇଥିଲା। ଓକିଲମାନେ ଆସି ଏହି ୩ ଅଫିସରେ କାମ ବନ୍ଦ କରିଥିଲେ। ଫଳରେ କାମ ନେଇ ଆସିଥିବା ଲୋକେ ନିରାଶ ହୋଇ ଫେରିଯାଇଥିଲେ।



ତିହିଡ଼ିରେ ଆନ୍ଦୋଳନରେ ସାମିଲ ହୋଇଥିବା ଆଇନଜୀବୀମାନେ।

# ରାଶନକାର୍ଡ ପାଇଁ ତେଜିଲା ଆନ୍ଦୋଳନ

**ବାସୁଦେବପୁର, ୨୭।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଓ ପୌରପାଳିକା ଅଞ୍ଚଳରେ ରାଶନକାର୍ଡ ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ଶତାଧିକ ଯୋଗ୍ୟ ହିତାଧିକାରୀ ଓ ଲୋକପ୍ରତିନିଧି ଗୁରୁବାର ବ୍ଲକ ଓ ପୌରପାଳିକା କାର୍ଯ୍ୟାଳୟ ଘେରାଉ କରିଥିଲେ। ଫଳରେ ଅପରାହ୍ନ ପର୍ଯ୍ୟନ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ସରପଞ୍ଚ ସୁବ୍ରତ କୁମାର ରାୟ, କମଳାକାନ୍ତ ବାରିକ, ଦୟାନିଧି ଦାସ, କଳ୍ପନାରାଣୀ ସାହୁ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବଳ, ରମେଶ ମହାନ୍ତି, ତପନ ଭୂୟାଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଭାତ ବାରିକଙ୍କ ସମେତ ଶତାଧିକ ବ୍ୟକ୍ତି ଧାରଣାରେ ବସିଥିଲେ। ଏହି ଅନିୟମିତତାରେ ଦୁଇ ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ। ଅନୁରୂପ ଭାବେ ପୌରପାଳିକାର ବିଭିନ୍ନ ୱାର୍ଡରୁ ଶତାଧିକ ମହିଳା ଆସି ପୌରପାଳିକା କାର୍ଯ୍ୟାଳୟରେ ପହଞ୍ଚି ନିର୍ବାହୀ ଅଧିକାରୀ ସମରେନ୍ଦ୍ର ଗ୍ରହାଚାର୍ଯ୍ୟଙ୍କୁ ଘେରାଉ କରିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ବିଡିଓଙ୍କ କାର୍ଯ୍ୟାଳୟରେ ବିଡିଓ ବୀରକିଶୋର ପାଣିଗ୍ରାହୀ, ପୌରାଧକ୍ଷ ଅଶୋକ ଦାସ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ମହାନ୍ତି, ଆଇଆଇସି ଉମାଶଙ୍କର ନାୟକ, ଭଦ୍ରକ ସିଏସ୍‌ଓ, ବାସୁଦେବପୁର ଯୋଗାଣ ଅଧିକାରୀ ବିଭୀଷଣ ନାୟକ ଓ ବ୍ଲକରେ ଆନ୍ଦୋଳନରେ ବସିଥିବା ବ୍ୟକ୍ତିଙ୍କ ମଧ୍ୟରୁ ଏକ ୫ଜଣିଆ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଏଭଳି ଅନିୟମିତତା ନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି।



ବ୍ଲକ କାର୍ଯ୍ୟାଳୟ ଆଗରେ ହିତାଧିକାରୀ ଓ ଲୋକ ପ୍ରତିନିଧି ଧାରଣାରେ ବସିଛନ୍ତି।

- କାର୍ଡ ପ୍ରସ୍ତୁତିରେ ଅନିୟମିତତା ଅଭିଯୋଗ
- ବ୍ଲକ, ପୌରପାଳିକା କାର୍ଯ୍ୟାଳୟ ଘେରିଲେ ଲୋକେ

## ସଂକ୍ଷେପରେ

### ଆଜି ବନ୍ଦ ରହିବ ଔଷଧ ଦୋକାନ

**ରାଇସୁଆଁ, ୨୭।୯(ଡି.ଏନ.ଏ.):** ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଙ୍ଗଠନର ଆହ୍ୱାନ କ୍ରମେ ୨୮ ତାରିଖରେ ସମସ୍ତ ମେଡିସିନ ଷ୍ଟୋର ବନ୍ଦ ରହିବ ବୋଲି ସୂଚନା ମିଳିଛି। ଏ ନେଇ କେନ୍ଦୁଝର ଜିଲା ଔଷଧ ବ୍ୟବସାୟୀ ସଂଘ ଆହ୍ୱାନ ଦେଇଛି। ଇ ଫାର୍ମାସି ଯୋଗୁ ସାରା ଭାରତରେ ୮ ଲକ୍ଷ ବ୍ୟବସାୟୀ ଏବଂ ଓଡ଼ିଶାରେ ୧୮ ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଜୀବିକା ହରାଇବାର ଆଶଙ୍କା ରହିଛି। ସରକାରଙ୍କ ଏପରି ନୀତିକୁ ବିରୋଧ କରି କେନ୍ଦୁଝର ଜିଲାର ସମସ୍ତ ଔଷଧ ଦୋକାନ ବନ୍ଦ ରହିବ ବୋଲି ଔଷଧ ବ୍ୟବସାୟୀ ଉମାକାନ୍ତ ସ୍ୱାଇଁ କହିଛନ୍ତି।

### ନାବାଳିକା ଅନ୍ତଃସତ୍ତ୍ୱା, ଜଣେ ଗିରଫ

**ଯୋଡା, ୨୭।୯(ଡି.ଏନ.ଏ):** ଯୋଡ଼ା ସହର ଅଞ୍ଚଳରେ ଜଣେ ନାବାଳିକା ଅନ୍ତଃସତ୍ତ୍ୱା ହେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକ ଜଣଙ୍କ ହେଲେ ଯୋଡ଼ା ଅଞ୍ଚଳର ଆୟୁବ୍ ଶେଖ। ଆୟୁବ୍ ଜଣେ ନାବାଳିକାଙ୍କୁ ନିଜ ପାଖରେ ରଖି ଦୀର୍ଘ ୧ ବର୍ଷ ଧରି ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣଙ୍କ ୭ ମାସର ଅନ୍ତଃସତ୍ତ୍ୱା ହେବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଫଳରେ ନାବାଳିକାଙ୍କ ସହ ମିଶି ଆୟୁବ୍ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରି ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସେମାନେ ସୁସ୍ଥ ହେବା ପରେ ଆୟୁବ୍ ଓ ନାବାଳିକାଙ୍କ ଡାକ୍ତରୀ ମାଇନା ପରେ ଗୁରୁବାର ଯୋଡା ପୋଲିସ ନିକଟରେ ହାଜର କରାଯାଇଥିଲା। ଥାନାରେ ଏକ ମାମଲା (ନଂ. ୧୫୫/୧୮) ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ରଞ୍ଜିତ୍ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

### 'ଡ୍ରାଇଭିଂ ଲାଇସେନ୍ସ ପାଖରେ ରଖ'

**ଚମ୍ପୁଆ, ୨୭।୯(ଡି.ଏନ.ଏ.):** ରାସ୍ତାରେ ଗାଡି ଚଳାଇବା ବେଳେ ଚାଳକମାନେ ଲାଇସେନ୍ସ ଧରିବାକୁ ବାଧ ବୋଲି ଚମ୍ପୁଆ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ଚମ୍ପୁଆ ପୋଲିସ ପକ୍ଷରୁ ଟ୍ରାକ୍ଟର ମାଲିକ ସଂଘ ସଭାପତି ସୁରେନ୍ଦ୍ର ନାଏକଙ୍କୁ ଜଣାଇଛନ୍ତି। ୧୫ ଦିନ ମଧ୍ୟରେ ଟ୍ରାକ୍ଟରମାନେ ସମସ୍ତ କାଗଜ ପତ୍ର ସହ ଗାଡିର ଚାଳକଙ୍କ ଲାଇସେନ୍ସ ଧରିବା ଆବଶ୍ୟକ। ଆଇନ ଉଲ୍ଲଘଂନ କଲେ ସରକାରୀ ନିୟମ ଅନୁସାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଛି। ଦ୍ରୁତ ଗାଡି ଚାଳନା, ଚଳନ୍ତା ଗାଡିର ଟ୍ରାକ୍ଟର ଟ୍ରଲିରେ ଶ୍ରମିକ ବସୁଥିବା, ମାଲ ପରିବହନ ସମୟରେ ପଲିଥିନ ବ୍ୟବହାର, ହେଲପରଙ୍କୁ ଗାଡି ନ ଚଳାଇବାକୁ ଦେବା ଆଦି ସମସ୍ତ ବିଷୟରେ ଚମ୍ପୁଆ ଆଇଆଇସି ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି।

### ଆଶ୍ରମରେ ଥଇଥାନ ହେଲେ ବୃଦ୍ଧ

**କେନ୍ଦୁଝର, ୨୭।୯(ସ୍ୱ.ପ୍ର.):** ସୁଦୂର ଉତ୍ତରପ୍ରଦେଶ ରାଜ୍ୟରୁ ବାଟବଣା ହୋଇ ଚାଲିଆସିଥିବା ବୃଦ୍ଧ କାନ୍ତା ପ୍ରସାଦଙ୍କୁ ଆଶ୍ରୟ ମିଳିଛି। ଦୀର୍ଘ ୧୦ ଦିନ ହେଲା ପାଟଣା ବ୍ଲକ ଖିରେଇ ଟାଙ୍ଗିରି ଗ୍ରାମରେ ଏକ ଘର ବାରଣ୍ଡାରେ ସେ ପଡିରହିଥିଲେ। କେରୀ ଗ୍ରାମର ଯୋଗେଶ୍ୱର ମହାନ୍ତ ତାଙ୍କୁ ଖାଇବା ପିଇବା ଦେଉଥିଲେ। ତାଙ୍କ ଘର ଉତ୍ତରପ୍ରଦେଶ ବନାରସ ନିକଟ ଭଦାଇ ଜିଲା ଜ୍ଞାନପୁର ତହସିଲ ଭରତପୁର ଗ୍ରାମ ବୋଲି ସେ କହୁଛନ୍ତି। ସେ ହିନ୍ଦୀରେ କଥାବାର୍ତ୍ତା କରୁଛନ୍ତି। ଏ ନେଇ ଧରିତ୍ରୀରେ ଗୁରୁବାର ଖବର ପାଇବା ପରେ ସ୍ଥାନୀୟ ପୋଲିସ ସହାୟତାରେ ସଦର ବ୍ଲକ ବନୋଯୋଡିଠାରେ ଥିବା ଆନନ୍ଦାଶ୍ରମରେ ଆଶ୍ରୟ ଦିଆଯାଇଥିବା ଜଣାପଡିଛି। ତାଙ୍କୁ ପ୍ରଶାସନ ସହାୟତା କରି ତାଙ୍କ ଘରକୁ ପଠାଇବା ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ନିବେଦନ କରୁଛନ୍ତି।

### ୨ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

**ଢେଙ୍କିକୋଟ, ୨୭।୯(ଡି.ଏନ.ଏ.):** ଢେଙ୍କିକୋଟ ଫାଣ୍ଡି ଅଧୀନ ଢେଙ୍କିକୋଟ ବଜାରରୁ ଗୁରୁବାର ଢେଙ୍କିକୋଟ ଫାଣ୍ଡି ଅଧିକାର ଭାରତ ଚନ୍ଦ୍ର ନାୟକ, ଘଟଗାଁ ଥାନା ଆଇଆଇସି ସତିସ କୁମାର ନାୟକ ସଦଳବଳେ ଚଢ଼ାଉ କରି ୨ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଛନ୍ତି। ଢେଙ୍କିକୋଟ ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଲୁଟ୍, ଚୋରି, ରାହାଜାନୀ ବୃଦ୍ଧି ପାଉଥିଲା। ଏଥିରେ ସେମାନେ ସମ୍ପୃକ୍ତି ଥିବା କୁହାଯାଉଛି।

# ହାତୀ ଉପଦ୍ରବରେ ୧୨ ଘର ଧ୍ୱସ୍ତ

**କେନ୍ଦୁଝର/ଝୁମ୍ପୁରା, ୨୭।୯(ସ୍ୱ.ପ୍ର./ଡି.ଏନ.ଏ.)**

- ବାସହୀନ ହୋଇଗଲେ ପରିବାର
- ଫସଲ, ପନିପରିବା କ୍ଷତିଗ୍ରସ୍ତ

ଚମ୍ପୁଆ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଫଳରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ୨୪ ହାତୀ ବୁଧବାର ରାତିରେ ଖୁଣ୍ଟାପଡ଼ା ଗ୍ରାମ ଜଙ୍ଗଲକୁ ଚାଲିଆସିଛନ୍ତି। ଆଖପାଖ ଅଞ୍ଚଳର ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ହାତୀ ପଲ ୧୨ଟି ଘର ଭାଙ୍ଗି ଦେଇଛନ୍ତି। ସୋମବାରୀ ବେଷ୍ଟକାର, ଶ୍ରୀମତୀ ବେଷ୍ଟକାର, କୀର୍ତ୍ତନ ବେଷ୍ଟକାରଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସେମାନେ ଗୃହହୀନ ହୋଇ ଯାଇଛନ୍ତି। ତୁରନ୍ତ ସହାୟତା ଦେବାକୁ ଲୋକେ ଦାବି କରିଛନ୍ତି।

ହାତୀପଲ ଘରର କାନ୍ଥ ଭାଙ୍ଗି ଖାଦ୍ୟଶସ୍ୟ ଖାଇଦେଇଛନ୍ତି। ଘର ସାମଗ୍ରୀ ଭଙ୍ଗାରୁଜା କରିଛନ୍ତି। ଘରେ ଥିବା ଲୋକେ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ହାତୀପଲ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଫସଲ ଓ ପନିପରିବା ଚାଷ କ୍ଷତି କରିଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଖବର ପାଇ ବିଦ୍ୟାଧର ସାହୁ, ବାଲିବନ୍ଧ ଫରେଷ୍ଟର ଓ ଅନ୍ୟ କର୍ମଚାରୀ ପହଞ୍ଚି ହାତୀପଲଙ୍କୁ ସଦର ରେଞ୍ଜ ଜଙ୍ଗଲାଞ୍ଚଳକୁ ଘଉଡାଇ ଦେବା ପାଇଁ ଉଦ୍ୟମ କରୁଥିବା ଜଣାପଡିଛି।


ଭଙ୍ଗାଘର ଆଗରେ କ୍ଷତିଗ୍ରସ୍ତ ପରିବାରବର୍ଗ।



ଆଇନ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ତାଲୁକ ଆଇନ ସେବା ପକ୍ଷରୁ ସଚେତନତା

**ଆନନ୍ଦପୁର, ୨୭।୯(ସ୍ୱ.ପ୍ର.)**

ଆନନ୍ଦପୁର ତାଲୁକ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ଆନନ୍ଦପୁର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଘସିପୁରା ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀ ପବିତ୍ରା ନନ୍ଦ ପ୍ରଧାନ, ସିଭିଲ ଜଜ୍ ସିନିୟର୍ ଡିଭିଜନ୍ ଆନନ୍ଦପୁର ପୁନମ୍ ଜେନା, ଏସଡିଜେଏମ ସୁଦୀପ୍ତା ଦେହୁରି, ଜେଏମଏସସି ଅମିତ କୁମାର, ଆନନ୍ଦପୁର କଲେଜ ଅଧ୍ୟକ୍ଷ ରମାକାନ୍ତ ନାୟକ, ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ଲିଗାଲ ଏଡ୍ ସଦସ୍ୟ ଆଇନଜୀବୀ ବାଇଧର ସେଠୀ, ଅଧ୍ୟାପକ ଦିଲୀପ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଆଇନର ବିଭିନ୍ନ ଦିଗ ସମ୍ପର୍କରେ ସଚେତନତା କରିଥିଲେ।

# ଖେଳାଳି ଚୟନ ପ୍ରକ୍ରିୟା ଶେଷ

**ବଡ଼ବିଲ, ୨୭।୯(ସ୍ୱ.ପ୍ର.)**

ବଡ଼ବିଲଠାରେ ଅକ୍ଟୋବରରେ ହେବାକୁ ସ୍ଥିରୀକୃତ ହୋଇଥିବା ବଡବିଲ ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ ପାଇଁ ମୋଟ ୮ଟି ଟିମ୍ ଅଂଶ ଗ୍ରହଣ କରିବାକୁ ନିର୍ଦ୍ଧାରିତ ହୋଇଛି। ଏ ନେଇ ବୁଧବାର ଖେଳାଳି ଚୟନ ପ୍ରକ୍ରିୟା ଶେଷ ହୋଇଛି। ୮ଟି ଟିମ୍‌ର କୋଚ, ମ୍ୟାନେଜରଙ୍କ ସହ ଚୟନ ନିମନ୍ତେ କ୍ରିକେଟର ସମସ୍ତ ଅଭିଜ୍ଞତା ଥିବା ବ୍ୟକ୍ତିମାନେ ପ୍ରତ୍ୟେକ ଟିମ୍‌ରେ ରହି ଉପଯୁକ୍ତ ଖେଳାଳିଙ୍କୁ ଚୟନ କରି ନିଜ ଟିମ୍‌ରେ ସାମିଲ କରିଥିବା ଜଣାପଡିଛି। ବଡବିଲ ବ୍ରଦରହୁଡ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜନ କରାଯାଉଥିବା ଲିଗ ମ୍ୟାଚ୍ ନିମନ୍ତେ ଥିବା ଚୟନ ପ୍ରକ୍ରିୟାରେ ସଞ୍ଜୟ ନାଏକ, ମୋହନ ଗୁପ୍ତା, ଦେବରଞ୍ଜନ ନାୟକ, ରସିଦ ଅହମ୍ମଦ ଓ ରସାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଖେଳାଳି ଚୟନ ପ୍ରକ୍ରିୟାରେ ଉପସ୍ଥିତ ପ୍ରତିନିଧି ଦଳ।

# ନୂତନ ଶ୍ରେଣୀଗୃହର ଶିଳାନ୍ୟାସ

**ଚମ୍ପୁଆ, ୨୭।୯(ଡି.ଏନ.ଏ.)**

ଚମ୍ପୁଆ ସଦର ମହକୁମାସ୍ଥିତ ରାମଲା ଆଶ୍ରମ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହର ଶିଳାନ୍ୟାସ ଗୁରୁବାର କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରିଙ୍କ ଦ୍ୱାରା ହୋଇଯାଇଛି। ୧୯୬୦ରେ ପ୍ରତିଷ୍ଠା କରାଯାଇଥିବା ସେବାଶ୍ରମ ୧୯୯୮ରେ ଆଶ୍ରମର ମାନ୍ୟତା ପାଇଥିଲା। ପ୍ରଥମରୁ ନବମ ପର୍ଯ୍ୟନ୍ତ ୫୬୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବିଦ୍ୟାଳୟରେ ଦଶମ ଶ୍ରେଣୀ ଖୋଲିବା ପାଇଁ ନୂତନ ଶ୍ରେଣୀ ଗୃହର ଶିଳାନ୍ୟାସ କରାଯାଇଛି।

ଏ ନେଇ ଏକ ସାଧାରଣ ସଭା ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଲାଗୁରୀ, ସମ୍ମାନିତ ଅତିଥି ପୂର୍ବତନ ଏମ୍‌ପି ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ପୂର୍ବତନ ବିଧାୟକ ଧନୁର୍ଜୟ ଲାଗୁରୀ, ଉପଖଣ୍ଡ ସମାଜ ମଙ୍ଗଳ ଅଧିକାରୀ ବିଜୟ କୁମାର ଗିରି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଧବାନନ୍ଦ ହୋତା, ଛାତ୍ର ଅଭିଭାବକ, ସ୍ଥାନୀୟ ଗ୍ରାମବାସୀ ଏବଂ ଶୁଭେଚ୍ଛୁ ଆଦି ଉପସ୍ଥିତ ଥିଲେ। ଆଗାମୀ ଦିନରେ ଖଣି ଉନ୍ନୟନ ସହାୟତା ପାଣ୍ଠିରୁ ଏକ ଇଣ୍ଡର ଷ୍ଟାଡିୟମ ନିର୍ମାଣ କରିବାକୁ ସ୍ଥାନୀୟ ଉପଜିଲାପାଳ ତଥା ପ୍ରକଳ୍ପ ପ୍ରଶାସକ ସୁଶ୍ରୀ ପଟାୱରୀ ସୂଚନା ଦେଇଥିଲେ। ପିଲାମାନେ ଓ ଶିକ୍ଷକ, ଅଭିଭାବକ ସମସ୍ତଙ୍କ ପ୍ରଚେଷ୍ଟା ଦ୍ୱାରା ଛାତ୍ରୀଛାତ୍ରଙ୍କର ଶିକ୍ଷାରେ ଅଗ୍ରଗତି ଘଟିପାରିବ ବୋଲି ସୂଚନା ଦେଇଥିଲେ।


ଆୟୋଜିତ ବୈଠକରେ ଯୋଗ ଦେଇଥିବା ଅତିଥି।

## ଭୁଶୁଡ଼ିବ ପଞ୍ଚାୟତର ଦୋକାନ ଘର

**ଝୁମ୍ପୁରା, ୨୭।୯(ଡି.ଏନ.ଏ.)**

ଝୁମ୍ପୁରା ବସ୍‌ଷ୍ଟାଣ୍ଡ ଏବଂ ପଞ୍ଚାୟତ ଅଧୀନରେ ଥିବା ଦୋକାନ ଘରଗୁଡିକର ତାଜା, ଶିଡି ବିପଦସଙ୍କୁଳରେ ରହିଛି। ତାଜାଗୁଡିକର ବହୁ ଅଂଶ ଖସି ପଡିଲାଣି। ଦୋକାନ ଘର ନେଇଥିବା ବ୍ୟବସାୟୀ, ବସଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀ ଏ ନେଇ ପଞ୍ଚାୟତର ଦୃଷ୍ଟି ଆକର୍ଷଣ କରିଛନ୍ତି। ପଞ୍ଚାୟତ ପକ୍ଷରୁ ମରାମତି କରାଯିବା ନେଇ ପ୍ରତିଶ୍ରୁତିରେ କାମ ଚଳାଇ ନିଆଯାଉଛି। ୭ ଦିନ ପୂର୍ବରୁ ଏ ନେଇ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଝୁମ୍ପୁରା ସରପଞ୍ଚ ବୈଜୟନ୍ତୀ ନାଏକଙ୍କୁ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଦୋକାନ ଘରଗୁଡିକର ତାଜା ଶିଡି ମରାମତି ସମ୍ବନ୍ଧରେ ପଚାରିବାରୁ ବୈଠକରେ ଆଲୋଚନା ହୋଇଛି। ମରାମତି ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମହାନ୍ତ କହିଲେ, ମରାମତିର ଏଷ୍ଟିମେଟ ପାଇଁ ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କୁ କୁହାଯାଇଛି।

## ପାଣିରେ ବୁଡ଼ି ଜଣେ ମୃତ

**କେନ୍ଦୁଝର, ୨୭।୯(ସ୍ୱ.ପ୍ର.)**

ଝୁମ୍ପୁରା ଥାନା ଖୁଣ୍ଟାପଡା ପଞ୍ଚାୟତ ଅସୁକି ଗ୍ରାମରେ ପାଣିରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାମ ମାଝୀ। ଗୁରୁବାର ସନ୍ଧ୍ୟାରେ ସେ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବାସହ ତଦନ୍ତ ଜାରି ରଖିଛି। ଏ ନେଇ ସମ୍ପୃକ୍ତ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ୨ ଚୋରଙ୍କୁ କାବୁ କଲେ ଲୋକେ

**ଢେଙ୍କିକୋଟ, ୨୭।୯(ଡି.ଏନ.ଏ.)**

ଘଟଗାଁ ବଜାର ନିକଟରେ ବୁଧବାର ରାତିରେ ୨ ଚୋରଙ୍କୁ ଧରି ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ଏକ ଇଣ୍ଡିଗୋରେ କେନ୍ଦୁଝର ଟାଉନ ବାବୁଲାଲ କଲୋନିର ସରଭାଜ ଖାନ(୨୫) ଏବଂ ତାଙ୍କ ବଡଭାଇ ଦାନବାଜ ଖାନ୍(୨୮) ଘଟଗାଁ ବଜାରକୁ ଆସିଥିଲେ। ଘଟଗାଁ ବଜାରରେ ବୁଲାବୁଲି କରିଥିଲେ। ସେହି ସମୟରେ ଘଟଗାଁ ଥାନା ଗୋଲାବନ୍ଧ ଗ୍ରାମର ସଦାନନ୍ଦ ଦେହୁରି ନିଜ କାରକୁ ଘଟଗାଁ ଗ୍ୟାରେଜ୍ ନିକଟରେ ଛିଡା କରିଥିଲେ। ଏହାର ସୁଯୋଗ ନେଇ ୨ ଭାଇ ସଦାନନ୍ଦ ଗାଡିର ହେଡଲାଇଟ୍ ସମେତ ଯନ୍ତ୍ରାଂଶ ଖୋଲି ନିଜ ଇଣ୍ଡିଗୋ ଭିତରେ ରଖିଥିଲେ। ସେହି ସମୟରେ ହଠାତ୍ ସଦାନନ୍ଦ ଆସି ପହଞ୍ଚି ପାଟି କରିବାରୁ ପାଖ ଲୋକମାନେ ପହଞ୍ଚି ଯାଇଥିଲେ। ଦୁଇ ଭାଇଙ୍କୁ କାବୁ କରି ନେଇଥିଲେ। ଘଟଗାଁ ଥାନା ଆଇଆଇସି ସତିସ କୁମାର ନାୟକଙ୍କୁ ଜିମା ଦେଇଥିଲେ। ଦୁଇ ଭାଇ ଗିରଫ ହୋଇଛନ୍ତି। ଇଣ୍ଡିଗୋକୁ ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ ୧୫୫/୧୮) ରୁଜୁ ହୋଇଛି। ଦୁଇ ଭାଇକୁ କୋର୍ଟ ଚାଲାଣ କରାଯାଇଥିବା ସବ୍‌ଇନ୍ସପେକ୍ଟର ପ୍ରୀତିରଞ୍ଜନ ପରିଡା କହିଛନ୍ତି।

## ପୋଲ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର

**ଯୋଡା, ୨୭।୯(ଡି.ଏନ.ଏ.)**

ଯୋଡା ପୌରପାଳିକା ୬ନଂ ୱାର୍ଡ ବାବୁ ହଟିଂ ପୁରୁଣା ପୋଲ ନିର୍ମାଣ ଲାଗି କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ଦିଆଯାଇଛି। ଲାଗୁରୀଙ୍କ ସହ ପୂର୍ବତନ ଏମ୍‌ପି ଯଶବନ୍ତ ନାରାୟଣ ସିଂ ଲାଗୁରୀ, ଯୋଡା ପୌରାଧ୍ୟକ୍ଷା ମଞ୍ଜୁଲା ପାତ୍ର, ସୂର୍ଯ୍ୟମଣି ପାଇଯୋଶୀ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ରାଜକୁମାରୀ ଥାପା, ଜିତେନ୍ଦ୍ର ଜୟସ୍ୱାଲ୍, ଅଶୋକ ନାଏକ, ବେରେଗୋ ମୁଣ୍ଡା, ରଞ୍ଜିତ ଭଞ୍ଜଦେଓ, ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ପ୍ରତିନିଧି ହୃଷିକେଶ ଜେନା, ଏମ୍‌ପି ପ୍ରତିନିଧି ନିରଞ୍ଜନ ବହିଦାର ଓ ଅନ୍ୟମାନେ ସାମିଲ ହୋଇଥିଲେ।

## ସହର ପାଲଟିଛି ଅସ୍ୱଚ୍ଛ ପରିବେଶ

**ଯୋଡ଼ା, ୨୭।୯(ଡି.ଏନ.ଏ.)**

ଯୋଡ଼ା ପୌରପାଳିକାର ୮ନଂ ୱାର୍ଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗଣେଶ ଭବନ ନିକଟ ରାସ୍ତା କଡରେ କୁଢକୁଢ ମଇଳା ଆବର୍ଜନା ପଡିରହିଛି। ଦୀର୍ଘଦିନ ଧରି ଆବର୍ଜନା ପଡିରହିବା ଫଳରେ ଦୁର୍ଗନ୍ଧ ବାହାରୁଛି। ସ୍ଥାନୀୟ ଅଞ୍ଚଳ ପ୍ରଦୂଷିତ ହେଉଛି। ୱାର୍ଡବାସୀ ଏ ନେଇ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବା ଅଭିଯୋଗ କରିଛନ୍ତି।

ସ୍ଥାନୀୟ ୱାର୍ଡର ଚନ୍ଦନ ଚୌଧୁରୀ, ମୁକେଶ ସିଂ, ସନ୍ଟୁ ଚୌଧୁରୀ ଅଭିଯୋଗ କରିଛନ୍ତି ଯେ, ଦୀର୍ଘ ଦିନ ହେବ ଆବର୍ଜନା ପଡିରହିଛି। ପୌରପାଳିକାର ପରିମଳ ବିଭାଗ ପକ୍ଷରୁ ଏ ଗରେ ଦୃଷ୍ଟି ଦିଆଯାଉନାହିଁ। ଉକ୍ତ ସ୍ଥାନରେ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଆବର୍ଜନାକୁ ପରିମଳ କର୍ମଚାରୀମାନେ ସଫା କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଇଯୋଶୀଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ଦୃଷ୍ଟି ଦିଆଯିବ। କର୍ମଚାରୀଙ୍କ ଦ୍ୱାରା ସ୍ୱଚ୍ଛ କରାଯିବ ବୋଲି ସେ କହିଛନ୍ତି।

## ଶ୍ରୀମଣ୍ଡପରେ ଭାଗବତ ଜନ୍ମୋତ୍ସବ

**ବଡ଼ବିଲ, ୨୭।୯(ସ୍ୱ.ପ୍ର.)**

ବଡ଼ବିଲ ପିଏଚ୍‌ଡିସ୍ଥିତ ଶ୍ରୀମଣ୍ଡପରେ ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀମଦ୍‌ଭାଗବତ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଛି। ଭାଗବତ ଟୁଙ୍ଗିରେ ପୂଜାର୍ଚ୍ଚନା ପରେ ଭାଗବତ ପାଠ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳାପୁରୁଷ ଭକ୍ତ ପୂଜାର୍ଚ୍ଚନାରେ ଯୋଗ ଦେଇଥିଲେ। ଭାଗବତ ପାଠ ପରେ ଶ୍ରୀମଣ୍ଡପରେ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ମୁଖ୍ୟ ଅତିଥି ବଡବିଲ ତହସିଲଦାର କ୍ଷୀରୋଦ ଚନ୍ଦ୍ର ବେହେରା ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସାଇ କଳା କେନ୍ଦ୍ରର ଶିଶୁ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ବିହୁ ନୃତ୍ୟ ପରିବେଷିତ ହୋଇଥିଲା।

ଶ୍ରଦ୍ଧାଳୁ ଓ ନିମନ୍ତ୍ରିତ ଅତିଥିମାନଙ୍କୁ ନେଇ ଅଧ୍ୟାତ୍ମିକ ଓ କିଛି ଜଣାଅଜଣା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ମଜା ଉପସ୍ଥିତ ଲୋକେ ନେଇଥିଲେ। ପ୍ରଶ୍ନରେଉତ୍ତର ଦେଇ ଗୋଟିଏ ଲେଖାଏଁ ପୁରସ୍କାର ପାଇବାକୁ ସକ୍ଷମ ହୋଇଥିଲେ। ଅତିଥି ପ୍ରାଧ୍ୟାପକ ସରୋଜ କୁମାର ମହାପାତ୍ର ଯୋଗ ଦେଇ ଭାଗବତ ଜନ୍ମ ଓ ଆଧ୍ୟାତ୍ମିକ ବକ୍ତବ୍ୟ ରଖିଥିଲାବେଳେ ବଡବିଲ ବାଣିଜ୍ୟକର ଉପ ଆୟୁକ୍ତ କୃଷ୍ଣ ଚନ୍ଦ୍ର ଶତପଥୀଙ୍କ ସୁମଧୁର କଣ୍ଠରେ ଭଜନ ପରିବେଷଣ ବେଶ ମନଛୁଆଁ ହୋଇଥିଲା।


ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

## 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ

# 'ଜିଲାର ବିକାଶ ଲାଗି ଗୁରୁତ୍ୱ'

**ଆନନ୍ଦପୁର/ରାଇସୁଆଁ, ୨୭।୯(ସ୍ୱ.ପ୍ର./ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ଯୋଜନା 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ଆନନ୍ଦପୁର ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୮ଗୋଟି ପଞ୍ଚାୟତରୁ ୨୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା। ଆନନ୍ଦପୁର ବ୍ଲକ ଓ ପୌରପରିଷଦ ବିଜୁ ଯୁବ ବାହିନୀ ପକ୍ଷରୁ ଲୋକମାନଙ୍କୁ ପାନୀୟ ଜଳର ବ୍ୟବସ୍ଥାଠାରୁ ଆରମ୍ଭ କରି ସମସ୍ତ ସୁବିଧା ସୁଯୋଗ କଥା ବୁଝାଇଥିଲେ। ଆନନ୍ଦପୁର ବିଡିଓ ଉମାକାନ୍ତ ପରିଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ, ଗଣଶିକ୍ଷା ଓ ବିଜ୍ଞାନ କାରିଗରି ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ମାୟାଧର ଯେନା, କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ, ଉପଜିଲାପାଳ ଆନନ୍ଦପୁର ରବି ନାରାୟଣ ସାହୁ, ଏମ୍‌ପି ପ୍ରତିନିଧି ଦେବପ୍ରିୟ ପାତ୍ର, ଆନନ୍ଦପୁର ବ୍ଲକ ଅଧ୍ୟକ୍ଷା ମମତା ନାଇକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଗ୍ରଣୀ ନୃତ୍ୟାନୁଷ୍ଠାନ ବୀଣାପାଣି କଳାନିକେତନର ନୃତ୍ୟଗୁରୁ ଜିତୁ ଦାଶଙ୍କ ସଂଯୋଜନାରେ କଳାକାରମାନେ ବିଭିନ୍ନ ଜନସଚେତନତା ଅଭିମୁଖି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆନନ୍ଦପୁର ବ୍ଲକର ସ୍ୱତନ୍ତ୍ର ଉନ୍ନୟନ ଯୋଜନାରେ ୪ କୋଟି ୭୨ ଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା କରାଯାଇଛି।

ବାଂଶପାଳ ବ୍ଲକରେ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଲୋକେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସିଧାସଳଖ କଥା ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୪୭ଟି ଯୋଜନା ମାଧ୍ୟମରେ ୪ କୋଟି ୬୨ ଲକ୍ଷ ୫୦ ହଜାର ଟଙ୍କା ଅନୁମୋଦନ ହୋଇଛି। କାର୍ଯ୍ୟକ୍ରମରେ ବାଂଶପାଳ ବିଡିଓ ଅଶ୍ୱିନୀ ମେହେର, ବ୍ଲକ ଚେୟାରମ୍ୟାନ ଦଶରୀ ମନ୍ତ୍ରୀ, ଜିଲା ପରିଷଦ ସଭ୍ୟ ସୁକାନ୍ତି ଖମାରୀ, ଅଜିତ ଦେହୁରି, ଏସଏଚଜି ସଂଘର ସଦସ୍ୟ ପଦ୍ମିନୀ ପାତ୍ର, ଚାଇଲ୍ଡ ଲାଇନ ସଦସ୍ୟ ପ୍ରଶାନ୍ତ ଖୁଣ୍ଟିଆ, ସୁକାନ୍ତି ପାତ୍ରଙ୍କ ସହ ବିଜେଡିର ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ବହୁ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶିଶୁମାନଙ୍କ ବିକାଶ ଲାଗି ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଜିଲାର ବିକାଶ ପାଇଁ ଆହ୍ୱାନ ଦିଆଯାଇଥିଲା।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ଅଟୋ ଓଲଟି ୧୬ ଆହତ

କେନ୍ଦୁଝର, ୨୭।୯(ସ୍ୱ.ପ୍ର.): ବାଂଶପାଳ ବ୍ଲକ ଗୁଣ୍ଡୁଳା ଗ୍ରାମ ନିକଟରେ ନିକଟରେ ଗୁରୁବାର ଏକ ଅଟୋ (ଓଡିଏଲ/୩୭୩୩) ଓଲଟି ପଡିବାରୁ ସେଥିରେ ବସିଥିବା ୧୬ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ଗୁରୁତର ହୋଇଛନ୍ତି । ଏଥିରେ ୩ ଜଣ ଶିଶୁ ଥିବା ଜଣାଯାଇଛି। ଘଟଣା ଘଟିବା ପରେ ଆମ୍ବୁଲାନ୍ସ ନ ମିଳିବାରୁ ଦେଢ଼ ଘଣ୍ଟା ଅପେକ୍ଷା କରିବାକୁ ପଡିଥିଲା । ପରେ ୩ଟି ଆମ୍ବୁଲାନ୍ସରେ କେନ୍ଦୁଝର ମେଡିକାଲକୁ ନିଆଯାଇଥିଲା। ସେମାନେ ବାଂଶପାଳରୁ ଏକ କାର୍ଯ୍ୟକ୍ରମ ସାରି ଟଣ ଗ୍ରାମକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

ଅଟୋଟି ପ୍ରାୟ ୨୦ ଫୁଟ ତଳକୁ ଖସି ପଡିଥିଲା ବୋଲି କୁହାଯାଉଛି। ଆହତ ମାନେ ହେଲେ ଗୁଣ୍ଡୁଳା ଗ୍ରାମର ମନୁ ଦେହୁରି, ପ୍ରମିଳା ଦନାୟକ, ବୁନୁ ଦେହୁରି, ଆର୍ତ୍ତ ମନ୍ତ୍ରୀ, ଗୁରୀ ଦେହୁରି, ଚିଲିରି ପ୍ରଧାନ, କାଦଡିହା ଗ୍ରାମର କରାଡି ଠାକୁର, ଭାସ୍କର ପ୍ରଧାନ, ଘାଷୀନାଥ ପ୍ରଧାନ, ଗୁରୁଚରଣ ଦେହୁରୀ, ଶଙ୍କର ପ୍ରଧାନ, କଂସିଲା ପ୍ରଧାନ ।

### ପୋଲ ନିର୍ମାଣ କଲେ ଗ୍ରାମବାସୀ

କେନ୍ଦୁଝର, ୨୭।୯(ସ୍ୱ.ପ୍ର.): କେନ୍ଦୁଝର ପୌରାଞ୍ଚଳ ହୁଡ କଲୋନୀର ହୁଡକୋରୁ ହାଟପଦା ରାସ୍ତାରେ ଏକ ପୋଲ ବର୍ଷାରେ ଧୋଇ ଯାଇଥିଲେ। ଲୋକେ ଯାତାୟାତ କରିବାରେ ବହୁ ଅସୁବିଧା ଭୋଗୁଛନ୍ତି। ଉକ୍ତ ରାସ୍ତା ଓ ପୋଲ ନିର୍ମାଣ ପାଇଁ ପୌରପାଳିକା ପକ୍ଷରୁ ଟେଣ୍ଡର ହୋଇଥିଲେ ହେଁ ରାସ୍ତା ନିର୍ମାଣ କରିବାରେ ବିଳମ୍ବ ହେବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯାତାୟାତରେ ସମସ୍ୟା ହେବାରୁ ଲୋକେ କାଠ ଓ ମାଟି ପକାଇ ଅସ୍ଥାୟୀ ଭାବରେ ପୋଲ ନିର୍ମାଣ କରିଛନ୍ତି। ତୁରନ୍ତ ରାସ୍ତା ଓ ପୋଲ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

### କୃମି ନାଶକ ଦିବସ



ରାଇରଙ୍ଗପୁର, ୨୭।୯ (ଡି.ଏନ୍.ଏ): ରାଇରଙ୍ଗପୁର ସରକାରୀ ହାଇସ୍କୁଲ ପକ୍ଷରୁ ଜାତୀୟ କୃମି ନାଶକ ଦିବସ ପାଳନ ଅବସରରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୌତମ ବଲିୟାର ସିଂଙ୍କ ଅଧକ୍ଷତାରେ ଆୟୋଜିତ କୃଷି ନାଶକ ଜନସଚେତନତା କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ନନ୍ଦ ଏବଂ ଶିକ୍ଷକ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ସେମାନେ ଜାତୀୟ କୃମି ନାଶ ଦିବସ ପାଳନର ତାତ୍ପର୍ଯ୍ୟତା ଏବଂ ଏହାର ପ୍ରତିଷେଧକ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଗଣ, ଅଧ୍ୟୟନ ଛାତ୍ରଗଣ ସମେତ ବିଭିନ୍ନ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷକ ପିଲାଙ୍କୁ କୃମି ମେଡିସିନ ସେବନ କରାଇଥିଲେ।

### ଇଂଲିଶ ବିଭାଗ ଆଲୋଚନାଚକ୍ର



ବାଙ୍ଗିରିପୋଷି, ୨୭/୯ (ଡି.ଏନ.ଏ.): ବାଙ୍ଗିରିପୋଷୀ ବ୍ଲକ ଲକ୍ଷ୍ମୀକାନ୍ତ କଲେଜ ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ବିଭାଗୀୟ ସଂପାନ କଲେଜ ଅଧକ୍ଷା ଡ.ପୁଷ୍ପା ପାତ୍ରଙ୍କ ମାର୍ଗ ଦର୍ଶନରେ ବିଭାଗୀୟ ମୁଖ୍ୟ ଅଧାପକ ସତ୍ୟନାରାୟଣ ସାମଲଙ୍କ ଅଧକ୍ଷତାରେ ଅନଷ୍ଠିତ ହୋଇଯାଇଛି । ଆଲୋଚନାର ବିଷୟ ବସ୍ତୁ ସମ୍ପର୍କରେ ଆଲୋଚନା କରି ଅଧାପକ ସାମଲ ପ୍ରେମ ଚିରନ୍ତନ, ଶାଶ୍ୱତ ଏବଂ ଜୀବନରେ କେବଳ ଥରେ ପ୍ରେମ ହୁଏ ବୋଲି କହିଥିଲେ । ଏହା ଜାତି ଧର୍ମ,ବର୍ଣ୍ଣ ଓ ସ୍ଥିତି ନିର୍ବିଶେଷରେ ହୋଇଥାଏ । ଏ ସଂପର୍କରେ ଏକ ନିବନ୍ଧ ଯୁକ୍ତ ୩ ପ୍ରଥମବର୍ଷ ଛାତ୍ର ଚୌଧୁରୀ ପାତ୍ର ପଠନ କରିଥିଲେ । ପୁନଶ୍ଚ ଅତିଥିମାନେ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ସୁଜତା ସାହୁ ଏ ସମ୍ପର୍କରେ ଏକ ନିବନ୍ଧ ପାଠ କରିଥିଲେ । ଅତିଥି ଅଧାପିକା ଅଞ୍ଜଳୀ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

# ଅବ୍ୟବସ୍ଥାରେ କ୍ରୀଡ଼ା ଛାତ୍ରାବାସ

- ଖେଳାଳିଙ୍କୁ ମିଳୁନି ଉପଯୁକ୍ତ ପ୍ରୋତ୍ସାହନ
- ତାଲିମ ଅଭାବରୁ ଆଗଭଳି ସଫଳତା ଶୂନ୍

କେନ୍ଦୁଝର, ୨୭।୯(ସ୍ୱ.ପ୍ର.)

ସ୍ଥାନୀୟ ସଦର ବ୍ଲକ ଶଙ୍କରପୁରଠାରେ ଚାଲିଥିବା କ୍ରୀଡ଼ା ଛାତ୍ରାବାସରେ ସିଟ ଖାଲି ପଡୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଜିଲାର ଗ୍ରାମାଞ୍ଚଳରେ ବହୁ କ୍ରୀଡ଼ା ପ୍ରତିଭା ରହିଥିଲେ ହେଁ ଉପଯୁକ୍ତ ସୁବିଧାସୁଯୋଗ ମିଳୁ ନ ଥିବା ଅଭିଯୋଗ ହେଉଛି। ମାଗଣାରେ ପାଠପଢା ସହ କ୍ରୀଡ଼ା ତାଲିମ ଦେବା ଆଶାରେ ସରକାରଙ୍କ ପକ୍ଷରୁ ଛାତ୍ରାବାସ ଖୋଲା ଯାଇଛି। ଛାତ୍ରାବାସରେ ଫୁଟବଲ ଖେଳାଳିଙ୍କ ପାଇଁ ୩୦ ସିଟ ଥିବା ବେଳେ ୧୯ ଜଣ, ତୀରନ୍ଦାଜରେ ୧୭ ସ୍ଥାନରେ ୧୩ ଜଣ ଓ ଆଥଲେଟିକ (ଦୌଡକୁଦ)ରେ ୨୦ ସ୍ଥାନରେ ୧୬ ଜଣ ଛାତ୍ର ରହୁଛନ୍ତି। ତୀରନ୍ଦାଜ ତାଲିମ ପାଇଁ ଗଙ୍ଗାଧର ମଢେଇ, ଫୁଟବଲ ପାଇଁ ରମେଶ ଚନ୍ଦ୍ର ପାଢୀ, ଆଥଲେଟିକ ପାଇଁ ସୁବ୍ରତ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ପଦବୀ ଖାଲି ପଡ଼ିଥିଲେ ହେଁ ନିଯୁକ୍ତି ଦିଆଯାଉନାହିଁ। ଫୁଟବଲ କୋଚ ଉକ୍ତ ଦାୟିତ୍ୱ ତୁଲାଇ ଆସୁଛନ୍ତି।

୧୯୯୨ରେ ପ୍ରତିଷ୍ଠିତ କ୍ରୀଡ଼ା ଛାତ୍ରାବାସର ବହୁ ଛାତ୍ର ରାଜ୍ୟ ତଥା ଜାତୀୟ ସ୍ତରରେ ମେଡାଲ ହାସଲ କରି ରାଜ୍ୟର ନାମ ରଖିଛନ୍ତି। ସେମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏକ ସାଙ୍ଗରେ ପାଠ ସହ କ୍ରୀଡା ଅଭ୍ୟାସ ଏବଂ ବିଭିନ୍ନ ସମୟରେ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଉଥିବାରୁ ପାଠପଢାରେ ସମସ୍ୟା ସୃଷ୍ଟି ହେଉଛି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଟ୍ୟୁଟରିଆଲ ବ୍ୟବସ୍ଥା କରାଯିବା ଉଚିତ। ରାଜ୍ୟ ବା ଦେଶସ୍ତରରେ ପଦକ ହାସଲ କରୁଥିବା ବା ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ପ୍ରଶାସନ ତରଫରୁ ସମ୍ମାନ ଓ ସମ୍ବର୍ଦ୍ଧନା ବ୍ୟବସ୍ଥା କରାଗଲେ ସେମାନେ ଅଧିକ ଉତ୍ସାହିତ ହେବେ ବୋଲି ବରିଷ୍ଠ କ୍ରୀଡାବିତମାନେ ମତବ୍ୟକ୍ତ କରୁଛନ୍ତି। ପୂର୍ବରୁ ଉକ୍ତ ଛାତ୍ରାବାସର ବହୁ ଛାତ୍ର ରାଜ୍ୟ ଓ ଦେଶରେ ବହୁତ ଭଲ ପ୍ରଦର୍ଶନ କରୁଥିବା ବେଳେ ପରବର୍ତ୍ତୀ ସମୟରେ ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ଆଉ ସେଭଳି ପ୍ରଦର୍ଶନ କରିପାରୁ ନ ଥିବା ଅଭିଯୋଗ ହେଉଛି। ବିଶେଷ କରି ତୀରନ୍ଦାଜରେ ଛାତ୍ରାବାସରୁ ବହୁ ଛାତ୍ର ବାହାରେ ଭଲ ପ୍ରଦର୍ଶନ କରି ଜିଲା ତଥା ରାଜ୍ୟକୁ ଗୌରବ ଆଣିଛନ୍ତି। ଛାତ୍ରାବାସରୁ ଗତ ବର୍ଷ ୬ ଜଣ ମେଡାଲ ହାସଲ କରିଥିଲେ। ତନ୍ମଧ୍ୟରୁ ତୀରନ୍ଦାଜରେ ମାଲକାନଗିରିରୁ ଆସି ଏଠାରେ ରହି ପାଠ ପଢୁଥିବା ଅର୍ଜୁନ କାରା ଓ କେନ୍ଦୁଝର ଜିଲା ସାହାରପଡାର କୃଷ୍ଣ ମୁଣ୍ଡା ସ୍ୱର୍ଣ୍ଣ ପଦକ ହାସଲ କରୁଥିଲେ। ଭିତ୍ତିଭୂମିର ଅଭାବ ଏବଂ ଉପଯୁକ୍ତ ସୁବିଧା ସୁଯୋଗ ତଥା ତାଲିମ ଅଭାବରୁ ଆଗଭଳି ସଫଳତା ମିଳୁ ନ ଥିବାରୁ ପୁରୁଣା କ୍ରୀଡାବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି।



ଦୁଇ ତୀରନ୍ଦାଜ ପ୍ରତିଯୋଗୀଙ୍କ ସହ କୋଚ।

# ବେଆଇନ ଘର ଆବଣ୍ଟନର ତଦନ୍ତ ନିର୍ଦ୍ଦେଶ

କେନ୍ଦୁଝର, ୨୭।୯(ସ୍ୱ.ପ୍ର.)

ସଦର ବ୍ଲକ ମଇଦାନକେଲ ପଞ୍ଚାୟତ ଦେଓବନ୍ଧ ଗ୍ରାମରେ ବେଆଇନ ଭାବେ ଘର ଆବାଣ୍ଟନ ହୋଇଥିବା ଅଭିଯୋଗର ତଦନ୍ତ କରିବାକୁ ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ତଦନ୍ତ ଆଦେଶ କରିଛି। ଏ ନେଇ (ଚିଠି ନମ୍ବର୧୬୯୦୨/୦୪।୦୯।୧୮)ରେ ଆଦେଶ ହୋଇଥିଲେ ହେଁ ତଦନ୍ତରେ ବିଳମ୍ବ ଘଟୁଥିବାରୁ ସନ୍ଦେହ ଉପୁଜିଛି। ସରକାରଙ୍କ ନିୟମକୁ ଉଲ୍ଲଘଂନ କରି ସରପଞ୍ଚଙ୍କ ଗ୍ରାମରେ ଏପରି ଘଟିଥିବା ନେଇ ଅଭିଯୋଗ ହୋଇଥିଲା।

ଅଭିଯୋଗ ଅନୁଯାୟୀ, ୨୦୧୭-୧୮ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କୌଶଲ୍ୟା ନାଏକ ନାମକ ଜଣେ ହିତାଧିକାରୀ ବିଭିନ୍ନ କିସ୍ତିରେ ଅର୍ଥ ପାଇଥିବା ଜଣାପଡିଛି। ଏହାର ୩ ମାସ ପରେ ଘର ପଟ୍ଟା ପାଇଁ ନୋଟାରୀରେ ଏକ ଆଫିଡେଭିଟ (ସତ୍ୟପାଠ) ଦାଖଲ କରାଯାଇଛି। ଘର କାମ ଚାଲିଥିବା ବେଳେ ପରେ (ସତ୍ୟପାଠ) ଫାଇଲରେ ଗୁନ୍ଥା ଗଲା ତାହାକୁ ନେଇ ଅଭିଯୋଗକାରୀ ପ୍ରଶ୍ନ ଉଠାଇଛନ୍ତି। ବିନା ଘର ପାଇଁ ଜମି ପଟ୍ଟା, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଓ ଅନ୍ୟ ଆବଶ୍ୟକୀୟ କାଗଜପତ୍ରରେ କିପରି ହିତାଧିକାରୀଙ୍କୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଦେଶ କଲେ ତାହା ତଦନ୍ତ ସାପେକ୍ଷ। ହିତାଧିକାରୀ ଦାଖଲ କରିଥିବା ପଟ୍ଟା ଘର ନିର୍ମାଣ ଉପଯୋଗୀ ନୁହେଁ। ବ୍ୟାଙ୍କ ପାସବୁକ ଓ ଆଧାର କାର୍ଡରେ ପିତାଙ୍କ ନାମ ଅଲଗା ଅଲଗା ରହିଛି। ଏଥିରେ ଜାଲିଆତି ହୋଇଥିବା ସନ୍ଦେହ ହୋଇଛି। ନିଜର ପଟ୍ଟା ନ ଥାଇ ମହିଳା ହିତାଧିକାରୀ ଅନ୍ୟ ଏକ ଗ୍ରାମ (ଦେଓବନ୍ଧ)ରେ ଗୃହ ପାଇଲେ, ତାହାକୁ ନେଇ ସ୍ଥାନୀୟ ଲୋକ ପ୍ରତିବାଦ କରି ଅଭିଯୋଗ କରିଛନ୍ତି। ଜାଲିଆତି କରି ତାଙ୍କୁ ଦେଓବନ୍ଧ ଗ୍ରାମର ଜବକାର୍ଡ ପ୍ରଦାନ କରାଯାଇଥିବାରୁ ଅସନ୍ତୋଷ ଦେଖାଦେଉଛି। ଅନିୟମତତା ଓ ଜାଲିଆତିକୁ ନେଇ ୱାର୍ଡ ମେମ୍ବର ଭରତ ମୁଣ୍ଡା ଓ ଗ୍ରାମବାସୀ ନ୍ୟାୟ ନ ପାଇବାରୁ ଗତ ୧ ଜୁନ ୨୦୧୮ରେ ପଞ୍ଚାୟତ ବିଭାଗ ଶାସନ ସଚିବଙ୍କୁ ଫେରାଦ ହୋଇ ତଦନ୍ତ ଦାବି କରିଥିଲେ।

### ୧୫ ଦିନ ପରେ ନିଖୋଜ ଛାତ୍ର ଉଦ୍ଧାର

ପାଟଣା, ୨୭।୯(ସ୍ୱ.ପ୍ର.)

ପାଟଣା ବ୍ଲକ ଖିରେଇଟାଙ୍ଗିରି ପ୍ରାଥମିକ ବିଦ୍ୟାଳୟର ୪୦ ଶଯ୍ୟା ବିଶିଷ୍ଟ ଛାତ୍ରବାସରୁ ସେପ୍ଟେମ୍ବର ୧୨ ତାରିଖରୁ ଜଣେ ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର ନିଖୋଜ ହୋଇଯାଇଥିଲେ। ଏ ନେଇ ପୋଲିସି ସହ ଶିକ୍ଷା ବିଭାଗ ନାକେଦମ ହୋଇଯାଇଥିଲା। ଦୀର୍ଘ ୧୫ ଦିନ ପରେ ଗୁରୁବାର ଛାତ୍ରଙ୍କୁ ଉଦ୍ଧାର କରାଯାଇଛି। ଗ୍ରାମବାସୀ ଗତ ସୋମବାର ପ୍ରତିବାଦ କରି ବିଦ୍ୟାଳୟର ଫାଟକରେ ତାଲା ପକାଇବା ପରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଲତା ମିଶ୍ରଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାତ ନିଲମ୍ବନ କରିଥିଲେ। ଛାତ୍ର ଜଣଙ୍କ ନିଜେ ଘରେ ପହଞ୍ଚିଛନ୍ତି।

ଖବର ପାଇ ପାଟଣା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ନରତମ ସାହୁ, ସିଆରସିସି ପ୍ରମାଦ କୁମାର ମହାନ୍ତ, ଶରତ ଚନ୍ଦ୍ର ଦାଶ ଓ ତୁରୁମୁଙ୍ଗା ପୋଲିସି ଏଏସଆଇ ବିପିନ ବିହାରୀ ବାରିକ ଛାତ୍ରଙ୍କ ଘରେ ପହଞ୍ଚି ଥିଲେ। ଛାତ୍ରଙ୍କ ଅଭିବାବକଙ୍କୁ ଭେଟିଥିଲେ। ଛାତ୍ର ଜଣଙ୍କ ଗଣେଶ ପୂଜା ପୂର୍ବ ଦିନ ନିଖୋଜ ହୋଇ ଏକ ଯାତ୍ରା ପାର୍ଟିରେ ମିଶି ନାଚ ଶିଖୁଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସମ୍ପୃକ୍ତ ଯାତ୍ରା ପାର୍ଟି ପକ୍ଷରୁ ଛାତ୍ରଙ୍କୁ ନିଜ ଘରକୁ ପଠାଇ ଦିଆଯାଇଛି।

### ମନ୍ଦିର ପରିସରରେ ଚାରାରୋପଣ

ରାଇସୁଆଁ,୨୭।୯(ଡି.ଏନ.ଏ.)

ସଦର ବ୍ଲକ ବିସ୍ତାପାଳ ଗ୍ରାମ ନିକଟ ପଞ୍ଚଲିଙ୍ଗେଶ୍ୱର ମନ୍ଦିର ପରିସରରେ ଭୁବନାନନ୍ଦ ପବ୍ଲିକ ବିଦ୍ୟାଳୟର ନିର୍ଦ୍ଦେଶକ ଦିଲିପ ବେହେରାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଶହେରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ମନ୍ଦିର ପରିଚାଳକ ପ୍ରେମାନନ୍ଦ ସିଂ ଚାରାରୋପଣର ଉଦ୍ଦେଶ୍ୟ, ବୃକ୍ଷ ବିନା ଜୀବଜଗତ ତିଷ୍ଠି ରହିବା ସମ୍ଭବ ନୁହେଁ ବୋଲି କହିଥିଲେ।

# ପ୍ରାଣବଲ୍ଲଭ ଛାତ୍ର ମେଧାବୃତ୍ତି ପୁରସ୍କାର

କୋଲିମାଟି, ୨୭।୯

ଆନନ୍ଦପୁର ବ୍ଲକ ଅଧୀନ କୋଲିମାଟି ଉଚ୍ଚ ବିଦ୍ୟାଳୟର ପ୍ରାଣବଲ୍ଲଭ ଛାତ୍ର ମେଧାବୃତ୍ତି ପରିଷଦ ତରଫରୁ ସ୍ୱପ୍ନେଶ୍ୱର ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ତପନ କୁମାର ଚକ୍ର ସଭାପତିତ୍ୱରେ କୋଲିମାଟି ଏମ୍‌ଇ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସାହୁ ଓ କୋଲିମାଟି ସେବାଶ୍ରମର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ସମ୍ପାଦିତ ହୋଇଥିଲା। ମୁଖ୍ୟ ଅତିଥି ଧରଣୀଧର, ମୁଖ୍ୟବକ୍ତା ନିରାକର ସ୍ୱର୍ଗତ ପ୍ରାଣବଲ୍ଲଭ କୁଣ୍ଡଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।



ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ଠୁଙ୍ଗା ବ୍ୟବସାୟୀଙ୍କୁ ପଲିଥିନ କାଳ

**ବଡ ସାହି ବ୍ଲକ**

- ପଲିଥିନ ବ୍ୟବହାର ଉପରେ ଲାଗୁନି ରୋକ
- ସଚେତନତା ସୃଷ୍ଟି ବି ଦେଉନି କାମ
- ପରିଶ୍ରମ ତୁଳନାରେ ଠୁଙ୍ଗା ବେପାରରୁ ମିଳୁନି ଲାଭ

ବଡ଼ସାହି,୨୭।୯(ସ୍ୱ.ପ୍ର)- ହଜିଯାଇଛି ଠୁଙ୍ଗା ବେଉସା । କାଁ ଭାଁ ଦେଖିବାକୁ ମିଳୁଛି ଏହାର ବ୍ୟବହାର । ପଲିଥିନର ବହୁଳ ବ୍ୟବହାର ପାଇଁ ଠୁଙ୍ଗାର ଆଦର କମିଛି । ପରିବର୍ତ୍ତନଶୀଳ ଦୁନିଆରେ ଆଧୁନିକତାର ଚଳଣିକୁ ନେଇ ମଣିଷ ଭୁଲିବାକୁ ବସିଛି ପରିବେଶ ତଥା ନିଜ ଜୀବନର ସୁରକ୍ଷା । ପଲିଥିନର ବ୍ୟବହାର ଯୋଗୁଁ ପରିବେଶ ଦୂଷିତ ହେବା ସହ ଧନଜୀବନ ଉପରେ ଏହାର କୁପ୍ରଭାବ ପରିଲକ୍ଷିତ ହେଉଛି । ପରିବେଶ ପ୍ରଦୂଷଣ ହେବାର ଅନେକ କାରଣ ଥିବା ବେଳେ ପଲିଥିନ ଏକ ମୁଖ୍ୟ କାରଣ ପାଲଟିଛି । ବିଭିନ୍ନ ଗଣମାଧ୍ୟମରେ ଏହାର ପ୍ରଚାର ପ୍ରସାର କରି ବ୍ୟବହାର ନ କରିବା ପାଇଁ ସଚେତନ କରାଯାଉଥିଲେ ମଧ୍ୟ ଏହାର ବହୁଳ ବ୍ୟବହାର ଉପରେ ରୋକ ଲଗାଯାଇ ପାରୁ ନାହିଁ।

ବଡସାହି ବ୍ଲକର ବିଭିନ୍ନ ଅଞ୍ଚଳରେ ଦୋକାନ ଓ ହାଟବଜାରେ ବହୁଳ ମାତ୍ରାରେ ପଲିଥିନ ବ୍ୟବହାର ହେଉଛି। ୧୫ବର୍ଷ ପୂର୍ବରୁ ପଲିଥିନର ବ୍ୟବହାର କମ ପରିମାଣରେ ହେଉଥିବାରୁ ଠୁଙ୍ଗା ବ୍ୟବସାୟୀ ଠୁଙ୍ଗା ତିଆରି କରି ନିଜର ଗୁଜୁରାଣ ମେଣ୍ଟାଇ ପାରୁଥିଲେ । ବର୍ତ୍ତମାନ ପଲିଥିନର ବହୁଳ ବ୍ୟବହାର ହେବାରୁ ଠୁଙ୍ଗା ବ୍ୟବସାୟୀ ନିଜ ବୃତ୍ତିରୁ ଦୂରେଇ ଯାଉଛନ୍ତି । ପଲିଥିନ ତୁଳନାରେ ଠୁଙ୍ଗାର ଦାମ ଅଧିକ ହେବାରୁ ଠୁଙ୍ଗା ତିଆରି କରୁଥିବା ଲୋକମାନେ ଉଚିତ ପାରିଶ୍ରମିକ ପାଇପାରୁ ନାହାନ୍ତି । କମ ପଇସାରେ ପଲିଥିନ ମିଳୁଥିବାରୁ ଠୁଙ୍ଗାର ଆଦର କମିଯାଇଛି । ଅପରପକ୍ଷେ ଠୁଙ୍ଗାରେ ଜିନିଷ ନେବା ବେଳେ ଅନେକ ସମୟରେ ତାହା ଫାଟିଯାଉଥିବାରୁ ଲୋକେ ପସନ୍ଦ କରୁ ନାହାନ୍ତି। ବଡସାହି ଅଞ୍ଚଳର କେତେକ ବ୍ୟବସାୟୀ କୁହନ୍ତି, ଠୁଙ୍ଗାର ଅଭାବ ଯୋଗୁଁ ଆମେ ବାଧ ହୋଇ ଗ୍ରାହକଙ୍କୁ ପଲିଥିନରେ ଜିନିଷପତ୍ର ଦେଉଛୁ । ଠୁଙ୍ଗାରେ ଜିନିଷ ନେବା ପାଇଁ ଗ୍ରାହକ ଅମଙ୍ଗ ହେଉଛନ୍ତି । ଉନ୍ନତମାନର ଠୁଙ୍ଗା ବଜାରକୁ ଆସିଲେ ପଲିଥିନର ବ୍ୟବହାର କମିଯାଆନ୍ତା । କାଗଜ କିଣି ପରିଶ୍ରମ ଅନୁସାରେ ଠୁଙ୍ଗା ତିଆରି କରି ଉଚିତ ମୂଲ୍ୟରେ ବଜାରରେ ବିକ୍ରି ହେଉ ନ ଥିବାରୁ ଠୁଙ୍ଗା ବେଉସାରୁ ନିବୃତ୍ତ ହେବାକୁ ପଡୁଛି ବୋଲି କୁହନ୍ତି ମୈତ୍ରାପୁର ଗ୍ରାମର ମନୋରଞ୍ଜନ ମହାନ୍ତ ଓ ବିଜୟ ମହାନ୍ତ । ସେହିପରି ବଳଭଦ୍ରପୁର ଗ୍ରାମର ରାଜେଶ ସେଠୀ କୁହନ୍ତି, ୨୫/୩୦ଟଙ୍କାରେ ଶହେ ଠୁଙ୍ଗା ବଦଳରେ ୨ଶହ ପଲିଥିନ ମିଳୁଥିବାରୁ ଠୁଙ୍ଗାକୁ କେହି ବ୍ୟବସାୟୀ ଗ୍ରହଣ କରୁନାହାନ୍ତି । କମ ଦାମରେ ପଲିଥିନ ମିଳୁଥିବାରୁ ଠୁଙ୍ଗାର ଚାହିଦା କମିଯାଇଛି । ଫଳରେ ଆମେ ଠୁଙ୍ଗା ବ୍ୟବସାୟ ଛାଡି ଅନ୍ୟ କାମ ଧନ୍ଦା କରୁଛୁ।

ଏ ସମ୍ପର୍କରେ ପରିବେଶବିତ ତଥା ଆୟୁର୍ବେଦ ଡକ୍ଟର ସନତ କୁମାର ଦାଶ କହନ୍ତି, ପଲିଥିନ ଓ ପ୍ଲାଷ୍ଟିକରେ ନିର୍ମିତ ପଦାର୍ଥରେ ଗରମ ଖାଦ୍ୟ ଖାଇଲେ ଏହା କ୍ୟାନସର ଭଳି ମାରାତ୍ମକ ରୋଗର ମୁଖ୍ୟ କାରଣ ହୋଇଥାଏ । ପଲିଥିନ ଯୋଗୁଁ ପରିବେଶ ସନ୍ତୁଳିତ ହେଉଛି । ପଲିଥିନ ବ୍ୟବହାର ଉପରେ କଟକଣା ଲଗାଯାଇ କୁଟୀରଶିଳ୍ପ କିମ୍ବା ଅତ୍ୟାଧୁନିକ କାରଖାନା ମାଧ୍ୟମରେ ଠୁଙ୍ଗା ତିଆରି କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କଲେ ପରିବେଶ ପ୍ରଦୂଷଣରୁ ମୁକ୍ତି ମିଳିବା ସହ ଜୀବଜଗତ ସୁରକ୍ଷିତ ରହିପାରିବେ । ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ଗାଁ ଗଣ୍ଡାରେ ସଚେତନତା ସୃଷ୍ଟି କଲେ ପ୍ଲାଷ୍ଟିକ ମୁକ୍ତ ଓଡିଶା ଗଠନରେ ସହାୟକ ହୋଇପାରିବ ବୋଲି ସେ କହିଥିଲେ।

## ସେଲ୍‌ଫି କର୍ଣ୍ଣର



@ ମାନସ



@ ମୃତ୍ୟୁଞ୍ଜୟ



@ ତପସ୍ୱିନୀ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

- କାରାଖେଣ୍ଡ୍ରା ସରପଞ୍ଚ ନିର୍ବାଚନ ଅସିଦ୍ଧ ରାୟ

# ଏଡିଜେ କୋର୍ଟରେ ରଦ୍ଦ

ବଡବିଲ, ୨୭।୯(ସ୍ୱ.ପ୍ର.)

ବଡବିଲସ୍ଥିତ ସିଭିଲ ଜଜ୍ (କନିଷ୍ଠ ବିଭାଗ) ଅଦାଲତ ଯୋଡ଼ା ବ୍ଲକ କାରାଖେଣ୍ଡ୍ରା ପଞ୍ଚାୟତ ସରପଞ୍ଚ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ସହ ସରପଞ୍ଚ ପଦବୀ ଖାଲି ରହିବା ନେଇ ରାୟ ପ୍ରକାଶ କରିଥିଲେ। ଏ ନେଇ ଚମ୍ପୁଆ ଏଡିଜେ (ଅତିରିକ୍ତ ଜିଲା ଜଜ୍) କୋର୍ଟରେ ହୋଇଥିବା ଅପିଲକୁ ବିଚାରକୁ ନେଇ ଗତ ମଙ୍ଗଳବାର ନିମ୍ନ ଅଦାଲତ ଦେଇଥିବା ରାୟକୁ ରଦ୍ଦ କରିଥିବା ଜଣାପଡିଛି। କାରାଖେଣ୍ଡ୍ରା ପଞ୍ଚୟତର ସରପଞ୍ଚ ପଦବୀ ପାଇଁ ୨୦୧୭ରେ ନିର୍ବାଚନ ହୋଇଥିଲା। ସରପଞ୍ଚ ପ୍ରାର୍ଥୀ ଭାବେ ରେଖା ନାଏକ ଏବଂ ଗୁଣମଣି ନାଏକ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ନିର୍ବାଚନରେ ଦାଖଲ ହୋଇଥିବା ସତ୍ୟପାଠରେ ରେଖା ନାଏକଙ୍କ ନାମ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଭୋଟର ତାଲିକାରେ ଥିବା ବେଳେ କାରାଖେଣ୍ଡ୍ରା ଗ୍ରାମ ପଞ୍ଚାୟତ ଭୋଟର ତାଲିକାରେ ତାଙ୍କ ନାମ ଶକୁନ୍ତଳା ନାଏକ ଅଛି ବୋଲି ଏକ ସତ୍ୟପାଠ ଜରିଆରେ ଦର୍ଶାଇଥିଲେ। ନିର୍ବାଚନରେ କାରାଖେଣ୍ଡ୍ରା ସରପଞ୍ଚ ଭାବେ ରେଖା ନାଏକ ନିର୍ବାଚିତ ହେବା ପରେ ପରାଜିତ ବିପକ୍ଷ ପ୍ରାର୍ଥୀ (ଗୁଣମଣି) ସରପଞ୍ଚ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ରେଖା ନାଏକଙ୍କ ସ୍ୱାମୀ ଅଜୟ ନାଏକ ଓ ଶକୁନ୍ତଳା ନାଏକଙ୍କ ସ୍ୱାମୀ ଅକ୍ଷୟ ନାଏକ ଏବଂ ଉଭୟ ଅଲଗା ଅଲଗା ବ୍ୟକ୍ତି ବୋଲି ଦର୍ଶାଇ ବଡବିଲ ସିଭିଲ ଜଜ କୋର୍ଟରେ ଏକ ମାମଲା ଦାଏର କରିଥିଲେ। ବଡବିଲ ସିଭିଲ ଜଜ୍ କୋର୍ଟ ଏହି ମାମଲାରେ ଉଭୟ ପକ୍ଷର ସାକ୍ଷ୍ୟଙ୍କ ବୟାନ ଏବଂ ଦାଖଲ କରାଯାଇଥିବା ତଥ୍ୟ ଅଧାରରେ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ସହ ସରପଞ୍ଚ ପଦବୀକୁ ଆକସ୍ମିକ ଖାଲି ପଡିବା ନେଇ ଗତ ମେ ୧୪ ତାରିଖରେ ରାୟ ଦେଇଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ରେଖା ନାଏକ ଚମ୍ପୁଆ ଏଡିଜେ କୋର୍ଟରେ ଅପିଲ କରିଥିଲେ। ଏହି ମାମଲାର ବିଚାର କରି ଏଡିଜେ କୋର୍ଟ, ନିମ୍ନ ଅଦାଲତ ଦେଇଥିବା ରାୟକୁ ଗତ ୨୫ ତାରିଖ ମଙ୍ଗଳବାର ରଦ୍ଦ କରିଥିବା ଜଣାପଡିଛି।

# ୩୦ରେ ଆନନ୍ଦପୁର ବାଣିଜ୍ୟ ମେଳା

ଆନନ୍ଦପୁର, ୨୭।୯(ସ୍ୱ.ପ୍ର.)

ଆନନ୍ଦପୁର ପ୍ରେସ୍ କ୍ଲବ ପ୍ରାୟୋଜିତ ବାଣିଜ୍ୟ ମେଳା ଓ ବାର୍ଷିକ ଉତ୍ସବ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ପୂର୍ବରୁ ୨୮ରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବା ବାଣିଜ୍ୟ ମେଳାକୁ ଆଉ ଦୁଇ ଦିନ ଘୁଞ୍ଚାଯାଇ ୩୦ରେ କରିବାକୁ ସ୍ଥିର କରାଯାଇଛି। ଏଥି ନିମନ୍ତେ ବିଦ୍ୟାଳୟ ଗଣଶିକ୍ଷା ଓ ବିଜ୍ଞାନ କାରିଗରି ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିବା ବେଳେ ଆନନ୍ଦପୁର ବିଧାୟକ ମାୟାଧର ଯେନା, କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, ଆନନ୍ଦପୁର ଉପଜିଲାପାଳ ରବିନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଅଞ୍ଚଳରୁ ବ୍ୟବସାୟ ପ୍ରତିଷ୍ଠାନ ଯୋଗଦେବା ସହ ଦୋଳି, ମିନାବଜାର ଦର୍ଶକମାନଙ୍କୁ ଆକୃଷ୍ଟ କରିବ ବୋଲି ପ୍ରେସ କ୍ଲବର ସଭାପତି ଗୋପାଳ ରାଉତ ଓ ସମ୍ପାଦକ ସନ୍ତୋଷ ରାଉତଙ୍କଠାରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଚୋକ୍‌ସୀଙ୍କୁ ପ୍ରତ୍ୟର୍ପଣ ଲାଗି ଆଣ୍ଟିଗୁଆର ପ୍ରତିଶ୍ରୁତି



**ନ୍ୟୁୟର୍କ,୨୭।୯(ପି.ଟି.)**-ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ (ପିଏନ୍‌ବି) ଠକେଇ ମାମଲାର ପଳାତକ ଘୋଷିତ ଭାରତୀୟ ଅର୍ଥନୈତିକ ଅପରାଧୀ ମେହୁଲ ଚୋକ୍‌ସୀ ଏବେ ଆଣ୍ଟିଗୁଆରେ ଆଶ୍ରୟ ନେଇଛନ୍ତି। ତାଙ୍କୁ ଭାରତ ଆଣିବା ଲାଗି ଜୋର୍‌ଦାର ଉଦ୍ୟମ ଚଳାଇଛି ଭାରତ ସରକାର। ଚୋକ୍‌ସୀଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ଲାଗି ଆଣ୍ଟିଗୁଆ ସରକାରଙ୍କ ପକ୍ଷରୁ ଗୁରୁବାର ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ମିଳିଛି। ମିଳିତ ଜାତିସଂଘ ୭୩ତମ ଜେନେରାଲ ଆସେମ୍ବ୍ଲି ଉପରାନ୍ତେ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଗୁରୁବାର ଆଣ୍ଟିଗୁଆ ଆଣ୍ଡ ବାର୍ବୁଡା ପ୍ରତିପକ୍ଷ ଇ.ପି. ଚେଟ୍ ଗ୍ରୀନ୍‌ଙ୍କୁ ସାକ୍ଷାତ୍ କରିବା କରିବା ପରେ ଏଭଳି ପ୍ରତିଶ୍ରୁତି ମିଳିଥିବା ଜଣାପଡ଼ିଛି। ଏହି ପ୍ରସଙ୍ଗ ଉପରେ ପ୍ରାଧାନ୍ୟ ଦେବା ସହ ଯଥାଶୀଘ୍ର ସମ୍ଭବ ଚୋକ୍‌ସୀଙ୍କୁ ଭାରତ ସରକାରଙ୍କୁ ହସ୍ତାନ୍ତର କରିବା ଲାଗି ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ ପଦକ୍ଷେପ ନେବେ ବୋଲି ସୁଷମାଙ୍କୁ ଗ୍ରୀନ୍ ପ୍ରତିଶ୍ରୁତି ଦେଇଛନ୍ତି।

### ଯୋଜନା ଆଣିପାରିବେ ନାହିଁ କାମଚଳା ସରକାର: ଇସି

**'ବିଧାନସଭା ଭଙ୍ଗହେବା କ୍ଷଣି ଆଚରଣବିଧି ଲାଗୁ ହୁଏ'**




**ନୂଆଦିଲ୍ଲୀ,୨୭।୯(ପି.ଟି.)**-ଯେଉଁ ରାଜ୍ୟଗୁଡ଼ିକରେ ଆଗତୁରା ବିଧାନସଭା ଭଙ୍ଗ ହୋଇଯାଏ ସେଠାରେ ସ୍ୱତଃସ୍ଫୂର୍ତ୍ତ ଭାବେ ଆଦର୍ଶ ଆଚରଣବିଧି ଲାଗୁ ହୋଇଯାଇଥାଏ। କାମଚଳା ସରକାରଗୁଡ଼ିକ ରାଜ୍ୟରେ କୌଣସି ନୂଆ ଯୋଜନା ଘୋଷଣା କରିପାରିବେ ନାହିଁ ବୋଲି ଗୁରୁବାର ନିର୍ବାଚନ କମିଶନ(ଇସି) କହିଛନ୍ତି। କ୍ୟାବିନେଟ୍ ସଚିବାଳୟକୁ ଜାରି କରିଥିବା ଏକ ବିଜ୍ଞପ୍ତିରେ ଇସି ସ୍ପଷ୍ଟ କରିଛନ୍ତି ଯେ, କାମଚଳା ରାଜ୍ୟ ସରକାର ଏବଂ ସେହି ରାଜ୍ୟଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପାଇଁ ମଧ ଆଦର୍ଶ ଆଚରଣବିଧି ଲାଗୁ ହୋଇଥାଏ। ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ସହ ଆଚରଣବିଧି ନିଷ୍କ୍ରିୟ ହୋଇଥାଏ। ଏହି ସମୟ ମଧ୍ୟରେ ନା କାମଚଳା ସରକାର ନା କେନ୍ଦ୍ର ସରକାର, ଉକ୍ତ ରାଜ୍ୟରେ ନୂଆ ଯୋଜନା ଆଣିପାରିବେ। ବେସରକାରୀ କାର୍ଯ୍ୟ ପାଇଁ ସରକାରୀ ସମ୍ବଳର ବ୍ୟବହାର, ନିର୍ବାଚନୀ ଗସ୍ତ ସହ ସରକାରୀ କାର୍ଯ୍ୟକ୍ରମ ସମ୍ପାଦନ କରିବା ଆଦି ଅନ୍ୟାନ୍ୟ କଟକଣା ମଧ କାମଚଳା ସରକାର ଏବଂ କେନ୍ଦ୍ରର ସମସ୍ତ ମନ୍ତ୍ରୀ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉପରେ ଲାଗୁହେବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। କାମଚଳା ସରକାରଗୁଡ଼ିକ ପୂର୍ଣ୍ଣକାଳୀନ ସରକାରଙ୍କ ଭଳି ନିତିଦିନିଆ ସରକାରୀ କାର୍ଯ୍ୟ କରିପାରିବେ ନାହିଁ କି କୌଣସି ଗୁରୁତ୍ୱପୂର୍ଣ୍ଣ ନୀତି ନିର୍ଦ୍ଧାରଣ କରିପାରିବେ ନାହିଁ ବୋଲି ୧୯୯୪ରେ ସୁପ୍ରିମକୋର୍ଟ ଦେଇଥିବା ଏକ ନିର୍ଦ୍ଦେଶନାମା ଆଧାରରେ ଏହି ବିଜ୍ଞପ୍ତି ଜାରି କରାଯାଇଥିବା ଇସି ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, କିଛିଦିନ ପୂର୍ବରୁ ତେଲେଙ୍ଗାନା ବିଧାନସଭା ଆଗତୁରା ଭଙ୍ଗହେବା ପ୍ରସଙ୍ଗକୁ ନେଇ କମିଶନ ଏହି ବିଜ୍ଞପ୍ତି ଜାରି କରିଥିବା ଜଣାପଡ଼ିଛି।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୨୮ର ପ୍ରମୁଖ ଘଟଣା

୧୯୯୨ ସେପ୍ଟେମ୍ବର ୨୮ରେ ପାକିସ୍ତାନ ଅନ୍ତର୍ଜାତୀୟ ଏୟାରଲାଇନ୍ସର ଏୟାରବସ୍ ଏ୩୦୦ କାଠମାଣ୍ଡୁର ତ୍ରିଭୁବନ୍ ବିମାନ ବନ୍ଦରରେ ଦୁର୍ଘଟଣାର ଶିକାର ହୋଇଥିଲା। ବିମାନଟି କରାଚୀରୁ କାଠମାଣ୍ଡୁ ଅଭିମୁଖେ ଯାତ୍ରା କରୁଥିଲା ଏଥିରେ ଥିବା କର୍ମଚାରୀ ଓ ଯାତ୍ରୀଙ୍କ ସହ ୧୬୭ ଜଣଙ୍କର ମୃତ୍ୟୁ ଘଟିଥିଲା।

୨୦୦୯ ସେପ୍ଟେମ୍ବର ୨୮ରେ ଗୁଏନାରେ ଚାଲିଥିବା ଏକ ବିକ୍ଷୋଭ ସମାବେଶରେ ଜୁଣ୍ଟା ନେତୃତ୍ୱରେ ଆକ୍ରମଣ କରାଯାଇଥିଲା। ଏଥିରେ ୧୫୭ ଜଣ ନିହତ ହୋଇଥିବା ବେଳେ ୧,୨୫୩ ଜଣ ଆହତ ହୋଇଥିଲେ। ଦେଶରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ମୁସା ଦାଦିସ୍ କ୍ୟାମେରାଙ୍କୁ ବିରୋଧ କରି ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

# ଅଯୋଧ୍ୟା ଲଢ଼େଇ ପଥ ପରିଷ୍କାର

**ନୂଆଦିଲ୍ଲୀ, ୨୭।୯(ଆଇଏଏନ୍‌ଏସ୍)**

ଇସ୍‌ଲାମ ଧର୍ମର ପ୍ରଥା ପାଳନ ପାଇଁ ମସ୍‌ଜିଦ ନିହାତି ଗୁରୁତ୍ୱପୂର୍ଣ୍ଣ ଅଂଶ ନୁହେଁ। ମୁସଲମାନ ଧର୍ମାବଲମ୍ବୀମାନେ କେବଳ ମସ୍‌ଜିଦରେ ନମାଜ ପାଠ କରିବେ, ସେନେଇ କୌଣସି ଧରାବନ୍ଧା ନିୟମ ନାହିଁ। ଖୋଲା ଜାଗାରେ ମଧ ନମାଜ ପଢ଼ିହେବ ବୋଲି ୧୯୯୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ସମୀକ୍ଷା ଲାଗି ଆବେଦନ ହୋଇଥିଲା। ଗୁରୁବାର ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ବୃହତ୍ ସାମ୍ବିଧାନିକ ପୀଠକୁ ଏହି ମାମଲା ହସ୍ତାନ୍ତର କରାଯିବ ନାହିଁ ବୋଲି ୨:୧ ରାୟରେ କୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ତିନିଜଣିଆ ଖଣ୍ଡପୀଠର ଦୁଇ ସଦସ୍ୟ ସପକ୍ଷରେ ରାୟ ଦେଇଥିବାବେଳେ ଅନ୍ୟଜଣେ ସାମ୍ବିଧାନିକ ପୀଠକୁ ମାମଲା ହସ୍ତାନ୍ତର କରାଯାଉ ବୋଲି ମତ ଦେଇଥିଲେ। ଏହି ରାୟ ପ୍ରକାଶ ପାଇବା ପରେ ଏବେ ଅଯୋଧ୍ୟା ଜମି ବିବାଦର ମୁଖ୍ୟ ମାମଲା ଉପରେ ନ୍ୟାୟିକ ଲଢ଼େଇ ପାଇଁ ପଥ ପରିଷ୍କାର ହୋଇଯାଇଛି। ଏବେ ନୂଆକରି ଗଠନ ହେବାକୁ ଥିବା ତିନିଜଣିଆ ଖଣ୍ଡପୀଠକୁ ମାମଲା ହସ୍ତାନ୍ତର କରାଯିବ। ଏହାପରେ ଅକ୍ଟୋବର ୨୯ରୁ ମୁଖ୍ୟ ମାମଲାର ଶୁଣାଣି ଆରମ୍ଭ ହେବ ବୋଲି ଅଦାଲତ କହିଛନ୍ତି। ଏହି ରାୟକୁ ଭାଜପା ଓ ଆର୍‌ଏସ୍‌ଏସ୍ ସମେତ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି।

ଅଯୋଧ୍ୟାରେ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦକୁ ନେଇ ଲାଗିରହିଥିବା ବିବାଦ ତିନି ଦଶନ୍ଧି ଧରି ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ହୋଇରହିଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଅଯୋଧ୍ୟା ମାମଲାର ସମାଧାନ ହୋଇଯିବ ବୋଲି କୁହାଯାଉଛି। ତେଣୁ ଏହି ମାମଲାର ରାୟ କ'ଣ ହେବ, ସେନେଇ ଦେଶବାସୀଙ୍କ ମନରେ ଉତ୍ସୁକତା ରହିଛି। ଏତିକିବେଳେ ଅଯୋଧ୍ୟା ଜମି ଅଧିଗ୍ରହଣର ଏକ ସୀମିତ ପ୍ରସଙ୍ଗ ଉପରେ ରାୟ ପ୍ରକାଶ କରି ସୁପ୍ରିମକୋର୍ଟ ମତ ସ୍ପଷ୍ଟ କରିଦେଇଛନ୍ତି। ଜଷ୍ଟିସ୍ ଦୀପକ ମିଶ୍ରଙ୍କ ସହ ଏକମତ ଥିବା ଜଷ୍ଟିସ୍ ଅଶୋକ ଭୂଷଣ କହିଛନ୍ତି ଯେ, ୧୯୯୪ ଇସ୍‌ମାଇଲ ଫାରୁକୀ ମାମଲାରେ ଦିଆଯାଇଥିବା ରାୟର ସମୀକ୍ଷା ଲାଗି ଅଯୋଧ୍ୟା ବିବାଦ ସଂକ୍ରାନ୍ତ କୌଣସି ମାମଲା ବୃହତ୍ ପୀଠକୁ ହସ୍ତାନ୍ତର କରାଯିବ ନାହିଁ। ଖାଲି ସେତିକି ନୁହେଁ, ରାଜ୍ୟରେ ସମସ୍ତ ଧର୍ମକୁ ସମ୍ମାନ ଦିଆଯିବା ଉଚିତ। କାହିଁକି ନା ନିଜ ନିଜ ସମ୍ପ୍ରଦାୟ ପାଇଁ ମନ୍ଦିର, ମସ୍‌ଜିଦ ଓ ଚର୍ଚ୍ଚ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଖଣ୍ଡପୀଠ ପ୍ରକାଶ କରିଛନ୍ତି।

ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ମୁସଲମାନ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି କରିଥିବା ଆବେଦନ ଉପରେ ଅଦାଲତ ଉକ୍ତ ରାୟ ଦେଇଛନ୍ତି। ମୁଖ୍ୟ ଆବେଦନକାରୀ ମହମ୍ମଦ ସିଦ୍ଦିକ୍ ଦର୍ଶାଇଥିଲେ ଯେ, ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠ ଅଯୋଧ୍ୟାରେ ଥିବା ୨.୭୭ ଏକର ବିଶିଷ୍ଟ ବିବାଦୀୟ ଭୂଖଣ୍ଡକୁ ତିନି ପକ୍ଷ (ରାମ ଲଲ୍ଲା, ନିର୍ମୋହୀ ଆଖଡ଼ା ଏବଂ ସୁନ୍ନି ୱାକଫ୍ ବୋର୍ଡ)ଙ୍କୁ ବଣ୍ଟନ କରିବାକୁ କହିଥିଲେ। ଏହି ଅବସରରେ ହାଇକୋର୍ଟ ୧୯୯୪ରେ ସୁପ୍ରିମକୋର୍ଟର ପାଞ୍ଚଜଣିଆ ଖଣ୍ଡପୀଠ ଦେଇଥିବା ରାୟର କିଛି ପଂକ୍ତି ଦର୍ଶାଇଥିଲେ। ନମାଜ ପାଠ ପାଇଁ କେବଳ ମସ୍‌ଜିଦ ହିଁ ଆବଶ୍ୟକ ନୁହେଁ ବୋଲି କୋର୍ଟ କହିଥିଲେ। ସିଦ୍ଦିକ୍‌ଙ୍କ ମୃତ୍ୟୁ ହୋଇସାରିଥିବାରୁ ତାଙ୍କ ଉତ୍ତରାଧିକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରାଯାଉଛି।

ତେବେ ଗୁରୁବାର ରାୟ ପ୍ରକାଶବେଳେ ଜଷ୍ଟିସ୍ ଅବ୍‌ଦୁଲ ନଜିର ଭିନ୍ନ ମତ ଦେଇଥିଲେ। ଇସମାଇଲ ମାମଲାରେ ପୂର୍ବରୁ ସର୍ବୋଚ୍ଚ ଅଦାଲତ ଦେଇଥିବା ରାୟର ତର୍ଜମା ହେବା ଜରୁରୀ। କୌଣସି ଧର୍ମର ଗୁରୁତ୍ୱପୂର୍ଣ୍ଣ ପ୍ରଥା କ'ଣ ରହିବ ତାହା ସାମ୍ବିଧାନିକ ପୀଠ ସ୍ଥିର କରିବା ପରେ ଅଯୋଧ୍ୟା ଜମି ବିବାଦର ବିଚାର ହେବା ଉଚିତ। ତେଣୁ ଏହି ମାମଲାକୁ ସାମ୍ବିଧାନିକ ପୀଠକୁ ହସ୍ତାନ୍ତର କରାଯିବା ସପକ୍ଷରେ ଜଷ୍ଟିସ୍ ନଜିର ମତ ଦେଇଥିଲେ। କିନ୍ତୁ ତାଙ୍କ ସହ ଖଣ୍ଡପୀଠର ଅନ୍ୟ ଦୁଇ ସଦସ୍ୟ ଜଷ୍ଟିସ୍ ଦୀପକ ମିଶ୍ର ଏବଂ ଜଷ୍ଟିସ୍ ଭୂଷଣ ସହମତ ହୋଇ ନ ଥିଲେ। ଶେଷରେ ସଂଖ୍ୟାଗରିଷ୍ଠତା ଭିତ୍ତିରେ ଜଷ୍ଟିସ୍ ନଜିରଙ୍କ ମତ କାଟ୍ ଖାଇଲା। ୨:୧ ରାୟରେ କୋର୍ଟ କହିଛନ୍ତି ଯେ, ଅଯୋଧ୍ୟା ଜମି ବିବାଦକୁ ନେଇ ଆଲ୍ଲାହାବାଦ ହାଇକୋର୍ଟଙ୍କ ୨୦୧୦ ରାୟକୁ ଚ୍ୟାଲେଞ୍ଜ କରି ଉଭୟ ହିନ୍ଦୁ ଏବଂ ମୁସଲମାନଙ୍କ ପକ୍ଷରୁ ଏକାଧିକ ଆବେଦନ ହୋଇଛି। ଏସବୁର ଶୁଣାଣି ଲାଗି ନୂଆକରି ଏକ ତିନିଜଣିଆ ଖଣ୍ଡପୀଠ ଗଠନ ହେବ।

ତେବେ ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି ଯେ, ଇସ୍‌ମାଇଲ ମାମଲାରେ ୧୯୯୪ରେ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଥିଲେ ତାହା କେବଳ ଜମି ଅଧିଗ୍ରହଣ ଉପରେ ପର୍ଯ୍ୟବସିତ। ଏବର ଜମି ବିବାଦ ସମ୍ପର୍କିତ ମାମଲାଗୁଡ଼ିକ ସହ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର କୌଣସି ସମ୍ପର୍କ ନାହିଁ। ପୂର୍ବ ରାୟ ଏହାକୁ ପ୍ରଭାବିତ କରିବ ନାହିଁ। ବିଭିନ୍ନ ସମୟରେ ପାରିପାର୍ଶ୍ୱିକ ସ୍ଥିତିକୁ ବିଚାରକୁ ନେଇ ପୂର୍ବରୁ ଅଦାଲତ ରାୟ ଦେଇଥିଲେ। ଜଷ୍ଟିସ୍ ଭୂଷଣ ଆହୁରି କହିଛନ୍ତି, ଅଯୋଧ୍ୟା ଜମି ବିବାଦ ସଂକ୍ରାନ୍ତ ଆବେଦନଗୁଡ଼ିକରେ ଯେଉଁସବୁ ପ୍ରସଙ୍ଗ ଉଠାଯାଇଛି ତାହା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ତିନି ଜଣିଆ ଖଣ୍ଡପୀଠକୁ ମାମଲା ହସ୍ତାନ୍ତର କରାଯିବ। ପ୍ରକାଶ ଯେ, ପ୍ରଧାନ ବିଚାରପତି ଦୀପକ ମିଶ୍ର ଅକ୍ଟୋବର ୨ରେ ଅବସର ଗ୍ରହଣ କରିବା ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ପୂରିବାକୁ ଆଉ କିଛିଦିନ ବାକି ରହିଥିବାରୁ ଅନ୍ୟ କେତୋଟି ଚର୍ଚ୍ଚିତ ମାମଲାର ରାୟ ମଧ ସେ ପ୍ରକାଶ କରିବେ ବୋଲି କୁହାଯାଉଛି।



**ସୁପ୍ରିମକୋର୍ଟଙ୍କ ୨:୧ ରାୟ**

- ସାମ୍ବିଧାନିକ ପୀଠକୁ ହସ୍ତାନ୍ତର ହେବନି ମାମଲା
- ୧୯୯୪ ରାୟର ସମୀକ୍ଷା ହେବ ନାହିଁ
- ଜମି ବିବାଦର ଶୁଣାଣି ଅକ୍ଟୋବର ୨୯ରୁ ଆରମ୍ଭ
- ରାୟବେଳେ ଜଷ୍ଟିସ୍ ନଜିରଙ୍କ ଭିନ୍ନ ମତ



Justice Abdul Nazeer | Chief Justice Dipak Misra | Justice Bhushan

## ସର୍ଜିକାଲ୍ ଷ୍ଟ୍ରାଇକ୍‌ର ଭିଡିଓ ରିଲିଜ୍




**ନୂଆଦିଲ୍ଲୀ,୨୭।୯(ପି.ଟି.)**

ସର୍ଜିକାଲ୍ ଷ୍ଟ୍ରାଇକ୍‌ର ନୂଆ ଭିଡିଓ ରିଲିଜ୍ କଲେ କେନ୍ଦ୍ର ସରକାର। ୨୦୧୬ ସେପ୍ଟେମ୍ବର ୨୯ରେ ଭାରତୀୟ ସେନା କିଭଳି ଭାବେ ଏଲ୍‌ଓସି ଅତିକ୍ରମ କରି ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ପଶି ସେଠାରେ ଥିବା ଆତଙ୍କବାଦୀ ଲଞ୍ଚ୍‌ପ୍ୟାଡ୍ ଧ୍ୱଂସକରିବା ସହ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲା ତାହାର କିଛିଟା ଭିଡିଓ କ୍ଲିପ୍ ଗୁରୁବାର ରିଲିଜ୍ କରାଯାଇଛି। ସର୍ଜିକାଲ୍ ଷ୍ଟ୍ରାଇକ୍‌ର ଦୁଇବର୍ଷ ପୂର୍ତ୍ତିର ଠିକ୍ ଦୁଇଦିନ ପୂର୍ବରୁ ଜାରି କରାଯାଇଥିବା ଉକ୍ତ ଭିଡିଓଟି ଏକ ମାନବବିହୀନ ବିମାନ (ୟୁଏଭି)ରେ ଉତ୍ତୋଳନ କରାଯାଇଥିବା ଜଣାପଡୁଛି। ପିଓକେରେ ଥିବା ଏକ ଲଞ୍ଚ୍ ପ୍ୟାଡ୍ ଧ୍ୱଂସ କରାଯାଉଥିବା କିଛିଟା ଦୃଶ୍ୟ ଏଥିରେ ଥର୍ମାଲ୍ ଇମେଜ୍ ଆକାରରେ ଦେଖିବାକୁ ମିଳିଛି। ଭିଡିଓଟି ସମ୍ପୂର୍ଣ୍ଣ ଠିକ୍ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## କଶ୍ମୀରରେ ଏନ୍‌କାଉଣ୍ଟର: ୬ ନିହତ

**ଶ୍ରୀନଗର, ୨୭।୯(ପି.ଟି.)**

- ଟଳିଲେ ୩ ଆତଙ୍କବାଦୀ, ଜଣେ ଯବାନ ଶହୀଦ
- ଗୁଲିମାଡ଼ରେ ୨ ସାଧାରଣ ନାଗରିକ ମୃତ

ଜମ୍ମୁ-କଶ୍ମୀରର ଅନନ୍ତନାଗ ଏବଂ ବଡଗାମ୍ ଜିଲାରେ ଗୁରୁବାର ବଡ଼ଧରଣର ଏନ୍‌କାଉଣ୍ଟର ଘଟିଛି। ଏଥିରେ ୬ ଜଣଙ୍କ ଜୀବନ ଯାଇଛି। ଗୁଳିମାଡ଼ରେ ହିଜବୁଲ ମୁଜାହିଦ୍ଦିନ୍ ଏବଂ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ୩ ଆତଙ୍କବାଦୀ ନିହତ ହେବା ସହ ଜଣେ ଯବାନ ଶହୀଦ ହୋଇଛନ୍ତି। ସେପଟେ ଶ୍ରୀନଗର ଏବଂ କୁପ୍‌ୱାଡ଼ାରେ ଗୁଳିମାଡ଼ରେ ୨ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି।

ଅନନ୍ତନାଗ ଜିଲାର କାଜିଗଣ୍ଡ ଅଞ୍ଚଳରେ ଆତଙ୍କବାଦୀ ଲୁଚିରହିଥିବା ସୂଚନା ମିଳିଥିଲା। ଏହାପରେ ସୁରକ୍ଷାକର୍ମୀ ସେଠାରେ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିଲେ। ଏତିକିବେଳେ ଲୁଚିରହିଥିବା ଆତଙ୍କବାଦୀ ଗୁଳିମାଡ଼ ଆରମ୍ଭ କରିଦେଇଥିଲେ। ଜବାବୀ ହମ୍‌ଲାରେ ଲଶ୍କର କମାଣ୍ଡର ଅସିଫ୍ ମଲିକ ଟଳିପଡ଼ିଥିଲେ। ଏନ୍‌କାଉଣ୍ଟରବେଳେ ଗୁଳିମାଡ଼ରେ ଯବାନ ହାପି ସିଂ ମଧ ଶହୀଦ ହୋଇଥିବା ସୂଚନା ମିଳିଛି। ଅନ୍ୟପଟେ ବାରମୁଲ୍ଲା ଜିଲାର ପାନଜାନ୍ ଅଞ୍ଚଳରେ ସୁରକ୍ଷାକର୍ମୀ ତଲାସି କରୁଥିବାବେଳେ ମସ୍‌ଜିଦ ଭିତରୁ ଥାଇ ଗୁଳିମାଡ଼ ଆରମ୍ଭ କରିଥିଲେ ଆତଙ୍କବାଦୀ। ପାଲଟା ଆକ୍ରମଣରେ ୨ ହିଜବୁଲ ମୁଜାହିଦ୍ଦିନ୍ ଆତଙ୍କବାଦୀ ନିହତ ହୋଇଛନ୍ତି। ଜିଲାର କ୍ରୀରି ଅନ୍ତର୍ଗତ ମିର୍ ମୋହଲ୍ଲାରୁ ମଧ ଜଣେ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି।

ସେପଟେ ଶ୍ରୀନଗରର ନୁରବାଗ୍ ଅଞ୍ଚଳରେ ମଧ ସୁରକ୍ଷାକର୍ମୀ ଆତଙ୍କବାଦୀଙ୍କ ତଲାସି ଅଭିଯାନ ଚଳାଇଥିବାବେଳେ ଜଣେ ସାଧାରଣ ନାଗରିକ ନିହତ ହୋଇଛନ୍ତି। ତେବେ ଯବାନଙ୍କ ଗୁଳିମାଡ଼ରେ ତାଙ୍କ ଜୀବନ ଯାଇଛି କିମ୍ବା ଅନ୍ୟ କେହି ହତ୍ୟା କରିଛନ୍ତି, ତାହା ଜଣାପଡ଼ି ନାହିଁ। ଏହି ହତ୍ୟାକାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। କୁପ୍‌ୱାଡ଼ାର କ୍ରାଲ୍‌ପୁର ଅଞ୍ଚଳରେ ମଧ ଆତଙ୍କବାଦୀଙ୍କ ସହ ଏନ୍‌କାଉଣ୍ଟରବେଳେ ସେନାଗୁଳିରେ ଜଣେ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଛି।

## ଫୁର୍‌ସତ

## 'ଲଭରାତ୍ରି' ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନା

**ନୂଆଦିଲ୍ଲୀ:**

ବଲିଉଡ ଅଭିନେତା ସଲମାନ ଖାନ୍‌ଙ୍କ ଦ୍ୱାରା ନିର୍ମିତ ଫିଲ୍ମ 'ଲଭ ରାତ୍ରି' ବିରୋଧରେ ବଳପୂର୍ବକ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିହେବ ନାହିଁ। ଗୁରୁବାର ଏଭଳି ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୫ରେ ଫିଲ୍ମଟି ରିଲିଜ୍ ହେବାକୁ ଯାଉଛି। ଏହାକୁ ସିବିଏଫ୍‌ସି (କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ) ପକ୍ଷରୁ ସେନ୍‌ସର ପ୍ରମାଣପତ୍ର ମିଳିସାରିଛି। ଏହାସତ୍ତ୍ୱେ ମଧ ବିହାରରେ ଏହି ଫିଲ୍ମ ବିରୋଧରେ ଏତଲା ଦିଆଯାଇଛି। ଅନ୍ୟପକ୍ଷେ ଗୁଜରାଟର ବଡୋଦରାରେ ଅପରାଧିକ ମାମଲା ରୁଜୁ କରାଯାଇଛି। ଖଣ୍ଡପୀଠ କହିଛନ୍ତି, ସମଗ୍ର ଦେଶରେ ଫିଲ୍ମର ନାମକରଣ କିମ୍ବା ଏହା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନି। 'ଲଭ ରାତ୍ରି' ଫିଲ୍ମର ନାମକରଣ ହିନ୍ଦୁମାନଙ୍କ ଧାର୍ମିକ ଭାବନାକୁ ଆଘାତ ଦେବ ବୋଲି ଅଭିଯୋଗ ହୋଇଥିଲା। ଫିଲ୍ମରେ ସଲମାନଙ୍କ ଭିଣୋଇ ଆୟୁଷ ଶର୍ମା ଏବଂ ୱାରିନା ହୁସେନ୍ ଅଭିନୟ କରିଛନ୍ତି।



## ବିଶ୍ୱ ଜଳାତଙ୍କ ଦିବସ

**କାନସାସ୍(ଆମେରିକା):**

ଜଳାତଙ୍କ ଏକ ମାରାତ୍ମକ ଭୂତାଣୁଜନିତ ରୋଗ। ଉଭୟ ପ୍ରାଣୀ ଓ ମନୁଷ୍ୟ ଏହି ରୋଗରେ ପୀଡ଼ିତ ହୋଇଥାନ୍ତି। ଏହି ରୋଗର ସଂପୂର୍ଣ୍ଣ ନିରାକରଣ ପାଇଁ ୨୦୦୭ ସେପ୍ଟେମ୍ବର ୨୮ରୁ 'ବିଶ୍ୱ ଜଳାତଙ୍କ ଦିବସ' ପାଳିତ ହୋଇ ଆସୁଅଛି। ପ୍ରସିଦ୍ଧ ଫରାସୀ ବୈଜ୍ଞାନିକ ତଥା ରସାୟନବିତ୍ ଓ ଅଣୁଜୀବ ତତ୍ତ୍ୱବିତ୍ ଲୁଇ ପାଶ୍ଚର ଜଳାତଙ୍କ ରୋଗ ବିରୋଧରେ ପ୍ରଥମେ ପ୍ରତିଷେଧକ ଟିକା ଉଦ୍‌ଭାବନ କରିଥିଲେ। ୧୮୯୫ ସେପ୍ଟେମ୍ବର ୨୮ରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କର ଶ୍ରାଦ୍ଧ ଦିବସକୁ 'ବିଶ୍ୱ ଜଳାତଙ୍କ ଦିବସ' ଭାବେ ପାଳନ କରାଯାଇ ଆସୁଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି-'ଜଳାତଙ୍କ: ବାର୍ତ୍ତା ବିନିମୟ କର, ଜୀବନ ବଞ୍ଚାଅ'। ଆନ୍ତର୍ଜାତିକ ସ୍ତରରେ ମନୁଷ୍ୟ ଓ ପ୍ରାଣୀ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମିଳିତ ଉଦ୍ୟମରେ ଜଳାତଙ୍କ ରୋଗର ମୂଳୋତ୍ପାଟନ ଲକ୍ଷ୍ୟନେଇ ସଚେତନତା ଅଭିଯାନ ଆରମ୍ଭ ହୋଇଛି। 'ଆଲିଆନ୍ସ ଫର ଦି ଫାଇଟ୍ ଏଗ୍‌ନେଷ୍ଟ ର୍‍ୟାବିଜ୍' ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜଳାତଙ୍କ ଯୋଗୁ ପ୍ରତିବର୍ଷ ବିଶ୍ୱରେ ୫୫,୦୦୦ ଲୋକ ବା ପ୍ରତି ୧୦ ମିନିଟରେ ଜଣେ ଲୋକ ମୃତ୍ୟୁବରଣ କରନ୍ତି।






ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୪.୦ |
| ଚାନ୍ଦବାଲି | ୩୪.୨ | ୨୫.୦ |
| କଟକ | ୩୪.୦ | ୨୩.୫ |
| ପାରାଦ୍ୱୀପ | ୩୨.୪ | ୨୫.୯ |
| ଭୁବନେଶ୍ୱର | ୩୩.୪ | ୨୪.୫ |
| ଗୋପାଳପୁର | ୩୪.୦ | ୨୫.୦ |
| ପୁରୀ | ୩୩.୬ | ୨୭.୦ |
| ଅନୁଗୋଳ | ୩୩.୧ | ୨୨.୦ |
| ବାରିପଦା | ୩୩.୪ | ୨୫.୪ |
| ଝାରସୁଗୁଡ଼ା | ୩୪.୬ | ୨୫.୦ |
| କେନ୍ଦୁଝର | ୩୨.୨ | ୨୧.୪ |
| ସମ୍ବଲପୁର | ୩୫.୩ | ୨୫.୬ |
| ସୁନ୍ଦରଗଡ଼ | ୩୨.୦ | ୨୧.୦ |
| ହୀରାକୁଦ | ୩୪.୭ | ୨୫.୬ |
| ତାଲଚେର | ୩୪.୩ | ୨୪.୬ |
| ଭବାନୀପାଟଣା | ୩୩.୦ | ୨୪.୦ |
| ବଲାଙ୍ଗୀର | ୩୪.୬ | ୨୪.୮ |
| କୋରାପୁଟ | ୨୮.୦ | ୧୮.୦ |
| ଫୁଲବାଣୀ | ୩୧.୦ | ୨୦.୦ |
| ଟିଟିଲାଗଡ଼ | ୩୩.୫ | ୨୨.୫ |
| ମାଲକାନଗିରି | ୩୩.୫ | --- |
| ସୋନପୁର | ୩୫.୮ | ୨୩.୬ |
| ଦାରିଙ୍ଗିବାଡ଼ି | --- | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ନିରାମିଷାଶୀ ପାଲଟିଲେ ତମନ୍ନା



**ମୁମ୍ବାଇ:** ଆମିଷ ଭୋଜନପ୍ରିୟ ତମନ୍ନା ଭାଟିଆ ଏବେ ନିରାମିଷାଶୀ ପାଲଟି ଯାଇଛନ୍ତି। ସେ ଚିକେନ୍, ମଟନ୍ ଏବଂ ମାଛ ଖାଇବାରେ ରୁଚି ରଖନ୍ତି। କିନ୍ତୁ ଆମିଷ ପ୍ରତି ତାଙ୍କର ବୈରାଗ୍ୟ ଆସିବାର ମୁଖ୍ୟ କାରଣ ହେଲା ତାଙ୍କର ୫ ବର୍ଷର ପୋଷାକୁକୁର ପେବଲ୍ ରୋଗଗ୍ରସ୍ତ ହୋଇପଡ଼ିଛି। ଏ ସମ୍ପର୍କରେ ତମନ୍ନା କହନ୍ତି, ମୁଁ ଯେମିତି ଜଣେ ପଶୁପ୍ରେମୀ ସେଭଳି ଜଣେ ଆମିଷପ୍ରିୟ। ତେବେ ଆମିଷ ମୋର ଅଭ୍ୟାସଗତ ହୋଇଯାଇଥିବାରୁ ଏହାକୁ ଛାଡିବା କଷ୍ଟକର ମନେହେଉଥିଲା। କିନ୍ତୁ ଗତମାସରେ ପେବଲ୍ ପକ୍ଷାଘାତ ରୋଗରେ ପଡିବାରୁ ଆମିଷ ଛାଡ଼ିବାକୁ ବଜ୍ର ଶପଥ ନେଲି। କାରଣ ତାକୁ ମୁଁ ଖୁବ୍ ଭଲ ପାଏ। ସେ ଆମ ପରିବାରର ଅନ୍ୟତମ ସଦସ୍ୟ। ସେ ମୋର ପ୍ରିୟତମ ସାଥୀ। ସେ ରୋଗରେ ପଡ଼ିଥିବା କାରଣରୁ ଆମିଷ ଭକ୍ଷଣ ଛାଡ଼ିଦେଲେ କାଳେ ଆରୋଗ୍ୟ ହୋଇଯିବ ବୋଲି ଚିନ୍ତାକଲି। ତେଣୁ ଆମିଷ ତ୍ୟାଗ କରିବାକୁ ପ୍ରତିଜ୍ଞା କଲି। ଏହା ମୋର ତ୍ୟାଗପଣିଆର ଏକ ନମୁନା। ତମନ୍ନା ବର୍ତ୍ତମାନ 'କୁଇନ୍', 'ସାଇରା ନରସିଂହ ରେଡ୍ଡୀ', 'କାନ୍ନେ କାଲାଇମାନ୍ନେ' ଏବଂ 'ଏଫ୍୨ ଫନ୍ ଆଣ୍ଡ ଫ୍ରଷ୍ଟ୍ରେଟିଂ' ଫିଲ୍ମର ତେଲୁଗୁ ରିମେକ୍ ପାଇଁ କାମ କରୁଛନ୍ତି। ତାଙ୍କ ଅଭିନୀତ ଫିଲ୍ମ 'ସନ୍ଦୀପ କିଷନ୍' ମୁକ୍ତିଲାଭ କରିବାକୁ ଯାଉଛି।



ନିର୍ମଳ କୁମାର ମିଶ୍ର

ଘରୋଇ ଦିନିକିଆ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫି ଆରମ୍ଭ ହୋଇଛି। କୋଚ୍ ରଶ୍ମିରଞ୍ଜନ ପରିଡ଼ାଙ୍କ ତତ୍ତ୍ୱାବଧାନ ଓ ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱରେ ଓଡ଼ିଶା ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ପ୍ରଥମ ଦୁଇଟି ମ୍ୟାଚ ହାତଛଡ଼ା କରିବା ପରେ ତୃତୀୟ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଥିଲା। ତେବେ ଚତୁର୍ଥ ମ୍ୟାଚ୍‌ରେ ଓଡ଼ିଶା ଶକ୍ତିଶାଳୀ ଦିଲ୍ଲୀକୁ ହରାଇ ପ୍ରଥମ ବିଜୟ ହାସଲ କରିଛି। ନକ୍ ଆଉଟରେ ସ୍ଥାନ ହାସଲ କରିବାକୁ ହେଲେ ବାକି ମ୍ୟାଚଗୁଡିକରେ ଓଡ଼ିଶାକୁ ଭଲ ପ୍ରଦର୍ଶନ କରିବାକୁ ହେବ।

# ଅଗ୍ନି ପରୀକ୍ଷାରେ ଟିମ୍ ଓଡ଼ିଶା

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ପରିଚାଳିତ ଏକଦିବସୀୟ ଫର୍ମାଟର ଶ୍ରେଷ୍ଠ ଘରୋଇ ଟୁର୍ନାମେଣ୍ଟର ବିଜୟ ହଜାରେ ଟ୍ରଫି ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଓଡ଼ିଶା ସିନିୟର ଦଳ ମଧ୍ୟ ଏହି ଟୁର୍ନାମେଣ୍ଟରେ ଅଭିଯାନ ଆରମ୍ଭ କରି ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇଛି। ଓଡ଼ିଶା ଆନ୍ଧ୍ର ଓ କେରଳଠାରୁ ସହଜରେ ପରାସ୍ତ ହୋଇଛି। ଉତ୍ତରପ୍ରଦେଶ ବିପକ୍ଷ ତୃତୀୟ ମ୍ୟାଚ୍ ବର୍ଷାଯୋଗୁ ବାତିଲ ହୋଇଥିବାବେଳେ ଚତୁର୍ଥ ମ୍ୟାଚ୍‌ରେ ଓଡ଼ିଶା ଦିଲ୍ଲୀକୁ ୯ ରନରେ ହରାଇ ବିପର୍ଯ୍ୟୟ ଘଟାଇବା ସହ ପ୍ରତ୍ୟାବର୍ତ୍ତନ କରିଛି ଓ ଟୁର୍ନାମେଣ୍ଟରେ ରୋମାଞ୍ଚ ଆଣିଛି।

ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ପକ୍ଷରୁ ଚୟନ କମିଟିର ଅଧ୍ୟକ୍ଷ ପୂର୍ବତନ ରଣଜୀ ଖେଳାଳି ବିଷ୍ଣୁଦେବ ମହାନ୍ତିଙ୍କ ଘୋଷଣା କ୍ରମେ ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଶକ୍ତିଶାଳୀ ତଥା ସନ୍ତୁଳିତ ଦଳ ଘୋଷଣା କରିଥିଲା। ଓସିଏ ଦ୍ୱାରା ପରିଚାଳିତ ଶ୍ରେଷ୍ଠ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ପ୍ରଦର୍ଶନ ଅନୁସାରେ ଏଥର ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ପାଇଁ ୪ଜଣ ଯୁବ କ୍ରିକେଟର ରଘୁନାଥ ମଲ୍ଲ, ପ୍ରୀତ୍ କନ୍‌ୱର ସିଂ, ରାଜେଶ ମହାନ୍ତି ଏବଂ ପପୁ ରାୟ ନିଜ ନିଜର ଦଳ ପାଇଁ ଏବଂ ସିନିୟର କ୍ୟାମ୍ପରେ ଭଲ ପ୍ରଦର୍ଶନ କରିଥିବାରୁ ସୁଯୋଗ ପାଇବା ବାସ୍ତବିକ୍ ଖୁସିର କଥା। ସେମାନେ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ଦଳରେ ସାମିଲ ହେବା ଏବଂ ମ୍ୟାଚ ଖେଳିବା ପାଇଁ ସୁଯୋଗ ପାଇବା ନିଶ୍ଚିତ ଭାବେ ଅନ୍ୟ ଯୁବ ଖେଳାଳିମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବ। କ୍ଲବ କ୍ରିକେଟ ମ୍ୟାଚଗୁଡିକରେ ମଧ୍ୟ ଏହି ଯୁବ ଖେଳାଳିମାନେ ବେଶ୍ ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ଚୟନକର୍ତ୍ତାମାନଙ୍କୁ ପ୍ରଭାବିତ କରିଥିଲେ। ମୋଟ ଉପରେ ଦେଖିବାକୁ ଗଲେ ଅଭିଜ୍ଞ ରଶ୍ମି ରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ଦଳ ପ୍ରଥମ ଥର ଲାଗି ଏକ ବଡ ଟୁର୍ନାମେଣ୍ଟ ଖେଳିବାକୁ ଯାଉଛି। ଜଣେ ସଫଳ ବ୍ୟାଟ୍ସମ୍ୟାନ ରୂପେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି ଏବଂ ସେ ରାଜସ୍ଥାନ, ତ୍ରିପୁରା ଏବଂ ଓଡ଼ିଶା ପାଇଁ ରଣଜୀମ୍ୟାଚ୍ ଖେଳି ଯଥେଷ୍ଟ ଅଭିଜ୍ଞତା ହାସଲ କରିଛନ୍ତି। ଦେବାଶିଷ ମହାନ୍ତି ବିସିସିଆଇ ଜୁନିୟର ସିଲେକସନ୍ କମିଟିରେ ସ୍ଥାନ ପାଇବା ପରେ ଏହି ଅଭିଜ୍ଞ ରଣଜୀ ଖେଳାଳିଙ୍କ ନେତୃତ୍ୱରେ ଦଳ କିପରି ପ୍ରଦର୍ଶନ କରୁଛି ତାହା ଦେଖିବାର କଥା। ଗତ ଦୁଇ ସିଜନ୍ ପରି ଚଳିତ ବର୍ଷ ମଧ୍ୟ ଟିମ୍ ଓଡ଼ିଶା ଏଲିଟ୍ ଗ୍ରୁପରେ ସ୍ଥାନ ପାଇଛି। ଆନ୍ଧ୍ରପ୍ରଦେଶ, କେରଳ, ଉତ୍ତର ପ୍ରଦେଶ, ଦିଲ୍ଲୀ, ମଧ୍ୟପ୍ରଦେଶ, ସୌରାଷ୍ଟ୍ର, ହାଇଦ୍ରାବାଦ ଏବଂ ଛତିଶଗଡ ପରି ଶକ୍ତିଶାଳୀ ଗ୍ରୁପରେ ସ୍ଥାନ ପାଇଥିବାରୁ ଟିମ୍ ଓଡିଶା ପାଇଁ ଶ୍ରେଷ୍ଠ ପ୍ରଦର୍ଶନର ଆବଶ୍ୟକତା ରହିଛି। ଦଳରେ ଅଭିଜ୍ଞ ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଅନୁରାଗ ଷଡଙ୍ଗୀ, ରାଜେଶ ଧୂପର, ଶୁଭ୍ରାଂଶୁ ସେନାପତିଙ୍କ ପରି ପ୍ରତିଭାବାନ୍ ବ୍ୟାଟ୍ସମ୍ୟାନ ରହିଥିବା ବେଳେ ବୋଲିଂରେ ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ବେହେରା ଏବଂ ଦେବବ୍ରତ ପ୍ରଧାନ ପେସ ବୋଲିଂର ଦାୟିତ୍ୱ ବହନ କରିବେ। ଯୁବ ବ୍ୟାଟ୍ସମ୍ୟାନ ରଘୁନାଥ ମଲ୍ଲ ଏବଂ ଶାନ୍ତନୁ ମିଶ୍ର ମଧ୍ୟ ଭଲ ଫର୍ମରେ ରହିଛନ୍ତି। ସେହିପରି ସ୍ପିନ ବୋଲର ରୂପେ ଅଭିଷେକ ରାଉତ ଏବଂ ପପୁ ରାୟ ଏଥର କଳାହାଣ୍ଡି କପ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ଶୁଭ୍ରାଂଶୁ ସେନାପତି ଏଥର କଳାହାଣ୍ଡି କପ୍‌ରେ ସବୁଠାରୁ ଆକ୍ରମଣାତ୍ମକ ବ୍ୟାଟିଂ ମାଧ୍ୟମରେ ୨ଟି ଶତକୀୟ ଇନିଂସ ମାଧ୍ୟମରେ ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ମାତ୍ର ଦଳ ଏକ ଶକ୍ତିଶାଳୀ ଗ୍ରୁପରେ ରହିଥିବାରୁ ସମସ୍ତ ବିଭାଗରେ ଭଲ ପ୍ରଦର୍ଶନ କଲେ ନକ ଆଉଟ୍ ପର୍ଯ୍ୟାୟକୁ ଯିବା ସମ୍ଭାବନା ରହିଛି।

ଏଥର ରଣଜୀ ଫର୍ମାଟ ଏବଂ ବିଜୟ ହଜାରେ ଟ୍ରଫି ନୂତନ ଫର୍ମାଟରେ ଖେଳାଯିବାକୁ ଥିବା ବେଳେ ଓଡ଼ିଶା ଗ୍ରୁପ 'ବି'ରେ ସ୍ଥାନ ପାଇଛି ଏବଂ ଏହି ଗ୍ରୁପରେ ଶ୍ରେଷ୍ଠ ୫ଟି ଦଳ ମଧ୍ୟରେ ସ୍ଥାନ ପାଇଲେ ଓଡ଼ିଶା ନକ୍ ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବ। କାରଣ ଗ୍ରୁପ-ଏ ରୁ ୫ଟି, ଗ୍ରୁପ୍-ବି ରୁ ୫ଟି, ଏବଂ ଗ୍ରୁପ୍-ସିରୁ ଶ୍ରେଷ୍ଠ ୨ଟି ଦଳ ସହ ନୂତନ ଭାବେ ରଣଜୀ ଫର୍ମାଟରେ ସ୍ଥାନ ପାଇଥିବା ୯ଟି ଦଳ ମଧ୍ୟରୁ ଶ୍ରେଷ୍ଠ ଦଳ ନକଆଉଟ୍ ପର୍ଯ୍ୟାୟକୁ ଉନ୍ନତି କରିବାର ବ୍ୟବସ୍ଥା ରହିଛି।

ଭାରତୀୟ କ୍ରିକେଟ ଇତିହାସର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିଜୟ ହଜାରେଙ୍କ ସ୍ମୃତିରେ ଆୟୋଜିତ ଏକଦିବସୀୟ ଟୁର୍ନାମେଣ୍ଟର ଏହି ୧୭ତମ ସଂସ୍କରଣ ୨୦୦୨-୦୩ରୁ ଆରମ୍ଭ ହୋଇଥିବାବେଳେ ତାମିଲନାଡୁ ସର୍ବାଧିକ ୫ଥର ଏବଂ କର୍ଣ୍ଣାଟକ ୩ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଗତ ୧୬ତମ ସଂସ୍କରଣରେ ୨୮ଟି ଘରୋଇ ଦଳ ଭାଗନେଇଥିବା ବେଳେ ମୋଟରେ ୯୧ଟି ମ୍ୟାଚ ଖେଳାଯାଇଥିଲା ଏବଂ ଫାଇନାଲ ମ୍ୟାଚ୍‌ରେ ବିଜୟୀ ହୋଇ କର୍ଣ୍ଣାଟକ ଚାମ୍ପିୟନ ହୋଇଥିବା ବେଳେ ସୌରାଷ୍ଟ୍ର ରନର୍ସଅପ୍ ହୋଇଥିଲା। ସାରା ଟୁର୍ନାମେଣ୍ଟରେ କର୍ଣ୍ଣାଟକର ଷ୍ଟାର ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲ୍ ୭୨୩ ରନ୍ ସଂଗ୍ରହ କରିବା ସହିତ ବର୍ତ୍ତମାନ ଜାତୀୟ ଦଳରେ ସ୍ଥାନ ପାଇଥିବା ହାଇଦ୍ରାବାଦ ପେସ ବୋଲର ମହମ୍ମଦ ସିରାଜ ମୋଟ ୨୩ଟି ଉଇକେଟ୍ ନେଇଥିଲେ। ପ୍ରତ୍ୟେକ ଦଳ ୬ଟି ଲେଖାଏଁ ମ୍ୟାଚ ଖେଳିବାର ସୁଯୋଗ ପାଇଥିବା ବେଳେ ଗ୍ରୁପ-ଏ ରୁ ବରୋଦା ଏବଂ କର୍ଣ୍ଣାଟକ, ଗ୍ରୁପ୍-ବି ରୁ ମହାରାଷ୍ଟ୍ର ଏବଂ ଦିଲ୍ଲୀ, ଗ୍ରୁପ-ସି ରୁ ଆନ୍ଧ୍ର ଏବଂ ମୁମ୍ବାଇ ଏବଂ ଗ୍ରୁପ୍-ଡି ରୁ ହାଇଦ୍ରାବାଦ ଏବଂ ସୌରାଷ୍ଟ୍ର ନକ୍ ଆଉଟ୍ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଗ୍ରୁପ-ଏ' ଏଲିଟ୍ ଗ୍ରୁପରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ଗ୍ରୁପ୍-ଏ'ରେ ପଞ୍ଚମ ସ୍ଥାନ ଅଧିକାର କରିଥିଲା ଟିମ୍ ଓଡ଼ିଶା। ୨ଟି ବିଜୟ ଏବଂ ୪ଟି ପରାଜୟ ସହ ନକ୍ ଆଉଟ୍ ପର୍ଯ୍ୟାୟ ପୂର୍ବରୁ ଓଡ଼ିଶା ବିଦାୟ ନେଇଥିଲା। ଦଳ ବିଦର୍ଭ, ବରୋଦା, ହରିୟାଣା, ପଞ୍ଜାବ, ରେଲୱେ, ଆସାମ ସହ ଗ୍ରୁପ୍-ଏ ରେ ସ୍ଥାନ ପାଇଥିଲା। ଟିମ୍ ଓଡ଼ିଶା ଶକ୍ତିଶାଳୀ ହରିୟାଣା ଏବଂ ଆସାମକୁ ହରାଇବାକୁ ସକ୍ଷମ ହୋଇଥିବା ବେଳେ କର୍ଣ୍ଣାଟକ, ବରୋଦା, ରେଲୱେ ଏବଂ ପଞ୍ଜାବ ଠାରୁ ହାରିଯାଇଥିଲା। ଦଳରେ ଖେଳାଳି ପରିବର୍ତ୍ତନ ବାରମ୍ବାର କରାଯିବା ଦ୍ୱାରା ଦଳରେ ସ୍ଥିରତା ନଥିଲା ଏବଂ ଦଳ ଖରାପ ପ୍ରଦର୍ଶନ କରିଥିଲା। ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ, ଅନୁରାଗ ଷଡଙ୍ଗୀ, ପ୍ରୟାସ ସିଂ ଠାକୁର, ଦେବବ୍ରତ ପ୍ରଧାନ, ଜୟନ୍ତ ବେହେରା, ରାଜେଶ ଧୂପର, ଦୀପକ ବେହେରା, ଶାନ୍ତନୁ ମିଶ୍ରଙ୍କ ପ୍ରଦର୍ଶନ ସନ୍ତୋଷଜନକ ରହିଥିଲା।

କୌଣସି ବ୍ୟାଟ୍ସମ୍ୟାନ ଶତକ ହାସଲ କରିବାକୁ ସକ୍ଷମ ହୋଇ ନ ଥିବା ବେଳେ ଅନୁରାଗ ଷଡଙ୍ଗୀ, ଗୋବିନ୍ଦ ପୋଦାର, ରାଜେଶ ଧୂପର ୨ଟି ଲେଖାଁଏ ଅର୍ଦ୍ଧଶତକ ଏବଂ ବିପ୍ଳବ ସାମନ୍ତରାୟ, ପ୍ରୟାସ ସିଂ ଠାକୁର ଗୋଟିଏ ଲେଖାଁଏ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ଅଲରାଉଣ୍ଡର ଦୀପକ ବେହେରା ସର୍ବାଧିକ ୧୪ଟି ଉଇକେଟ ଏବଂ ଦ୍ରୁତ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ୮ଟି ଉଇକେଟ ନେଇଥିଲେ। ୬ଟି ମ୍ୟାଚ୍ ଖେଳି ଅନୁରାଗ ଷଡଙ୍ଗୀ ସର୍ବାଧିକ ୨୦୫ରନ୍ ସଂଗ୍ରହ କରିଥିବାବେଳେ ରାଜେଶ ଧୂପର ୧୬୪ରନ୍ (୪ଟି ମ୍ୟାଚ) ଏବଂ ଗୋବିନ୍ଦ ପୋଦାର ୧୨୭ ରନ୍ (୩ଟି ମ୍ୟାଚ) ସଂଗ୍ରହ କରିଥିଲେ। ଏକମାତ୍ର ବୋଲର ରୂପେ ଦୀପକ ବେହେରା ୫ରୁ ଅଧିକ ଉଇକେଟ୍ ହରିୟାଣା ବିପକ୍ଷରେ ନେଇଥିଲେ।

ଏଥର ଗ୍ରୁପ-ବି'ରେ ସ୍ଥାନ ପାଇଥିବା ଓଡ଼ିଶା କଡା ଟକ୍କରର ସମ୍ମୁଖୀନ ହେବା ସମ୍ଭାବନା ରହିଛି। କାରଣ ଗ୍ରୁପ୍‌ରେ ଉତ୍ତରପ୍ରଦେଶ, ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ମଧ୍ୟ ପ୍ରଦେଶ, ସୌରାଷ୍ଟ୍ର, ହାଇଦ୍ରାବାଦ, ଛତିଶଗଡ ପରି ଶକ୍ତିଶାଳୀ ଟିମ୍ ରହିଛନ୍ତି। ଯଦିଓ ନୂତନ ଫର୍ମାଟ ଅନୁସାରେ ୫ଟି ଦଳ ନିଜର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ନକ୍ ଆଉଟ୍ ପର୍ଯ୍ୟାୟକୁ ପଏଣ୍ଟ ଟେବୁଲ ଆଧାରରେ ଉନ୍ନୀତ ହେବେ ଏହାର ସୁଯୋଗ ନେଇ ଓଡ଼ିଶା ଦଳ ନିଜର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ନକ୍ ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଗୋବିନ୍ଦ ପୋଦାର ନେତୃତ୍ୱାଧୀନ ଏହି ଯୁବ ଦଳ ପାଇଁ ଏହା ହେବ ଅଗ୍ନିପରୀକ୍ଷା ସଦୃଶ। ଯୁବ ଖେଳାଳିମାନେ ଅଭିଜ୍ଞ ଖେଳାଳିମାନଙ୍କୁ ସହାୟତା କରିବା ଆବଶ୍ୟକ। ଦଳ ତାର ସମସ୍ତ ମ୍ୟାଚ ନୂଆଦିଲ୍ଲୀର ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଖେଳିବ। ଦଳର ଅଫିସିଆଲ୍, ଫିଜିଓ, କୋଚ ଏବଂ ଖେଳାଳିମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଦଳ ନିଶ୍ଚିତ ରୂପେ ଭଲ ପ୍ରଦର୍ଶନ କରିବାର ଆଶା ରହିଛି। ଏହି ଏକଦିବସୀୟ ଟୁର୍ନାମେଣ୍ଟର ଫଳାଫଳ ଉପରେ ଆଗକୁ ଆରମ୍ଭ ହେବାକୁ ଥିବା ରଣଜୀ ଟ୍ରଫିକୁ ବେଶ୍ ପ୍ରଭାବିତ କରିବାର ସମ୍ଭାବନା ଥିବାରୁ ଖେଳାଳିମାନେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ।



କୋଚ୍ ରଶ୍ମିରଞ୍ଜନ ପରିଡ଼ା



ଅଧିନାୟକ ଗୋବିନ୍ଦ ପୋଦ୍ଦାର

### ବିଜୟ ହଜାରେ ଟ୍ରଫିଃ ଓଡ଼ିଶାର କାର୍ଯ୍ୟସୂଚୀ

| ତାରିଖ | ଦଳ | ଭେନ୍ୟୁ |
|---|---|---|
| ୨୦।୯ | ଆନ୍ଧ୍ରଠାରୁ ୬ ଉଇକେଟରେ ପରାସ୍ତ | ନୂଆଦିଲ୍ଲୀ |
| ୨୧।୯ | କେରଳଠାରୁ ୬ ଉଇକେଟରେ ପରାସ୍ତ | ନୂଆଦିଲ୍ଲୀ |
| ୨୩।୯ | ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍ ବାତିଲ | ନୂଆଦିଲ୍ଲୀ |
| ୨୬।୯ | ଦିଲ୍ଲୀ ବିପକ୍ଷରେ ୯ ରନରେ ବିଜୟୀ | ନୂଆଦିଲ୍ଲୀ |
| ୨୮।୯ | ବନାମ ମଧ୍ୟ ପ୍ରଦେଶ | ନୂଆଦିଲ୍ଲୀ |
| ୦୨।୧୦ | ବନାମ ଛତିଶଗଡ | ନୂଆଦିଲ୍ଲୀ |
| ୦୪।୧୦ | ବନାମ ସୌରାଷ୍ଟ୍ର | ନୂଆଦିଲ୍ଲୀ |
| ୦୬।୧୦ | ବନାମ ହାଇଦ୍ରାବାଦ | ନୂଆଦିଲ୍ଲୀ |

# ଡିସ୍କସ୍ ତାରକା ପାର୍ବତୀ

ପିଲାଟିବେଳୁ ସ୍କୁଲରେ ଟେକା ଫିଙ୍ଗିବା ବେଳେ ପିଇଟିଙ୍କ ନଜରରେ ଆସିଥିଲେ । ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ତାଙ୍କ ପ୍ରତିଭା ପିଲାଟଦିନରୁ ହିଁ ଜଣାପଡ଼ିଥିଲା । ଦୂରକୁ ଟେକା ଫିଙ୍ଗିପାରୁଥିବା ଝିଅଟି ଦିନେ ଡିସ୍କସ୍ ଓ ସଟ୍‌ପୁଟ କ୍ରୀଡ଼ା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିପାରିବ ବୋଲି ପିଇଟିଙ୍କ ଭରସା ଥିଲା ଓ ସେ ତାଙ୍କୁ ଉତ୍ସାହିତ କରିଥିଲେ । ଏବେ ରାଜ୍ୟ ପାଇଁ ସେ ଗୌରବ ଆଣିଛନ୍ତି । ଚଳିତ ମାସ ୭ରୁ ୧୫ରେ ମାଲେସିଆରେ ଅନୁଷ୍ଠିତ ଏସିଆ ପ୍ୟାସିଫିକ୍ ମାଷ୍ଟର୍ସ ଗେମ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ସହ ଡିସ୍କସ୍ ଥ୍ରୋରେ ସ୍ୱର୍ଣ୍ଣ ଓ ଶଟ୍‌ପୁଟ୍‌ରେ ରୌପ୍ୟ ବିଜୟୀ ହୋଇଛନ୍ତି । ରାଜ୍ୟର ଏହି ପ୍ରତିଭା ଜଣଙ୍କ ହେଲେ ପାର୍ବତୀ ସେଠୀ । ମହିଳା ଡିସ୍କସ ଇଭେଣ୍ଟରେ ରାଜ୍ୟର ପ୍ରଥମ ଖେଳାଳି ଭାବେ ପାର୍ବତୀ ପଦକ ବିଜୟୀ ହୋଇଛନ୍ତି । ଏହି ଅବସରରେ ପାର୍ବତୀଙ୍କ ସହ ସାକ୍ଷାତ୍‌କାର...



ପାର୍ବତୀ ସେଠୀ

**ପ୍ର- ମାଲେସିଆରେ ଅନୁଷ୍ଠିତ ଏସିଆ ପେସିଫିକ୍ ମାଷ୍ଟର୍ସ ଗେମ୍‌କୁ ନେଇ ପ୍ରସ୍ତୁତି କିପରି ରହିଥିଲା?**

■ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିବାରୁ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲି । ଡିସକସ୍ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡରେ ମଙ୍ଗୋଲିଆ ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ଉଚ୍ଚକୋଟୀର ରହିଥିଲା । ହେଲେ ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବା ସହ ସ୍ୱର୍ଣ୍ଣ ବିଜୟୀ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଦଳର ଫ୍ଲାଗମାର୍ଚ୍ଚ ସମୟରେ ମୋତେ ଜାତୀୟ ପତାକା ଧରିବାକୁ ସୁଯୋଗ ମଧ୍ୟ ଦିଆଯାଇଥିଲା । ଯାହା ମୋ ପାଇଁ ଏକ ଭିନ୍ନ ଅନୁଭୂତି ପ୍ରଦାନ କରିଥିଲା ।

**ପ୍ର- ସଫଳତା ପରେ ସରକାରୀ ସ୍ତରରୁ କିଛି ପ୍ରୋତ୍ସାହନ ମିଳିଛି କି?**

■ ଏଯାଏଁ ମିଳିନାହିଁ । ପୂର୍ବରୁ ମଧ୍ୟ ମିଳି ନ ଥିଲା । ହେଲେ ସରକାର ଏ ଦିଗରେ ଦୃଷ୍ଟି ଦେବା ଦରକାର । ସରକାରୀ ସ୍ତରରୁ ପ୍ରୋତ୍ସାହନ ମିଳିଲେ ଆଗାମୀ ଦିନରେ ଅନ୍ୟ ଅନ୍ତର୍ଜାତୀୟ ଚାମ୍ପିୟନଶିପଗୁଡ଼ିକରେ ଭାଗ ନେଇ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି।

**ପ୍ର- ଏକ ସଙ୍ଗରେ କ୍ରୀଡ଼ା, ପରିବାର ଓ ଚାକିରୀ ଜୀବନକୁ କିପରି ସନ୍ତୁଳନ କରୁଛନ୍ତି ?**

■ କ୍ରୀଡ଼ା କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ହେଲେ ନିଜକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବାକୁ ହୋଇଥାଏ । ଏହା ମଧ୍ୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ଖେଳ ପାଇଁ ସମୟ କାଢ଼ିବାକୁ ହୋଇଥାଏ । ନିଜର ଅଭ୍ୟାସ ପାଇଁ ଷ୍ଟେସନ ନିକଟସ୍ଥ ନିଜ କ୍ୱାର୍ଟରରେ ଏକ ଡିସ୍କସ୍ କୋର୍ଟ ତିଆରି କରିଛି । ବର୍ତ୍ତମାନ ସୁଦ୍ଧା ସମସ୍ତ କାର୍ଯ୍ୟ ସନ୍ତୁଳିତ ଭାବେ ଚାଲିଛି । ଚାକିରୀ ଜୀବନରେ ମଧ୍ୟ ମୋର ରେଲୱେ ଅଧିକାରୀମାନେ ସହଯୋଗ କରୁଛନ୍ତି ।

**ପ୍ର- ଦୀର୍ଘ ୨୦ବର୍ଷ ଧରି ଓଡ଼ିଶା ପକ୍ଷରୁ ଡିସ୍କସ୍ ଥ୍ରୋରେ ପ୍ରତିନିଧିତ୍ୱ କରି ଆସୁଥିବା ପାର୍ବତୀ ରାଜ୍ୟର ମହିଳା ଡିସ୍କସ୍ ଥ୍ରୋର ଭବିଷ୍ୟତକୁ କିପରି ଦେଖୁଛନ୍ତି ?**

■ ରାଜ୍ୟରେ ଡିସ୍କସ୍ ଖେଳ ନିମନ୍ତେ ଭିତ୍ତିଭୂମିର ଅଭାବ ରହିଛି। ଏଠାରେ ଖେଳାଳିଙ୍କୁ ପ୍ରୋତ୍ସାହନ ମିଳିବା ତ ଦୂରର କଥା ପଦକ ଜିତିଲେ ବି କେହି ପଚାରନ୍ତିନି । ଅନ୍ୟ ରାଜ୍ୟର ଡିସ୍କସ୍ ଖେଳକୁ ତୁଳନା କରାଗଲେ ସେଠାରେ ସରକାରୀ ସ୍ତରରେ ଅନେକ ମାତ୍ରାରେ ପ୍ରୋତ୍ସାହନ ମିଳୁଥିବା ଜଣାପଡ଼େ । ପଞ୍ଜାବ, ହରିୟାଣା ଭଳି ରାଜ୍ୟରେ ଜୁନିୟର ବର୍ଗରୁ ଖେଳାଳିମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଦିଆଯାଏ । ଯାହା ଓଡ଼ିଶାରେ ହେଉନାହିଁ ।

**ପ୍ର- ରାଜ୍ୟରେ ଡିସ୍କସ ଖେଳର ବିକାଶ ଦିଗରେ କ'ଣ ପଦକ୍ଷେପ ନିଆଯିବା ଉଚିତ?**

■ ପ୍ରଥମତଃ ଜୁନିୟର ବର୍ଗରୁ କିପରି ଖେଳାଳି ସୃଷ୍ଟି କରାଯିବ ସେ ଦିଗରେ ଧ୍ୟାନ ଦିଆଯାଉ । ରାଜ୍ୟରେ ଭଲ କୋଚ୍ ନାହାନ୍ତି । ଡିସ୍କସ୍ କୋଚ୍‌ଙ୍କୁ ନିୟୋଜିତ କରାଯାଉ । ପ୍ରତିଭା ଚୟନ କାର୍ଯ୍ୟକ୍ରମ ମାନ କରାଯାଇ ଖେଳାଳି ବାଛି ଅଣାଯିବା ସହ ସେମାନଙ୍କୁ ପ୍ରଶିକ୍ଷଣ ଦିଆଗଲେ ନିଶ୍ଚିତ ଭାବେ ରାଜ୍ୟରେ ଏହି ଖେଳର ଭବିଷ୍ୟତ ଉଜ୍ଜ୍ୱଳ ହେବ । ପ୍ରତ୍ୟେକ ବର୍ଗର ଖେଳାଳିଙ୍କୁ କିଛି ପ୍ରୋତ୍ସାହନ ରାଶି ଦିଆଗଲେ ସେମାନେ ଖେଳ ପ୍ରତି ଅଧିକରୁ ଅଧିକ ଉତ୍ସାହିତ ହେବେ ।

**ପ୍ର- ନିଜର ଏହି ସଫଳତା ନିମନ୍ତେ ଶ୍ରେୟ କାହାକୁ ଦେବେ?**

■ କଟକର କାଜିବଜାର ହାଇସ୍କୁଲରେ ପଢ଼ିବା ବେଳେ ଯିଏ ମୋର ପ୍ରତିଭାକୁ ଚିହ୍ନି କ୍ରୀଡ଼ା କ୍ଷେତ୍ରରେ ଆଗକୁ ଯିବାକୁ କହିଥିଲେ ତଥା ଶିବାନୀ ଗୁରୁମାଙ୍କୁ ପ୍ରଥମ ଶ୍ରେୟ ଦେବି । ପରେ ମୋର କୋଚ୍ ଅରୁଣ ଦାସ ମଧ୍ୟ ମୋର ସଫଳତାର ଭାଗୀଦାରି ।

**ପ୍ର- ୨୦୦୬ ମସିହାରେ ଆପଣଙ୍କର ବିବାହ ହୋଇ ଥିଲା । ଏହା ପରେ ମଧ୍ୟ ଖେଳରେ ନିଜକୁ କିପରି ଜଡ଼ିତ ରଖି ପାରିଛନ୍ତି ?**

■ ସ୍ୱାମୀ କୁବେର ବେହେରା ଜଣେ ଜାତୀୟ ଫୁଟବଲ ଖେଳାଳି । ଖେଳାଳିଙ୍କ ସହ ବିବାହ କରିବା ପରେ ଖେଳ ସହ ଜଡ଼ିତ ରହିବା ସ୍ୱାଭାବିକ କଥା । ସେ ମଧ୍ୟ ମୋତେ ଖେଳ ନ ଛାଡିବାକୁ ସବୁବେଳେ କହି ଆସୁଛନ୍ତି । କୁବେର ନିଜ ଛୁଟିଦିନଗୁଡ଼ିକ ମଧ୍ୟ ମୋ ଖେଳର ଉନ୍ନତି ପାଇଁ ନଷ୍ଟ କରନ୍ତି । ପରିବାର, ଚାକିରି ଓ ଖେଳକୁ ସନ୍ତୁଳନ କରିବାରେ ତାଙ୍କର ଭୂମିକା ରହିଛି ।

ରିପୋର୍ଟ- **କୁମାରଶ୍ରୀ**

## ଯୋଡ଼ି

**ବ୍ୟା**ଡମିଣ୍ଟନ ଷ୍ଟାର ଖେଳାଳି ସାଇନା
ନେହ୍ୱାଲର ବାହାଘର
ଲଭର ପ୍ଲେୟାର ପାରୁପାଲ୍ଲୀ କାଶ୍ୟପ
ହବ ସାଇନାର ବର
ଏକୋଇଶ ଡିସେମ୍ବର
ହାଇପ୍ରୋଫାଇଲ ରିସେପସନ ଭୋଜି
ଯିବାକୁ ବୁକିଂ କର ।।୧

ଶିଖର ଧାୱନ- ରୋହିତ ମାଡ଼ରେ
ପାକିସ୍ତାନ ହେଲା ବୋକା
ଏସିଆ କପ୍ ସୁପର ଫୋର ମ୍ୟାଚ୍‌ରେ
ଦୁଇ ଯୋଡ଼ି ଦେଲା ଧୋକା
ଧକା ଦେଲା ପୁଣି ଡାକା
ମାଶ୍ରାଫି- ରୋହିତ ଲଢ଼େଇରେ ହିରୋ
ଦେଖ ରାତି ପାହୁ କକା ।।୨



ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି
ରୋଜର- ନୋଭାକ ଯୋଡି
ଲାଭର କପ୍‌ରେ ହାରିଲେ ବି ୱାର୍ଲ୍ଡ
ଟିମ୍‌ଠୁ ଆଗୁଆ ଗାଡ଼ି
ଦମ୍ଭ ତାଙ୍କ ବଡ଼ି, ବାଡ଼ି
ଭାଇ ସଙ୍ଗେ ଭାଇ ଯୋଡ଼ିଟିଏ ଥିଲେ
ବିଜୟ ଆଣନ୍ତି ଲଢ଼ି ।।୩

-ସୁବାସ ଚନ୍ଦ୍ର ପ୍ରଧାନ



ଯଦି ଆପଣ ଭିଡ଼ଭିତରେ ଭିନ ହେବାକୁ ଚାହୁଁଛନ୍ତି ତେବେ ଭିଡ଼ଭିତରେ ସମସ୍ତଙ୍କ ଠାରୁ ଭିନ ପ୍ରଦର୍ଶନ କରିବାକୁ ପଡ଼ିବ।
– ଜନ ଟେମ୍ପେଲଟନ୍, ବ୍ୟାଙ୍କର



ପ୍ରାୟତଃ ଅଧିକାଂଶ ନିବେଶକ କାମଟିକୁ ଆଜି କରନ୍ତି, ଯାହାକି ସେମାନଙ୍କୁ ପ୍ରକୃତରେ ଗତ କାଲି କରିବାର ଥିଲା।
– ଲ୍ୟାରି ସମର୍ସ, ଅର୍ଥନୀତିଜ୍ଞ

## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ବଦଳିବ ଏଚଆର ଢାଞ୍ଚା

ନୂଆଦିଲ୍ଲୀ, ୨୭-୯(ପି.ଟି.): ଦେଶରେ ଅର୍ଥନୈତିକ ଏବଂ ବ୍ୟବସାୟିକ ବାତାବରଣରେ ପରିବର୍ତ୍ତନ ଆଣିବା ପାଇଁ ସରକାର ପ୍ରୟାସ କରୁଛନ୍ତି। ଏଥିପାଇଁ ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଏକ ନିର୍ଦ୍ଦେଶନାମା ଜାରି କରି ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସରକାର ଯୋଜନା କରୁଛନ୍ତି। ଏ ସମ୍ପର୍କରେ ଖବର ରଖିଥିବା ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକରେ କାର୍ଯ୍ୟଦକ୍ଷତା ବୃଦ୍ଧି ତଥା ବର୍ତ୍ତମାନର ଦୋଷତ୍ରୁଟିରେ ସୁଧାର ଆଣିବା ପାଇଁ ଏଭଳି ଚିନ୍ତା କରାଯାଉଛି। ଏହା ଦ୍ୱାରା ଅର୍ଥନୀତି, ବାଣିଜ୍ୟ ବ୍ୟବସାୟ ଏବଂ ସାମାଜିକ ସ୍ଥିତିରେ ମଧ୍ୟ ସୁଧାର ଆସିବ ବୋଲି ବିଭାଗୀୟ ସଚିବ ସୀମା ବହୁଗୁଣା ସୂଚନା ଦେଇଛନ୍ତି।

### ସୁରକ୍ଷା ବୈଶିଷ୍ଟ୍ୟ ଅନୁସାରେ କାର୍‌ଗୁଡ଼ିକୁ ମିଳିବ ଷ୍ଟାର୍



ନୂଆଦିଲ୍ଲୀ, ୨୭-୯(ପି.ଟି.): ସୁରକ୍ଷା ବୈଶିଷ୍ଟ୍ୟ ଅନୁସାରେ ଯାନଗୁଡ଼ିକୁ ମିଳିବ ଷ୍ଟାର ସାର୍ଟିଫିକେଟ୍। ଯାନର ସୁରକ୍ଷା ନିରାପତ୍ତାକୁ ବୃଦ୍ଧି କରିବା ପାଇଁ ଏଭଳି କରାଯିବ। ଯେଉଁ ମଡେଲର ସୁରକ୍ଷା ବୈଶିଷ୍ଟ୍ୟ ଅପେକ୍ଷାକୃତ ଭଲ ସେଗୁଡ଼ିକୁ ମିଳିବ ଷ୍ଟାର୍ ମାନ୍ୟତା। ଏଭଳି ବ୍ୟବସ୍ଥା କରିବା ପାଇଁ ସରକାର ଚିନ୍ତା କରୁଛନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର ଏଜେନ୍ସି ସ୍ଥାପନ କରାଯିବ। ଏହାର ନାମ ନ୍ୟୁ ଭେଇକିଲ୍ ଆସେସମେଣ୍ଟ୍ ପ୍ରୋଗ୍ରାମ୍ ରଖାଯିବ। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଏଭଳି ପ୍ରସ୍ତାବ ରଖିଛି। ଏବେ ସରକାର କାର୍‌ଗୁଡ଼ିକରେ ଏୟାର ବ୍ୟାଗ, ଆଣ୍ଟି-ଲକ୍ ବ୍ରେକିଙ୍ଗ୍ ସିଷ୍ଟମ(ଏବିଏସ୍), ପେଡେଷ୍ଟ୍ରିଆଲ୍ ସେଫ୍ଟି ଫିଚର ଆଦି ବାଧ୍ୟତାମୂଳକ କରିବା ପ୍ରକ୍ରିୟାରେ ଅଛନ୍ତି ବୋଲି ଏ ସମ୍ପର୍କରେ ଖବର ରଖିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ବାଣିଜ୍ୟ ଅଭିବୃଦ୍ଧି ଆକଳନ ହ୍ରାସ କଲା ଡବ୍ଲ୍ୟୁଟିଓ

ନୂଆଦିଲ୍ଲୀ,୨୭-୯

- ୨୦୧୮ରେ ଅଭିବୃଦ୍ଧି ୪%ରୁ କମ୍ ରହିବ
- ଭାରତ ଉପରେ ପଡ଼ିବନି ବିଶେଷ ପ୍ରଭାବ
- ରାଜନୈତିକ-ଭୌଗୋଳିକ କାରଣ ଦାୟୀ ରହିବ

ସାରା ବିଶ୍ୱର ବାଣିଜ୍ୟ ତଥା ବ୍ୟବସାୟିକ ଅଭିବୃଦ୍ଧି ୨୦୧୮ରେ ୪%ରୁ କମ୍ ରହିବ। ଚଳିତବର୍ଷ ଏହା ୪.୪% ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ପୂର୍ବରୁ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ) ଆକଳନ କରିଥିବା ବେଳେ ଏହାକୁ ଏବେ ୩.୯%କୁ ଖସାଇ ଦେଇଛି। କିନ୍ତୁ ଏହା ଦ୍ୱାରା ଭାରତ ଭଳି ବିକାଶଶୀଳ ଦେଶ ପାଇଁ କୌଣସି ନକାରାତ୍ମକ ପ୍ରଭାବ ଆଣିବ ନାହିଁ ବୋଲି ଏହା ଦର୍ଶାଇଛି।

ଡବ୍ଲ୍ୟୁଟିଓର କହିବା ଅନୁସାରେ ବର୍ତ୍ତମାନର ବାଣିଜ୍ୟିକ ଚାପ ଏବଂ ପୁଞ୍ଜିବଜାର ସ୍ଥିତି ହିଁ ଅଭିବୃଦ୍ଧି ପଥରେ ବାଧକ ସାଜିବ। ଏହା ୨୦୧୯ ପର୍ଯ୍ୟନ୍ତ ମଧ୍ୟ ଜାରି ରହିପାରେ। ଯଦିଓ ଅଭିବୃଦ୍ଧି ଜାରି ରହିବ ଏହା ଆଶାନୁରୂପ ହେବ ନାହିଁ। ପୂର୍ବରୁ ବାଣିଜ୍ୟିକ ଅଭିବୃଦ୍ଧି ୪.୪%ରହିବ ବୋଲି ଯେଉଁ ଆଶା କରାଯାଉଥିଲା ତାହା ସମ୍ଭବ ହେବ ନାହିଁ ବୋଲି ବିଶ୍ୱ ବାଣିଜ୍ୟ ସଂଗଠନ ପ୍ରକାଶ କରିଛି। ୨୦୧୮ରେ ଏହା ୩.୯% ମଧ୍ୟରେ ସୀମିତ ରହିବା ସହିତ ୨୦୧୯ରେ ଏହା ୩.୭%କୁ ଖସି ଆସିବ। ଚଳିତ କ୍ୟାଲେଣ୍ଡର ବର୍ଷ ପାଇଁ ଡବ୍ଲ୍ୟୁଟିଓ ବିଶ୍ୱର ବାଣିଜ୍ୟ ଅଭିବୃଦ୍ଧି ହାରକୁ ୪.୪% ପର୍ଯ୍ୟନ୍ତ ଆକଳନ କରିଥିବାବେଳେ ଏଥିରେ ସଂଶୋଧନ କରି ଏଭଳି ଦର୍ଶାଇଛି।

ଏ ସମ୍ପର୍କରେ ଡବ୍ଲ୍ୟୁଟିଓର ମହାନିର୍ଦ୍ଦେଶକ ରୋବର୍ଟ ଜାଭେଦୋ କହିଛନ୍ତି, ବାଣିଜ୍ୟ ଅଭିବୃଦ୍ଧି ସ୍ଥିତି ଭଲ ରହିଛି, କିନ୍ତୁ ବାଣିଜ୍ୟିକ ସହଯୋଗୀଙ୍କ ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱ ହିଁ ଅଭିବୃଦ୍ଧିର ପରିପନ୍ଥୀ ହେବ। ଖାଲି ସେତିକି ନୁହେଁ ରାଜନୈତିକ ଓ ଭୌଗୋଳିକ କାରଣ ମଧ୍ୟ ଏଥିପାଇଁ ଦାୟୀ ରହିବ। ସୂଚନା ଅନୁସାରେ ୨୦୧୧-୧୨ ପରଠାରୁ ଭାରତର ରପ୍ତାନି ୩୦୦ ବିଲିୟନ ଡଲାର ପାଖାପାଖି ରହିଛି। ୨୦୧୭-୧୮ରେ ଏଥିରେ ପ୍ରାୟ ୧୦% ବୃଦ୍ଧି ଘଟି ୩୦୩ ବିଲିୟନ ଡଲାରରେ ପହଞ୍ଚିଥିଲା।

# ଭୁବନେଶ୍ୱରରେ 'ଇଜି ବାଏ'ର ପ୍ରଥମ ଷ୍ଟୋର




ଭୁବନେଶ୍ୱର,୨୭-୯

ଦୁବାଇ ଲ୍ୟାଣ୍ଡମାର୍କ ଗ୍ରୁପର ଆପାରେଲ ଭାଲ୍ୟୁ ରିଟେଲ ଫର୍ମାଟ 'ଇଜି ବାଏ'ର ପ୍ରଥମ ଷ୍ଟୋର ଭୁବନେଶ୍ୱର ଜନପଥରେ ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋରକୁ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଉଦ୍‌ଘାଟନ କରିଥିଲେ। ନୂଆ ଷ୍ଟୋରଟି ୫୮ ଜନପଥ, ଅଶୋକ ନଗରରେ ଖୋଲିଛି। ପୂର୍ବାଞ୍ଚଳରେ ଏହା କମ୍ପାନୀର ପ୍ରଥମ ଷ୍ଟୋର ହୋଇଥିବା ବେଳେ ଭାରତରେ ୬୦ତମ ଷ୍ଟୋର। ଷ୍ଟୋରଟି ୫,୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ଅବସ୍ଥିତ। ଗ୍ରାହକଙ୍କ ଫ୍ୟାଶନ ଆବଶ୍ୟକତାକୁ ଧ୍ୟାନରେ ରଖି ଏଠାରେ ବିଭିନ୍ନ ଟ୍ରେଣ୍ଡି ଫ୍ୟାଶନ ଉପଲବ୍ଧ ହେବ।

ସମ୍ପୂର୍ଣ୍ଣ ପରିବାର ଲାଗି ଗୋଟିଏ ଛାତ ତଳେ ସମସ୍ତ ଫ୍ୟାଶନ ତଥା ପୋଷାକ ପତ୍ର ଏଠାରେ ମିଳିବ। ଏଠାରେ ପୁରୁଷ, ମହିଳା, କିଡ୍‌ସ ବର୍ଗ ଲାଗି ସ୍ୱତନ୍ତ୍ର ଜୋନ ମାନ ରହିଛି। ନୂଆ ଷ୍ଟୋର ଶୁଭାରମ୍ଭ ଦ୍ୱାରା ପୂର୍ବାଞ୍ଚଳ ବଜାରରେ ପ୍ରବେଶ କରିବାକୁ ସକ୍ଷମ ହୋଇଛୁ ବୋଲି ଇଜିବାଏର ବାଣିଜ୍ୟ ମୁଖ୍ୟ ଆନନ୍ଦ ଆୟର ସୂଚନା ଦେଇଛନ୍ତି। ଏଠାରେ ପ୍ରାୟ ୧୦୦୦ ଷ୍ଟାଇଲର ଅଫରିଂ ଉପଲବ୍ଧ ହେଉଥିବା ବେଳେ ୬୯ ଟଙ୍କାରୁ ୬୯୯ ରେଞ୍ଜ ମଧ୍ୟରେ ସାମଗ୍ରୀ ଉପଲବ୍ଧ ହେଉଛି। ସେହିଭଳି ପାର୍ବଣ ଏବଂ ଶରତ ସମୟକୁ ଧ୍ୟାନରେ ରଖି ବିଭିନ୍ନ କଲେକ୍ସନ ସ୍ଥାନିତ ରହିଛି। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଥିବା ଶୋ'ରୁମ ପକ୍ଷରୁ ପ୍ରକାଶ। କାର୍ଯ୍ୟକ୍ରମରେ ଫ୍ରାଞ୍ଚାଇଜ ପାର୍ଟନର ତଥା ପଣ୍ଡା ଟ୍ରାଭେଲ ମାର୍ଟର ନିର୍ଦ୍ଦେଶକ ଶିବ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅକ୍ଟୋବର ୩୧ରୁ ଆଇଏମ୍ଏମ୍ଇ-୨୦୧୮

ଭୁବନେଶ୍ୱର,୨୭-୯




ଖଣି କ୍ଷେତ୍ର ଲାଗି ଦେଶର ସର୍ବବୃହତ୍ ପ୍ରଦର୍ଶନୀ 'ଇଣ୍ଟରନ୍ୟାଶନାଲ ମାଇନିଂ ଆଣ୍ଡ ମେଶିନେରି ଏକଜିବିଶନ'(ଆଇଏମ୍ଏମ୍ଇ) ୨୦୧୮ ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଯାଉଛି। କନଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି(ସିଆଇଆଇ) ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଲିକତାର ରଜାରହାଟ ଇକୋପାର୍କଠାରେ ଅକ୍ଟୋବର ୩୧ରୁ ନଭେମ୍ବର ୩ ଯାଏ କାର୍ଯ୍ୟକ୍ରମକୁ ଆୟୋଜନ କରାଯିବ। ଏହା ଆଇଏମ୍ଏମ୍ଇର ୧୪ତମ ସଂସ୍କରଣ ହୋଇଥିବା ବେଳେ ଖଣି ଶିଳ୍ପକୁ ନଜରରେ ରଖି ଏହାକୁ ଆୟୋଜନ କରାଯାଉଛି। ସିଆଇଆଇ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଏ ନେଇ ଆୟୋଜିତ ରୋଡ ଶୋ'ରେ ଏହି ସମ୍ପର୍କରେ ସୂଚନା ଦିଆଯାଇଛି। ପ୍ରଦର୍ଶନୀରେ ଖଣି ମେଶିନେରିର ବିଭିନ୍ନ ରେଞ୍ଜ ସହ ସଦ୍ୟତମ ଟେକ୍ନୋଲୋଜି ଏଠାରେ ସ୍ଥାନ ପାଇବ।

ଏହା ବାଦ ଶିଳ୍ପ ସହ ଜଡ଼ିତ ବିଭିନ୍ନ ଇକ୍ୱିପମେଣ୍ଟ, ଅତ୍ୟାଧୁନିକ ଟେକ୍ନୋଲୋଜି ସଲ୍ୟୁଶନ, ସର୍ଭିସ, ଦେଶ ତଥା ବିଦେଶୀ କମ୍ପାନୀଗୁଡ଼ିକର ସପ୍ଲାଇ ଏଠାରେ ସ୍ଥାନିତ ହେବ। ୧୯୮୪ ପରଠାରୁ ଆଇଏମ୍ଏମ୍ଇ ଖଣି କ୍ଷେତ୍ରରେ ଏକ ପ୍ରମୁଖ ଏକଜିବିଶନ ହୋଇପାରିଛି। ଏହି ଅବସରରେ ଏକ ଗ୍ଲୋବାଲ ମାଇନିଂ ସମିଟ ମଧ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ଅବସରରେ ସିଆଇଆଇ ଓଡ଼ିଶା ଅଫିସ ଷ୍ଟେଟ ହେଡ୍ ସୁପର୍ନ ନନ୍ଦ, ଫେରୋ ଆଲଏଜ୍ କର୍ପୋରେଶନ ଲିମିଟେଡ୍ ରେସିଡେଣ୍ଟ ଡାଇରେକ୍ଟର ଏମ୍.ଭି ରାଓ, ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ ରେସିଡେଣ୍ଟ ଏଡିଟର ଏସ୍.ଏସ୍ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସାମସଙ୍ଗର ନୂଆ ଗାଲାକ୍ସି ଏ୭

ନୂଆଦିଲ୍ଲୀ,୨୭-୯




ପ୍ରମୁଖ ସ୍ମାର୍ଟଫୋନ କମ୍ପାନୀ ସାମସଙ୍ଗ ପକ୍ଷରୁ ବଜାରକୁ ଆସିଛି ନୂଆ ଗାଲାକ୍ସି ଏ୭। ଆକର୍ଷଣୀୟ ରଙ୍ଗର ଏହି ମୋବାଇଲରେ ଗ୍ରାହକମାନେ ଶକ୍ତିଶାଳୀ କ୍ୟାମେରା ଲାଭ କରିବାକୁ ସକ୍ଷମ ହେବେ। ଗ୍ରାହକଙ୍କ ଫ୍ରଣ୍ଟ କ୍ୟାମେରା ଚାହିଦାକୁ ଧ୍ୟାନରେ ରଖି ପଶ୍ଚାତ ପାର୍ଶ୍ୱରେ ୩ଟି କ୍ୟାମେରା ରଖାଯାଇଛି। ଏଥିରେ ଅତିରିକ୍ତ ୮ ଏମ୍ପି ୧୨୦ ଡିଗ୍ରୀ ଅଲଟ୍ରା ୱାଇଡ ଲେନସ୍ ସୁବିଧା ଉପଲବ୍ଧ। ସେହିଭଳି ଏଥିରେ ପିକ୍ସେଲ ବିନିଂ ଟେକ୍ନୋଲୋଜି ଦ୍ୱାରା କମ୍ ଆଲୋକରେ ମଧ୍ୟ ଫଟୋ ଉଠାଇବା ସୁବିଧା ଉପଲବ୍ଧ ହେବ। ନୂଆ ମଡେଲରେ ଅଭିନବ ବ୍ୟବସ୍ଥାମାନ ରହିଥିବା ସାମସଙ୍ଗ ଇଣ୍ଡିଆ ମୋବାଇଲ ବ୍ୟବସାୟ ନିର୍ଦ୍ଦେଶକ ସୁମିତ ୱାଲିଆ କହିଛନ୍ତି। ମଡେଲଟିରେ ସୁପର ଆମୋଲେଡ ଇନଫିନିଟି, ୩,୩୦୦ ଏମଏଏଚ୍ ବ୍ୟାଟେରି, ୬ ଜିବି ରାମ ୧୨୮ ଜିବି ରମ୍, ୪ ଜିବି ରାମ୍ ଏବଂ ୬୪ ଜିବି ରମ୍ ସୁବିଧା ରହିଛି। ଏହାର ମୂଲ୍ୟ ଯଥାକ୍ରମେ ୨୮,୯୯୦ ଏବଂ ୨୩,୯୯୦ ଟଙ୍କା ରହିଛି। ନୀଳ,କଳା ଏବଂ ସୁନେଲି ରଙ୍ଗରେ ଏହା ଉପଲବ୍ଧ। ଏଚ୍‌ଡିଏଫସି ବ୍ୟାଙ୍କ ଡେବିଟ ତଥା କ୍ରେଡିଟ କାର୍ଡ ଦ୍ୱାରା କ୍ରୟ କ୍ଷେତ୍ରରେ ଗ୍ରାହକମାନେ ୨୦୦୦ ଟଙ୍କାର କ୍ୟାଶବ୍ୟାକ ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ହୋଣ୍ଡା ସିବି ସାଇନ୍ ବିକ୍ରିରେ ରେକର୍ଡ

ନୂଆଦିଲ୍ଲୀ,୨୭-୯



ସ୍କୁଟର ବିକ୍ରି କ୍ଷେତ୍ରରେ ନିଜର ସ୍ଥିତିକୁ ଦୃଢ କରିଥିବା ହୋଣ୍ଡା ୧୨୫ ସିସି ମୋଟର ସାଇକେଲ ବିକ୍ରି କ୍ଷେତ୍ରରେ ନୂଆ ରେକର୍ଡ ସ୍ଥାପନ କରିଛି। ସିବି ସାଇନ ଭାରତରେ ବିକ୍ରି ହେଉଥିବା ୧ ନମ୍ବର ମୋଟର ସାଇକେଲ ବୋଲି କମ୍ପାନୀ ପ୍ରକାଶ କରିଛି। ଏହା ଏକମାତ୍ର ଏକଜିକ୍ୟୁଟିଭ୍ ମୋଟରସାଇକେଲ ଯାହାର ବିକ୍ରି ତୃତୀୟ ଥର ପାଇଁ ଏକ ଲକ୍ଷ ଟପିଛି। ୨୦୧୮ ଅଗଷ୍ଟରେ କମ୍ପାନୀ ୧.୦୮ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିଲା। ୨୦୧୭ ଅଗଷ୍ଟରେ ଏହା ୯୪ ହଜାର ୟୁନିଟ ରହିଥିଲା। ସିବି ସାଇନ ଏବଂ ସିବି ସାଇନ ଏସ୍‌ପିର ଦୃଢ ଅଭିବୃଦ୍ଧି ଦ୍ୱାରା କମ୍ପାନୀ ୧୨୫ ସିସି ମୋଟର ସାଇକେଲ ବର୍ଗରେ ୧୪% ଅଭିବୃଦ୍ଧି ହାସଲ କରିଛି। କମ୍ପାନୀର ଗତ ବର୍ଷ ୪.୩୨ ଲକ୍ଷ ୟୁନିଟ ଯାନ ବିକ୍ରି ତୁଳନାରେ ଚଳିତ ବର୍ଷ ୪.୯୫ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇ ସାରିଛି। ସିବି ସାଇନ ଗ୍ରାହକଙ୍କ ଭଲ ପାଇବା ଲାଭ କରିବା ଫଳରେ ଏହାର ବିକ୍ରି ଅଭିବୃଦ୍ଧି ଉନ୍ନତ ରହିଛି। ଏହି ବର୍ଗରେ ହୋଣ୍ଡାର ବଜାର ଅଂଶ ୬% ବୃଦ୍ଧି ଘଟି ୫୨% ଛୁଇଁଛି। ଦେଶରେ ବିକ୍ରି ହେଉଥିବା ପ୍ରତ୍ୟେକ ଦ୍ୱିତୀୟ ୧୨୫ ସିସି ମୋଟର ସାଇକେଲ ମଧ୍ୟରେ ଏହା ସାମିଲ ରହିଛି। ପୂଜା ପୂର୍ବରୁ ଏଭଳି ସଫଳତା ଆମର ବିଶ୍ୱାସକୁ ବୃଦ୍ଧି କରିବାରେ ବିଶେଷ ଭାବେ ସହାୟକ ହୋଇଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

# 'ଇରାନ୍‌ରୁ ତୈଳ ଆମଦାନୀ ଜାରି ରଖିବ ଭାରତ'

**ନୂଆଦିଲ୍ଲୀ,୨୭-୯:** ଇରାନ୍‌ରୁ ଭାରତ ଅଶୋଧିତ ତୈଳ ଆମଦାନୀ ଜାରି ରଖିବା। ଏଥି ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ। ଏଥି ସହିତ ଦୁଇ ଦେଶ ମଧ୍ୟରେ ଆର୍ଥନୈତିକ ସହଯୋଗ ଜାରି ରହିବ। ଇରାନ୍‌ର ବୈଦେଶିକ ମନ୍ତ୍ରୀ ମହମ୍ମଦ ଜାଭେଦ୍ ଜରିଫ୍ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଏଭଳି କହିଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସହ ତାଙ୍କର ଆଲୋଚନା ହୋଇଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ସୂଚନା ଅନୁସାରେ ମହମ୍ମଦ କହିଛନ୍ତି, ଆର୍ଥନୈତିକ ସହଯୋଗ କ୍ଷେତ୍ରରେ ଭାରତ ଇରାନ୍ ପାଇଁ ସର୍ବଦା ସ୍ୱତନ୍ତ୍ର। ଇରାନ୍ ଭାରତକୁ ଅଶୋଧିତ ତୈଳ ଆମଦାନୀ କ୍ଷେତ୍ରରେ ସହଯୋଗ କରିବ କି ନାହିଁ ପ୍ରଶ୍ନରେ ସେ କହିଛନ୍ତି, ଭାରତ ଏଥିପାଇଁ ପ୍ରତିଶ୍ରୁତି ବଦ୍ଧ। ଚାଇନା ପରେ ଭାରତ ହେଉଛି ଇରାନ୍‌ର ଦ୍ୱିତୀୟ ବୃହତ ତୈଳ ଆମଦାନିକାରୀ ରାଷ୍ଟ୍ର। ଭାରତ ସହିତ ଆମର ଉତ୍ତମ ସହଯୋଗିତା ରହିଛି। ଶକ୍ତି କ୍ଷେତ୍ରରେ ମଧ୍ୟ ସମାନଧାରା ଜାରି ରହିବ।

# ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛ ପଖୱାଡ଼ା

ଭୁବନେଶ୍ୱର,୨୭-୯

ଚଳିତ ବର୍ଷ ସେପ୍ଟେମ୍ବର ୧୫ଠାରୁ ଅକ୍ଟୋବର ୨ ଯାଏ ଭାରତୀୟ ରେଳ ପକ୍ଷରୁ ସ୍ୱଚ୍ଛତା ହି ସେୱା ପଖୱାଡ଼ା ପାଳନ କରାଯାଉଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ରେଲୱେ ପକ୍ଷରୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ଏହାକୁ ଧ୍ୟାନରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ସ୍ୱଚ୍ଛତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ଅନ୍ତର୍ଗତ ରେଲୱେ ପକ୍ଷରୁ ଷ୍ଟେଶନ ପରିସର, ଟ୍ରେନ, ଅଫିସ, ୱାର୍କଶପ, ମେଣ୍ଟେନାନ୍ସ ଡିପୋ, ରେଲୱେ ହସ୍ପିଟାଲ ଏବଂ ରେଲୱେ ରେସିଡେନସିଆଲ ଏରିଆକୁ ପରିଷ୍କାର କରାଯିବା ନେଇ ପଦକ୍ଷେପ ନିଆଯାଇଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ



ଉମେଶ ସିଂ ରେଲୱେ ଇଣ୍ଡୋର ସ୍ପୋର୍ଟ କମ୍ପ୍ଲେକ୍ସ ଚତୁଃପାର୍ଶ୍ୱ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବ୍ୟାଙ୍କ, ଟେଲିକମ୍ ସଂସ୍ଥା ଖୋଲିପାରନ୍ତି ଆଧାର ଡି-ଲିଙ୍କ କେନ୍ଦ୍ର

ନୂଆଦିଲ୍ଲୀ, ୨୭-୯

ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଏବଂ ମୋବାଇଲ୍ ସିମ୍ କ୍ରୟ କରିବାରେ ଜନସାଧାରଣଙ୍କୁ ଆଧାର ଦାଖଲ କରିବାକୁ ପଡ଼ିବ ନାହିଁ। କିଛିଦିନ ପୂର୍ବରୁ ବ୍ୟାଙ୍କ ଏବଂ ଟେଲିକମ କମ୍ପାନୀଗୁଡ଼ିକୁ ଆଧାର ପଞ୍ଜୀକରଣ, ସଞ୍ଯୋଗୀକରଣ ତଥା ସଂଶୋଧନ ଆଦି କାର୍ଯ୍ୟ ପାଇଁ ଭାରତୀୟ ଏକକ ପରିଚୟ କର୍ତ୍ତୃପକ୍ଷ(ୟୁଆଇଡିଏଆଇ)ଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ସର୍ବୋଚ୍ଚ ନ୍ୟାୟାଳୟ ବୁଧବାର ଆଧାର ସମ୍ପର୍କିତ ମାମଲାର ରାୟ ପ୍ରକାଶ କରି ସ୍ପଷ୍ଟ କରିଦେଲେ ଯେ, ଏଥିପାଇଁ ଆଧାର ଆବଶ୍ୟକ ନାହିଁ। ଅର୍ଥାତ ପୂର୍ବରୁ ଆଧାର ଲିଙ୍କେଜ୍(ସଂଯୋଗ) ପାଇଁ ଯେଉଁ ପ୍ରକ୍ରିୟା ଚାଲିଥିଲା ଏବେ ଡି-ଲିଙ୍କ୍ ପାଇଁ ସେଭଳି ପ୍ରକ୍ରିୟା ଚାଲିବ କି? ଯେଉଁମାନେ ନିଜ ମୋବାଇଲ୍ ସିମ୍ ଏବଂ ବ୍ୟାଙ୍କ ଖାତା ସହିତ ଆଧାର ସଂଯୋଗ ବା ଲିଙ୍କ୍ କରିଛନ୍ତି ତାହାକୁ ପୁଣି ଡି-ଲିଙ୍କ୍ କରିବା ପାଇଁ ସୁବିଧା ଦିଆଯିବ କି? ଏବେ ଲୋକଙ୍କ ମନରେ ଏଭଳି ପ୍ରଶ୍ନ ଉପୁଜୁଛି।

ୟୁଆଇଡିଏଆଇ ମାନଦଣ୍ଡ ଅନୁସାରେ, ଯେଉଁସଂସ୍ଥାକୁ ଆଧାର ସମ୍ପର୍କିତ ତଥ୍ୟ ଦେବାର ଆବଶ୍ୟକତା ନାହିଁ ସେଥିରୁ ଉକ୍ତ ତଥ୍ୟ ପ୍ରତ୍ୟାହାର କରି ନିଆଯାଇ ପାରିବ ବୋଲି ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଟେଲିକମ୍ କମ୍ପାନୀ, ବ୍ୟାଙ୍କ, ଘରୋଇ ପ୍ରତିଷ୍ଠାନ ଆଦି ସଂସ୍ଥା ଗ୍ରାହକଙ୍କ ଠାରୁ ଯେଉଁ ଆଧାର ତଥ୍ୟ ନେଇଛନ୍ତି ତାହାକୁ ପ୍ରତ୍ୟାହାର କରିବା ପାଇଁ ଡି-ଲିଙ୍କ୍ କେନ୍ଦ୍ର ଖୋଲିବେ କି ବୋଲି ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।

# 'ବିଶ୍ୱର ସର୍ବବୃହତ୍ ହୋଟେଲ ଚେନ୍ ହେବ ଓୟୋ'

ବାଙ୍ଗାଲୋର, ୨୭-୯

ନିଜ ମନ ପସନ୍ଦର ହୋଟେଲ୍‌ରୁମ୍ ବୁକ୍ କରିବା ପାଇଁ ଅନ୍‌ଲାଇନ୍ ସୁବିଧା ପ୍ରଦାନ କରିଥିବା ମୋବାଇଲ୍ ଆପ୍ଲିକେଶନ ଓୟୋ ଏବେ ଭାରତରେ ଏ କ୍ଷେତ୍ରରେ ଏକ ପରିଚିତ ଏବଂ ଲୋକାଦୃତ ବ୍ରାଣ୍ଡ ହୋଇସାରିଲାଣି। ଏହାର ପ୍ରତିଷ୍ଠାତା ୨୪ ବର୍ଷୀୟ ଓଡ଼ିଆ ଯୁବକ ରିତେଶ ଅଗ୍ରୱାଲ ନିଜ ସେବାକୁ ବିଦେଶରେ ମଧ୍ୟ ପହଞ୍ଚାଇ ସାରିଲେଣି। ଗତ ନଭେମ୍ବରରେ ଚାଇନାରେ ଓୟୋ ପ୍ରବେଶ କରିଥିବା ବେଳେ ଗତ ସପ୍ତାହରେ ଲଣ୍ଡନ୍‌ରେ ମଧ୍ୟ ଏହାର ବ୍ୟବସାୟ ଆରମ୍ଭ କରିଛି। ନୂଆଦିଲ୍ଲୀରେ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେବା ଅବସରରେ ଅଗ୍ରୱାଲ କହିଛନ୍ତି, ୨୦୨୩ ବେଳକୁ ଓୟୋ ବିଶ୍ୱର ସର୍ବବୃହତ୍ ହୋଟେଲ୍ ଚେନ୍‌ରେ ପରିଣତ ହେବ। ଏହି ଲକ୍ଷ୍ୟ ପଥରେ ବର୍ତ୍ତମାନ କମ୍ପାନୀ ଅଗ୍ରସର ହେଉଛି। ୨୦୧୩ରେ ରିତେଶ ତାଙ୍କ ପରିକଳ୍ପନାକୁ ବାସ୍ତବ ରୂପ ଦେଇଥିବା ବେଳେ ମାତ୍ର ୫ ବର୍ଷ ମଧ୍ୟରେ ପ୍ରାୟ ୫ ବିଲିୟନ ଡଲାରର ବ୍ୟବସାୟ କରିବାରେ ସକ୍ଷମ ହୋଇଛନ୍ତି। ସୂଚନା ଅନୁସାରେ ନିକଟରେ ସଫ୍ଟବ୍ୟାଙ୍କ ଭିଜନ ଫଣ୍ଡ ସମେତ କେତେକ ନିବେଶକ ଓୟୋକୁ ପ୍ରାୟ ୧୦୦ କୋଟି ଡଲାରର ପୁଞ୍ଜି ପ୍ରଦାନ ପାଇଁ ଚୁକ୍ତି କରିଛନ୍ତି। ଏବେ ସୁଦ୍ଧା କେବଳ ଭାରତରେ ଓୟୋ ୧୬୦ଟି ସହରରେ ଥିବା ୧୦ ହଜାର ହୋଟେଲ ସହିତ ଚୁକ୍ତି କରିଛି। ୧୨୫ ହଜାର ହୋଟେଲ ରୁମ୍ ବୁକ୍ କରିବାର କ୍ଷମତା ଓୟୋ ହାତରେ ରହିଛି।





## ଓଡ଼ିଶା ଉଠାଜଳସେଚନ ନିଗମ କାର୍ଯ୍ୟାଳୟ

(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)
ଏନ-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର
Website: www.odishalift.co.in

CAD - 883

### ଡିପ୍ ବୋରୱେଲ ସେଚ କାର୍ଯ୍ୟକ୍ରମ

ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ, ଉଠାଜଳ ସେଚନ ନିଗମ ଜରିଆରେ ଡିପ୍ ବୋରୱେଲ୍ ସେଚ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୧୪-୧୫ ବର୍ଷ ପର୍ଯ୍ୟନ୍ତ ସ୍ଥାପନ କରାଯାଇଥିବା ବୋରୱେଲ୍ ହିତାଧିକାରୀମାନେ ନିଜର ବକେୟା ଅଂଶଧନ ବାବଦକୁ ୧୯୦୦୦ ଟଙ୍କା **(ବି.ପି.ଏଲ ତାଲିକା ଭୁକ୍ତ SC/ST ଚାଷୀଙ୍କ ପାଇଁ ୯୦୦୦ଟଙ୍କା)** ଦାଖଲ କରିବା ପାଇଁ ତା-୩୦.୦୬.୨୦୧୮ ରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା । ତଥାପି କିଛି ହିତାଧିକାରୀ ସେମାନଙ୍କର ବକେୟା ଅଂଶଧନ ଏ ପର୍ଯ୍ୟନ୍ତ ଦାଖଲ କରିନାହାନ୍ତି । ତେଣୁ ଉକ୍ତ ଡିପ୍ ବୋରୱେଲ୍ ଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ କରାଯାଇପାରୁନାହିଁ । **ଯେଉଁ ହିତାଧିକାରୀଙ୍କର ବୋରୱେଲ୍ କାର୍ଯ୍ୟକ୍ଷମ ଅବସ୍ଥାରେ ରହିଥିବ, କେବଳ ସେହି ପ୍ରକଳ୍ପ ଗୁଡ଼ିକର ବିଦ୍ୟୁତୀକରଣ କାର୍ଯ୍ୟ ହାତକୁ ନିଆଯିବ ।** ଉକ୍ତ ଅଂଶଧନ ଦାଖଲ ପାଇଁ କୌଣସି ଜାତୀୟକରଣ ବ୍ୟାଙ୍କ (Nationalised Bank) ଦ୍ୱାରା Demand Draft in favour of FA & CAO OLIC drawn at Bhubaneswar ଜରିଆରେ ଦେବା ପାଇଁ ନିର୍ଦ୍ଧାରଣ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ଉକ୍ତ ହିତାଧିକାରୀ ମାନଙ୍କୁ ଜଣାଇଦିଆଯାଉଅଛି ଯେ ସେମାନେ ସେମାନଙ୍କର ହିତାଧିକାରୀ ଅଂଶଧନ (Demand Draft) ନିକଟସ୍ଥ ଉଠାଜଳସେଚନ କାର୍ଯ୍ୟାଳୟରେ **ତା-୦୧.୧୦.୨୦୧୮ ରିଖ ଠାରୁ ତା - ୩୧.୧୨.୨୦୧୮ ରିଖ ମଧ୍ୟରେ ଦାଖଲ କରିବେ ।** ଏହାର ଖିଲାପ ହେଲେ ଉକ୍ତ ହିତାଧିକାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

32135/11/0017/1819

ପରିଚାଳନା ନିର୍ଦ୍ଦେଶକ

❝ ବର୍ତ୍ତମାନ ପିଢ଼ିରେ ଭାରତୀୟ ଆଥଲେଟମାନଙ୍କୁ କ୍ରୀଡ଼ାର ମୌଳିକ ସୁବିଧା ପାଇଁ ସଂଘର୍ଷ କରିବାକୁ ପଡୁନାହିଁ ।
—ପୁଲେଲା ଗୋପୀଚାନ୍ଦ, ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍



❝ ରଷିଆନ ଫର୍ମୁଲାୱାନ ଗ୍ରାଁ ପ୍ରିରେ ଫେରାରି ଓ ରେଡ୍‌ବୁଲ ଆମ ବିଜୟଧାରାକୁ ଭଙ୍ଗ କରିବାକୁ ଚେଷ୍ଟା କରିବେ ।
—ଟୋଟୋ ଓଲ୍ଫ, ମର୍ସିଡିଜ ଟିମ୍ ମୁଖ୍ୟ



## ସଂକ୍ଷେପରେ

### ଢାକା ଗଲେ ରାଜେଶ



ଭୁବନେଶ୍ୱର, ୨୭।୯ (କ୍ରୀଡ଼ା ପ୍ରତିନିଧି): ୧୯ ବର୍ଷରୁ କମ୍ ଏସିଆ କପ୍ ଖେଳିବା ପାଇଁ ଗୁରୁବାର ଢାକା ଯାତ୍ରା କରିଛନ୍ତି ଓଡ଼ିଶାର ରାଜେଶ ମହାନ୍ତି। ସେ ପୂର୍ବରୁ ଲକ୍ଷ୍ନୌରେ ଚତୁଃରାଷ୍ଟ୍ରୀୟ ସିରିଜ ଖେଳି ୩ ମ୍ୟାଚରୁ ୬ ଉଇକେଟ ହାସଲ କରିଥିଲେ। ରାଜେଶ ଓଡ଼ିଶା ପକ୍ଷରୁ ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫିରେ ମଧ ଖେଳିବାର ଅଭିଜ୍ଞତା ରଖିଛନ୍ତି। ରାମେଶ୍ୱର ସ୍ପୋର୍ଟିଂ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ରାଜେଶଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ଜାତୀୟ ଜୁନିୟର ଥ୍ରୋବଲ: କ୍ୱାର୍ଟର ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୨୭।୯(ସ୍ପୋର୍ଟ୍ସ ବ୍ୟୁରୋ): ତାମିଲନାଡୁର ଝରିପୁରଠାରେ ଚାଲିଥିବା ଜାତୀୟ ଜୁନିୟର ଥ୍ରୋବଲ ଚାମ୍ପିୟନଶିପ୍‌ର ଉଭୟ ବାଳିକା ଓ ବାଳକ ବିଭାଗରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବାଳିକା ବିଭାଗରେ ଦିଲ୍ଲୀଠାରୁ ୧୦-୧୫ ଓ ୧୨-୧୫ ବ୍ୟବଧାନରେ ହାରିବା ପରେ ଓଡ଼ିଶା ମଧ୍ୟପ୍ରଦେଶକୁ ୧୫-୩, ୧୫-୪ରେ ହରାଇଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ପଞ୍ଜାବ(୧୫-୮, ୧୫-୫) ଓ ଉତ୍ତରାଖଣ୍ଡ(୧୫-୫, ୧୫-୩)କୁ ହରାଇ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ସ୍ଥାନ ପାଇଛି। ସେହିଭଳି ବାଳକ ଦଳ ପ୍ରଥମ ମ୍ୟାଚ୍‌ରେ କର୍ଣ୍ଣାଟକକୁ ୧୭-୧୫, ୧୫-୧୩ରେ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ କେରଳକୁ ୧୫-୯, ୧୫-୫ ବ୍ୟବଧାନରେ ହରାଇଥିଲା। ଏହାପରେ ଲକ୍ଷାଦ୍ୱୀପକୁ ୧୫-୩, ୧୫-୭ରେ ପରାସ୍ତ କରି ଓଡ଼ିଶା ବାଳକ ଦଳ ଅନ୍ତିମ-୮ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି।

# ସପ୍ତମ ଟାଇଟଲ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ଦୁବାଇ, ୨୭।୯(ପି.ଟି.)

ଏସିଆ କପ୍ ଟାଇଟଲ ପାଇଁ ଶୁକ୍ରବାର ଭାରତ ଓ ବାଂଲାଦେଶ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ପୁଣି ଥରେ ଏସିଆ ମହାଦେଶରେ ଭାରତ ତା'ର ଆଧିପତ୍ୟ ବଜାୟ ରଖିବାର ସୁଯୋଗ ହାସଲ କରିଛି। ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ଫାଇନାଲ ମ୍ୟାଚରେ ଭାରତ ଫେଭରାଇଟ ବିବେଚିତ ହେଉଛି। ଅନ୍ୟପଟେ ଆଘାତ ସମସ୍ୟା ଜର୍ଜରିତ ବାଂଲାଦେଶ କିଛି ଚମତ୍କାର ଆଶାରେ ଭାରତକୁ ଚକ୍‌ମା ଦେବା ଲକ୍ଷ୍ୟରେ ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଟାଇଟଲ ଲଢେଇ ହେବ ବୋଲି ଆଶା କରାଯାଉଥିଲା। ତେବେ ବୁଧବାର ଆଘାତ ସମସ୍ୟା ଯୋଗୁ କେତେକ ପ୍ରମୁଖ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ବାଂଲାଦେଶ ପାକିସ୍ତାନକୁ ୩୭ ରନରେ ପରାସ୍ତ କରି ଫାଇନାଲକୁ ଉଠିଥିଲା।

କାଗଜ କଲମରେ ଭାରତ କ୍ଲିୟାର ଫେଭରାଇଟ ମନେହେଉଛି ଓ ରେକର୍ଡ ସପ୍ତମଥର ପାଇଁ ଏସିଆ କପ୍ ଟାଇଟଲ ହାସଲ କରିବ ବୋଲି ଆଶା କରାଯାଉଛି। ଅନ୍ୟପଟେ ବାଂଲାଦେଶ ତୃତୀୟଥର ପାଇଁ ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ଯେକୌଣସି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଭିନ୍ନ ପ୍ରକାରର ହୋଇଥାଏ। ଟୁର୍ଣ୍ଣାମେଣ୍ଟରେ ଯେତେ ଭଲ ଖେଳିଥାନ୍ତୁ ପଛେ ଫାଇନାଲ ଖେଳିବା ପୂର୍ବରୁ ଶକ୍ତିଶାଳୀ ଦଳଗୁଡିକ ବିଶେଷ ଭାବେ ପ୍ରସ୍ତୁତି କରିବା ସହ ଭିନ୍ନ ଯୋଜନା ଆପଣେଇଥାନ୍ତି। ସ୍ଥିର ପ୍ରଦର୍ଶନ କରିଥିବା ଶକ୍ତିଶାଳୀ ଦଳଗୁଡିକ ମଧ୍ୟ ଫାଇନାଲରେ ଝୁଣ୍ଟିବାର ଏକାଧିକ ନଜିର ରହିଛି। ପୁଣି ଗତ କିଛି ବର୍ଷ ମଧ୍ୟରେ ଭାରତ ଓ ବାଂଲାଦେଶ ଭିତରେ କ୍ରିକେଟ ପ୍ରତିଦ୍ୱନ୍ଦ୍ୱିତାରେ ଯଥେଷ୍ଟ ଉନ୍ନତି ଘଟିଛି। ବାଂଲାଦେଶ ମଧ୍ୟ ଏକ ଶକ୍ତିଶାଳୀ ଦଳ ରୂପେ ଉଭା ହୋଇଛି। ଏପରିସ୍ଥଳେ ବାଂଲାଦେଶକୁ ଭାରତ ଆଦୌ ହାଲକା ଭାବେ ନେବ ନାହିଁ। ଇଞ୍ଜୁରି ସମସ୍ୟା ବାଂଲାଦେଶ ପାଇଁ ଚିନ୍ତା ସୃଷ୍ଟି କରିଛି। ଦଳର ଦୁଇଜଣ ତାରକା ତଥା ଅଭିଜ୍ଞ ଖେଳାଳି ବାଦ୍ ପଡିଛନ୍ତି। ଷ୍ଟାର ବ୍ୟାଟ୍ସମ୍ୟାନ ତାମିମ ଇକ୍‌ବାଲ ହାତ ଭାଙ୍ଗିବା ଓ ଅଲରାଉଣ୍ଡର ସାକିବ- ଅଲ- ହାସନ ଅଙ୍ଗୁଳି ଭାଙ୍ଗିବା କାରଣରୁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛନ୍ତି।

ଅପରପକ୍ଷରେ ଭାରତ ପାଇଁ ଏହି ନିର୍ଣ୍ଣାୟକ ମ୍ୟାଚ୍ ଏକ ଭିନ୍ନ ପ୍ରକାର ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଟାଇଟଲ ହାସଲ କରିପାରିଲେ ଭାରତ ପାଇଁ ଏକ ବଡ଼ ସଫଳତା ସାବ୍ୟସ୍ତ ହେବ ଓ ଆଗାମୀ ବିଶ୍ୱକପ୍ ପୂର୍ବରୁ ଭାରତର ପ୍ରସ୍ତୁତିକୁ ଦୁଇପାଦ ଆଗକୁ ନେବ। ପୁଣି ଗତ ଇଂଲଣ୍ଡ ଗସ୍ତରେ ଭାରତ ୪-୧ରେ ଟେଷ୍ଟ ସିରିଜ ପରାଜୟ ବରଣ କରିଥିଲା। ତେଣୁ ଏସିଆ କପ୍ ଟାଇଟଲ ଜିତିଲେ ଭାରତକୁ ନିଶ୍ଚିତ ଭାବେ କିଛିଟା ଆତ୍ମସନ୍ତୋଷ ମିଳିବ ଓ ଇଂଲଣ୍ଡ ଗସ୍ତର ବିଫଳତାକୁ କିଛି ପରିମାଣରେ ଲୁଚାଇବାକୁ ସକ୍ଷମ ହେବ। ଦିନିକିଆରେ ମଧ୍ୟ ଭାରତର ପ୍ରଦର୍ଶନ ବେଶ୍ ଉତ୍ସାହଜନକ ରହିଛି। ଆଫଗାନିସ୍ତାନ ବିପକ୍ଷ ସୁପର -୪ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଭାରତ ଦଳର ନିୟମିତ ୫ ଖେଳାଳିଙ୍କୁ ବିଶ୍ରାମ ଦେଇଥିଲା। ତେବେ ଫାଇନାଲ ମ୍ୟାଚରେ ଭାରତ ତା'ର ଶ୍ରେଷ୍ଠ ଦଳକୁ ଖେଳାଇବ।

ଅଧିନାୟକ ରୋହିତ ଶର୍ମା ଓ ତାଙ୍କ ଡେପୁଟି ଶିଖର ଧାୱନଙ୍କୁ ନେଇ ଗଠିତ ଭାରତୀୟ ଓପନିଂ ଯୋଡି ପୁଣି ଥରେ କମାଲ କରିବା ଆଶା କରାଯାଉଛି। ସେହିପରି ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର ଓ ଯୁଜବେନ୍ଦ୍ର ଚହଲ ମଧ୍ୟ ବୋଲିଂରେ ଦମ୍ ଦେଖାଇ ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେବେ ବୋଲି ଆଶା କରାଯାଉଛି। ମିଡଲ ଅର୍ଡରରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଅସ୍ଥିର ପ୍ରଦର୍ଶନ ଜାରି ରହିଥିବା ବେଳେ ସବୁକିଛି ରୋହିତ ଓ ଧାୱନଙ୍କ ଉପରେ ନିର୍ଭର କରୁଛି। ରୋହିତ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ୨୬୯ ଓ ଧାୱନ ୩୨୭ ରନ ସଂଗ୍ରହ କରି ଜବରଦସ୍ତ ଫର୍ମରେ ଥିବା ସୂଚନା ଦେଇଛନ୍ତି। ଅମ୍ବାତି ରାୟୁଡୁ ଭଲ ଖେଳୁଥିଲେ ମଧ୍ୟ ମ୍ୟାଚ୍ ଫିନିଶ୍ କରିବାରେ ବିଫଳ ହୋଇଛନ୍ତି। ସେହିପରି ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଓ କେଦାର ଯାଦବ ମିଡଲ ଓଭରରେ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଉଛି। ଧୋନୀଙ୍କ ଫର୍ମ ନେଇ ଟିମ୍ ମ୍ୟାନେଜମେଣ୍ଟ ବେଶ୍ ଚିନ୍ତିତ। ତେଣୁ ପଛରେ ବ୍ୟାଟିଂ କଲେ ଭାରତୀୟ ମିଡଲ ଅର୍ଡର ପ୍ରକୃତ ପରୀକ୍ଷା ହେବ। ଗତ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଓପନିଂ ଯୋଡି ଲୋକେଶ ରାହୁଲ ଓ ରାୟୁଡୁଙ୍କ ଶତକୀୟ ଭାଗୀଦାରି ସତ୍ତ୍ୱେ ଭାରତୀୟ ମିଡଲ ଅର୍ଡର ସଫଳ ପ୍ରଦର୍ଶନ କରିପାରି ନ ଥିଲା। ତେଣୁ ଧୋନୀ ୪ ନମ୍ବରରେ ବ୍ୟାଟିଂ କରିବେ ଓ ଅଧିକ ବଲର ସମ୍ମୁଖୀନ ହୋଇ ବଡ଼ ସ୍କୋର କରିବା ଆଶା କରାଯାଉଛି।

ଦିନିକିଆ ଫର୍ମାଟରେ ବାଂଲାଦେଶର ବୋଲିଂ ବେଶ ଶକ୍ତିଶାଳୀ ମନେହେଉଛି। ମୁସ୍ତାଫିଜୁର ରହମାନ, ରୁବେଲ ହୋସେନ ଓ ମାଶ୍ରାଫି ମୋର୍ତ୍ତାଜା ଭାରତକୁ ସମସ୍ୟାରେ ପକାଇବାକୁ ଚେଷ୍ଟା କରିବେ। ତେବେ ସାକିବଙ୍କ ଅନୁପସ୍ଥିତି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ସେହିପରି ବ୍ୟାଟିଂରେ ଦଳ ମୁଶଫିକର ରହିମ ଓ ସଙ୍କଟମୋଚକ ମହମୁଦୁଲ୍ଲାଙ୍କ ଉପରେ ଅତ୍ୟଧିକ ଭାବେ ନିର୍ଭରଶୀଳ ହୋଇପଡିଛି। ଇନ୍‌ଫର୍ମ ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରିନ୍ତି। ଏହି ଫାଇନାଲ ମ୍ୟାଚ୍ ବେଶ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଅମ୍ବାତି ରାୟୁଡୁ, ଦୀନେଶ କାର୍ତ୍ତିକ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମ୍‌ରା, ମନୀଷ ପାଣ୍ଡେ, ସିଦ୍ଧାର୍ଥ କାଉଲ, ଲୋକେଶ ରାହୁଲ ଓ ଦୀପକ ଚହର।

**ବାଂଲାଦେଶ ଦଳ:** ମାଶ୍ରାଫି ମୋର୍ତ୍ତାଜା (ଅଧିନାୟକ), ମହମ୍ମଦ ମିଥୁନ, ଲିଟନ ଦାସ, ମୁଶଫିକର ରହିମ, ଅରିଫୁଲ ହକ୍, ମହମୁଦୁଲ୍ଲା, ମୋସାଡେକ ହୋସେନ, ନାଜମୁଲ ହୋସେନ, ମେହିଦି ହାସନ ମିରାଜ, ନାଜମୁଲ ଇସଲାମ, ରୁବେଲ ହୋସେନ, ମୁସ୍ତାଫିଜୁର ରହମାନ ଓ ଅବୁହାଇଦର ରୋନି।




**ଏସିଆ କପ୍ କ୍ରିକେଟ ଫାଇନାଲ ଆଜି**
ଭାରତ ବନାମ ବାଂଲାଦେଶ
ସ୍ଥାନ- ଦୁବାଇ, ସମୟ- ସନ୍ଧ୍ୟା ୫ଟା
ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ

## ଭାରତ ପଲା ଭାରି

ନୂଆଦିଲ୍ଲୀ, ୨୭।୯

ଭାରତ ଓ ବାଂଲାଦେଶ ମଧ୍ୟରେ ଶୁକ୍ରବାର ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଖେଳାଯିବ। ଏସିଆ କପ୍‌ରେ ଦୁଇ ଦେଶ ପରସ୍ପର ବିପକ୍ଷରେ ଏକାଧିକବାର ମ୍ୟାଚ୍ ଖେଳିଥିବାବେଳେ ଚଳିତ ସଂସ୍କରଣର ସୁପର୍ ଫୋର୍‌ରେ ଅନ୍ତିମଥର ଲାଗି ମୁହାଁମୁହିଁ ହୋଇଥିଲେ। ଏଥିରେ ଭାରତ ୭ ଉଇକେଟ୍‌ରେ ବିଜୟ ହାସଲ କରିଥିଲା। ମୋଟ୍ ଉପରେ ଏସିଆ କପ୍‌ରେ ଦୁଇ ଦେଶର ରେକର୍ଡକୁ ନଜର ପକାଇଲେ ଉଭୟ ପରସ୍ପରକୁ ୧୩ଟି ମ୍ୟାଚ୍‌ରେ ଭେଟିଛନ୍ତି। ଏଥିରେ ଭାରତ ୧୨ଟି ମ୍ୟାଚ୍‌ରେ ବିଜୟ ହାସଲ କରିଥିବାବେଳେ ବାଂଲାଦେଶ ମାତ୍ର ଗୋଟିଏ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିଛି। ବିଜୟ/ପରାଜୟ ଅନୁପାତ ଭାରତର ୧୨ ରହିଛି। ତେଣୁ ଫାଇନାଲ ମ୍ୟାଚ୍‌ରେ ଭାରତକୁ ଫେଭରାଇଟ୍ ବିବେଚନା କରାଯାଉଛି। କିନ୍ତୁ ସୁପର୍ ଫୋର୍‌ର ଅନ୍ତିମ ମ୍ୟାଚ୍‌ରେ ପାକିସ୍ତାନ ପରି ଶକ୍ତିଶାଳୀ ଦଳକୁ ଚକ୍‌ମା ଦେଖାଇଥିବା ବାଂଲାଦେଶ ମଧ୍ୟ ଫାଇନାଲରେ କିଛି କରିସ୍ମା କରିବା ଲକ୍ଷ୍ୟରେ ରହିଛି।

# ପାକିସ୍ତାନ ପରାସ୍ତ

ଆବୁଧାବି,୨୭।୯(ପି.ଟି.)

ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଭାରତ ଓ ବାଂଲାଦେଶ ଶୁକ୍ରବାର ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ପୂର୍ବରୁ ଭାରତ ଗ୍ରୁପ୍ ଓ ସୁପର-୪ ପର୍ଯ୍ୟାୟରେ ଅପରାଜେୟ ରହି ଶୀର୍ଷରେ ରହିବା ସହ ଫାଇନାଲରେ ପ୍ରବେଶ କରିଥିଲା। ବୁଧବାର ସୁପର-୪ ପର୍ଯ୍ୟାୟର ଅନ୍ତିମ ତଥା ଷଷ୍ଠ ମ୍ୟାଚ୍‌ରେ ବାଂଲାଦେଶ ୩୭ ରନରେ ପାକିସ୍ତାନକୁ ହରାଇ ଫାଇନାଲକୁ ଉଠିଛି। ସ୍ଥାନୀୟ ସେଖ ଜାୟେଦ ଷ୍ଟାଡିୟମରେ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୮.୫ ଓଭରରେ ୨୩୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ୫୦ ଓଭରରେ ୯ ଉଇକେଟ ହରାଇ ୨୦୨ ରନରେ ସୀମିତ ରହି ପରାଜୟ ବରଣ କରିଛି।

୨୪୦ ରନ ଟାର୍ଗେଟର ପିଛା କରି ପାକିସ୍ତାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ଆବଶ୍ୟକ ହାରରେ ରନ ସଂଗ୍ରହ କରିପାରି ନ ଥିଲା। ଦଳ ଆରମ୍ଭରୁ ଝଟ୍‌କା ଖାଇଥିଲା। ମାତ୍ର ୩ ରନରେ ୨ ଉଇକେଟ ହରାଇ ପାକିସ୍ତାନ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯୁବ ଓପନର ଇମାମ-ଉଲ- ହକ ୮୩ ରନର ଲଢୁଆ ପାଳି ଖେଳିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୪୮.୫ ଓଭରରେ ୨୩୯ ଅଲଆଉଟ୍ (ମୁଶଫିକର- ୯୯, ମିଥୁନ- ୬୦, ମହମୁଦୁଲ୍ଲା- ୨୫, ଜୁନେଦ- ୪/୧୯, ଆଫ୍ରିଦି- ୨/୪୭, ହାସନ- ୨/୬୦)।

ପାକିସ୍ତାନ ୫୦ ଓଭରରେ ୨୦୨/୯ (ଇମାମ- ୮୩, ସୋଏବ- ୩୦, ଆସିଫ- ୩୧, ମୁସ୍ତାଫିଜୁର- ୪/୪୩, ମିରାଜ- ୨/୨୮, )

**OFFICE OF THE COLLECTOR & DISTRICT MAGISTRATE, KHORDHA (ST & SC DEVELOPMENT SECTION)**

Tel. No-06755-221169 (0)
E-mail: dwokhordha@gmail.com
Notification No. 2175 /Date : 26.09.2018

**SHORT QUOTATION CALL NOTICE**

No.54-V: Sealed tenders in prescribed format are invited from the Authorised Dealers/Distributor/ Manufacturer/Co-Operative Societies & Order Suppliers for supply of school uniform both for boys and girls of SC & ST students reading in Class IX & X in the SSD Deptt. School of Khordha District. The last date of submission of tender paper is 05.10.2018. The details of application form, terms & conditions can be accessed from the District Website i.e. www.khordha.nic.in. The tender paper is to be submitted through Regd. Post or Speed Post only. The earlier Short Quotation-cum-Notice No.1748 Dtd.02.08.2018 of this office is hereby cancelled.

The authority reserves right for cancellation / modification of the Tender Call Notice without assigning any reason thereof.

26012/11/0007/1819 Sd./- District Welfare Officer, Khordha



କଟକ: ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

### ଜାତୀୟ ସିନିୟର ମହିଳା ଫୁଟବଲ

# ସେମିରେ ରେଲୱେ-ମଣିପୁର, ଓଡ଼ିଶା-ତାମିଲନାଡୁ

କଟକ ଅଫିସ, ୨୭।୯

କଟକରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପର ୪ଟି ଯାକ କ୍ୱାର୍ଟରଫାଇନାଲ ମ୍ୟାଚ୍ ଗୁରୁବାର ଖେଳାଯାଇଥିଲା। ଏଥିରେ ରେଲୱେ, ମଣିପୁର, ଓଡ଼ିଶା ଓ ତାମିଲନାଡୁ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ୨୯ ତାରିଖରେ ୨ଟି ଯାକ ସେମିଫାଇନାଲ ମ୍ୟାଚ୍ ବିଡ଼ାନାସୀ ଗ୍ରାଉଣ୍ଡରେ ଖେଳାଯିବ। ପ୍ରଥମ ସେମିଫାଇନାଲ ରେଲୱେ ଓ ମଣିପୁର ମଧ୍ୟରେ ହେବ। ଘରୋଇ ଓଡ଼ିଶା ଦଳ ଦ୍ୱିତୀୟ ସେମିମୁକାବିଲାରେ ତାମିଲନାଡୁକୁ ଭେଟିବ। ବିଡ଼ାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା କ୍ୱାର୍ଟରଫାଇନାଲରେ ଓଡ଼ିଶା ୧-୦ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧର ଖେଳ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧର ୭୭ତମ ମିନିଟରେ ଓଡ଼ିଶା ପକ୍ଷରୁ ଅଞ୍ଜୁ ତମାଙ୍ଗ ଏକମାତ୍ର ଗୋଲ ସ୍କୋର କରିଥିଲେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ରେଲୱେ ୪-୦ ଗୋଲରେ ହରିୟାଣାକୁ ପରାସ୍ତ କରିଥିଲା। ତାମିଲନାଡୁ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚର ଫଳାଫଳ ଟାଇବ୍ରେକର ପଦ୍ଧତିରେ ନିର୍ଣ୍ଣୟ କରାଯାଇଥିଲା। ତାମିଲନାଡୁ ପକ୍ଷରୁ ୪୮ତମ ମିନିଟରେ ଓ ଦିଲ୍ଲୀ ପକ୍ଷରୁ ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ହୋଇଥିଲା। ପରେ କୌଣସି ଗୋଲ ନ ହେବା ଯୋଗୁଁ ପେନାଲ୍ଟି କିକ୍‌ର ସହାୟତା ନିଆଯାଇଥିଲା। ଏଥିରେ ତାମିଲନାଡୁ ୩-୨ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଛି। ସେହିପରି ମଣିପୁର ୪-୧ ଗୋଲରେ ପଞ୍ଜାବକୁ ହରାଇଛି। ପଞ୍ଜାବ ପକ୍ଷରୁ ଡି. ଗ୍ରେସ୍ ୨ଟି ଗୋଲ ସ୍କୋର କରିଥିଲେ।

### ଫାଓ ଲିଗ୍: ମ୍ୟାଚ୍ ଡ୍ର

କଟକ ଅଫିସ,୨୭।୯

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ର ଗୁରୁବାର ମଙ୍ଗଳା କ୍ଲବ ଓ ରାଧାଗୋବିନ୍ଦ କ୍ଲବ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ରାଧାଗୋବିନ୍ଦ କ୍ଲବ ପକ୍ଷରୁ ନରେନ ସୁନା (୨୨ତମ ମିନଟି) ଓ ମଙ୍ଗଳାକ୍ଲବ ପକ୍ଷରୁ ସାଗର ରାଉତ (୬୧ତମ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ ।

**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଅଧିସୂଚନା**

No. RDM-LAA-JAJ-0014-2018/29343 R&DM, Dated 8 Aug. 2018

No.: XXIV-61: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର ସୁକିନ୍ଦା ଶାଖା କେନାଲ, ହାତିବାରି ମାଇନର, ନିମାପାଲି ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- କରଡ଼ାପାଳ (ଅତିରିକ୍ତ), ଥାନା- ସୁକିନ୍ଦା ସଂ.୧୮୦, ତହସିଲ- ସୁକିନ୍ଦା, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ.୦.୦୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ ନଂ.-୩, ଢୁବୁରି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ସୁକିନ୍ଦା | କରଡ଼ାପାଳ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୦.୧୨ | ଏ.୦.୦୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦା, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

**ଜମି ଅନୁସୂଚୀ**

ଗ୍ରାମର ନାମ- କରଡ଼ାପାଳ (ଅତିରିକ୍ତ), ଥାନାର ନାମ- ସୁକିନ୍ଦା ନଂ.୧୮୦, ତହସିଲ- ସୁକିନ୍ଦା, ଜିଲ୍ଲା- ଯାଜପୁର
ଜମି ଅଧିଗ୍ରହଣ କେସ୍ ନଂ.:

| କ୍ରମିକ ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୮୨ | ୨୫୫୦ | ୦.୧୨ | ୦.୦୬ | ଫକୀର ଦୋରା ଓଗେର, ପିତା- ଲୋକନାଥ ଦୋରା, ଜା: ଖଣ୍ଡାୟତ, ବା: ନିଜଗାଁ | |
| | | | ମୋଟ | ୦.୦୬ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୧(ଏକ), ମୋଟ ଅଧିଗୃହୀତ ଜମି: ୦.୦୬ ଏକର।

24001/14/0294/1819

**OFFICE OF THE REGULATED MARKET COMMITTEE, BARGARH**

At- Bargarh, Po - Bargarh
Dist - Bargarh (Odisha), PIN - 768028
Tender Call Notice No. 716 / RMC Dated : 26.09.2018
Bid Identification No. 4/RMC-Bargarh/2018-19

**E-Procurement Notice IFB (Invitation for bids)**

| Sr. No. | Item | | Details |
|---|---|---|---|
| 1. | The A.D.M., Bargarh-Cum-Chairman RMC Bargarh invites percentage rate bids in Double cover system in ONLINE MODE only for work as detailed below: | | |
| 2. | Nature of the Work | : | Consutruction of Developmental Work, Cover shed and repairs and renovation of existing infrasture in different Market Yards under RMC, Bargarh. |
| 3. | Bid Cost | : | Rs. 10000.00 online transfer |
| 4. | Value of Tender | : | Rs. 535.67 Lakhs |
| 5. | Class of Contractor | : | A & Special Class |
| 6 | Availability of Bid Documents in the website | : | Dt. 28.09.2018 to 23.10.2018 |
| 7 | Last date / time of Receipt of bids in the portal | : | Dt. 23.10.2018 upto 5.00 P.M. |
| 8 | Date of opening of Bid | : | Dt. 25.10.2018 at 3.00 P.M. |
| 9 | The Bidders have to participate in ONLINE bidding only. Further details can be seen from the website : https://tendersorissa.gov.in. Any Addendum / Corrigendum/ Cancellation of the Tender etc can also be seen in the website : https://tendersorissa.gov.in | | |

Sd./- A.D.M., Bargarh-cum-Chairman, RMC, Bargarh

**BERHAMPUR MUNICIPAL CORPORATION, GANJAM**

No.282-C

**INVITATION FOR BIDS (IFB)**

L. No. 15538/X-E-3-31/2017 Date: 26.09.18

**Invitation for Bids**
**Bid Identification No. BMC (BAM) 176 / 2018-19**

| | | |
|---|---|---|
| 1. | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A". | |
| 2. | Nature of work | Civil works and others |
| 3. | No. of work | 8 |
| 4. | Bid cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5. | E.M.D | The bidders shall remit online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6. | Class of contractor | As per the Annexure "A" |
| 7. | Availability of bid documents in the website | **From 15.05 hrs. of Dt.29.09.18 to 17.00 hrs. of 11.10.18** |
| 8. | Date of opening of bid | 11.30 hrs. onwards on Dt.12.10.18 |
| 9. | Mode of submission of tender | Tender should submitted online in **www.tendersorissa.gov.in**. |
| 10. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website only. | |

Sd./- Commissioner
Berhampur Municipal Corporation
Berhampur, Odisha

13035/11/0119/1819



“ ଦୌଡ଼ରେ ‘ହିଜାବ’ ମୋ ପାଇଁ ସମସ୍ୟା ସୃଷ୍ଟି କରୁନାହିଁ । ତେଣୁ ଏହାକୁ ନେଇ ଆଲୋଚନା ହେବା ଉଚିତ୍ ନୁହେଁ ।

–ମାରିଆମ ଫରିଦ୍, କାତାର ଆଥଲେଟ



“ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଆମ ଦଳର ପ୍ରଦର୍ଶନ ବିଶ୍ୱକପ୍ ଟିମ୍‌ଗୁଡ଼ିକ ଲାଗି ଏକ ସତର୍କଘଣ୍ଟି ଭଳି ।

–ଅସ୍‌ଗର ଆଫଗାନ, ଆଫଗାନିସ୍ତାନ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ସୋହିନୀଙ୍କୁ ତ୍ରିମୁକୁଟ

ଭୁବନେଶ୍ୱର, ୨୭।୯(କ୍ରୀଡ଼ା ପ୍ରତିନିଧି): ଓଡ଼ିଶା ଟେନିସ ପ୍ରତିଭା ସୋହିନୀ ଏସ.ମହାନ୍ତି ହରିୟାଣାର କର୍ନଲଠାରେ ଅନୁଷ୍ଠିତ ୧୨ ଓ ୧୪ ବର୍ଷରୁ କମ୍ ଟେନିସ ଟୁର୍ନାମେଣ୍ଟରେ ତ୍ରିମୁକୁଟ ହାସଲ କରିଛନ୍ତି। ଫରହାନ ଟେନିସ ଏକାଡେମୀରେ ପ୍ରଶିକ୍ଷଣପ୍ରାପ୍ତ ସୋହିନୀ ୧୨ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଏବଂ ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଓ ଡବଲ୍ସରେ ଟାଇଟଲ ବିଜୟୀ ହୋଇଥିଲେ। ୧୨ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ ଦିଲ୍ଲୀର ଦିବ୍ୟା ଉନ୍‌ଗ୍ରିଶଙ୍କୁ ୬-୨, ୬-୩ ସେଟ୍‌ରେ ପରାସ୍ତ କରିଥିଲେ। ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ମଧ୍ୟ ସେ ଦିବ୍ୟାଙ୍କୁ ୬-୦, ୬-୧ ସେଟ୍‌ରେ ହରାଇ ଦେଇଥିଲେ। ଡବଲ୍ସରେ ସେ ଦିବ୍ୟାଙ୍କୁ ସାଥିକରି ସାଇଜାନି ଓ ମାର୍ଲିନ ସ୍ୱିଟି ଯୋଡ଼ିଙ୍କୁ ୬-୦, ୫-୭(୧୦-୫) ସେଟ୍‌ରେ ପରାସ୍ତ କରିଥିଲେ।

### କୋରିଆ ଓପନ୍ କ୍ୱାର୍ଟର ଫାଇନାଲରେ ସାଇନା

ସିଓଲ, ୨୭।୯(ପି.ଟି.): ତାରକା ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଏଠାରେ ଚାଲିଥିବା ୬ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ କୋରିଆ ଓପନ୍ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବିଶ୍ୱର ପ୍ରାକ୍ତନ ଏକ ନମ୍ବର ସଟ୍‌ଲର ସାଇନା ୨୧-୧୮, ୨୧-୧୮ ସିଧାସଳଖ ଗେମ୍‌ରେ କୋରିଆର କିମ୍ ଗା ଉନ୍‌ଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱମାନ୍ୟତାର ୧୦ମ ସ୍ଥାନରେ ରହିଥିବା ସାଇନାଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୩୭ ମିନିଟ୍ ସମୟ ଲାଗିଥିଲା। ପରବର୍ତ୍ତୀ ରାଉଣ୍ଡରେ ସାଇନାଙ୍କ ମୁକାବିଲା ୨୦୧୭ ବିଶ୍ୱ ଚାମ୍ପିୟନ ନାଜୋମି ଓକୁହାରାଙ୍କ ସହ ହେବ।

### ଦୋହାରେ କୁଲିଂ ସିଷ୍ଟମ ସହ ପିଙ୍କ୍ ଟ୍ରାକ୍

ଦୋହା, ୨୭।୯ (ପି.ଟି.)-ଆଉ ବର୍ଷକ ପରେ ମଧ୍ୟପ୍ରାଚ୍ୟରେ ପ୍ରଥମ ଥର ଆଇଏଏଏଫ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଦୋହାସ୍ଥିତ ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଏହା ଆୟୋଜିତ ହେବ। ଏଥିରେ ନୂଆ ପିଙ୍କ୍ ଟ୍ରାକ ବିଛା ହୋଇଥିବାବେଳେ କୁଲିଂ ସିଷ୍ଟମ କରାଯାଇଛି। ଗୁରୁବାର ଏହାର ଉନ୍ମୋଚନ କରାଯାଇଛି। ଏକ ଆଉଟ୍‌ଡୋର ଷ୍ଟାଡିୟମରେ ପ୍ରଥମ ଥର ଏୟାର କଣ୍ଡିଶନିଂ ବ୍ୟବସ୍ଥା କରାଯାଇଛି। ଆଥ୍‌ଲେଟ୍‌ମାନେ ଏହାର ଅଭିଜ୍ଞତା ହାସଲ କରିବେ। ଦୋହାର ୪୦ ଡିଗ୍ରୀ ସେଲସିୟସ ତାପମାତ୍ରା ଆଥଲେଟମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାନ୍ତା। ତେଣୁ ଏଥିଲାଗି ଏସି ନୋଜଲ୍ସର ବ୍ୟବସ୍ଥା କରିଛନ୍ତି। ଏଗୁଡ଼ିକ ଷ୍ଟାଡିୟମ ଭିତରକୁ ଥଣ୍ଡା ପବନ ପ୍ରବାହିତ କରିବେ। ଏହାଦ୍ୱାରା ତାପମାତ୍ର ୨୪ରୁ ୨୬ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବ। ଖଲିଫା ଷ୍ଟାଡିୟମର ଆସନ ସଂଖ୍ୟା ୪୮,୦୦୦ ରହିଛି। ପ୍ରତିଯୋଗିତା ସମୟରେ ଏସି ନୋଜଲ୍ସଗୁଡ଼ିକ ବ୍ଲକ୍ କରିଦିଆଯିବାର ବ୍ୟବସ୍ଥା କରାଯିବ। ଏସିରୁ ନିର୍ଗତ ଥଣ୍ଡା ପବନ ସିଧାସଳଖ ଛଡ଼ା ନ ଯାଇ ଉପରମୁହାଁ କରିଦିଆଯିବ। ତେବେ ଜାଭେଲିନ ଥ୍ରୋ ବେଳେ ଏହି ସିଷ୍ଟମକୁ କିଛି ସମୟ ପାଇଁ ବନ୍ଦ କରିଦିଆଯିବ। ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ଦୋହାରେ ହେବାକୁ ଥିବା ଏସିଆନ ଚାମ୍ପିୟନଶିପ୍‌ରେ ନୂଆ ବ୍ୟବସ୍ଥାର ପରୀକ୍ଷା ହେବ। ନୂଆ ବ୍ୟବସ୍ଥା ଯଦି ସଫଳତାର ସହ କାର୍ଯ୍ୟ କରେ ତେବେ ୨୦୨୨ ଫିଫା ବିଶ୍ୱ କପ୍ ଆୟୋଜନ ସମୟରେ ଏହି ଅଭିଜ୍ଞତା ବିଶେଷ ଉପଯୋଗୀ ହେବ ବୋଲି ଆଇଏଏଏଫ୍ ଉପସଭାପତି ଏବଂ ସ୍ଥାନୀୟ ଆୟୋଜକ କମିଟି ମହାନିର୍ଦ୍ଦେଶକ ଦହଲାନ ଅଲ୍ ହମାଦ ପ୍ରକାଶ କରିଛନ୍ତି।

### ୟୁପି ଅଯୋଧ୍ୟା ଅଧିନାୟକ ରିଶାଙ୍କ

ଗ୍ରେଟର ନୋଏଡା,୨୭।୯(ପି.ଟି.)- ପ୍ରୋ କବାଡ଼ି ଲିଗ୍‌ର ୬ଷ୍ଠ ସଂସ୍କରଣରେ ୟୁପି ଅଯୋଧା ଦଳର ନେତୃତ୍ୱ ନେବେ ରିଶାଙ୍କ ଦେଭାଡିଗା। ଏ ନେଇ ଗୁରୁବାର ଫ୍ରାଞ୍ଚାଇଜ ପକ୍ଷରୁ ଘୋଷଣା କରାଯାଇଛି। ଏହି ଅବସରରେ ଉତ୍ତର ପ୍ରଦେଶ (ୟୁପି) କ୍ରୀଡ଼ାମନ୍ତ୍ରୀ ଚେତନ ଚୌହ୍ୱାନଙ୍କ ସହ ଦଳୀୟ ଖେଳାଳିମାନେ ଉପସ୍ଥିତ ଥିଲେ। ‘‘ପ୍ରୋ କବାଡ଼ି ଲିଗ୍‌ରେ ୟୁପିକୁ ସାମିଲ କରାଯିବା ଦ୍ୱାରା ରାଜ୍ୟରେ ଖେଳ ପ୍ରତି ଲୋକପ୍ରିୟତା ବୃଦ୍ଧି ପାଉଛି। ଜିଏମ୍‌ଆର୍ ଗ୍ରୁପ ଏହି ସୁଯୋଗ ଦେଇଥିବାରୁ ମୁଁ ବହୁତ ଖୁସି’’ ବୋଲି ମନ୍ତ୍ରୀ ଚୌହ୍ୱାନ କହିଛନ୍ତି। ପୂର୍ବତନ ଭାରତୀୟ ଖେଳାଳି ଯଶବୀର ସିଂ ଦଳର କୋଚ୍ ଦାୟିତ୍ୱରେ ରହିଛନ୍ତି।







କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ତୃତୀୟ ଦିବସ ମହିଳା ପୋଲଭଲ୍ଟ ଅବସରରେ ଜଣେ ପ୍ରତିଯୋଗୀ। ମହିଳା ୪x୧୦୦ ମିଟର ରିଲେ ରେସ୍‌ର କୃତୀ ପ୍ରତିଯୋଗୀମାନେ ପୋଡିୟମରେ ପଦକ ସହ। ମହିଳା ୫୦୦୦ ମିଟର ରେସ୍। **(ଫଟୋ: ମୌସମ)**

# ଫାଇନାଲରେ ଅମିୟ, ଶ୍ରୀଶଙ୍କରଙ୍କ କୀର୍ତ୍ତିମାନ

**ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୨୭।୯(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୫୮ତମ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପାଇଁ ପ୍ରଥମ ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି ଧାବକ ଅମିୟ କୁମାର ମଲିକ। ଗୁରୁବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ସେମିଫାଇନାଲରେ ସେ ୨୧.୬୫ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ଅନ୍ତିମ ଦିବସ ଅର୍ଥାତ୍ ଶୁକ୍ରବାର ୨୦୦ ମିଟର ଫାଇନାଲ ଅନୁଷ୍ଠିତ ହେବ। ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ କେରଳର ଏମ୍.ଶ୍ରୀଶଙ୍କର ଜାତୀୟ ରେକର୍ଡ ଭାଙ୍ଗିବା ଥିଲା ତୃତୀୟ ଦିବସର ସବୁଠାରୁ ଚର୍ଚ୍ଚିତ ଘଟଣା। ୨୦୦ ମିଟର ଯୋଗ୍ୟତା ପର୍ଯ୍ୟାୟ ଅର୍ଥାତ୍ ପ୍ରଥମ ରାଉଣ୍ଡ ହିଟ୍ ନମ୍ବର ୨ରେ ଅମିୟ ୨୧.୭୧ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିବା ସହ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ହିଟ୍‌ରେ ଅନ୍ୟ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅମିୟଙ୍କ ଟାଇମିଂ ଭଲ ଥିଲା। ସେମିଫାଇନାଲରେ ସେ ଟାଇମିଂରେ ଉନ୍ନତି ଆଣିଥିବାରୁ ଫାଇନାଲରେ ଭଲ ସ୍ଥିତିରେ ରହି ପଦକ ପାଇବା ଆଶା ରହିଛି। ୨୦୦ ମିଟର ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ପ୍ରତିଯୋଗୀମାନେ ହେଲେ କର୍ଣ୍ଣାଟକର ସୁହାସ ଏସ.ଗୌଡ଼ା(୨୧.୯୨), ଏମ.ଜେ. ଅଶ୍ୱିନ(୨୧.୯୪), ସର୍ଭିସେସର କେ.ଅଶୋକ(୨୧.୫୩), ସଞ୍ଜିତ (୨୧.୨୩), ବିଦ୍ୟାସାଗର (୨୧.୪୪), ପଞ୍ଜାବର ଗୁରଲାଲ ସିଂ (୨୧.୭୫) ଓ ମଣିପୁରର ଅକ୍ଷୟ ଫାଦ୍(୨୨.୦୧)।

ପୁରୁଷ ଜାଭେଲିନ ଥ୍ରୋରେ କିନ୍ତୁ ନିରାଶ କରିଛନ୍ତି ଓଡ଼ିଶାର ଚିନ୍ମୟ ରଞ୍ଜନ ଜେନା। ସେ ଯୋଗ୍ୟତା ପର୍ଯ୍ୟାୟରେ ୬୨.୮୭ ମିଟର ଦୂରକୁ ଥ୍ରୋ କରି ୧୪ତମ ସ୍ଥାନରେ ରହିଥିଲେ। ଶ୍ରେଷ୍ଠ ୧୨ ସ୍ଥାନରେ ରହିଥିବା ପ୍ରତିଯୋଗୀ ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଓଏନଜିସି ପକ୍ଷରୁ ପ୍ରତିନିଧିତ୍ୱ କରିବାକୁଥିବା ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଜଉନା ମୁର୍ମୁ ମହିଳା ୪୦୦ ମିଟର ହର୍ଡଲ୍ସରୁ ଶେଷ ମୁହୂର୍ତ୍ତରେ ଓହରି ଯାଇଥିଲେ। ଅଭ୍ୟାସ ବେଳେ ଆହତ ହେବାରୁ ସେ ଏହି ଇଭେଣ୍ଟରୁ ଓହରି ଯାଇଥିବା ଜଉନା ପ୍ରକାଶ କରିଛନ୍ତି।



୨୦୦ ମିଟର ରେସ୍ ଅବସରରେ ଓଡ଼ିଶାର ଅମିୟ ମଲ୍ଲିକ (ଡାହାଣ)।

**ମହିଳା ୨୦ କି.ମି. ଚାଲି**

ହରିୟାଣାର ରବିନା ମହିଳା ୨୦ କିଲୋମିଟର ଚାଲିରେ ୧:୪୨.୩୨ ସେକେଣ୍ଡ ସମୟ ନେଇ ତୃତୀୟ ଦିବସରେ ପ୍ରଥମ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ରେଲୱେର ପ୍ରିୟଙ୍କା ୧:୪୫.୩୨ ସେକେଣ୍ଡ ସହ ରୌପ୍ୟ ଓ ଚଣ୍ଡିଗଡ଼ର ବନ୍ଦନା ୧:୪୯.୨୫ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି।

**ମହିଳା ଡିସ୍‌କସ୍ ଥ୍ରୋ**

ଅପରାହ୍ନରେ ଅନୁଷ୍ଠିତ ମହିଳା ଡିସ୍‌କସ୍ ଥ୍ରୋ ଫାଇନାଲରେ ରେଲୱେ ପ୍ରତିଯୋଗୀମାନେ ସୁଇପ୍ କରିଛନ୍ତି। କମଲପ୍ରୀତ କୌର ୫୬.୧୧ ମିଟର ସହିତ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ନଭଜିତ କୌର ଧିଲୋନ ୫୪.୮୧ ଓ ସନ୍ଦୀପ କୁମାରୀ ୫୩.୯୬ ମିଟର ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଅଧିକାର କରିଛନ୍ତି।

**ମହିଳା ପୋଲଭଲ୍ଟ**

ମହିଳା ପୋଲଭଲ୍ଟରେ କର୍ଣ୍ଣାଟକର ଖ୍ୟାତି ଭଖରିଆ ୪ ମିଟର କ୍ଲିୟର କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ରେଲୱେର କ୍ରିଷ୍ଣା ରଚନ ୩.୯୫ ଓ କର୍ଣ୍ଣାଟକର ମାରିଆ ଜୟସନ ୩.୭୦ ମିଟର ସହ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।

**ପୁରୁଷ ହାମର ଥ୍ରୋ**

ସର୍ଭିସେସ୍‌ର ତରନବୀର ସିଂ ପୁରୁଷ ହାମର ଥ୍ରୋରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ୬୩.୧୨ ମିଟର ଥ୍ରୋ କରି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଏନଜିସିର ଦମନୀତ ସିଂ ୬୨.୨୭ ମିଟର ସହ ରୌପ୍ୟ ଓ ରେଲୱେର ସୁଖଦେବ ସିଂ ୬୧.୫୬ ମିଟର ସହିତ ବ୍ରୋଞ୍ଜ ପଦକ ପାଇଥିଲେ।

**ପୁରୁଷ ଶଟ୍‌ପୁଟ୍**

ସର୍ଭିସେସର ପ୍ରବୀଣ ପୁରୁଷ ଶଟ୍‌ପୁଟ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ନିଜ ଦ୍ୱିତୀୟ ଉଦ୍ୟମରେ ୧୮.୭୬ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପଞ୍ଜାବର ଯଶଦୀପ ସିଂ(୧୮.୭୩) ରୌପ୍ୟ ଓ ରେଲୱେର ସୁନୀଲ କୁମାର (୧୮.୦୯) ବ୍ରୋଞ୍ଜ ପଦକ ଜିତିଛନ୍ତି।

**ପୁରୁଷ ୫୦୦୦ ମିଟର**

ଗୁଜରାଟର ମୁରଲୀ କୁମାର ଗାଭିତ୍ ପୁରୁଷ ୫୦୦୦ ମିଟର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ୧୪:୩୫.୩୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ରେଲୱେର ଅଭିଷେକ ପାଲ୍ (୧୪:୩୬.୬୨) ରୌପ୍ୟ ଓ ସର୍ଭିସେସର ମାନ୍ ସିଂ(୧୪:୩୭.୧୮) ବ୍ରୋଞ୍ଜ ପଦକ ଜିତିଥିଲେ।

**ରେସ୍ ଶେଷ କରିପାରିଲେନି ସମସାଦ**

ମହିଳା ୫୦୦୦ ମିଟରରେ ରେସ୍ ଶେଷ କରିପାରି ନାହାନ୍ତି ଓଡ଼ିଶାର ସମସାଦ ଆରା ବେଗମ। ଏହି ଇଭେଣ୍ଟରେ ରେଲୱେର ଏଲ.ସୂର୍ଯ୍ୟା ୧୬:୧୦.୩୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରେଲୱେର ପାରୁଲ ଚୌଧାରୀ ୧୬:୧୩.୮୮ ସେକେଣ୍ଡ ସହ ରୌପ୍ୟ ଏବଂ ଏଲଆଇସିରୁ ପ୍ରତିନିଧିତ୍ୱ କରୁଥିବା ମୋନିକା ଆଥାରେ ୧୬:୨୪.୪୨ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଥିଲେ।

**ମହିଳା ୪x୧୦୦ ମିଟର ରିଲେ**

ତାମିଲନାଡୁ ଦଳ ମହିଳା ୪x୧୦୦ ମିଟର ରିଲେ ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହି ଦଳ ୪୬.୦୩ ସେକେଣ୍ଡ ସମୟ ନେଇଥିବାବେଳେ ରେଲୱେ ଦଳ ୪୬.୩୮ ସେକେଣ୍ଡ ସହ ରୌପ୍ୟ ଏବଂ ମହାରାଷ୍ଟ୍ର ଟିମ୍ ୪୭.୧୨ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛି।

**ପୁରୁଷ ୪x୧୦୦ ମିଟର ରିଲେ**

ମହାରାଷ୍ଟ୍ର ଦଳ ପୁରୁଷ ୪x୧୦୦ ମିଟର ରିଲେରେ ୪୦.୫୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଛି। ପଞ୍ଜାବ ୪୦.୭୯ ଓ ମଣିପୁର ୪୦.୯୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି।

## ପୁରୁଷ ଲଙ୍ଗଜମ୍ପରେ ଜାତୀୟ ରେକର୍ଡ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି କେରଳର ଏମ.ଶ୍ରୀଶଙ୍କର। ସେ ୮.୨୦ ମିଟର ଦୂର ଲମ୍ଫ ପ୍ରଦାନ କରି ସ୍ୱର୍ଣ୍ଣ ପଦକ ହାସଲ ସହ ଉଭୟ ଜାତୀୟ ଓ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ପୁରୁଷ ଲଙ୍ଗଜମ୍ପରେ ଏପର୍ଯ୍ୟନ୍ତ ଜାତୀୟ ରେକର୍ଡର ଅଧିକାରୀ ଥିଲେ ଅଙ୍କିତ ଶର୍ମା। ସେ ୨୦୧୬ ଜୁନ ୨୬ରେ କାଜାଖସ୍ତାନର ଅଲ୍‌ମାଟିରେ ୮.୧୯ ମିଟର ଜମ୍ପ କରିଥିଲେ। ଅଙ୍କିତ ପୂର୍ବରୁ ମିଟ୍ ରେକର୍ଡର ମଧ୍ୟ ଅଧିକାରୀ ଥିଲେ। ସେ ୨୦୧୪ରେ ନୂଆଦିଲ୍ଲୀଠାରେ ୭.୮୭ ମିଟର ଡେଇଁ ଏହି କୃତିତ୍ୱ ଅର୍ଜନ କରିଥିଲେ। ଭୁବନେଶ୍ୱରରେ ଶ୍ରୀଶଙ୍କର ପ୍ରଥମ ଉଦ୍ୟମରେ ୭.୯୫ ମିଟର ଡେଇଁଥିବାବେଳେ ଦ୍ୱିତୀୟ ଉଦ୍ୟମ ଫାଉଲ୍ ହୋଇଥିଲା। ତୃତୀୟ ଉଦ୍ୟମରେ ସେ ୮.୧୧ ମିଟର କ୍ଲିୟର କରିଥିବାବେଳେ ୪ର୍ଥ ଉଦ୍ୟମରେ ଫାଉଲ୍ କରିଥିଲେ। ୫ମ ଉଦ୍ୟମରେ କ୍ୟାରିୟର ଶ୍ରେଷ୍ଠ ୮.୨୦ ମିଟର ଡେଇଁ ଜାତୀୟ ରେକର୍ଡ ଭାଙ୍ଗିଥିଲେ। ସର୍ଭିସେସର ଜିନେଶ ଭୋ ୭.୯୫ ମିଟର ଡେଇଁ ରୌପ୍ୟ ଏବଂ ହରିୟାଣାର ସାହିଲ ମହାବଳୀ ୭.୮୧ ମିଟର ଜମ୍ପ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ।



ଏମ.ଶ୍ରୀଶଙ୍କର

## ଦୁଇ ଟେଷ୍ଟ ଉପ ଅଧିନାୟକ ନିଯୁକ୍ତ କଲା ଅଷ୍ଟ୍ରେଲିଆ

ସିଡ୍‌ନୀ, ୨୭।୯(ଏଏଫ୍‌ପି)

କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପ୍ରଥମଥର ଲାଗି ଟେଷ୍ଟ ଦଳ ପାଇଁ ଦୁଇଜଣ ଉପଅଧିନାୟକଙ୍କୁ ନିଯୁକ୍ତ କରିଛି। ଆସନ୍ତା ଅକ୍ଟୋବର ୭ରୁ ୟୁଏଇରେ ପାକିସ୍ତାନ ବିପକ୍ଷରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ ପାଇଁ ଅଲ୍‌ରାଉଣ୍ଡର ମିଚେଲ୍ ମାର୍ଶ ଓ ଦ୍ରୁତ ବୋଲର ଜୋଶ୍ ହାଜେଲଉଡ୍‌ଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ଟିମ୍ ପାଇନ୍‌ଙ୍କ ନେତୃତ୍ୱରେ ଦଳ ଘୋଷଣା ହୋଇଥିଲେ ମଧ୍ୟ ତାଙ୍କ ଡେପୁଟି କିଏ ହେବ ତାହା ନିଷ୍ପତ୍ତି ନିଆଯାଇ ନ ଥିଲା। କିନ୍ତୁ ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗର ଓ ଚୟନକର୍ତ୍ତା ଟ୍ରେଭର ହନ୍ସଙ୍କ ସମେତ ଟିମ୍ ସଦସ୍ୟ ଉଭୟ ମାର୍ଶ ଓ ହାଜେଲଉଡ୍‌ଙ୍କୁ ଉପଅଧିନାୟକ ରଖିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ସିଏ ପକ୍ଷରୁ ଗୁରୁବାର କୁହାଯାଇଛି। ‘ନୂତନ ନେତୃତ୍ୱଶୈଳୀ ଅଧିନାୟକଙ୍କୁ ନିଶ୍ଚିତ ଭାବେ ସହାୟକ ହେବ ବୋଲି ଆମେ ବିଶ୍ୱାସ କରୁଛୁ। ବିଶ୍ୱରେ ଅନ୍ୟାନ୍ୟ କ୍ରୀଡ଼ାରେ ଏହି ମଡେଲକୁ ପ୍ରୟୋଗ କରାଯାଉଛି। ଭଲ ଖେଳାଳି ଓ ଭଲ ମଣିଷ ଗଢ଼ିବା ଆମର ମୂଳ ଲକ୍ଷ୍ୟ’ ବୋଲି ହନ୍ସ ଏହି ଅବସରରେ ପ୍ରକାଶ କରିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଗତ ମାର୍ଚ୍ଚରେ ଘଟିଥିବା ବହୁ ଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲା ପରେ ପ୍ରଥମଥର ଲାଗି ଟେଷ୍ଟ ସିରିଜ ଖେଳିବା ଲାଗି ଅଷ୍ଟ୍ରେଲିଆ ଦଳ ବିଦେଶ ଗସ୍ତରେ ଯାଉଛି। ପାକିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆ ୨ଟି ଟେଷ୍ଟ ଓ ୩ଟି ଟି୨୦ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି।

## ଜେମିମା, ଅଞ୍ଜୁଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି

ନୂଆଦିଲ୍ଲୀ, ୨୭।୯

ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଟି୨୦ ସିରିଜ ଜିତିବା ପରେ ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳିଙ୍କ ର୍‍ୟାଙ୍କିଙ୍ଗ୍‌ରେ ଆଖିଦୃଶିଆ ଉନ୍ନତି ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍ ବ୍ୟାଟିଂ ତାଲିକାରେ ୧୮ ବର୍ଷୀୟା ଜେମିମା ରୋଡ୍ରିଗୁଏଜ ଏକାଥରକେ ୪୬ଟି ପାହାଚ ଉପରକୁ ଉଠି ୧୪ତମ ସ୍ଥାନ ଲାଭ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରେ ଜେମିମା ୪ଟି ଇନିଂସରୁ ୬୩.୬୬ ରନ ଆଭରେଜରେ ୧୯୧ ରନ ସଂଗ୍ରହ କରିଥିଲେ। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୫୫ରୁ ଊର୍ଦ୍ଧ୍ୱ ରହିଥିଲା। ଗତ ଫେବୃୟାରୀରେ ଟି୨୦ କ୍ୟାରିୟର ଆରମ୍ଭ କରିଥିବା ଜେମିମା ବର୍ତ୍ତମାନ ୫୧୮ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ସେହିଭଳି ଭାରତୀୟ ଉଇକେଟ୍‌କିପର ତନୟା ଭାଟିଆ ୩୨ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୮୨ତମ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ହରମନ୍‌ପ୍ରୀତ୍ କୌର ୬ଷ୍ଠ ସ୍ଥାନରେ ଏବଂ ଅଭିଜ୍ଞ ମିଥାଲି ରାଜ ତାଙ୍କ ପଛକୁ ୭ମରେ ରହିଛନ୍ତି। ବୋଲିଂ ତାଲିକାରେ ରାଧା ଯାଦବ ୫୬ଟି ସ୍ଥାନ ଉଠି ୫୯ତମ, ଅରୁନ୍ଧତି ରେଡ୍ଡୀ ୧୦୬ ଓ ଦୀପ୍ତି ଶର୍ମା ୩୧ତମ ସ୍ଥାନ ପାଇଛନ୍ତି। ପୁନମ ଯାଦବ ପୂର୍ବବତ୍ ବୋଲିଂ ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ଅଲ୍‌ରାଉଣ୍ଡର ତାଲିକାରେ ଶ୍ରେଷ୍ଠ ଭାରତୀୟ ଭାବେ ଅଞ୍ଜୁ ପାଟିଲ ଦ୍ୱାଦଶତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ନିକଟରେ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜକୁ ଭାରତ ୪-୦ରେ ଜିତିବାରେ ସଫଳ ହୋଇଥିଲା।

## ଭାରତରେ ହେବ ଡିଫ୍ ଟି୨୦ ବିଶ୍ୱକପ୍

ନୂଆଦିଲ୍ଲୀ, ୨୭।୯(ପି.ଟି.)

ଆସନ୍ତା ନଭେମ୍ବରରେ ଭାରତରେ ଡିଫ୍ (ବଧିର) ଆଇସିସି ଟି୨୦ ବିଶ୍ୱକପ୍ ଅନୁଷ୍ଠିତ ହେବ। ଗୁରୁଗାଁଓଠାରେ ନଭେମ୍ବର ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ବିଶ୍ୱକପ୍ ଖେଳାଯିବ ବୋଲି ଆୟୋଜକ ଡିଫ୍ କ୍ରିକେଟ ସୋସାଇଟି (ଡିସିଏସ୍) ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଆଠଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଆୟୋଜକ ଭାରତ ସମେତ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ନେପାଳ, ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକାର ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଆଠଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିବାବେଳେ ପ୍ରତି ଗ୍ରୁପ୍‌ର ଦୁଇଟି ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଡିଫ୍ କ୍ରିକେଟ ସୋସାଇଟି (ଡିସିଏସ୍) ଭାରତରେ ଡିଫ୍ କ୍ରିକେଟର ଉନ୍ନତି ପାଇଁ କାର୍ଯ୍ୟ କରୁଛି। ଡିଫ୍ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନସିଲ (ଡିଫ୍ ଆଇସିସି) ସହ ଡିସିଏସ୍ ଅନୁବନ୍ଧିତ ହୋଇଛି। ‘କ୍ରିକେଟ ବର୍ତ୍ତମାନ ବି ଭାରତରେ ଏକ ସବୁଠାରୁ ଲୋକପ୍ରିୟ ଖେଳ ହୋଇ ରହିଛି। ୨୦୧୭ରେ ୭୧୭ ମିଲିୟନ ଲୋକ ଟିଭିରେ ମ୍ୟାଚ୍ ଉପଭୋଗ କରିଥିଲେ।

■ ଲା ଲିଗାରେ ବିପର୍ଯ୍ୟୟ

## ବାର୍ସିଲୋନା, ରିୟଲ ମାଡ୍ରିଡ୍‌ର ପରାଜୟ

ମାଡ୍ରିଡ୍, ୨୭।୯(ଏଏଫ୍‌ପି)

ସ୍ପାନିଶ ଲା ଲିଗାରେ ବୁଧବାର ରାତିରେ ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ତାରକା ଖଚିତ ବାର୍ସିଲୋନା ଓ ରିୟଲ ମାଡ୍ରିଡ ଦଳ ନିଜ ନିଜ ମ୍ୟାଚ୍‌ରେ ପରାଜୟର ସାମ୍ନା କରିଛନ୍ତି। ପଏଣ୍ଟ ଟେବୁଲ ତାଲିକାର ନିମ୍ନକ୍ରମରେ ରହିଥିବା ଲେଗାନେସ ୬୮ ସେକେଣ୍ଡ ମଧ୍ୟରେ ଦୁଇଟି ଗୋଲଦେଇ ଟେବୁଲ ଟପ୍ପର ବାର୍ସିଲୋନାକୁ ଚକ୍‌ମା ଦେଖାଇଥିଲା। ମ୍ୟାଚ୍‌ର ଦ୍ୱାଦଶତମ ମିନିଟ୍‌ରେ ଯୁବ ବ୍ରାଜିଲିଆନ ମିଡ୍‌ଫିଲ୍ଡର ଫିଲିପ୍ କୌଟିନୋଙ୍କ ଗୋଲବଳରେ ବାର୍ସିଲୋନା ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ଏହି ସ୍ଥିତି ବଳବତ୍ତର ରହିଥିଲେ ମଧ୍ୟ ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଭିନ୍ନ ଖେଳ ଦେଖିବାକୁ ମିଳିଥିଲା। ଲେଗାନେସର ନାବିଲେ ଏଲ୍ ଝର (୫୨ତମ ମିନିଟ୍) ଓ ଓସ୍କାର ରୋଡ୍ରିଗୁଏଜ (୫୩ତମ ମିନିଟ୍) ୬୮ ସେକେଣ୍ଡ ଅନ୍ତରରେ ଦୁଇଟି ଗୋଲ ଦେଇ ଦଳକୁ ୨-୧ରେ ସ୍ମରଣୀୟ ବିଜୟ ଦେଇଥିଲେ। ପ୍ରତିଯୋଗିତାରେ ବାର୍ସିଲୋନାର ୬ଷ୍ଠ ମ୍ୟାଚ୍‌ରୁ ଏହା ପ୍ରଥମ ପରାଜୟ ଥିଲା। ୪ଟି ବିଜୟ ଓ ଗୋଟିଏ ଡ୍ର ସହ ବାର୍ସିଲୋନା ୧୩ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଅପରପକ୍ଷରେ ପ୍ରଥମ ବିଜୟ ସହ ୪ ପଏଣ୍ଟ ପାଇ ଲେଗାନେସ ସପ୍ତଦଶ ସ୍ଥାନ ହାସଲ କରିଛି। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ସେଭିଲା ପ୍ରଥମାର୍ଦ୍ଧ ମଧ୍ୟରେ ତିନୋଟି ଗୋଲସ୍କୋର କରି ରିୟଲ ମାଡ୍ରିଡ୍‌କୁ ୩-୦ରେ ହରାଇ ଦେଇଛି। ପର୍ତ୍ତୁଗାଲର ୨୨ ବର୍ଷୀୟ ଫରୱାର୍ଡ ଆନ୍ଦ୍ରେ ସିଲ୍‌ଭାଙ୍କ ଡବଲ ଗୋଲ (୧୭ ଓ ୨୧ତମ ମିନିଟ୍) ସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରିୟଲ ମାଡ୍ରିଡ୍‌ର ମଧ୍ୟ ପ୍ରତିଯୋଗିତାରେ ଏହା ପ୍ରଥମ ପରାଜୟ ଥିଲା। ଏହାସତ୍ତ୍ୱେ ଦଳ ୧୩ ପଏଣ୍ଟ ସହିତ ୨ୟ ସ୍ଥାନରେ ରହିଛି। ସେଭିଲା ୬ ମ୍ୟାଚ୍‌ରୁ ୩ ବିଜୟ ସହ ୧୦ ପଏଣ୍ଟ ପାଇ ତାଲିକାର ୪ର୍ଥ ସ୍ଥାନକୁ ଉଠିଛି।

# ନଦୀରୁ ଦିନକରେ ୩ ମୃତଦେହ ଉଦ୍ଧାର

ଭଦ୍ରକ ଅଫିସ/ଧାମନଗର/ଆରଡ଼ି,୨୭।୯ (ଡି.ଏନ.ଏ.)

- ମୃତକଙ୍କ ମଧ୍ୟରେ ଜଣେ ଯୁବତୀ, ୨ ଯୁବକ
- ଗୋଡ ଖସିଯିବାରୁ ଭାସି ଯାଇଥିବା ସନ୍ଦେହ
- କାରଣ ଖୋଜୁଛି ପୋଲିସ

ଭଦ୍ରକ ଜିଲାର ସାଳନ୍ଦୀ, ବୈତରଣୀ, କୋଚିଲା ନଦୀରୁ ଗୁରୁବାର ୩ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପରେ ସେମାନଙ୍କୁ ଚିହ୍ନଟ କରାଯାଇ ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଏ ନେଇ ପୋଲିସ ୩ଟି ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗୋଡ ଖସି ଯିବାରୁ ଏମାନେ ନଦୀରେ ଭାସି ଯାଉଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଭଦ୍ରକର ଧନାଟୋଲା ସାଳନ୍ଦୀ ପୋଲ ନିକଟରେ ନଦୀରେ ସକାଳେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୁରୁଣାବଜାର ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ପରେ ମୃତକ ରବୀନ୍ଦ୍ର ବେହେରା ଓ ତାଙ୍କ ଘର କୁଆଁସ ଅଞ୍ଚଳରେ ବୋଲି ଚିହ୍ନଟ ହୋଇଥିଲା। ସେ କିଛିଦିନ ଧରି ନିଖୋଜ ଥିଲେ। ପୁରୁଣାବଜାର ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ସେହିପରି ଧାମନଗର ବ୍ଲକ ଅଧୀନ ପଧାନୀ ପଞ୍ଚାୟତ ଆଠଘରିଆ ଗ୍ରାମର ସନ୍ତୋଷ ରାଉତ(୨୭) ଏବଂ ରାମରାକୁଳ ଗ୍ରାମର ସସ୍ମିତା ସାହୁ(୨୪)ଙ୍କ ମୃତଦେହକୁ କୋଚିଲା ଓ ବୈତରଣୀ ନଦୀରୁ ଗଳିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏନେଇ ଧୂଷୁରୀ ଥାନା ପୋଲିସ ଦୁଇଟି ପୃଥକ୍ ଅପମୃତ୍ୟୁ ମାମଲା (ନଂ.୩୧/୧୮ ଓ ୩୨/୧୮) ରୁଜୁ କରି ତଦନ୍ତ କରୁଛି। ଗତ ମଙ୍ଗଳବାର ରାତିରେ ଆଠଘରିଆ ଗ୍ରାମର ସନ୍ତୋଷ ରାଉତ ବୈତରଣୀରେ ଭାସି ଯାଇଥିବା ଅଭିଯୋଗ ହୋଇଥିଲା। ତାଙ୍କ ଜୋତା ଓ ଟର୍ଚ୍ଚ ନଦୀବନ୍ଧ ପଥର ଉପରେ ଥୁଆ ହୋଇଥିବା ଦେଖି ସ୍ଥାନୀୟ ଲୋକେ ଦମକଳ ବାହିନୀଙ୍କୁ ଖବର ଦେଇଥିଲେ। ଧାମନଗରରୁ ଦମକଳ ବାହିନୀ ଆସି ବୁଧବାର ଖୋଜାଖୋଜି କରିଥିଲେ ମଧ୍ୟ ସନ୍ତୋଷଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ସକାଳେ କୋଚିଲା ନଦୀର ନାୟକାଣୀ ନିକଟରେ ମୃତଦେହ ଭାସୁଥିବା ଦେଖି ଧୂଷୁରୀ ଥାନାକୁ ଖବର ଦିଆଯାଇଥିଲା। ଧୂଷୁରୀ ଥାନା ସେକେଣ୍ଡ ଅଫିସର ଗୟାଧର ବେହେରା ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଚିହ୍ନଟ ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ସେହିପରି ଧୂଷୁରୀ ଥାନା ଅଧୀନ ଓଲଗ ନିକଟରେ ବୈତରଣୀ ନଦୀରୁ ରାମରାକୁଳ ଗ୍ରାମର ସସ୍ମିତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ମଙ୍ଗଳବାର ରାତିରେ ଶୌଚ ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ନଦୀସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିବା ତାଙ୍କ ପରିବାର ଲୋକେ ଦର୍ଶାଇଥିଲେ। ଗୁରୁବାର ସକାଳେ ତାଙ୍କ ଭାଇ ସଞ୍ଜୟ ଓ ଅନ୍ୟ ଜଣେ ବ୍ୟକ୍ତି ଖୋଜାଖୋଜି କରୁଥିବା ବେଳେ ସେହି ସ୍ଥାନରେ ସସ୍ମିତାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଖବର ପାଇ ଏନ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ ମୃତଦେହ ଜବତ କରି ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛନ୍ତି।

# ସାପକୁ ଧରି ଡାକ୍ତରଖାନାରେ ପହଞ୍ଚିଲେ ରୋଗୀ

ଚାନ୍ଦବାଲି,୨୭।୯(ଡି.ଏନ.ଏ.)

ଏକ ୪ ଫୁଟ ଲମ୍ବର ନାଗ ସାପକୁ ଧରିବା ବେଳେ ଦଂଶନର ଶିକାର ହୋଇଥିଲେ ସାପ ଧରାଳି ଦୁଃଖିରାମ ବେହେରା। କ୍ଷତସ୍ଥାନରୁ ରକ୍ତ ବାହାରିଥିଲା। ସେ ପାଖରେ ରଖିଥିବା ଜଡିବୁଟି ସେବନ କରିଥିଲେ ମଧ୍ୟ ଗ୍ରାମବାସୀ ଡାକ୍ତରଖାନା ଯାଇ ଚିକିତ୍ସିତ ହେବା ସକାଶେ ତାଙ୍କୁ ପରାମର୍ଶ ଦେଇଥିଲେ। ଦୁଃଖୀରାମ ଧରିଥିବା ସାପକୁ ହାତରେ ଗୁଡାଇ ଚିକତ୍ସା ଲାଗି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଲେ। ଉପସ୍ଥିତ ମେଡିକାଲ କର୍ମଚାରୀ ସାପକୁ ଧରି ଆସିଥିବା ରୋଗୀଙ୍କୁ ଦେଖି ହତଚକିତ ହୋଇପଡିଥିଲେ।

ଘଟଣାଟି ଏହପରି । ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମହୁଲିଆ ପଞ୍ଚାୟତର ଚନ୍ଦନପୁର ଗାଁରେ ବୁଧବାର ସନ୍ଧ୍ୟାରେ ସଞ୍ଜୟ ମିଶ୍ରଙ୍କ ଘର ନିକଟରେ ଏକ ନାଗ ସାପ ଥିବା ଦେଖି ଲୋକେ ସେହି ଗ୍ରାମର ସାପଧରାଳୀ ଦୁଃଖିରାମଙ୍କୁ ଖବର ଦେଇଥିଲେ। ସେ ସେଠାରେ ପହଞ୍ଚି କୌଶଳ କରି ନାଗ ସାପକୁ ଧରିଥିଲେ। ଧରିବା ବେଳେ ନାଗ ସାପ ତାଙ୍କ ଡାହାଣ ହାତକୁ ଚୋଟ ମାରିଥିଲା। ଦୁଃଖିରାମ ବିଚଳିତ ନ ହୋଇ ଜଡିବୁଟି ବ୍ୟବହାର କରି ଥିଲେ । କିନ୍ତୁ ଗ୍ରାମବାସୀ ଡାକ୍ତରଖାନା ଯାଇ ଚିକିତ୍ସିତ ହେବା ସକାଶେ ତାଙ୍କୁ କହିଥିଲେ। ଏହାପରେ ସେ ସାପକୁ ନେଇ ଡାକ୍ତରଖାନାକୁ ଯାଇଥିଲେ । ଦୁଃଖିରାମ ପେଷାରେ ଜଣେ ବାଦ୍ୟକାର । ସାପ ଧରିବାରେ ଓସ୍ତାଦ । ସାପ ବିଷ ତାଙ୍କୁ କାଟୁ କରେ ନାହିଁ ବୋଲି ପୂର୍ବରୁ ସେ ପରୀକ୍ଷା କରିଥିବା କଥା ଗାଁ ଲୋକଙ୍କୁ କହିଥିଲେ। ମେଡିକାଲରେ ତାଙ୍କ ରକ୍ତ ପରୀକ୍ଷା କରାଯିବା ପରେ ବିଷର ପ୍ରଭାବ ନ ଥିବା ଜଣାପଡିଥିଲା । ପରେ ଦୁଃଖିରାମ ସେହି ସାପକୁ ଚାନ୍ଦବାଲି ସହର ଉପକଣ୍ଠ ଗ୍ରାମ୍ୟ ଜଙ୍ଗଲରେ ଛାଡି ଦେଇଥିଲେ ।



ଧରିଥିବା ନାଗସାପ ସହ ଦୁଃଖିରାମ ବେହେରା ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ